# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଏପ୍ରିଲ ୬/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, April 6/2024 | Page 16 | ₹ 7.00

୫୦ଶ ଭାଗ ୧୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 132 | ମୂଲ୍ୟ ₹୭/-



ଭାରତ ନିର୍ବାଚନ ଆୟୋଗ
Election Commission of India

ଭୋଟର ତାଲିକାରେ ନିଜର ନାମ ଯାଞ୍ଚ କରନ୍ତୁ
<ECI> ସ୍ପେସ୍ <EPIC No.> ଲେଖି 1950କୁ ଏସ୍ଏମ୍ଏସ୍ ପଠାନ୍ତୁ
କିମ୍ବା elections24.eci.gov.in ପରିଦର୍ଶନ କରନ୍ତୁ

#IVoteForSure
#MeraVoteDeshKeLiye




ସଚିନ ତେନ୍ଦୁଲକର
ରାଷ୍ଟ୍ରୀୟ ଆଇକନ୍, ଇସିଆଇ

चुनाव का पर्व DESH KA GARV
LOK SABHA ELECTION 2024

ସ୍କାନ୍ କରି ଡାଉନଲୋଡ୍ କରନ୍ତୁ
ଭୋଟର ହେଲ୍ପଲାଇନ୍ ଆପ୍

CBC 52101/13/0003/2425




ଭୁବନେଶ୍ୱର ସହରର ତାପମାତ୍ରା ଶୁକ୍ରବାର ୪୩.୫ ଡିଗ୍ରୀ ଛୁଇଁଥିବାବେଳେ ଅପରାହ୍ନ ୨ଟା ୩୩ ମିନିଟ୍‌ରେ ୨ ଯୁବତୀ ରାସ୍ତାରେ ଯାଉଛନ୍ତି।

# ମାଆ, ବାପା ପୃଥକ୍ ଦର୍ଶାଇବେ ଧର୍ମ

## ବାର୍ଥ ରିପୋର୍ଟ: କେନ୍ଦ୍ର ଆଣୁଛି ନୂଆ ନିୟମ

**ନୂଆଦିଲ୍ଲୀ,୫।୪**

ଭାରତରେ ଜନ୍ମ ଓ ମୃତ୍ୟୁ ସମ୍ପର୍କିତ ରେକର୍ଡ ରଖିବା ପାଇଁ ଜାତୀୟ ସ୍ତରରେ ଏକ ଡେଟାବେସ୍ ପ୍ରସ୍ତୁତ କରାଯିବ। ଏଥିରେ ନବଜାତ ଶିଶୁଙ୍କ ମା' ଓ ବାପାଙ୍କୁ 'ବାର୍ଥ ରିପୋର୍ଟ'ରେ ନିଜ ଧର୍ମ ସମ୍ପର୍କରେ ପୃଥକ୍ ଭାବେ ଉଲ୍ଲେଖ କରିବାକୁ ପଡ଼ିବ। କେନ୍ଦ୍ର ସରକାର ଏହି ନିୟମ ଖୁବ୍ ଶୀଘ୍ର ଲାଗୁ କରିବାକୁ ଯାଉଛନ୍ତି।

ଗତ ଅଗଷ୍ଟରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନରେ ଜନ୍ମ ଓ ମୃତ୍ୟୁର ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୩ ପାରିତ ହୋଇଥିଲା। ବିଧେୟକ ଅଗଷ୍ଟ ୧ରେ ଲୋକ ସଭାରେ ଗୃହୀତ ହେବା ପରେ ୭ ତାରିଖରେ ରାଜ୍ୟ ସଭାର ଅନୁମୋଦନ ଲାଭ କରିଥିଲା। ତଦନୁଯାୟୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ମଡେଲ ରୁଲ୍ସ ଅନୁସାରେ ନୂଆ ନିୟମ କାର୍ଯ୍ୟକାରୀ ହେବାକୁ ଯାଉଛି। ଏନେଇ ରାଜ୍ୟ ସରକାରମାନେ ବିଜ୍ଞପ୍ତି ଜରିଆରେ ଲୋକଙ୍କୁ ଅବଗତ କରାଇବେ। ପୂର୍ବରୁ କେବଳ ପରିବାରର ଧର୍ମ ରେକର୍ଡ କରାଯାଉଥିବାବେଳେ ନୂଆ ନିୟମ ଅନୁଯାୟୀ ପ୍ରସ୍ତାବିତ 'ଫର୍ମ ନଂ.-ବାର୍ଥ ରିପୋର୍ଟ'ରେ ଶିଶୁର ଧର୍ମ ସହ ଉଭୟ ମା' ଓ ବାପା ନିଜ ଧର୍ମ ସମ୍ପର୍କରେ ପୃଥକ୍ ଭାବେ ଉଲ୍ଲେଖ କରିବେ। ନୂଆ ଜନ୍ମ ଓ ମୃତ୍ୟୁକୁ ଟ୍ରାକ୍ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଧାରକୁ



ବାଧ୍ୟତାମୂଳକ କରିବାକୁ ଯୋଜନା ଚଳାଇଛି। କେବଳ ଆଧାର ନୁହେଁ, ନୂଆ ଡେଟାବେସ୍‌ରେ ରାଶନ କାର୍ଡ, ପାସ୍‌ପୋର୍ଟ ଓ ଡ୍ରାଇଭିଂ ଲାଇସେନ୍ସର ବିବରଣୀ ମଧ୍ୟ ଦେବାକୁ ପଡ଼ିବ। ଏପରି କି ମା'ବାପାଙ୍କ ମୋବାଇଲ ନମ୍ବର, ଇ-ମେଲ୍ ଆଇଡି, ଜାତୀୟ ନାଗରିକ ପଞ୍ଜିକା (ଏନ୍‌ପିଆର୍) ବିବରଣୀ ଆଦି ମଧ୍ୟ ଏଥିରେ ଉଲ୍ଲେଖ ରହିବ ବୋଲି ଏକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ୨୦୨୩ ଅକ୍ଟୋବରରୁ ଜନ୍ମ ପ୍ରମାଣପତ୍ରକୁ ଶିକ୍ଷାନୁଷ୍ଠାନରେ ନାମଲେଖା, ଡ୍ରାଇଭିଂ ଲାଇସେନ୍ସ ହାସଲ, ଭୋଟର ତାଲିକା ପ୍ରସ୍ତୁତି, ଆଧାର ନମ୍ବର ପାଇବା, ବିବାହ ପଞ୍ଜୀରଣ, ସରକାରୀ ନିଯୁକ୍ତି ଆଦି କ୍ଷେତ୍ରରେ ଏକକ ଦସ୍ତାବିଜ ରୂପେ ସ୍ୱୀକୃତି ଦିଆଯାଇଛି।

# କଂଗ୍ରେସ ଇସ୍ତାହାରରେ ନିଯୁକ୍ତିକୁ ଗୁରୁତ୍ୱ

**ନୂଆଦିଲ୍ଲୀ,୫।୪**

ଚଳିତ ଲୋକ ସଭା ନିର୍ବାଚନରେ କଂଗ୍ରେସ ବିଜୟୀ ହୋଇ ସରକାର ଗଠନ କଲେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ। ଏଥିସହ ବିକାଶ ଭିତ୍ତିଭୂମିକୁ ସୁଦୃଢ଼ କରି ଏକ ରାଷ୍ଟ୍ରୀୟ ସ୍ତରରେ ଜାତିଗତ ଜନଗଣନା କରାଯିବ ବୋଲି ଦଳ ପକ୍ଷରୁ ଶୁକ୍ରବାର ଉନ୍ମୋଚିତ ଇସ୍ତାହାରରେ ପ୍ରତିଶ୍ରୁତି ଦିଆଯାଇଛି। ଅନ୍ୟପକ୍ଷେ ଭାଜପା ଏହାକୁ 'ମିଛର ସମାହାର' କହି ସମାଲୋଚନା କରିଛି। ଦେଶକୁ ଅନେକ ଦଶନ୍ଧି ଧରି ଶାସନ କରିଥିବା କଂଗ୍ରେସ ପୂର୍ବରୁ କୌଣସି ବିଧାନସଭା ଓ ଲୋକ ସଭା ନିର୍ବାଚନ ବେଳର ପ୍ରତିଶ୍ରୁତିକୁ ପୂରଣ କରି ନାହିଁ ବୋଲି ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି।

ଦିଲ୍ଲୀରେ କଂଗ୍ରେସର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ, ନେତା ରାହୁଲ ଗାନ୍ଧୀଙ୍କ ସହ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦଳର ୨୦୨୪ ନିର୍ବାଚନୀ ଇସ୍ତାହାର ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଇସ୍ତାହାର କମିଟି ମୁଖ୍ୟ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ ମଧ୍ୟ ଉପସ୍ଥିତ ଥିଲେ। କଂଗ୍ରେସ ନିଜ ଇସ୍ତାହାରକୁ 'ନ୍ୟାୟର ଦସ୍ତାବିଜ' ନାମକରଣ କରିଛି। 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'ର ୫ ସ୍ତମ୍ଭ ଯୁବ, କିଷାନ, ନାରୀ, ଶ୍ରମିକ, ହିସ୍‌ସେଦାରିରେ ୨୫ଟି ଗ୍ୟାରେଣ୍ଟି ଦେଇଛି। ଇସ୍ତାହାର ମୋଟାମୋଟି ଭାବେ ୱାର୍କ (ଶ୍ରମ), ୱେଲ୍‌ଥ (ସମ୍ପତ୍ତି) ଓ ୱେଲ୍‌ଫେୟାର (ମଙ୍ଗଳ) ଉପରେ ଆଧାରିତ ବୋଲି ଦଳ ପକ୍ଷରୁ କୁହାଯାଇଛି। ଶ୍ରମ ଅର୍ଥାତ୍ ଲୋକଙ୍କୁ ନିଶ୍ଚିତ ରୂପେ ନିଯୁକ୍ତି ପ୍ରଦାନ, ସମ୍ପତ୍ତି ମାନେ ଧନର ଉପଯୁକ୍ତ ବିତରଣ ଏବଂ ମଙ୍ଗଳର ତାତ୍ପର୍ଯ୍ୟ ହେଉଛି ଗରିବ ବର୍ଗର ଲୋକଙ୍କ ଯତ୍ନ ନିଆଯିବ।

**ନିଯୁକ୍ତି**

କଂଗ୍ରେସ କ୍ଷମତାସୀନ ହେଲେ କେନ୍ଦ୍ର ସରକାରଙ୍କ ଅଧୀନରେ ଖାଲି ପଡ଼ିଥିବା ୩୦ ଲକ୍ଷ ପଦବୀ ପୂରଣ କରାଯିବ। ମହିଳା କର୍ମଚାରୀମାନଙ୍କୁ ଏକ ସୁରକ୍ଷିତ କର୍ମସ୍ଥଳୀ ପ୍ରଦାନ ନିମନ୍ତେ ଆଇନରେ ସଂଶୋଧନ କରାଯିବ ବୋଲି ଦଳ ପ୍ରତିଶ୍ରୁତି ଦେଇଛି। ସେହିପରି କର୍ପୋରେଟ୍ ସେକ୍ଟର ନିଯୁକ୍ତି କ୍ଷେତ୍ରରେ ନୂତନ ଏମ୍ପ୍ଲୟମେଣ୍ଟ-ଲିଙ୍କଡ୍ ଇନ୍‌ସେଣ୍ଟିଭ୍ (ଇଏଲ୍‌ଆଇ) ଅଣାଯିବ। ☞ପୃଷ୍ଠା-୧୦




ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ, ନେତା ରାହୁଲ ଗାନ୍ଧୀଙ୍କ ସହ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଦଳର ୨୦୨୪ ନିର୍ବାଚନୀ ଇସ୍ତାହାର 'ନ୍ୟାୟର ଦସ୍ତାବିଜ'କୁ ଉନ୍ମୋଚନ କରୁଛନ୍ତି।

# ବଦଳିଲେ କଟକ, ଜଗତ୍‌ସିଂହପୁର ଜିଲାପାଳ

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୫।୪(ସୁନିତ୍ ମିଶ୍ର)**

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ବିଜ୍ଞପ୍ତି ଅନୁସାରେ କଟକ ଜିଲାପାଳ ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ଭିନିତ ଭରଦ୍ୱାଜଙ୍କୁ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ତଥା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରିଙ୍କୁ ରାଜ୍ୟ ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଭିନିତଙ୍କ ସ୍ଥାନରେ ଆଇଏଏସ୍ ଅଫିସର ଅରିନ୍ଦମ ଡାକୁଆ ଓ ପାରୁଲଙ୍କ ସ୍ଥାନରେ ଅନୁପମ ଶାହାଙ୍କୁ ଯଥାକ୍ରମେ କଟକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବିରୋଧୀଙ୍କ ଅଭିଯୋଗ

# ଭୁବନେଶ୍ୱର: ଏସିଆର ଷଷ୍ଠ ଉତ୍ତପ୍ତ ସହର

## ୪୩.୫ ଡିଗ୍ରୀ ଛୁଇଁଲା ପାରଦ, ଆହୁରି ୩ ଡିଗ୍ରୀ ଯାଏ ବଢ଼ିବ

**ଭୁବନେଶ୍ୱର, ୫।୪(ଅସମାପିକା ସାହୁ)**

ଡହଡହ ଖରାକୁ ଗୁଲୁଗୁଲି କଲବଲ କରୁଛି। ପ୍ରଚଣ୍ଡ ଖରାତାତିରେ ସାରା ରାଜ୍ୟ ଛଟପଟ ହେଉଥିବାବେଳେ ରାଜଧାନୀ ଭୁବନେଶ୍ୱର ଚଳିତ ବର୍ଷର ସର୍ବକାଳୀନ ରେକର୍ଡ ଭାଙ୍ଗିଛି। ଶୁକ୍ରବାର ଏଠାରେ ଦିନ ତାପମାତ୍ରା ୪୩.୫ ଡିଗ୍ରୀ ଛୁଇଁଥିଲା। ଫଳରେ ସହରର ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଥିଲା। ପବନ ଗାଏବ୍ ହୋଇଯାଇଥିବାବେଳେ ଗରମରେ ସହରବାସୀ ଏକ ପ୍ରକାର ଅଣନିଃଶ୍ୱାସୀ ଅନୁଭବ କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର ଏସିଆ ମହାଦେଶର ଷଷ୍ଠ ଉତ୍ତପ୍ତ ସହର ପାଲଟିଥିଲା ବୋଲି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ସୂଚନା ଦେଇଛନ୍ତି। ସେହିପରି ଭାରତର ୧୦ ଉତ୍ତପ୍ତ ସହର ତାଲିକାରେ ଆନ୍ଧ୍ରପ୍ରଦେଶର ନନ୍ଦ୍ୟାଲ ୪୩.୭ ସହ ସବୁଠାରୁ ଉତ୍ତପ୍ତ ରହିଥିବାବେଳେ ଭୁବନେଶ୍ୱର ଦ୍ୱିତୀୟରେ ରହିଛି। ତେବେ ମ୍ୟାନ୍‌ମାରର ଚାଉକ ସହର ୪୫.୭ ଡିଗ୍ରୀ ସହ ଏସିଆର ସର୍ବାଧିକ ଉତ୍ତପ୍ତ ସହର ଥିଲା ବୋଲି ଉମାଶଙ୍କର କହିଛନ୍ତି। ☞ପୃଷ୍ଠା-୪

# ଆଡ୍‌ମିଟ୍ କାର୍ଡ ପାଇଁ ଟଙ୍କା

## ଆଦାୟ ବେଳର ଭିଡିଓ ଭାଇରାଲ

**ଚନ୍ଦାହାଣ୍ଡି, ୫।୪(ଦିଲୀପ ଦାସ)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସରକାରୀ ପାନାବେଡ଼ା ନୂତନ ହାଇସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆଡ୍‌ମିଟ୍ କାର୍ଡ ଦେବା ସମୟରେ ଟଙ୍କା ଆଦାୟ କରାଯାଇଛି। ଏହି ସମୟର ଏକ ଭିଡିଓ ଏବେ ଭାଇରାଲ ହେଉଛି। ସ୍କୁଲ କର୍ତ୍ତୃପକ୍ଷ ଆଡ୍‌ମିଟ୍ କାର୍ଡ ପାଇଁ ଟଙ୍କା ଆଦାୟ କଥାକୁ ଅସ୍ୱୀକାର କରୁଛନ୍ତି। ବିଇଓ ଶୁଭେନ୍ଦୁ କୁମାର ମଣ୍ଡଳ ଶୁକ୍ରବାର ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଏହି ଘଟଣାକୁ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ନାପସନ୍ଦ କରିବା ସହ ଟଙ୍କା ନେଇଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ସୂଚନାନୁଯାୟୀ, ଚନ୍ଦାହାଣ୍ଡି ଅଞ୍ଚଳରେ ଏବେ ଏକ ଭିଡିଓ ଭାଇରାଲ ହେଉଛି; ଯେଉଁଥିରେ ପାନାବେଡ଼ା ହାଇସ୍କୁଲ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଆଡ୍‌ମିଟ କାର୍ଡ ନେଉଥିବା ସମୟରେ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପିଲାଙ୍କୁ ଟଙ୍କା ମାଗୁଛନ୍ତି। ପିଲାମାନେ ଟଙ୍କା ଦେଇ ଆଡ୍‌ମିଟ କାର୍ଡ ନେଉଥିବା ଉକ୍ତ ଭାଇରାଲ ଭିଡିଓରେ ଦେଖାଯାଉଛି। ତେବେ ଟଙ୍କା କ'ଣ ପାଇଁ ମଗାଯାଇଛି ପିଲାମାନେ ଜାଣି ନ ଥିବା ବେଳେ ୧୦୦ଟଙ୍କା ଦେଇ ଆଡ୍‌ମିଟ କାର୍ଡ ନେଇଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶରତ କୁମାର ମାଝିଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜାଣି ନ ଥିବା କହିଥିଲେ। ଏକ ଭୋଜି ସମୟରେ ପିଲାମାନେ ଉଠାଇଥିବା ଫଟୋ ଦେବା ବାବଦରେ ଶିକ୍ଷକମାନେ ଟଙ୍କା ମାଗିଥାଇପାରନ୍ତି ବୋଲି କହିବା ସହ ଏହାର ତଦନ୍ତ କରିବେ ବୋଲି ସୂଚନା ଦେଇଛନ୍ତି। ଭାଇରାଲ ଭିଡିଓରେ ଟଙ୍କା ନେଉଥିବା କ୍ରୀଡ଼ା ଶିକ୍ଷକଙ୍କୁ ପଚାରିବାରୁ ଫଟୋ ପାଇଁ ଉକ୍ତ ଟଙ୍କା ନିଆଯାଇଥିବା ସେ କହିଛନ୍ତି। ☞ପୃଷ୍ଠା-୪

# ବିଜେଡିର ଆଉ ୯ ପ୍ରାର୍ଥୀ

- ୬ ଆସନରେ ନୂଆ ମୁହଁ
- ପ୍ରକାଶଙ୍କୁ ବାରବାଟୀ-କଟକ

**ଭୁବନେଶ୍ୱର,୫।୪(ଅନିଲ ଦାସ)**

ବିଜେଡି ତୃତୀୟ ପର୍ଯ୍ୟାୟରେ ୯ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ ବାର୍ତ୍ତାରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ୩ ଜଣ ବିଧାୟକଙ୍କୁ ବିଜେଡି ପୁଣି ଟିକେଟ ଦେଇଥିବାବେଳେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି। ସାଲେପୁରରୁ ପ୍ରଶାନ୍ତ ବେହେରା, ରାଉରକେଲାରୁ ସାରଦା ପ୍ରସାଦ ନାୟକ ଓ ବାଲେଶ୍ୱରରୁ ସ୍ୱରୂପ ଦାସଙ୍କୁ ଭରସା କରି ଦଳ ପୁଣି ଥରେ ଟିକେଟ ଦେଇଛି। ସେହିପରି ନୂଆ ମୁହଁ ଭାବେ ରେଙ୍ଗାଲିରୁ ସୁଦର୍ଶନ ହରିପାଲ, ବୀରମିତ୍ରପୁରରୁ ରୋହିତ ଯୋଶେଫ ତିର୍କୀ, କେନ୍ଦୁଝରରୁ ମୀନା ମାଝି, ରାଇରଙ୍ଗପୁରରୁ ରାଇସିନ୍ ମୁର୍ମୁ, ଜୟଦେବରୁ ନବକିଶୋର ମଲ୍ଲିକଙ୍କୁ ବିଜେଡି ଟିକେଟ ଦେଇଛି। ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିବା ପ୍ରକାଶ ବେହେରାଙ୍କୁ ଦଳ ବାରବାଟୀ-କଟକ ଆସନରୁ ପ୍ରାର୍ଥୀ କରିଛି। ଏହି ଆସନରେ ୨୦୧୯ରେ ☞ପୃଷ୍ଠା-୧୦

**ବିଧାନସଭା ଆସନ**

- ବାରବାଟୀ-କଟକ: ପ୍ରକାଶ ବେହେରା
- ସାଲେପୁର: ପ୍ରଶାନ୍ତ ବେହେରା
- ରାଉରକେଲା: ଶାରଦା ନାୟକ
- ଜୟଦେବ: ନବକିଶୋର ମଲ୍ଲିକ
- ବାଲେଶ୍ୱର: ସ୍ୱରୂପ ଦାସ
- କେନ୍ଦୁଝର: ମୀନା ମାଝି
- ରେଙ୍ଗାଲି: ସୁଦର୍ଶନ ହରିପାଲ
- ବୀରମିତ୍ରପୁର: ରୋହିତ ଯୋଶେଫ ତିର୍କୀ
- ରାଇରଙ୍ଗପୁର: ରାଇସିନ୍ ମୁର୍ମୁ

# ଝୁଲିଛି ୩୯ ଆସନ: ଅଧିକାଂଶରେ ବିଦ୍ରୋହୀ ଚିନ୍ତା

**ଭୁବନେଶ୍ୱର,୫।୪(ଅନିଲ ଦାସ)**

ବିଜେଡି ଏ ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ୨୦ ଲୋକ ସଭା ଏବଂ ୧୦୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ବାଲେଶ୍ୱର ଲୋକ ସଭା ଆସନ ସମେତ ୩୯ ବିଧାନସଭା ଆସନର ଘୋଷଣା ବାକି ରହିଛି। ଘୋଷଣା ହୋଇ ନ ଥିବା ଅଧିକାଂଶ ଆସନରେ ବିଧାୟକମାନଙ୍କୁ କଡ଼ା ଟକ୍କର ଦେଉଛନ୍ତି ଆଶାୟୀ ପ୍ରାର୍ଥୀ। ନିର୍ବାଚନମଣ୍ଡଳୀଠାରୁ ଆରମ୍ଭ କରି ନବୀନ ନିବାସ ଯାଏ ଆଶାୟୀମାନେ ନିଜର ଶକ୍ତି ପ୍ରଦର୍ଶନ କରୁଛନ୍ତି। ୨୦ରୁ ଅଧିକ ଆସନକୁ ନେଇ ବିଜେଡି ଚିନ୍ତାରେ ପଡ଼ିଛି।

ଭୁବନେଶ୍ୱର ମଧ୍ୟ, ଜଗତ୍‌ସିଂହପୁର ଜିଲାର ପାରାଦୀପ, ଏରସମା-ବାଲିକୁଦା, ଖୋର୍ଦ୍ଧା, ବେଗୁନିଆ, କୋରେଇ, ନିମାପଡ଼ା, ଚିଲିକା ଭଳି ଅନେକ ଆସନରେ କାହା ଟିକେଟ କଟିବ ଓ କାହାକୁ ପ୍ରାର୍ଥୀ କରାଯିବ ସେ ନେଇ ବିଜେଡିରେ ମାନସ ମନ୍ଥନ ଚାଲିଛି। ଜଗତ୍‌ସିଂହପୁରର ପାରାଦୀପ ଓ ବାଲିକୁଦା-ଏରସମା ବିଧାନସଭା ପାଇଁ ଛକାପଞ୍ଝା ଚାଲିଛି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପୁଣି ଥରେ ଟିକେଟ ଲବିରେ ଆଗରେ ଥିବାବେଳେ ଏଠାରେ କଂଗ୍ରେସ ଛାଡ଼ିଥିବା ନେତା ବାପି ସର୍ଖେଲ ଲଢ଼ିବାକୁ ଚାହୁଁଛନ୍ତି। କୁହାଯାଉଛି ଦଳ ପାରାଦୀପରୁ ବାପି ସର୍ଖେଲଙ୍କୁ ଟିକେଟ ଦେଇ ସମ୍ବିତଙ୍କୁ ବାଲିକୁଦା-ଏରସମା ପଠାଇ ଦେଇପାରେ। ଯଦି ସମ୍ବିତଙ୍କୁ ବାଲିକୁଦା ପାଇଁ ଟିକେଟ ଦିଆଯିବ, ବିଧାୟକ ରଘୁନନ୍ଦନ ଦାସ ଗୋଷ୍ଠୀ ବିରୋଧ କରିବା ନେଇ ସୂଚନା ମିଳିଛି। ଅନ୍ୟପକ୍ଷରେ ☞ପୃଷ୍ଠା-୧୦

**୩୯ ଆସନ**

ପଦମ୍ପୁର,ରଘୁନାଥପାଲି, କୁଚିଣ୍ଡା, ସମ୍ବଲପୁର, ରେଢ଼ାଖୋଲ, ଦେବଗଡ଼, ତେଲକୋଇ, ଆନନ୍ଦପୁର, ଚମ୍ପୁଆ, କରଞ୍ଜିଆ, ସାରସକଣା, ବାଙ୍ଗିରିପୋଷି, ଭୋଗରାଇ, ରେମୁଣା, ନୀଳଗିରି, ସିମୁଳିଆ, ବରୀ, ବଡ଼ଚଣା, କୋରେଇ, ହିନ୍ଦୋଳ, ତାଳଚେର, ଅନୁଗୋଳ, କଣ୍ଟାବାଞ୍ଜି, ନର୍ଲା, ଚିତ୍ରକୋଣ୍ଡା, ବାଲିଗୁଡ଼ା, ଖଣ୍ଡପଡ଼ା, କେନ୍ଦ୍ରାପଡ଼ା, ପାରାଦୀପ, ବାଲିକୁଦା-ଏରସମା, କାକଟପୁର, ନିମାପଡ଼ା, ଚିଲିକା, ଭୁବନେଶ୍ୱର-ମଧ୍ୟ, ବେଗୁନିଆ, ଖୋର୍ଦ୍ଧା, ସାନଖେମୁଣ୍ଡି, ଲକ୍ଷ୍ମୀପୁର ଏବଂ ଜୟପୁର।

**ବିଦ୍ୟୁତ୍ କମ୍ପାନୀ ବିଲ୍ଡିଂରେ ନିଆଁ: ବହୁ ଟ୍ରାନ୍ସଫର୍ମର ଜଳିଗଲା**

ଛତିଶଗଡ଼ର ରାୟପୁରରେ ଥିବା ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀର ଷ୍ଟୋରେଜ୍ ବିଲ୍ଡିଂରେ ଶୁକ୍ରବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ସେଠାରେ ରଖାଯାଇଥିବା ଟ୍ରାନ୍ସଫର୍ମର ଓ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣଗୁଡ଼ିକ ନିଆଁରେ ଜଳିଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣେ ଅଧିକାରୀ କରିଛନ୍ତି।



# ‘ଦି କେରଳା ଷ୍ଟୋରି’ ପ୍ରସାରଣକୁ କଂଗ୍ରେସର ବିରୋଧ

ଥିରୁଭାନନ୍ତପୁରମ୍,୫।୪



ବିବାଦୀୟ ଚଳଚ୍ଚିତ୍ର ‘ଦି କେରଳା ଷ୍ଟୋରି’ ଦୂରଦର୍ଶନରେ ପ୍ରସାରଣ ଲାଗି ନିଷ୍ପତ୍ତି ହୋଇଥିବାରୁ ଏହା ବିରୋଧରେ କେରଳର କଂଗ୍ରେସ ପାର୍ଟି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇଛି। ଉକ୍ତ ଚଳଚ୍ଚିତ୍ର ପ୍ରସାରଣ ବନ୍ଦ ରଖିବା ନିମନ୍ତେ ଦୂରଦର୍ଶନକୁ ନିର୍ଦ୍ଦେଶ ଦେବା ପାଇଁ କେରଳ ବିଧାନସଭାର ବିରୋଧୀ ଦଳ ନେତା ଭି.ଡି. ସାଥୀସାନ୍ ଇସିଆଇକୁ ପତ୍ର ଲେଖିଛନ୍ତି। ନିର୍ବାଚନୀ ଫାଇଦା ପାଇଁ ଧର୍ମ ଆଧାରରେ ସମାଜକୁ ଭାଗ ଭାଗ କରିବା ଲାଗି ଭାଜପାର ଏହା ଏକ ଉଦ୍ଦେଶ୍ୟମୂଳକ ଉଦ୍ୟମ ବୋଲି କଂଗ୍ରେସ ଅଭିଯୋଗ କରିଛି। ଶୁକ୍ରବାର ଦୂରଦର୍ଶନରେ ‘ଦି କେରଳା ଷ୍ଟୋରି’ ପ୍ରସାରଣ ହେବ ବୋଲି ପୂର୍ବରୁ ଘୋଷଣା ହୋଇଥିଲା। ଏହାକୁ କେରଳର ଉଭୟ ଶାସକ ଦଳ ସିପିଆଇ(ଏମ୍) ଏବଂ ବିରୋଧୀ କଂଗ୍ରେସ ଦୃଢ଼ ପ୍ରତିବାଦ କରିଛନ୍ତି। ଦି କେରଳା ଷ୍ଟୋରି ଏକ ପ୍ରଚାରସର୍ବସ୍ୱ ଚଳଚ୍ଚିତ୍ର, ଯାହା ମିଛ ପ୍ରତିଶ୍ରୁତି ଉପରେ ଆଧାରିତ। ଉକ୍ତ ଚଳଚ୍ଚିତ୍ର ଜରିଆରେ କେରଳ ଜନସାଧାରଣଙ୍କର ଏକ ମଳିନ ଛବି ଉପସ୍ଥାପନ କରାଯାଇଥିବା କଂଗ୍ରେସ ନେତା ଅଭିଯୋଗ କରିଛନ୍ତି।

# ‘ସୁଭାଷ ବୋଷ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ’

## କଙ୍ଗନାଙ୍କ ମନ୍ତବ୍ୟକୁ ନେଇ ଝଡ଼

ନୂଆଦିଲ୍ଲୀ,୫।୪

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଥିଲେ ବୋଲି ଅଭିନେତ୍ରୀ ତଥା ଭାଜପା ନେତ୍ରୀ କଙ୍ଗନା ରାଣାୱତ୍ ଦେଇଥିବା ଏକ ଭୁଲ୍ ମନ୍ତବ୍ୟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ହିମାଚଳ ପ୍ରଦେଶର ମଣ୍ଡି ସଂସଦୀୟ ଆସନରୁ ପ୍ରାର୍ଥୀ ହୋଇଥିବା କଙ୍ଗନା ଏକ ଟିଭି ସାକ୍ଷାତ୍କାର ବେଳେ କହିଛନ୍ତି, ମୋତେ ଗୋଟିଏ କଥା କୁହନ୍ତୁ, ଦେଶ ସ୍ୱାଧୀନ ହେବାବେଳେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ସୁଭାଷ ଚନ୍ଦ୍ର ବୋଷ କେଉଁ ସ୍ଥାନକୁ ଯାଇଥିଲେ? କଙ୍ଗନାଙ୍କ ଏହି ତ୍ରୁଟିପୂର୍ଣ୍ଣ ମନ୍ତବ୍ୟକୁ ନେଇ ଏକ୍ସ’ରେ ତାଙ୍କୁ ଟ୍ରୋଲ୍ କରାଯାଇଛି।

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ୧୯୪୩ ଅକ୍ଟୋବର ୨୧ରେ ସିଙ୍ଗାପୁରରେ ଆଜାଦ ହିନ୍ଦ୍ ନାମରେ ଏକ ସରକାର ଗଠନ କରିଥିଲେ। ଏଥିସହ ସେ ନିଜକୁ ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରମୁଖ୍ୟ ଓ ଯୁଦ୍ଧ ମନ୍ତ୍ରୀ ଘୋଷଣା କରିଥିଲେ। ଆଜାଦ ହିନ୍ଦ୍ ସରକାର ଭାରତୀୟ ନାଗରିକ ଏବଂ ସାମରିକ ବାହିନୀ ଉପରେ ନିଜ କର୍ତ୍ତୃତ୍ୱ ଜାହିର କରିଥିଲେ, ଯାହାକି ସେତେବେଳେ ବ୍ରିଟିଶ ସରକାର ଅଧୀନରେ ଥିଲା। ନେତାଜୀଙ୍କ ଏହି ଘୋଷଣା ବ୍ରିଟିଶ ବିରୋଧରେ ସ୍ୱାଧୀନତା ସଂଗ୍ରାମକୁ ବଳ ଦେଇଥିଲା। କିନ୍ତୁ କୌଣସି ଦେଶ ତାଙ୍କୁ ପରାଧୀନ ଭାରତର ପ୍ରଧାନମନ୍ତ୍ରୀ ରୂପେ ସ୍ୱୀକୃତି ଦେଇ ନ ଥିଲେ। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରଠୁ ୧୯୬୪ ପର୍ଯ୍ୟନ୍ତ ଜବାହରଲାଲ ନେହେରୁ ପ୍ରଧାନମନ୍ତ୍ରୀ ରହିଥିଲେ।



## ସଂକ୍ଷେପରେ

### ଉତ୍ତେଜନା ସତ୍ତ୍ୱେ ମାଲଦ୍ୱୀପକୁ ଜରୁରୀ ସାମଗ୍ରୀ ରପ୍ତାନି କରିବ ଭାରତ

**ନୂଆଦିଲ୍ଲୀ,୫।୪:** ମାଲଦ୍ୱୀପ ସହ ଉତ୍ତେଜନା ଲାଗିରହିଥିବା ସତ୍ତ୍ୱେ ସେଠାକୁ ସୀମିତ ଜରୁରୀ ସାମଗ୍ରୀ ରପ୍ତାନି ପାଇଁ ଭାରତ ଅନୁମତି ଦେଇଛି। ଉକ୍ତ ଦ୍ୱୀପ ଦେଶରେ ଚାଇନା ପ୍ରଭାବ ବଢୁଥିବାରୁ ନୂଆଦିଲ୍ଲୀ ଚିନ୍ତାବ୍ୟକ୍ତ କରିଛି। ସେଥିପାଇଁ ମାଲଦ୍ୱୀପକୁ ଭାରତ ସୀମିତ ପରିମାଣର ଚିନି, ଗହମ, ଚାଉଳ ଓ ପିଆଜ ଆଦି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ରପ୍ତାନି କରିବାକୁ ନିଷ୍ପତ୍ତି ନେଇଛି। ଆଗକୁ ଲୋକ ସଭା ନିର୍ବାଚନ ଥିବାରୁ ବଜାର ଦରରେ ସ୍ଥିରତା ରଖିବାକୁ ଉଦ୍ୟମ ହେଉଛି। ସେଥିପାଇଁ ସୀମିତ ପରିମାଣରେ ସାମଗ୍ରୀ ମାଲଦ୍ୱୀପକୁ ରପ୍ତାନି ଲାଗି ନିଷ୍ପତ୍ତି ହୋଇଛି। ଗତବର୍ଷ ଅକ୍ଟୋବରରେ ଚାଇନା ସପକ୍ଷବାଦୀ ମୋହମ୍ମଦ ମୁଇଜ୍ଜୁ ମାଲଦ୍ୱୀପ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ସେ ଦେଶର ଭାରତ ସପକ୍ଷବାଦୀ ଆଭିମୁଖ୍ୟରେ ପରିବର୍ତ୍ତନ କରିଛନ୍ତି। ଭାରତ ସହ ଦୀର୍ଘଦିନରୁ ଘନିଷ୍ଠ ସମ୍ପର୍କ ରଖିଆସିଥିବା ମାଲଦ୍ୱୀପ ଏବେ ଚାଇନା ସହ ସମ୍ପର୍କ ବଢ଼ାଉଛି।

### ଭାରତୀୟଙ୍କ ହତ୍ୟାକାରୀ ଆମେରିକୀୟଙ୍କୁ ମୃତ୍ୟୁ ଇଞ୍ଜେକ୍ସନ

**ହ୍ୟୁଷ୍ଟନ,୫।୪:** ଆମେରିକାର ଓକ୍ଲାହୋମାରେ ୨୦୦୨ରେ ଜଣେ ଭାରତୀୟଙ୍କ ସମେତ ୨ ଜଣଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ମାମଲାରେ ମିଚେଲ ଡେୱାନେ ସ୍ମିଥ୍ ନାମକ ୪୧ ବର୍ଷୀୟ ଆମେରିକୀୟଙ୍କୁ ଦୋଷୀସାବ୍ୟସ୍ତ କରାଯିବା ସହ ଗୁରୁବାର ତାଙ୍କୁ ଘାତକ ଇଞ୍ଜେକ୍ସନ ଦେଇ ମାରିଦିଆଯାଇଛି। ୨୦୦୨ ଫେବୃଆରୀ ୨୨ରେ ସ୍ମିଥ୍ ୨୪ ବର୍ଷୀୟ ଭାରତୀୟ ଷ୍ଟୋର କ୍ଲର୍କ ଶାରଥ ପୁଲୁରୁ ଏବଂ ୪୦ ବର୍ଷୀୟ ଜାନେତ ମୁରେଙ୍କୁ ହତ୍ୟା କରିଥିଲେ। ସ୍ମିଥ୍‌ଙ୍କ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରାଯାଇଥିବାରୁ ପୁଲୁରୁ ଏବଂ ମୁରେଙ୍କ ପରିବାର ପାଇଁ ଶାନ୍ତି କାମନା କରୁଛି ବୋଲି ଓକ୍ଲାହୋମା ଆଟର୍ନି ଜେନେରାଲ ଗେଣ୍ଟନର ଡ୍ରୁମଣ୍ଡ ଏକ ବିବୃତିରେ କହିଛନ୍ତି।

### ତିହାର ଜେଲରେ କବିତାଙ୍କୁ ଜେରା କରିବ ସିବିଆଇ

**ନୂଆଦିଲ୍ଲୀ,୫।୪:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଭାରତ ରାଷ୍ଟ୍ର ସମିତି (ବିଆରଏସ୍) ନେତ୍ରୀ କେ. କବିତାଙ୍କୁ ତିହାର ଜେଲରେ ଜେରା କରିବା ଲାଗି କୋର୍ଟ ସିବିଆଇକୁ ଅନୁମତି ଦେଇଛନ୍ତି। ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗତ ମାସ ୧୫ ତାରିଖରେ କବିତାଙ୍କୁ ଗିରଫ କରିଥିଲା। ଜେଲରେ ତାଙ୍କୁ ଜେରା କରିବା ଲାଗି ସିବିଆଇ ଅଦାଲତଙ୍କ ଅନୁମତି ଲୋଡ଼ିଥିଲା। ସ୍ୱତନ୍ତ୍ର ବିଚାରପତି କାବେରୀ ବାୱେଜା ଜେରା ପାଇଁ ତଦନ୍ତକାରୀ ସଂସ୍ଥାକୁ ଅନୁମତି ଦେଇଛନ୍ତି।



# ବାର୍ଡ ଫ୍ଲୁ’ର ଘାତକ ରୂପ

## କୋଭିଡ୍‌ଠୁ ୧୦୦ ଗୁଣା ବିପଜ୍ଜନକ ହେବ ଏଚ୍‌୫ଏନ୍‌୧: ବିଶେଷଜ୍ଞ

ଲଣ୍ଡନ/ନୂଆଦିଲ୍ଲୀ,୫।୪

ବିଶ୍ୱର ବିଭିନ୍ନ ଭାଗରେ ବାର୍ଡ ଫ୍ଲୁ ଆତଙ୍କ ଦେଖାଦେଇଛି। ଏହି ଭୂତାଣୁର ନୂଆ ରୂପ ଏଚ୍‌୫ଏନ୍‌୧ କୋଭିଡ୍-୧୯ ମହାମାରୀଠାରୁ ଆହୁରି ବିପଜ୍ଜନକ ହେବ। ଏପରି କି ଏହା କରୋନା ତୁଳନାରେ ୧୦୦ ଗୁଣ ଅଧିକ ଘାତକ ହେବ ବୋଲି ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ବ୍ରିଟେନ୍‌ର ‘ଡେଲି ମେଲ୍’ରେ ଏ ସମ୍ପର୍କରେ ରିପୋର୍ଟ ପ୍ରକାଶ ପାଇବା ପରେ ଚିନ୍ତା ବଢ଼ିଯାଇଛି।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଅଜ୍ଞାତ ରୋଗ ‘ଏକ୍ସ’ର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଥିବାବେଳେ ଆଉ ଏକ ବିପଜ୍ଜନକ ଭୂତାଣୁ ମାଡ଼ିଆସୁଛି। ପ୍ରକାଶିତ ରିପୋର୍ଟ ଅନୁସାରେ ବାର୍ଡ ଫ୍ଲୁ’ର ଏଚ୍‌୫ଏନ୍‌୧ ଷ୍ଟ୍ରେନ୍ ସାରା ବିଶ୍ୱକୁ କବଳିତ କରିପାରେ। ଏପରି ହେଲେ ଏହି ଷ୍ଟ୍ରେନ୍ ଏକ ନୂଆ ବୈଶ୍ୱିକ ମହାମାରୀ ଭାବେ ଉଭା ହୋଇପାରେ। ପିଟ୍ସବର୍ଗରେ ବାର୍ଡ ଫ୍ଲୁ ଗବେଷକ ଡ. ସୁରେଶ କୁଚିପୁଡି କହିଛନ୍ତି, ବାର୍ଡ ଫ୍ଲୁ ଦ୍ୱାରା କେବଳ ମଣିଷ ନୁହେଁ, ବିଶ୍ୱର ବହୁ ସରୀସୃପ ମଧ୍ୟ ଆକ୍ରାନ୍ତ ହେବେ। ବୈଶ୍ୱିକ ମହାମାରୀ ପାଲଟିବା ଆଶଙ୍କା ଥିବା ଏହି ଭାଇରସ୍ ଆମ ନିକଟତର ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଆମକୁ ସର୍ବାଧିକ ସତର୍କ ଓ ପ୍ରସ୍ତୁତ ହେବାକୁ ପଡ଼ିବ। ଏ ସମ୍ପର୍କିତ ବିବରଣୀ ପ୍ରଦାନ ବେଳେ ଆଉ ଜଣେ ବିଶେଷଜ୍ଞ ଜନ୍ ଫୁଲଟନ୍ କହିଛନ୍ତି, ଏଚ୍‌୫ଏନ୍‌୧ ମହାମାରୀ କୋଭିଡ୍-୧୯ ତୁଳନାରେ ଅତ୍ୟନ୍ତ ଘାତକ ସାଜିପାରେ। ରୂପ ବଦଳାଇ ବହୁ ଲୋକଙ୍କ ଜୀବନ ନେଇପାରେ। ଲୋକେ ଥରେ ଏହି ଭୂତାଣୁରେ ଆକ୍ରାନ୍ତ ହେଲେ, କେବଳ ମୃତ୍ୟୁସଂଖ୍ୟା ହ୍ରାସ ପାଇଁ ଆମେ ଉଦ୍ୟମ କରିପାରିବା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚ୍‌ଓ)ର ତଥ୍ୟ ଅନୁସାରେ ୨୦୦୩ ପରଠାରୁ ଏଚ୍‌୫ଏନ୍‌୧ ଭୂତାଣୁରେ ଆକ୍ରାନ୍ତ ୮୮୭ ଜଣଙ୍କ ମଧ୍ୟରୁ ୪୬୨ ଅର୍ଥାତ୍ ପ୍ରାୟ ୫୨% ଲୋକ ପ୍ରାଣ ହରାଇଛନ୍ତି। ଇତିମଧ୍ୟରେ ଗତ ମାସରେ ଅନ୍ୟୂନ ୫୩୨ ଏଡେଲିଏ ପେଙ୍ଗୁଇନ୍ ଏଥିରେ ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡ଼ିଥିବା ଫେଡେରେଶନ୍ ୟୁନିଭର୍ସିଟି ଅଷ୍ଟ୍ରେଲିଆ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୧୯୯୬ରେ ଚାଇନାର ଗୁଆଙ୍ଗ୍‌ଡୋଙ୍ଗରେ ପ୍ରଥମେ ଚିହ୍ନଟ ହୋଇଥିବା ଏହି ଭୂତାଣୁ ଏସିଆ, ୟୁରୋପ ଓ ଆଫ୍ରିକାରେ ବିସ୍ତାର ଲାଭ କରୁଛି।



# ସୋମା ସେନ୍‌ଙ୍କୁ ସୁପ୍ରିମକୋର୍ଟ ଜାମିନ

## ଏଲ୍‌ଗାର ପରିଷଦ ମାମଲା

ନୂଆଦିଲ୍ଲୀ,୫।୪



ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଅଭିଯୁକ୍ତ ମହିଳା ଅଧିକାର କର୍ମୀ ସୋମାକାନ୍ତି ସେନ୍‌ଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ଇଂଲିଶ ପ୍ରଫେସର ସୋମାଙ୍କୁ ୨୦୧୮ ଜୁନ୍ ୬ରେ ଗିରଫ କରାଯାଇଥିଲା। ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ଅଗଷ୍ଟିନ୍ ଜର୍ଜ ମସିହଙ୍କ ଖଣ୍ଡପୀଠ ତାଙ୍କୁ ଜାମିନ ପ୍ରଦାନ ଲାଗି ନିର୍ଦ୍ଦେଶ ଦେବା ସହ ସ୍ୱତନ୍ତ୍ର କୋର୍ଟଙ୍କ ଅନୁମତି ବିନା ସେ ମହାରାଷ୍ଟ୍ର ବାହାରକୁ ଯାଇପାରିବେ ନାହିଁ ବୋଲି କହିଛନ୍ତି। ଜାମିନ ସମୟରେ ସୋମା କେଉଁଠି ରହିବେ, ତାହା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ତଦନ୍ତ ଅଧିକାରୀଙ୍କୁ ଜଣାଇବେ। ଏହା ସହିତ ସେ ତାଙ୍କ ମୋବାଇଲ ଫୋନ୍‌ର ଜିପିଏସ୍‌କୁ ସବୁବେଳେ ଆକ୍ଟିଭ୍ ରଖିବେ। ସୂଚନାଯୋଗ୍ୟ ୨୦୧୭ ଡିସେମ୍ବର ୩୧ରେ ଏଲ୍‌ଗାର ପରିଷଦ ସମ୍ମିଳନୀରେ ଶୋମା ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ, ଯାହାକୁ ନେଇ ତା’ ପରଦିନ କୋରେଗାଁଓ-ଭୀମା ଯୁଦ୍ଧ ସ୍ମାରକୀ ସ୍ଥଳ ନିକଟରେ ହିଂସାକାଣ୍ଡ ଘଟିଥିଲା ବୋଲି ପୋଲିସ ଅଭିଯୋଗ କରିଥିଲା। ଏଲ୍‌ଗାର ପରିଷଦ ସମ୍ମିଳନୀ ପଛରେ ମାଓବାଦୀଙ୍କ ସମର୍ଥନ ରହିଥିବା ପୁଣେ ପୋଲିସ ଦାବି କରିଥିଲା।

# ଆତିଶୀଙ୍କୁ ଇସି ନୋଟିସ

ନୂଆଦିଲ୍ଲୀ,୫।୪




ଆମ୍ ଆଦ୍‌ମୀ ପାର୍ଟି ନେତ୍ରୀ ତଥା ଦିଲ୍ଲୀ ମନ୍ତ୍ରୀ ଆତିଶୀଙ୍କୁ ଭାଜପାରେ ସାମିଲ ହେବା ଲାଗି ଦଳ ତାଙ୍କୁ ନିବେଦନ କରିଥିଲା ବୋଲି ସେ ଆଣିଥିବା ଅଭିଯୋଗ ଉପରେ ନିର୍ବାଚନ କମିଶନ (ଇସି) ଶୁକ୍ରବାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ନିଜ ବିବୃତିର ସତ୍ୟତା ସମ୍ପର୍କରେ ପ୍ରମାଣ ଦେବାକୁ ନିର୍ବାଚନ କମିଶନ ଆତିଶୀଙ୍କୁ କହିଛନ୍ତି। ଆପ୍ ନେତ୍ରୀଙ୍କ ଅଭିଯୋଗ ବିରୋଧରେ ଭାଜପା ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା। ଇସି କହିଛନ୍ତି, ଆତିଶୀ ଦିଲ୍ଲୀ ସରକାରର ମନ୍ତ୍ରୀ ଏବଂ ଏକ ଜାତୀୟ ଦଳର ନେତ୍ରୀ ହୋଇଥିବାରୁ ସେ ସାଧାରଣ ଫୋରମ୍‌ରେ ଯାହା କହିବେ, ତାହା ଭୋଟରଙ୍କୁ ପ୍ରଭାବିତ କରିବା ବିଶ୍ୱାସ କରାଯାଉଛି। ସୋମବାର ସୁଦ୍ଧା ନୋଟିସ୍‌ର ଜବାବ ଦେବାକୁ ତାଙ୍କୁ କୁହାଯାଇଛି। ନୋଟିସ୍ ପାଇବା ପରେ ଆତିଶୀ ନିର୍ବାଚନ କମିଶନଙ୍କୁ ସମାଲୋଚନା କରିଛନ୍ତି। ଏହା କ’ଣ ଭାଜପାର ଏକ ସହଯୋଗୀ ସଂଗଠନ କି ବୋଲି ଆପ୍ ନେତ୍ରୀ ପ୍ରଶ୍ନ କରିଛନ୍ତି।

# ହାଇକୋର୍ଟ ରାୟ ଉପରେ ସୁପ୍ରିମକୋର୍ଟଙ୍କ ରୋକ୍

ନୂଆଦିଲ୍ଲୀ,୫।୪ (ପି.ଟି.)



## ୟୁପି ମଦ୍ରାସା ଶିକ୍ଷା ବୋର୍ଡ ଆଇନ

ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪କୁ ଆଲ୍ଲାହାବାଦ ହାଇକୋର୍ଟ ଅସାମ୍ବିଧାନିକ ଏବଂ ଧର୍ମନିରପେକ୍ଷତା ସିଦ୍ଧାନ୍ତର ଉଲ୍ଲଂଘନ ବୋଲି ତାଙ୍କ ରାୟରେ ଦର୍ଶାଇଥିବାବେଳେ ସୁପ୍ରିମକୋର୍ଟ ଶୁକ୍ରବାର ଏହା ଉପରେ ସ୍ଥଗିତାଦେଶ ଲଗାଇଛନ୍ତି। ହାଇକୋର୍ଟଙ୍କ ରାୟ ବିରୋଧରେ ହୋଇଥିବା ଆବେଦନ ଉପରେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର, ଉତ୍ତରପ୍ରଦେଶ ସରକାର ଓ ଅନ୍ୟମାନଙ୍କୁ ନୋଟିସ ଜାରି କରିଛନ୍ତି। ମଦ୍ରାସା ବୋର୍ଡର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେଉଛି ଏକ ନିୟାମକ। ଉକ୍ତ ବୋର୍ଡକୁ ଆଲ୍ଲାହାବାଦ ହାଇକୋର୍ଟ ଧର୍ମନିରପେକ୍ଷତାର ଉଲ୍ଲଂଘନ କରିବା ଠିକ୍ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି। ଖଣ୍ଡପୀଠରେ ଜଷ୍ଟିସ୍ ଜେ.ବି. ପରଡ଼ିୱାଲା ଏବଂ ମନୋଜ ମିଶ୍ରା ରହିଛନ୍ତି। ୨୦୦୪ର ଉକ୍ତ ଆଇନର ବ୍ୟବସ୍ଥାରେ ଧର୍ମୀୟ ନିର୍ଦ୍ଦେଶନାମା ଉପଲବ୍ଧ ହୋଇ ନ ଥିବାବେଳେ ହାଇକୋର୍ଟ ଏହାର ବ୍ୟବସ୍ଥାକୁ ଭୁଲ୍ ବୁଝିଥିବା ସୁପ୍ରିମକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୨ରେ ହାଇକୋର୍ଟ ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆଇନ, ୨୦୦୪କୁ ଅସାମ୍ବିଧାନିକ ଦର୍ଶାଇବା ସହ ଏହା ଧର୍ମନିରପେକ୍ଷତା ସିଦ୍ଧାନ୍ତର ଉଲ୍ଲଂଘନ ବୋଲି କହିଥିଲେ। ଏଥିସହିତ ମଦ୍ରାସାର ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ଆନୁଷ୍ଠାନିକ ଶିକ୍ଷା ବ୍ୟବସ୍ଥାରେ ସାମିଲ କରିବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଇନଜୀବୀ ଅଂଶୁମାନ ସିଂ ରାଠୋର ମଦ୍ରାସା ବୋର୍ଡର ସାମ୍ବିଧାନିକତାକୁ ଚ୍ୟାଲେଞ୍ଜ କରିବା ସହ ଶିକ୍ଷା ବିଭାଗ ପରିବର୍ତ୍ତେ ସଂଖ୍ୟାଲଘୁ କଲ୍ୟାଣ ବିଭାଗ ଏହାର ପରିଚାଳନା କରିବାକୁ ନେଇ ଆପତ୍ତି ଉଠାଇଥିଲେ। ତାଙ୍କ ରିଟ୍ ପିଟିଶନର ଶୁଣାଣି କରି ହାଇକୋର୍ଟ ମଦ୍ରାସା ଶିକ୍ଷା ବୋର୍ଡ ଆଇନକୁ ଅଧିକାରାତୀତ ଘୋଷଣା କରିଥିଲେ।

# ୨୭ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କଲେ ଭାରତୀୟ ତଟରକ୍ଷୀ

ନୂଆଦିଲ୍ଲୀ,୫।୪

ବାଂଲାଦେଶର ଏକ ମାଛଧରା ବୋଟ୍ ଷ୍ଟିଅରିଂ ଗିଅର ଅକାମୀ ହୋଇଯିବାରୁ ଏହା ଭାରତୀୟ ଜଳରାଶିରେ ଫସିରହିଥିଲା। ସେଥିରେ ଥିବା ୨୭ ମତ୍ସ୍ୟଜୀବୀଙ୍କୁ ଭାରତୀୟ ତଟସୁରକ୍ଷା ବାହିନୀର ଯବାନମାନେ ଉଦ୍ଧାର କରିଛନ୍ତି। ତଟସୁରକ୍ଷା ଜାହାଜ ‘ଅମୋଘ’ ଭାରତ-ବାଂଲାଦେଶ ଅନ୍ତର୍ଜାତୀୟ ସାମୁଦ୍ରିକ ସୀମାରେ ପାଟ୍ରୋଲିଂ କରୁଥିବାବେଳେ ବାଂଲାଦେଶୀ ମାଛଧରା ବୋଟ୍ ‘ସାଗର-୨’କୁ ଭାରତୀୟ ଜଳରାଶିରେ ଫସିରହିଥିବା ଦେଖିଥିଲା। ସମୁଦ୍ରରେ ବୋଟକୁ ମରାମତି କରିବା ସମ୍ଭବ ନ ହେବାରୁ ସେଥିରେ ଥିବା ୨୭ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରି ବାଂଲାଦେଶ ତଟସୁରକ୍ଷା ବାହିନୀକୁ ହସ୍ତାନ୍ତର କରାଯାଇଥିଲା।

# ବଳାତ୍କାର ପୀଡ଼ିତାଙ୍କୁ ବୋର୍ଡ ପରୀକ୍ଷା ଦେବାକୁ ଅନୁମତି ଦେଲାନି ରାଜସ୍ଥାନ ସ୍କୁଲ

ନୂଆଦିଲ୍ଲୀ,୫।୪

ରାଜସ୍ଥାନ ଆଜମେରର ଜଣେ ଗଣବଳାତ୍କାର ପୀଡ଼ିତା ଛାତ୍ରୀଙ୍କୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ସ୍କୁଲ୍ ଅନୁମତି ଦେଇନାହିଁ। ବିଦ୍ୟାଳୟରେ ଉକ୍ତ ଛାତ୍ରୀଙ୍କ ଉପସ୍ଥିତି ପରିବେଶକୁ ନଷ୍ଟ କରିଦେବ ବୋଲି ଶିକ୍ଷକମାନେ କହିବା ସହ ଘରେ ରହି ପଢ଼ିବାକୁ କହିଥିଲେ। ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ତାଲିକାରୁ ସ୍କୁଲ୍ କର୍ତ୍ତୃପକ୍ଷ ପୀଡ଼ିତାଙ୍କ ନାଁ କାଟିଦେଇଥିଲେ। ଏହି ଛାତ୍ରୀ ଜଣକ ଗତବର୍ଷ ଗଣବଳାତ୍କାରର ଶିକାର ହୋଇଥିଲେ।

# ଇରାନ ଆକ୍ରମଣ କରିବା ଆଶଙ୍କା: ସୈନ୍ୟଙ୍କ ଛୁଟି ବାତିଲ କଲା ଇସ୍ରାଏଲ୍

ଜେରୁଜେଲମ,୫।୪

## ଏୟାରଷ୍ଟ୍ରାଇକ୍‌ରେ ଇରାନର ୨ ଜେନେରାଲ ନିହତ ହୋଇଥିଲେ

ସିରିଆରେ ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଯୋଗୁ ଇରାନର ୨ ଜଣ ଜେନେରାଲଙ୍କ ସମେତ ୧୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାର ଜବାବରେ ଇରାନ ଆକ୍ରମଣ କରିବା ଆଶଙ୍କା ଥିବାରୁ ଇସ୍ରାଏଲ୍ ଏହାର ଜିପିଏସ୍ ନାଭିଗେଶନ ସେବାକୁ ବନ୍ଦ କରିବା ସହ ସୈନ୍ୟମାନଙ୍କ ଛୁଟି ବାତିଲ କରିଛି। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲ୍ ୬ ମାସ ହେଲା ଯୁଦ୍ଧ ଚଳାଇଥିବାବେଳେ ଏପ୍ରିଲ ୫ ପବିତ୍ର ରମଜାନ ମାସର ଶୁକ୍ରବାର ପରେ ଇରାନ ଯେକୌଣସି ସମୟରେ ଆକ୍ରମଣ କରିବା ଆଶଙ୍କା ରହିଛି। ପାଲେଷ୍ଟାଇନ୍‌କୁ ସମର୍ଥନରେ ଇରାନ ଶୁକ୍ରବାରକୁ ଜେରୁଜେଲମ୍ ଡେ’ ଭାବେ ପାଳନ କରିଛି। ସୂଚନାଯୋଗ୍ୟ, ୩ ଦିନ ପୂର୍ବେ ଇସ୍ରାଏଲ୍ ସେନା ସିରିଆ ରାଜଧାନୀରେ ଥିବା ଇରାନ କୂଟନୈତିକ କାର୍ଯ୍ୟାଳୟ ପରିସରରେ ବିମାନରୁ ବୋମାମାଡ଼ କରିଥିଲା। ଏଥିରେ ଇରାନ କୁଡ୍ସ ଫୋର୍ସ କମାଣ୍ଡର ଜେନେରାଲ ମହମ୍ମଦ ରେଜା ଜାହେଦି ନିହତ ହୋଇଥିଲେ। ୨୦୨୦ରେ ଆମେରିକା ଡ୍ରୋନ୍ ଆକ୍ରମଣରେ କୁଡ୍ସ ଫୋର୍ସ କମାଣ୍ଡର ମେଜର ଜେନେରାଲ କାସିମ ସୋଲେଇମାନିଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଜାହେଦିଙ୍କ ମୃତ୍ୟୁ ସବୁଠୁ ବଡ଼ ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡ ବୋଲି କୁହାଯାଉଛି।

# ଏ ବର୍ଷ ମୌସୁମୀ ପାଇଁ ଅନୁକୂଳ ସ୍ଥିତି

ନୂଆଦିଲ୍ଲୀ,୫।୪



## ଆଇଏମ୍‌ଡି ଡିଜିଙ୍କ ସୂଚନା

ଭାରତର ଅଧିକାଂଶ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିବାବେଳେ ଚଳିତ ବର୍ଷ ଏକ ଅନୁକୂଳ ମୌସୁମୀ ଋତୁର ଆଗୁଆ ସଙ୍କେତ ମିଳିଥିବା ପାଣିପାଗ ବିଜ୍ଞାନୀମାନେ ସୂଚନା ଦେଇଛନ୍ତି। ଏଲ୍ ନିନୋ ପ୍ରଭାବ ହ୍ରାସ ସହ ୟୁରେସିଆରେ ନିମ୍ନ ତୁଷାରପାତ ଯୋଗୁ ଏପରି ହେବା ସେମାନେ ପୂର୍ବାନୁମାନ କରିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍କାର ଦେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପାଇଁ ଜଳବାୟୁ ବହୁପରିମାଣରେ ଅନୁକୂଳ ରହିଛି। ଭାରତୀୟ କୃଷି ଅର୍ଥନୀତି ପାଇଁ ବର୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଚଳିତ ବର୍ଷ ମୌସୁମୀ ଅନୁକୂଳ ରହିବା ଚାଷୀମାନଙ୍କ ଲାଗି ଭଲ ଖବର। ଆଇଏମ୍‌ଡି ଡିଜିଙ୍କ କହିବା ଅନୁଯାୟୀ ଏବର୍ଷ ଏଲ୍ ନିନୋର ପ୍ରଭାବ ଫିକା ରହିବ। ଜୁନ୍ ଆରମ୍ଭରୁ ଏହା ନିଷ୍କ୍ରିୟ ସ୍ଥିତିକୁ ଆସିପାରେ। ଏଲ୍ ନିନୋ (କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ଜଳରାଶିର ଉତ୍ତପ୍ତ ସ୍ଥିତି) ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ପ୍ରଭାବିତ କରିଥାଏ। ଏହା ନିଷ୍କ୍ରିୟ ରହିବା ସହ ମୌସୁମୀ ଋତୁର ଦ୍ୱିତୀୟାର୍ଦ୍ଧ ଜୁଲାଇରୁ ସେପ୍ଟେମ୍ବର ଲା ନିନା ସ୍ଥିତି ଯୋଗୁ କେନ୍ଦ୍ରୀୟ ପ୍ରଶାନ୍ତ ମହାସାଗର ଶୀତଳ ହେବ, ଯାହା ଭାରତୀୟ ମୌସୁମୀ ପାଇଁ ଅନୁକୂଳ। ଗତବର୍ଷ ମଧ୍ୟ ଏଲ୍ ନିନୋ ମୌସୁମୀ ଉପରେ ପ୍ରତିକୂଳ ପ୍ରଭାବ ପକାଇ ନ ଥିଲା ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ସେହିପରି ଚଳିତବର୍ଷ ତୁଷାର ଆସ୍ତରଣ କମ୍ ରହିବାକୁ ଥିବାରୁ ଏହା ଆଉ ଏକ ଶୁଭ ସଙ୍କେତ। ଭାରତରେ ବାର୍ଷିକ ବୃଷ୍ଟିପାତର ୭୦ ପ୍ରତିଶତ ମୌସୁମୀରୁ ମିଳିଥାଏ, ଯାହା କୃଷି ସେକ୍ଟର ପାଇଁ ଗୁରୁତ୍ୱପୂର୍ଣ୍ଣ। ଦେଶର ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକ କୃଷିରେ ନିୟୋଜିତ ଥିବାବେଳେ ଜିଡିପିର ୧୪ ପ୍ରତିଶତ କୃଷି ସେକ୍ଟରରୁ ମିଳିଥାଏ।




# କୋଟିଆରେ ମୁଖ୍ୟ ଶାସନ ସଚିବ



କୋଟିଆରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ପଟ୍ଟାଙ୍ଗି,୫।୪(ଶରତ ଧଳ)**

■ **ଅଧିକାରୀଙ୍କ ସହ ଆଲୋଚନା କଲେ**

■ **ଗଣମାଧ୍ୟମଠାରୁ ଗୋପନୀୟ ରଖିଲେ ତଥ୍ୟ**

ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଏବେ ସବୁଠି ରାଜନୈତିକ ବାତାବରଣ ଉଷ୍ମ ରହିଛି। କର୍ମୀଙ୍କୁ ଧରି ନେତାମାନେ ନିର୍ବାଚନ ବୈତରଣୀ ପାରହେବାକୁ ରଣକୌଶଳ କରିବାରେ ଲାଗିଛନ୍ତି। ଏପରି ସ୍ଥଳେ ସର୍ବଦା ଚର୍ଚ୍ଚାରେ ରହୁଥିବା ଆନ୍ଧ୍ର ସୀମାନ୍ତ କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତକୁ ଶୁକ୍ରବାର ନିର୍ବାଚନୀ ସମୀକ୍ଷା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, କୃଷି ବିଭାଗ ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ ଗସ୍ତ କରିଛନ୍ତି। ଉଭୟ ଅଧିକାରୀ ଅଚାନକ ଜିଲାରେ ପହଞ୍ଚି ଜିଲା ପ୍ରଶାସନ ସହ ନିର୍ବାଚନ ସମ୍ପର୍କିତ ଆଲୋଚନାକରି କୋଟିଆ ପଞ୍ଚାୟତକୁ ଆସିଥିଲେ। ନିର୍ବାଚନ ସମ୍ପର୍କିତ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନକରି ଉପସ୍ଥିତ ଜିଲାପାଳ ଭି. କୀର୍ତ୍ତି ଭାସନ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣସିଂ ମୀନା, ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର, ଉପଜିଲାପାଳ ବେଣୁଧର ଶବର, ବିଡିଓ ସୁକାନ୍ତ ପଟ୍ଟନାୟକ ଏବଂ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆଙ୍କ ସହ ପଞ୍ଚାୟତରେ ଥିବା ୯ଟି ବୁଥ୍ ମଧ୍ୟରୁ ସୀମାନ୍ତ ୫ଟି ବୁଥ୍‌ର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସୀମାନ୍ତ ଗ୍ରାମଗୁଡ଼ିକରେ ରହିଥିବା ବୁଥ୍‌ରେ କିପରି ଭୋଟ ହାର ବଢ଼ିବ ସେନେଇ ଲୋକଙ୍କୁ ସଚେତନ କରିବା ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଜେନା ଜିଲା ଓ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ତେବେ ଏନେଇ ଗଣମାଧ୍ୟମକୁ କୌଣସି ସୂଚନା ନ ଦେଇ ଅଧିକାରୀମାନେ ଗୋପନୀୟ ରଖିଥିଲେ। ଏହି ଅବସରରେ ଅଧିକାରୀମାନେ ପଞ୍ଚାୟତର ବାରାବନ୍ଧ ଗ୍ରାମରେ ହୋଇଥିବା ଷ୍ଟ୍ରବେରି ଚାଷ ପରିଦର୍ଶନ କରି ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ, ସ୍ୱତନ୍ତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ଜଗନ୍ନାଥ ମନ୍ଦିର ଓ ୫-ଟି ବିଦ୍ୟାଳୟ ପରିଦର୍ଶନକରି ପାରିପାର୍ଶ୍ୱିକ ସ୍ଥିତି, ସ୍ୱାସ୍ଥ୍ୟସେବା ଓ ଛାତ୍ରୀଛାତ୍ରଙ୍କ ପାଠପଢ଼ା ସମ୍ପର୍କରେ ଆଲୋଚନାକରି ଫେରିଥିଲେ। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ମେ ୧୩ରେ ହେବାକୁ ଥିବା ବେଳେ ଏହିଦିନ ପଡ଼ୋଶୀ ଆନ୍ଧ୍ର ଓ ପଟ୍ଟାଙ୍ଗିରେ ମଧ୍ୟ ମତଦାନ ହେବ। ଏପରି କ୍ଷେତ୍ରରେ ଏହି ଦୁଇ ଅଧିକାରୀଙ୍କ ପଟ୍ଟାଙ୍ଗିର କୋଟିଆ ଗସ୍ତ କରିବା ବେଶ୍ ଗୁରୁତ୍ୱ ବହନକରେ।

# ନେପାଳରେ ଚମକିଲେ ସୁବର୍ଣ୍ଣପୁରର ୩ କୁନି ମଡେଲ

## ଇଣ୍ଟରନ୍ୟାଶନାଲ ବିଜେତା ହେଲେ ବିଶ୍ୱବିଜୟିନୀ, ସୁଚିସ୍ମିତା ଓ ହର୍ଷିତା



ବିଶ୍ୱବିଜୟିନୀ ମିଶ୍ର



ସୁଚିସ୍ମିତା ବେହେରା



ହର୍ଷିତା ରଞ୍ଜନ

**ସୋନପୁର,୫।୪(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହରର ୩ ଝିଅ ନେପାଳର ରାଜଧାନୀ କାଠମାଣ୍ଡୁରେ ଆୟୋଜିତ ଅନ୍ତର୍ଜାତୀୟ ମଡେଲିଂ ପ୍ରତିଯୋଗିତାରେ ଭାଗ ନେଇ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଛନ୍ତି। କୁନି ମଡେଲ ବିଶ୍ୱବିଜୟିନୀ, ସୁଚିସ୍ମିତା ଓ ହର୍ଷିତା ବିଦେଶ ମାଟିରେ ଚମକିବା ସହ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କାଠମାଣ୍ଡୁଠାରେ ମାର୍ଚ୍ଚ ୨୮ରୁ ଏପ୍ରିଲ ୧ ତାରିଖ ପର୍ଯ୍ୟନ୍ତ ମଡେଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ତିନି ପ୍ରତିଯୋଗୀ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଏପ୍ରିଲ ୧ ତାରିଖରେ କାଠମାଣ୍ଡୁର ପାଲାକୋ ହୋଟେଲ୍‌ରେ ଉକ୍ତ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା। ଏହି ମେଗା ଇଭେଣ୍ଟରେ ୧୦ଟି ଦେଶର ୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ମୋଟ ୯ଟି ବିଭାଗ ମଧ୍ୟରୁ ୩ଟି ବିଭାଗରେ ଉତ୍ତମ ପ୍ରଦର୍ଶନ କରି ବିଶ୍ୱବିଜୟିନୀ, ସୁଚିସ୍ମିତା ଓ ହର୍ଷିତା ବିଜେତା ହୋଇଛନ୍ତି। ଅତିଥିମାନେ ସେମାନଙ୍କୁ ମୁକୁଟ ପିନ୍ଧାଇବା ସହ କ୍ରସ ଫିତା, କପ୍ ଓ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସହରର ପଟାଭାଡି ନିବାସୀ ତୃପ୍ତିସାଗରି ଓ ତରୁଣ ମିଶ୍ରଙ୍କ ଝିଅ ବିଶ୍ୱବିଜୟିନୀଙ୍କୁ ମିସ୍ ଟିନ୍ ଗ୍ଲୋବାଲ୍ ଇଣ୍ଟରନ୍ୟାଶନାଲ ତାଜ୍ ମିଳିଛି। ସେହିପରି ମାଣିକେଶ୍ୱରୀ ପ୍ଲଟ ନିବାସୀ ପୂଜା ଓ ମନୋରଞ୍ଜନ ବେହେରାଙ୍କ ଝିଅ ସୁଚିସ୍ମିତା ମିସ୍ ପ୍ରିଟିନ୍ ଗ୍ଲୋବାଲ୍ ଇଣ୍ଟରନ୍ୟାଶନାଲ-୨୦୨୪ ଘୋଷିତ ହୋଇଛନ୍ତି। କନିଷ୍ଠ ବିଭାଗରେ ବଡବଜାର ଅଞ୍ଚଳର ଶୈଳବାଳା ଓ ପ୍ରେମ ରଞ୍ଜନଙ୍କ ଝିଅ ହର୍ଷିତା ରଞ୍ଜନ ଲିଟିଲ୍ ମିସ୍ ଗ୍ଲୋବାଲ୍ ଇଣ୍ଟରନ୍ୟାଶନାଲ ମଡେଲ ଘୋଷିତ ହୋଇଛନ୍ତି। ଶୁକ୍ରବାର ଅପରାହ୍ଣରେ ତିନି ବିଜୟିନୀ ସୁବର୍ଣ୍ଣପୁରରେ ପହଞ୍ଚିବା ପରେ ସେମାନଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପିଲାବେଳୁ ସଙ୍ଗୀତ, ନୃତ୍ୟ ଓ ମଡେଲିଂ ପ୍ରତି ରୁଚି ରଖିଥିବା ଏହି ୩ ଝିଅ ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଛନ୍ତି।

# ଆଜିଠୁ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ

**ଭୁବନେଶ୍ୱର,୫।୪(ଅସମାପିକା ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ମୂଲ୍ୟାୟନ ଶନିବାରଠାରୁ ଆରମ୍ଭ ହେବ। ଆସନ୍ତା ୨୦ ପର୍ଯ୍ୟନ୍ତ ଖାତାଦେଖା ଚାଲିବ। ଏଥିପାଇଁ ସମୁଦାୟ ୮,୬୧୧ ଶିକ୍ଷୟିତ୍ରୀଶିକ୍ଷକ ନିଯୁକ୍ତ ହୋଇଛନ୍ତି। ୩,୧୪୮ଜଣ ଅନ୍‌ଲାଇନ୍‌ରେ ଓ ୫,୪୬୩ଜଣ ଶିକ୍ଷକ ଅଫ୍‌ଲାଇନ୍‌ରେ ଖାତା ଦେଖିବେ। ସୂଚନାଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ୪ରୁ ଆରମ୍ଭ ହେବାର ଥିଲା। ହେଲେ ପ୍ରଥମ ପର୍ଯ୍ୟାୟ ଖାତାଦେଖାବେଳେ ଛୁଟି ପଡ଼ିବାରୁ ୨ଦିନ ବିଳମ୍ବିତ ହୋଇଛି। ଚଳିତବର୍ଷ ୬୯ଟି ଜୋନ୍‌ରେ ଅଫ୍‌ଲାଇନ ଓ ୪୧ଟି ଜୋନ୍‌ରେ ଅନ୍‌ଲାଇନ୍ ମୂଲ୍ୟାୟନ କରାଯାଉଛି। ନିର୍ଦ୍ଧାରିତ ସମୟରେ ମୂଲ୍ୟାୟନ ସାରି ମେ’ ୧୫ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି।

# ବିଭିନ୍ନ ଅଞ୍ଚଳର ସ୍କୁଲ, ମନ୍ଦିର କାମ ସମ୍ପର୍କରେ ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୫।୪(ସୁନିତ୍ ମିଶ୍ର)**



ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଭିଡିଓ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ପ୍ରବଳ ମାତ୍ରାରେ ଭାଇରାଲ ହେଉଥିବା ଦେଖିବାକୁ ମିଳିଛି। ଏଥିରେ ମୁଖ୍ୟମନ୍ତ୍ରୀ ନିଜେ ଟେଲିଫୋନ ଧରି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଲୋକମାନଙ୍କୁ ପଚାରି ବୁଝୁଥିବା ଦେଖିବାକୁ ମିଳିଛି। ପ୍ରଥମେ ମୁଖ୍ୟମନ୍ତ୍ରୀ ଜଣଙ୍କୁ ସ୍କୁଲ କାମ ଚାଲିଛି ନା ନାହିଁ ସେ ବିଷୟରେ ପଚାରିଛନ୍ତି। ଏହାପରେ ସେ ଶିବ ମନ୍ଦିର କାର୍ଯ୍ୟ କେମିତି ଚାଲିଛି ବୋଲି ପଚାରିବା ପରେ ଆଉ ଏକ ମନ୍ଦିର କାମ କେମିତି ଚାଲିଛି ବୋଲି ପଚାରିଥିଲେ। ଜଣେ ବ୍ୟକ୍ତି ମନ୍ଦିର କାମ ସରିଯାଇଥିବା ବେଳେ ପ୍ରତିଷ୍ଠା ମଧ୍ୟ ସରିଯାଇଛି ବୋଲି କହିଥିଲେ। ଏହାପରେ ଅନ୍ୟ ସ୍କୁଲ, ମନ୍ଦିର କାର୍ଯ୍ୟ କିପରି ଚାଲିଛି ବୋଲି ସେ ଆଉ କେତେଜଣଙ୍କୁ ପଚାରିଛନ୍ତି। ଶେଷରେ ମୁଖ୍ୟମନ୍ତ୍ରୀ ଜଣେ ଲୋକଙ୍କୁ ଏକ ମନ୍ଦିର କାମ ବିଷୟରେ ପଚାରି ଧନ୍ୟବାଦ ଜଣାଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱାଭିମାନ ପକ୍ଷରୁ ରାଜନୀତିରେ ଦିବ୍ୟାଙ୍ଗ ଶୀର୍ଷକ ଆଲୋଚନାଚକ୍ର , ସ୍ଥାନ: ହୋଟେଲ ନ୍ୟୁ ମ୍ୟାରିୟନ୍, ଖାରବେଳ ନଗର, ସମୟ: ଅପରାହ୍ନ ୪ଟା ୧୫।
- ଶିଳାଶ୍ରୀ ବିଷୁବ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର ସଭାକକ୍ଷ, ସମୟ: ଅପରାହ୍ନ ୫ଟା।
- ବରିଷ୍ଠ ପ୍ରଶାସକ ଓ କବି ବିଷ୍ଣୁପଦ ସେଠୀଙ୍କ ହିନ୍ଦୀ କବିତା ପୁସ୍ତକ' ରଜନୀ କା ସଙ୍ଗୀତ୍ ଔର ଅନ୍ୟ କବିତାଏଁ' ପାଠକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କନ୍ଫରେନ୍ସ ହଲ୍ ନଂ.-୨, କ୍ୟାମ୍ପସ-୩, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ସମୟ: ଅପରାହ୍ନ ୫ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ୟୁନିଭର୍ସିଟି ଲ' କଲେଜ, ସମୟ: ଅପରାହ୍ନ ୫ଟା ୩୦।
- ଗଙ୍ଗାଧର ମେହେର ସ୍ମୃତି କମିଟି ପକ୍ଷରୁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସୟଦ ମମତାଜ ଅଲ୍ଲୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ନୂଆପଲ୍ଲୀ, ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ରନ୍ୱେ ଉଇକ୍, ସ୍ଥାନ: ୱେଲକମ୍ ହୋଟେଲ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଷ୍ଟିୱାର୍ଟ ସ୍କୁଲ ଏନ୍‌ସିସି ପକ୍ଷରୁ ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ ସହାୟତାରେ ରକ୍ତଦାନ ଶିବିର, ସ୍ଥାନ: କଟକ ମିଶନରୋଡ୍‌ସ୍ଥିତ ସ୍କୁଲ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୮ଟା ୩୦।
- ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ତୃତୀୟ ଦିବସ, ସ୍ଥାନ: କଟକ ମାତୃଭବନ, ସମୟ: ପୂର୍ବାହ୍ନ ୮ଟା ୩୦।
- କଟକ ସଦର ବ୍ଲକ ଅଧୀନ ସଫିପୁର ଶିରିଡି ସାଇ ମନ୍ଦିରରେ ଚଉଡି ଶୋଭାଯାତ୍ରା, ସ୍ଥାନ: ସଫିପୁର, ସମୟ: ଅପରାହ୍ନ ୩ଟା।
- କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ବାସନ୍ତୀ ଦୁର୍ଗାପୂଜା ଓ ଭସାଣି ଉତ୍ସବ, ସ୍ଥାନ: ମଙ୍ଗଳାବାଗସ୍ଥିତ ମୋହନ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଚୌଦ୍ୱାର ଯାଦବ ମହାସଭା ଆନୁକୂଲ୍ୟରେ ପାରମ୍ପରିକ ଲଉଡି ଉତ୍ସବ ପାଳନ, ସ୍ଥାନ:ଚୌଦ୍ୱାର ସରଦେଇ ମନ୍ଦିର ପ୍ରାଙ୍ଗଣ, ସମୟ:ସନ୍ଧ୍ୟା ୭ଟା।

## ପୁରୀ

- କମ୍ପାକ୍ଟ କୁସ୍ତି ପ୍ରତିଯୋଗିତା, ସ୍ଥାନ: ଶରଧାବାଲି, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ସାଗରସ୍ନାନ ଯାତ୍ରା ଉପଲକ୍ଷେ ମହାବାରୁଣୀ ସ୍ନାନ, ସ୍ଥାନ: ଭାର୍ଗବୀ ନଦୀ ଭୃଗୁ ଘାଟ ବଳପୁର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୩ଟା।
- ବଉଳ ମଠ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବୋଲଗଡ଼ ପ୍ରିମିୟର ଲିଗ୍, ସ୍ଥାନ: ପିଏନ୍ କଲେଜ ନିକଟ ଖେଳପଡ଼ିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।
- ଶ୍ରୀମଦ ରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ମା'ଅପୂଜାଚଣ୍ଡୀଙ୍କ ପୀଠ, ହଳଦୀପଦା, ବୋଲଗଡ଼, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାରୁଣୀ ସ୍ନାନ ଓ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସ୍ଥାନ: ଚଉମୁଖ ବାରୁଣୀ ପଡ଼ିଆ, ସମୟ: ପ୍ରାତଃ ୪ଟା ୩୦।
- ରାଜଘାଟ ବାରୁଣୀ ସ୍ନାନ ଓ ବାରୁଣୀ ମେଳା, ସ୍ଥାନ: ରାଜଘାଟ ବାରୁଣୀ ପଡିଆ, ବସ୍ତା, ସମୟ: ପ୍ରାତଃ ୫ଟା।
- କଷାଫଳ ବାରୁଣୀ ସ୍ନାନ ଓ ବାରୁଣୀ ମେଳା, ସ୍ଥାନ: କଷାଫଳ ସମୁଦ୍ର ବେଳାଭୂମି, ସଦର ବ୍ଲକ, ସମୟ: ପ୍ରାତଃ ୫ଟା।
- ଜିଲା ଲୋକକଳା ଓଡ଼ିଆ ଭାଷା, ସାହିତ୍ୟ ଓ ସମାଜସେବା କଲ୍ୟାଣ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ତ୍ରିବେଣୀ ଭାଗବତ ଆଶ୍ରମ, ରେମୁଣା, ସମୟ: ସକାଳ ୯ଟା।
- ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ କନକ୍ଲେଭ୍, ସ୍ଥାନ: ପିଜି କାଉନସିଲ ସମ୍ମିଳନୀ କକ୍ଷ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ: ଶାନ୍ତିକାନନ, ମଲ୍ଲିକାଶପୁର, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବାରୁଣୀ ଯଜ୍ଞ ଓ ଚଣ୍ଡୀପାଠ, ସ୍ଥାନ: କୁଣ୍ଡିକାଳୀ ପୀଠ, ମାଳିଅରୁଆ, ଭଦ୍ରକ, ସମୟ: ସକାଳ ୬ଟା।
- ବାରୁଣୀ ସ୍ନାନ, ସ୍ଥାନ: ବରୁଣେଇ, ତିହିଡ଼ି, ସମୟ: ସକାଳ ୬ଟା।
- ବାରୁଣୀ ସ୍ନାନ ଓ ଗଙ୍ଗାମାତା ପୂଜା, ସ୍ଥାନ: ତିହିଡ଼ି, ସମୟ: ସକାଳ ୭ଟା।

## କେନ୍ଦୁଝର

- ବିଶ୍ୱ ଶାନ୍ତି ଗୀତା ମହାଯଜ୍ଞ ଓ ରାମ ଚରିତ ପାଠ, ସ୍ଥାନ: ପଡ଼ିଆରୀପଲ୍ଲି, ହାଟଡ଼ିହୀ, ସମୟ: ପ୍ରାତଃ ୬ ଟା ୩୦।
- ବିଜେଡି କର୍ମୀଙ୍କ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ୧୦ ଟା।
- ଆତ୍ମରକ୍ଷା ତାଲିମ ଶିବିର: ସ୍ଥାନ: କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ, ରେକୁଟିଆ, ଘସିପୁରା, ସମୟ: ପୂର୍ବାହ୍ନ୧୧ ଟା।
- ସଂକୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: ସୋସୋ ଗଡ଼ନାୟକ ସାହି, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ଟୋଲଙ୍କପଡ଼ା ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ହାତୀବନ୍ଧା ବାଇଲୋ, ଆନନ୍ଦପୁର, ସମୟ: ଅପରାହ୍ନ ୫ ଟା।
- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ରାମଚନ୍ଦ୍ରପୁର, ଘସିପୁରା, ସମୟ: ସନ୍ଧ୍ୟା ୬ ଟା।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଟିମ୍-ସିକୁ ଭେଟିବ ଟିମ୍-ଡି,ସ୍ଥାନ: ମଧୁବନ ମିନି ଷ୍ଟାଡିୟମ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ପରିପ୍ରେକ୍ଷୀରେ ଦେବ ପୂଜନ ଓ ପ୍ରସାଦ ସେବନ, ସ୍ଥାନ: ବଡ଼ସାହି ବ୍ଲକ ସାନକେରକ କଳାମନ୍ଦିର ପରିସର, ସମୟ:ଅପରାହ୍ନ ୧ଟା।

## ବ୍ରହ୍ମପୁର

- ଭାଜପା ପ୍ରତିଷ୍ଠା ଦିବସ ପାଳନରେ ଗଣପଦଯାତ୍ରା,ସ୍ଥାନ:ଖଲ୍ଲିକୋଟ ଷ୍ଟାଡିୟମ ନିକଟ, ସମୟ:ସକାଳ ୭ଟା।
- ଭାଜପା ନିର୍ବାଚନ କାର୍ଯ୍ୟାଳୟ ଉଦ୍‌ଘାଟନ,ସ୍ଥାନ:ମହାମୟୀ କଲେଜ ନିକଟ ,ସମୟ:ପୂର୍ବାହ୍ନ ୧୦ଟା।
- ଓଡ଼ିଆ ବିଭାଗର ସ୍ୱତନ୍ତ୍ର ବକ୍ତୃତା ପ୍ରତିଯୋଗିତା,ସ୍ଥାନ:ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା ୩୦ମି।

## ଗଞ୍ଜାମ

- ଗୋଖରନାଥଙ୍କ ପ୍ରାଣ ପ୍ରତିଷ୍ଠା, ବିଗ୍ରହ, ଯଜ୍ଞ ସମାପନ, ପୂର୍ଣ୍ଣାହୁତି ସ୍ଥାନ:ଗୋଖରକୁଦା, ଗଞ୍ଜାମ,ସମୟ: ସକାଳ ୮ଟା।
- ମହାବାରୁଣୀ ସ୍ନାନ ମେଳା, ସ୍ଥାନ: ଆସିକା ପୁଡୁଗେଶ୍ୱରପଲ୍ଲୀ, ସମୟ: ସକାଳ ୮ଟା।

ରକ୍ତଦାନ ଶିବିର, ସ୍ଥାନ:ଭଞ୍ଜନଗର ଓମ୍ ଶାନ୍ତି କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

- ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜନଗର ବ୍ଲକ ଗୁଣ୍ଡିରିବାଡି, ସମୟ:ପୂର୍ବାହ୍ନ ୧୧ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ,ସ୍ଥାନ: ଭଞ୍ଜନଗର ବ୍ଲକ ତୁଳସୀପଲ୍ଲୀ,ସମୟ: ପୂର୍ବାହ୍ନ ୧୧ଟା।
- ଗାଳେରି ଧୂଳିଦଣ୍ଡ ନାଚ, ସ୍ଥାନ: ବୁଗୁଡ଼ା ବ୍ଲକ ମାଣିତରା,ସମୟ: ଅପରାହ୍ନ ୧ଟା।

## କନ୍ଧମାଳ

- ମହାବାରୁଣୀ ଯୋଗ, ସ୍ଥାନ: ଦାରିଙ୍ଗବାଡି ରଷିମାଳ ପାହାଡ଼,ସମୟ: ପୂର୍ବାହ୍ନ ୧୦ଟା୧୯ରୁ ଅପରାହ୍ନ ୩ଟା ୩୯ ପର୍ଯ୍ୟନ୍ତ।
- ଅଷ୍ଟ ଶମ୍ଭୁ ମହାମିଳନ, ସ୍ଥାନ: କ. ନୂଆଗାଁ ଜଗନ୍ନାଥ ମନ୍ଦିର ସାମ୍ନା, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ଇନ୍ଦିରା ଗାନ୍ଧୀ ଜାତୀୟ କଳା କେନ୍ଦ୍ର ନୂଆଦିଲ୍ଲୀ ଛାତ୍ରୀଛାତ୍ରଙ୍କ କୋରାପୁଟ ସିୟୁଓ ପରିଦର୍ଶନ କାର୍ଯ୍ୟକ୍ରମ,ସ୍ଥାନ: ସିୟୁଓ ସୁନାବେଡା କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୧ଟା।
- କୋରାପୁଟ ବିକାଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା।
- ପଞ୍ଚପଇମାଳି ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ୪ର୍ଥ ସନ୍ଧ୍ୟା, ସ୍ଥାନ: ଦାମନଯୋଡି ନାଲକୋ ଟାଉନଶିପ ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଭାଜପାର ପ୍ରତିଷ୍ଠା ଦିବସ, ସ୍ଥାନ: କଚେରି ରୋଡ୍‌ସ୍ଥିତ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗଙ୍ଗାଧରଙ୍କ କାବ୍ୟକଳ୍ପ ଉପରେ ଆଲୋଚନାଚକ୍ର, ଅମୃତ ବିହାରସ୍ଥିତ ପ୍ରଶାସନିକ କୋଠା, ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ବିକାଶ ପାର୍ଟିର ବୈଠକ, ସ୍ଥାନ: ସାକ୍ଷୀପଡା ସରଲାକାନୀ, ସମୟ: ଅପରାହ୍ନ ୧ଟା।
- ଓଡ଼ିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ପକ୍ଷରୁ ଉତ୍କର୍ଷ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦଳିଆ, ସମୟ: ସନ୍ଧ୍ୟା ୫ଟା ୩୦।

## ବଲାଙ୍ଗୀର

- ଓଡ଼ିଶା କଳାକାର କ୍ରିକେଟ ପ୍ରିମୟର ଲିଗ୍ ଦ୍ୱିତୀୟ ଦିନ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ବିଜେଡିର କର୍ମୀ ସମାବେଶ, ସ୍ଥାନ: ଟିଟିଲାଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ମୁରିବାହାଲ ବ୍ଲକ ହଳଦୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବସ୍ତ୍ରେନ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ଖେଳ, ସ୍ଥାନ: ମୁରିବାହାଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୪ଟା।
- ବଙ୍ଗୋମୁଣ୍ଡା ବ୍ଲକ କପିଲାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କପିଲାଭଟା, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ବହଳପଦର ପ୍ରିମିଅର ଲିଗ କ୍ରିକେଟର ନବମ ଦିବସ, ସ୍ଥାନ: ବହଳପଦର ଖେଳପଡିଆ, ବୀରମହାରାଜପୁର, ସମୟ: ସକାଳ ୮ ଟା।
- ଖଣ୍ଡହତା ପ୍ରିମିଅର ଲିଗ କ୍ରିକେଟର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡହତା ଖେଳପଡିଆ,ବୀରମହାରାଜପୁର, ସମୟ: ସକାଳ ୮ ଟା।

## ରାଉରକେଲା

- ଜେଏସ୍‌ପି ପକ୍ଷରୁ ପଖାଳ ଦିବସ, ସ୍ଥାନ: ଜଗଦା ସାଂସ୍କୃତିକ ପରିଷଦ ହଲ୍, ସମୟ: ଅପରାହ୍ନ ୧ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନାଚକ୍ର, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଆଇଟି ସାକ୍ ପକ୍ଷରୁ ସେଲିବ୍ରିଟି ନାଇଟ୍, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସନ୍ଧ୍ୟା ୭ଟା।
- ଅନ୍ତର୍ଜାତୀୟ ନୃତ୍ୟ ମହୋତ୍ସବ, ସ୍ଥାନ: ଭଞ୍ଜ ଭବନ ପ୍ରେକ୍ଷାଳୟ, ସମୟ: ପୂବାହ୍ନ ୧୦ଟା।

ରାତ୍ରିକାଳୀନ କ୍ରିକେଟ ମ୍ୟାଚ୍, ସ୍ଥାନ: ସେକ୍ଟର-୩ ବଲାଙ୍ଗୀର ବସ୍ତି, ସମୟ: ରାତି ୮ଟା।

- ରୋଟାରୀ କ୍ଲବ ଅଫ୍ ରାଉରକେଲା ପକ୍ଷରୁ ବୈଠକ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ବଡ଼ଗାଁ ବ୍ଲକ ପାମରା ଜୁନାପଡା ଶନି ମନ୍ଦିରକୁ ଭୂମି ଅର୍ପଣ ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଶନି ମନ୍ଦିର ନିକଟ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କର ଦଶଦଳ ଯାତ୍ରା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା ଯାତ୍ରା, ସ୍ଥାନ: ନିର୍ବେଣି ସାହି, ୱାର୍ଡ ନମ୍ବର ୯, ସମୟ: ରାତି ୯ଟା।

## ବରଗଡ଼

- ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠାର ରୌପ୍ୟ ଜୟନ୍ତୀ, ସ୍ଥାନ: ଝାରବନ୍ଧ, ସମୟ: ସକାଳ ୮ଟା।

## କଳାହାଣ୍ଡି

- ଅଷ୍ଟପ୍ରହର ନାମଯଜ୍ଞ ସମ୍ପୂର୍ଣ୍ଣ ଏବଂ ନଗର ସଂକୀର୍ତ୍ତନ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବୋରିଗାଁ ଗ୍ରାମ ପଡ଼ିଆଠାରେ, ସମୟ: ସକାଳ ୭ଟା।
- ବିଶ୍ୱସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ସ୍ୱାସ୍ଥ୍ୟଶିବିର, ରକ୍ତଦାନ ଶିବିର, ସ୍ଥାନ: ଲାଞ୍ଜିଗଡ ବେଦାନ୍ତ ଡାକ୍ତରଖାନା ପରିସର, ସମୟ: ସକାଳ ୯ଟା।
- ବିଦ୍ୟୁତ୍ ବିଲ୍ ସମାଧାନ ପାଇଁ ଟିପିଡବ୍ଲୁଓଡିଏଲ ପକ୍ଷରୁ ଜିଆରପି କ୍ୟାମ୍ପ, ସ୍ଥାନ: ନର୍ଲା ବିଦ୍ୟୁତ୍ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଏଚ୍‌ଆଇଭି ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଜୁନାଗଡ଼ ପିଆଇ କଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଚଇତି ଯାତ୍ରା, ସ୍ଥାନ: କୋମନା ବ୍ଲକ ଶୁକ୍ଲିମୁଣ୍ଡି ଗାଁ ନାଗବାଚାଗୁଡ଼ି, ସମୟ: ଅପରାହ୍ନ ୩ଟା।
- ଚଇତି ପର୍ବ ନିଶିପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ ଗାଁ, ସମୟ: ଅପରାହ୍ନ ୫ଟା।
- ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ଖଡ଼ିଆଳ ବ୍ଲକ ଭୁଲିଆସିକୁଆ ହାଇସ୍କୁଲ ଖେଳପଡ଼ିଆ, ସମୟ: ରାତି ୮ଟା।

## ବୌଦ୍ଧ

- ଶ୍ରୀରାମ ମନ୍ଦିରରେ ତୁଳସୀ ରାମାୟଣ ପାରାୟଣ ଓ ପ୍ରବଚନ ଦ୍ୱିତୀୟ ଦିବସ, ସ୍ଥାନ :ଦୁର୍ଗା ମଣ୍ଡପ,କଣ୍ଟାମାଳ, ସମୟ: ସକାଳ ୮ଟା।
- ଘଣ୍ଟାପଡା ରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ଶ୍ରୀରାମ ନବମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ରଘୁନାଥ ମଣ୍ଡପ ଘଣ୍ଟାପଡା, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା ।

## ଝାରସୁଗୁଡ଼ା

- ସରବାହାଲ ଗୌଡ଼ପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ଗୌଡ଼ପଡ଼ା ମଣ୍ଡପ, ସମୟ: ସକାଳ ୯ଟା ୩୦।

## ଅନୁଗୋଳ

- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ଦ୍ୱାରା ଷ୍ଟ୍ରଙ୍ଗରୁମ୍‌ର ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ଜନିତ ତାଲିମ୍, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।

## ଜଗତ୍‌ସିଂହପୁର

- ମହାକାଳ ଯଜ୍ଞ ଆରମ୍ଭ, ସ୍ଥାନ: ଶନିମନ୍ଦିର, ପାରାଦୀପଗଡ଼, ସମୟ: ସକାଳ ୬ଟା।

## କେନ୍ଦ୍ରାପଡ଼ା

- ମହାଯୋଗ ବାରୁଣୀ ସ୍ନାନ, ସ୍ଥାନ: ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ମହାଯୋଗ ବାରୁଣୀ ସ୍ନାନ, ସ୍ଥାନ: ପଞ୍ଚୁପାଣ୍ଡବ, ଡେରାବିଶ, ସମୟ: ସକାଳ ୭ଟା।
- ମହାଯୋଗ ବାରୁଣୀ ସ୍ନାନ, ସ୍ଥାନ: ଅଲେକ ସୁନ୍ଦରୀ ପୀଠ, ନାହାକାଣୀ, ମହାକାଳପଡ଼ା, ସମୟ: ସକାଳ ୭ଟା।
- ଜିଲା ଭାଜପା ପକ୍ଷରୁ ପାର୍ଟି ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଦୁହୁରିଆ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଶ୍ରୀମଦ୍ ବାୟାବାବାଙ୍କ ଆଶ୍ରିତ ଶ୍ରଦ୍ଧାଳୁଙ୍କ ନାମଯଜ୍ଞ, ସ୍ଥାନ: ଖଦାଳସାହି, ବାବର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ମହାଯୋଗ ବାରୁଣୀ ସ୍ନାନ, ସ୍ଥାନ: ବୈତରଣୀ ନଦୀର ଯାଜପୁର ଟାଉନ ଦଶାଶ୍ୱମେଧ ଘାଟ, ସମୟ: ସକାଳ ୭ଟା।
- କଳିଙ୍ଗନଗର ଶିଳ୍ପାଞ୍ଚଳ ବିସ୍ଥାପିତଙ୍କ ଧାରଣା, ସ୍ଥାନ: ନୀଳାଚଳ କାରଖାନା ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ଭୀମ ଆର୍ମି ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା, ସ୍ଥାନ: ଟାଟା ଷ୍ଟିଲ ମୁଖ୍ୟ ଫାଟକ ସମ୍ମୁଖ, ସମୟ: ସକାଳ ୭ଟା।
- ବୈତରଣୀ ଜ୍ୟୋତି ଲୋକାର୍ପଣ ଉତ୍ସବ, ସ୍ଥାନ: ଜିଲା ପ୍ରକଳ୍ପ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ୪୧ତମ ବିଶ୍ୱଶାନ୍ତି ତାରିଣୀ ମହାଯଜ୍ଞ ଓ ଠାକୁରାଣୀଙ୍କ ବଡ଼ସିଂହାର ବେଶ, ସ୍ଥାନ: ଧର୍ମଶାଳା ବ୍ଲକର କଣ୍ଟାମାଳିଆ, ସମୟ: ଅପରାହ୍ନ ୪ଟା।
- ଭିଭେଲିଅନ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୁଆଖିଆସ୍ଥିତ ବିଦ୍ୟାଳୟ କ୍ୟାମ୍ପସ, ସମୟ: ଅପରାହ୍ନ ୫ଟା।

## ନୟାଗଡ଼

- ଦଶଦୋଳ ଯାତ୍ରା ୩ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ଖଳିସାହି ମେଳଣ ପଡିଆ, ସମୟ: ସକାଳ ୭ଟା।
- ଦଶଦୋଳ ଯାତ୍ରାର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ଇଟାମାଟି ମେଡିକାଲ ପଡିଆ, ସମୟ: ସକାଳ ୯ଟା।
- ଦଶଦୋଳ ଯାତ୍ରାର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ବାଲୁଗାଁ ହାଟ ପଡିଆ, ସମୟ: ସକାଳ ୯ଟା।
- ଶ୍ରୀନୀଳମାଧବଙ୍କ ମହାବାରୁଣୀ ବୁଡ, ସ୍ଥାନ: କଣ୍ଟିଲୋ ମହାନଦୀ କମେଇ ନଦୀ ସଙ୍ଗମ ସ୍ଥଳ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଏକାଦଶସ୍ଥ ଚନ୍ଦ୍ର ମଙ୍ଗଳ ଯୋଗରୁ ପ୍ରତ୍ୟେକ କାମରେ ସଫଳତା ହାସଲ କରିବେ। ଶନିଙ୍କ ସୁପ୍ରଭାବରୁ ଆଶଙ୍କା କରୁଥିବା ବିବାଦୀୟ ଘଟଣାରେ ସେମିତି କିଛି ହେବ ନାହିଁ। ଆତ୍ମୀୟଙ୍କ ପାରିବାରିକ ସମାଧାନ ପାଇଁ ଚିନ୍ତା ବଢ଼ିପାରେ। ପ୍ରତିଯୋଗିତା, ସଭାସମିତି, ସାହିତ୍ୟ ଚର୍ଚ୍ଚା କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**ବୃଷ** ରବି ଓ ଶୁକ୍ର ସଂଯୋଗରୁ ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସରକାରୀ ସ୍ତରରୁ ଦୀର୍ଘ ପ୍ରତୀକ୍ଷା ପରେ ଆଶା କରୁଥିବା ଖବରଟି ଆଜି ପାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ, ଚୁକ୍ତିପତ୍ରରେ, ଆଲୋଚନାରେ ଦ୍ୱନ୍ଦ୍ୱ ଦୂର ହେବ। ପୂର୍ବ ଯୋଜନା ଅନୁଯାୟୀ କର୍ମରେ ନିୟୋଜିତ ହେଲେ ଉପକୃତ ହେବେ।

**ମିଥୁନ** ରାହୁଙ୍କ ସ୍ଥିତିଜନିତ କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। କୌଣସି ବିବାଦୀୟ କଥା ଚିନ୍ତାକରି କିମ୍ବା ପ୍ରକାଶ କରି ଅନ୍ୟମନସ୍କ ରହିପାରନ୍ତି। ସାଧାରଣ କଥାକୁ ନେଇ ପାରିବାରିକ ମତାନ୍ତରରୁ ବିତର୍କ ସୃଷ୍ଟି ସମ୍ଭାବନା ରହିଛି। ସାୟାହ୍ନେ ବନ୍ଧୁଙ୍କ ପରାମର୍ଶ ସହ ଆଲୋଚନାରେ ସମୟ କଟାଇବେ।

**କର୍କଟ** ବୃହସ୍ପତିଙ୍କ ଶୁଭଦୃଷ୍ଟି ପ୍ରଭାବରୁ ପାରିବାରିକ ସ୍ଥିତିରେ ଉନ୍ନତି ଘଟିବା ସାଙ୍ଗକୁ ଶାନ୍ତି ଫେରିଆସିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସାଙ୍ଗକୁ ବନ୍ଧୁଙ୍କ ଅନାଦର ଭାବ ଯୋଗୁ ମନ ଦୁଃଖ ହୋଇପାରେ। ପଡ଼ୋଶୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିବେ। ଗୃହସଜ୍ଜା, ଗାଡ଼ି ମରାମତି, ଜମିଜମା କିଣା ବିକା ପ୍ରତି ଆଗ୍ରହ ବଢ଼ିପାରେ।

**ସିଂହ** ରାଶ୍ୟାଧିପତିଙ୍କ ସହିତ ରାହୁଙ୍କ ସଂଯୋଗ କାରଣରୁ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ବ୍ୟାହତ ହେବ। କର୍ମକ୍ଷେତ୍ରରେ ଆଲୋଚନା ଅବସରରେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି। ସମୟର ପ୍ରତିକୂଳତା ହେତୁ ସୁଯୋଗର ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ।

**କନ୍ୟା** କେତୁଙ୍କ ରାଶ୍ୟାବସ୍ଥାନ କାରଣରୁ ଶାରୀରିକ ସୁସ୍ଥତା ନ ଥିଲେ ମଧ୍ୟ ବନ୍ଧୁଙ୍କ ସହାୟତାରେ କାର୍ଯ୍ୟ ସାଧନ କରିବେ। ପୂର୍ବ ସ୍ଥିରୀକୃତ ଯୋଜନା ପ୍ରକାରେ ପ୍ରିୟଜନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଅନ୍ୟଦ୍ୱାରା ପ୍ରରୋଚିତ ହୋଇ କାମ କଲେ ଅପଦସ୍ଥ ହେବେ। ପାରିବାରିକ କ୍ଷେତ୍ର, ବ୍ୟବସାୟ ଏବଂ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ଅସୁବିଧା ହେବନାହିଁ।

**ତୁଳା** ଖୁସି ମନରେ କାମ କରି ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। କ୍ରୀଡା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ କ୍ଷେତ୍ରରୁ ସୁଫଳ ମିଳିବ। ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ, ବିକ୍ରୟ କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ଅଧ୍ୟୟନ, ଅଧ୍ୟାପନା, ଯୋଗ, ଗବେଷଣା କ୍ଷେତ୍ରରେ ଏକାଗ୍ରତା ଆଣିପାରିବେ।

**ବିଛା** ଆକସ୍ମିକ ଦୂରଯାତ୍ରା, ବ୍ୟୟବହୁଳତା ତଥା ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଙ୍କ ସହ ବିବାଦ ବଢ଼ିପାରେ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ ଓ ଅଦାଲତର ରାୟ ଆପଣଙ୍କ ସପକ୍ଷରେ ଯିବା ସୂଚନା ରହିଛି। ଶତ୍ରୁତା କରୁଥିବା ଲୋକଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ ।

**ଧନୁ** ଆପଣଙ୍କ ରାଶି ପାପଗ୍ରହ ଦୃଷ୍ଟିବର୍ଜିତ କାରଣରୁ ନିରଙ୍କୁଶ ଭାବରେ କାର୍ଯ୍ୟ ହାସଲ କରିପାରିବେ। ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ଚାକ୍ଷୁସ ପ୍ରମାଣ ବ୍ୟତିରେକେ ପରକଥାରେ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ଯାତ୍ରାକାଳୀନ ବନ୍ଧୁଙ୍କ ଫେରିବାର ବିଳମ୍ବ ହେତୁ ବ୍ୟସ୍ତ ହୋଇପଡ଼ିବେ।

**ମକର** ପାରିବାରିକ କ୍ଷେତ୍ରରେ କୌଣସି ଅସୁବିଧା ନ ଥିଲେ ମଧ୍ୟ ବୃହସ୍ପତିଙ୍କ ସ୍ଥିତିଜନିତ ପରିସ୍ଥିତି ଭଲ ରହିବ ନାହିଁ। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ପୂରଣ ହୋଇଯିବ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଆପଣଙ୍କ କାମ ହାସଲରେ ସହାୟକ ହୋଇପାରେ।

**କୁମ୍ଭ** ସମସ୍ୟାବହୁଳ ପରିସ୍ଥିତି ଲାଗି ରହିଥିଲେ ମଧ୍ୟ ବନ୍ଧୁଙ୍କ ସହାୟତାରେ ସମସ୍ୟାକୁ ସୁଧାରି ନେବେ। ଆର୍ଥିକ ଦୁରବସ୍ଥା କାରଣରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଅସମ୍ପୂର୍ଣ୍ଣ ରହିଯାଇପାରେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତ ବାତାବରଣ ସୃଷ୍ଟି ହେବ। ଅବଶ୍ୟ ଶତଭିଷା ନକ୍ଷତ୍ର ସମସ୍ତ ପ୍ରତିବନ୍ଧକକୁ ପ୍ରତିହତ କରିବାରେ ସମର୍ଥ ହେବେ।

**ମୀନ** ରାଶିରେ ତୃତୀୟାଧିପତି ଶୁକ୍ର ରହିଥିବାରୁ ଚେଷ୍ଟା ସଫଳ ହେବାରେ ଜଣେ ବାଲ୍ୟବନ୍ଧୁ ସାହାଯ୍ୟ କରିବେ। ପାରିବାରିକ ସମସ୍ୟା ସମାଧାନ ସକାଶେ ନିକଟସ୍ଥ ଲୋକଙ୍କ ସହାୟତା ଆବଶ୍ୟକ କରିପାରନ୍ତି। ଅଫିସରେ ଥିବା ସମୟରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି।

ଆଜି ଏପ୍ରିଲ ୬ ତାରିଖ, ଚୈତ୍ର କୃଷ୍ଣ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ, ଶନିବାର, ମହାବାରୁଣୀ ସ୍ନାନ ଯୋଗ, ଶରଣ, ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୬ ଗତେ ୦୧।୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ୦୮।୪୪ ଗତେ ଘ.୧୦।୧୬ ମଧ୍ୟେ ରାହୁ କାଳ।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୫ ଗିରଫ

## ୮ ଚାରିଚକିଆ, ୧୮ ବାଇକ୍ ସହ ନଗଦ ଟଙ୍କା ଜବତ




ବ୍ରଜରାଜନଗର,୫।୪(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ମଧୁପୁର ଜଙ୍ଗଲର ଏକ ଜୁଆ ଆଡ୍ଡା ଉପରେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ୧୫ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୮ ଚାରିଚକିଆ ଯାନ, ୧୮ ବାଇକ୍ ସହ ନଗଦ ଟଙ୍କା ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁରର ଝସକେତନ ପଟେଲ (୪୫), ମହାଦେବ ବେହେରା (୫୬), ନିରଞ୍ଜନ ଟପ (୪୨), ସୋନପୁରର ବାଳକ ମାଝି (୪୬), ଛତିଶଗଡ଼ର ନୀଳକଣ୍ଠ ସିଂ, ରାଉରକେଲାର ଏମ୍‌ଡି ସମସଦ (୪୨), ବାମରାର ଅଭିଲାଷ ସାହୁ (୪୨), ସୁନ୍ଦରଗଡ଼ର ଏମ୍‌ଡି ଜାହାଙ୍ଗୀର (୪୨), କୃପାନିଧି ମହାନନ୍ଦିଆ (୩୦), ପବିତ୍ର ସାହା (୫୪), କୋଲାବିରାର ଘନଶ୍ୟାମ ସାହୁ (୫୮), କୁଦପାଲିର ରାକେଶ ଡିଲା, ଚାନ୍ଦନୀମାଳର ନିମାଇଁ ପ୍ରଧାନ (୪୦), ବରଗଡ଼ର ଶ୍ରୀନିବାସ ପ୍ରଧାନ (୩୭) ଓ ମୀନକେତନ ତାଣ୍ଡକାର (୪୨)। ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନଙ୍କ ସୂଚନା ଅନୁଯାୟୀ, ଗୌରମାଳ ପଞ୍ଚାୟତର ମଧୁପୁର ଜଙ୍ଗଲକୁ ସୁରକ୍ଷିତ ସ୍ଥାନ ଭାବି ଉପରୋକ୍ତ ଅଞ୍ଚଳର ବ୍ୟବସାୟୀମାନେ ଦୀର୍ଘଦିନ ଧରି ଜୁଆଆଡ୍ଡା ଚଳାଇଥିଲେ। ବିଶେଷ ସୂତ୍ରରୁ ଖବର ମିଳିବା ପରେ ଓରିଏଣ୍ଟ ଥାନା ଓ ବ୍ରଜରାଜନଗର ଥାନା ପୋଲିସ ଚଢ଼ାଉକରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ କାର୍, ବାଇକ୍ ସହ ନଗଦ ୨,୨୫,୦୦୦ ଟଙ୍କା ଜବତ କରାଯାଇଛି। ସମସ୍ତଙ୍କୁ ଥାନାକୁ ଆଣି ୪୧ ବେଲ୍‌ବଣ୍ଡରେ ଛଡ଼ାଯାଇଥିବା ଏସ୍‌ଡିପିଓ ପ୍ରଧାନ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭୁବନେଶ୍ୱର: ଏସିଆର ...

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ରାଜ୍ୟର ୨୫ଟି ସହରରେ ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ଉପର ରହିଥିଲା। ଭୁବନେଶ୍ୱର ତଳକୁ ପାରଳାଖେମୁଣ୍ଡିରେ ୪୨.୬, ତାଳଚେର ୪୨.୧, ମାଲକାନଗିରି ଓ ବୌଦ୍ଧରେ ୪୨.୨, ଅନୁଗୋଳ ୪୨.୧, ବଲାଙ୍ଗୀର, ଟିଟିଲାଗଡ଼ ଓ ନୟାଗଡ଼ରେ ୪୨ ଓ କଟକରେ ୪୦.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଶନିବାର ମଧ ଏହିଭଳି ତାତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ରାଜଧାନୀରେ ସ୍ଥିତି ଅସମ୍ଭାଳ ହୋଇଯାଇଛି। ଦିନ ସାଢ଼େ ୧୧ଟା ସୁଦ୍ଧା ଭୁବନେଶ୍ୱର ତାପମାତ୍ରା ୩୯.୮ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏଥିସହ ଆର୍ଦ୍ରତା ପ୍ରାୟ ୪୫ ପ୍ରତିଶତ ରହିଥିଲା। ବାୟୁମଣ୍ଡଳର ତଳ ଭାଗରେ ପଶ୍ଚିମ ଦିଗରୁ ବାୟୁ ଚଳାଚଳ ଏବଂ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ଏବଂ ଗରମ ବାୟୁ ପ୍ରବାହିତ ହେଉଥିବାରୁ ତାପମାତ୍ରା ବଢୁଛି ଏବଂ ସ୍ଥଳଭାଗ ଉତ୍ତପ୍ତ ହେଉଥିବା ପାଣିପାଗ ବିଭାଗ ସୂଚନା ଦେବା ସହ ହିଟ୍ ୱେଭର ପ୍ରଭାବ ଯଥେଷ୍ଟ ଅଧିକ ରହିବା ନେଇ ସତର୍କ କରିଛି। ଆଗକୁ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବା ସମ୍ଭାବନା ରହିଛି। ସେହିପରି ଅଧିକାଂଶ ଜିଲାରେ ଉଷ୍ମ ରାତି ଅନୁଭୂତ ହେବା ନେଇ ମଧ ୱାର୍ନିଂ ଜାରି କରାଯାଇଛି। ଶନିବାର ଖୋର୍ଦ୍ଧା, କଟକ, କେନ୍ଦୁଝର, ବୌଦ୍ଧ, ମାଲକାନଗିରି, ନୟାଗଡ଼, ଅନୁଗୋଳ, ବଲାଙ୍ଗୀର, କନ୍ଧମାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ ଝାରସୁଗୁଡ଼ା ଜିଲାକୁ ହିଟ୍ ୱେଭ୍ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ୭ତାରିଖରୁ ପାଗରେ ପରିବର୍ତ୍ତନ ହେବାର ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୭ ଓ ୮ ତାରିଖରେ ଏକ ଟ୍ରଫ୍‌ଲାଇନ୍ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିସହିତ ବଙ୍ଗୋପସାଗରରୁ ଆମ ରାଜ୍ୟକୁ ଜଳୀୟବାଷ୍ପ ଆସୁଛି। ତେଣୁ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହି ଦୁଇଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ଝଡ଼ବର୍ଷା ହେବ ଏବଂ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବ। ଏପରିକି କିଛି ଜିଲାରେ କୁଆପଥର ବର୍ଷା ହେବାର ସମ୍ଭାବନା ମଧ୍ୟ ରହିଛି। ତେବେ ୭ ତାରିଖରେ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ୮ତାରିଖରେ ଉପକୂଳ ଓଡ଼ିଶାର ଜିଲାଗୁଡ଼ିକ ଉପରେ ଏହାର ସବୁଠାରୁ ଅଧିକ ପ୍ରଭାବ ପଡ଼ିବ ବୋଲି ସୂଚନା ଦିଆଯାଇଛି।

### ଏପ୍ରିଲରେ ଛୁଇଁଥିଲା ୪୫.୮ ଡିଗ୍ରୀ

୨୦୧୬ ଏପ୍ରିଲ ୧୧- ୪୫.୮ ଡିଗ୍ରୀ
୨୦୧୬ ଏପ୍ରିଲ ୨୮- ୪୫.୧ ଡିଗ୍ରୀ
୧୯୮୫ ଏପ୍ରିଲ ୨୩- ୪୫ ଡିଗ୍ରୀ
୨୦୨୧ ଏପ୍ରିଲ ୧- ୪୪.୨ ଡିଗ୍ରୀ
୨୦୨୧ ଏପ୍ରିଲ ୧୦- ୪୪.୧ ଡିଗ୍ରୀ
୧୯୯୧ ଏପ୍ରିଲ ୩୦- ୪୩.୯ ଡିଗ୍ରୀ
୨୦୧୯ ଏପ୍ରିଲ ୧୬- ୪୩.୭ ଡିଗ୍ରୀ
୨୦୧୦ ଏପ୍ରିଲ ୧୦- ୪୩.୬ ଡିଗ୍ରୀ
୨୦୧୬ ଏପ୍ରିଲ ୨୯- ୪୩.୫ ଡିଗ୍ରୀ
୨୦୨୨ ଏପ୍ରିଲ ୨୫- ୪୩.୩ ଡିଗ୍ରୀ

### ବଦଳିଲେ କଟକ, ଜଗତ୍‌ସିଂହପୁର...

ଓ ଜଗତ୍‌ସିଂହପୁର ଜିଲାପାଳ ଭାବେ ଅବସ୍ଥାପିତ କରାଯାଇଛି। ଅନୁପମ ଯେଉଁ ଦାୟିତ୍ୱରେ ଥିଲେ ସେଠାକୁ ପାରୁଲଙ୍କୁ ଓ ଅରିନ୍ଦମଙ୍କ ସ୍ଥାନରେ ଭିନିତଙ୍କୁ ଥଇଥାନ କରାଯାଇଛି। ସେହିପରି ୨୦୧୧ ବ୍ୟାଚ୍ ଆଇଏଏସ୍ ଅଫିସର ସମର୍ଥ ବର୍ମାଙ୍କୁ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସମର୍ଥ ବର୍ମା ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଇନ୍‌ଚାର୍ଜ ମୁଖ୍ୟ ପ୍ରଶାସକ ସହ ପୂର୍ତ୍ତ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ତୁଲାଉଥିଲେ। ଏବେ ତାଙ୍କୁ କେବଳ ପୂର୍ତ୍ତ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ୨୦୧୮ ବ୍ୟାଚ୍ ଆଇଏଏସ୍ ଅଫିସର ଶୁଭଙ୍କର ମହାପାତ୍ରଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ତାଙ୍କୁ ଗତ ୩ ତାରିଖରେ ଯାଜପୁର ଜିଲାପାଳ ପଦବୀରୁ ହଟାଇ ଦିଆଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ନିଖିଳ ପଓନ କଲ୍ୟାଣଙ୍କୁ ଯାଜପୁର ଜିଲାପାଳ ଭାବେ ବଦଳି କରାଯାଇଥିଲା।

### ଆଡ୍‌ମିଟ କାର୍ଡ ...

ଚନ୍ଦାହାଣ୍ଡି ବିଇଓ ଶୁଭେନ୍ଦୁ କୁମାର ମଣ୍ଡଳଙ୍କୁ ପଚାରିବାରୁ ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ଆଡ୍‌ମିଟ୍ କାର୍ଡ ପାଇଁ କୌଣସି ଟଙ୍କା ନିଆଯାଏ ନାହିଁ ବୋଲି କହିବା ସହ ଏହାର ତଦନ୍ତ କରାଯାଇଛି। ଅଭିଯୋଗ ପ୍ରମାଣ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


ବଢ଼ିଆ ଘରୋଇ ୱାଟର ପ୍ୟୁରିଫାୟର୍ ଆୱାର୍ଡ୍ସ
2007-08
2011-12
2016-17
2023-24
KENT
Mineral RO™
Water Purifiers
HOUSE of PURITY
ରୋଗରେ ପଡ଼ିବା ପାଇଁ ଅପେକ୍ଷା କରନ୍ତୁ ନାହିଁ
ଘରକୁ ଆଣନ୍ତୁ
ଆଜି ହିଁ KENT RO
ଜଳ ପ୍ରଦୂଷଣ ବୃଦ୍ଧି ହେବା ଯୋଗୁଁ ଜଳବାହିତ ରୋଗ ବୃଦ୍ଧି ପାଇବାରେ ଲାଗିଛି । KENT RO ୱାଟର ପ୍ୟୁରିଫାୟର ଆଣି ଆପଣଙ୍କ ପରିବାରକୁ ସୁରକ୍ଷା ଦେବାର ଏହାହିଁ ଉପଯୁକ୍ତ ସମୟ ।
50 ଲକ୍ଷ ରୁ ଅଧିକ ଉପଭୋକ୍ତାମାନଙ୍କ ଦ୍ୱାରା ବିଶ୍ୱାସପ୍ରାପ୍ତ
KENT GRAND PLUS
KENT PRIME PLUS
KENT GRAND★
100% ଶୁଦ୍ଧ ଜଳ
ଧରି ରଖି ଥିବା ମିନେରାଲ ଜଳକୁ ସୁସ୍ୱାଦୁ ପ୍ରଦାନ କରିଥାଏ
UV LED ଟାଙ୍କିରେ ଶୁଦ୍ଧ ଜଳକୁ ଶୁଦ୍ଧ ରଖେ
ଶୁଦ୍ଧତା ର ଡିଜିଟାଲ୍ ଡିସ୍‌ପ୍ଲେ
ଏଗୁଡିକ ଦ୍ୱାରା ଶୁଦ୍ଧତାପ୍ରାପ୍ତ: RO+UV+UF+TDS କଣ୍ଟ୍ରୋଲ୍ + UV ଟାଙ୍କିରେ
IS 16240
CM/L- 8300156259
କେବଳ KENT ହିଁ ଦେଇଥାଏ
4 YEARS FREE SERVICE*
1 Year Warranty + 3 Years No Service Charge
Kent ଦେଇଥାଏ ସବୁଠାରୁ ଶୁଦ୍ଧ ଜଳ
ଡେମୋ ପାଇଁ 9582-123-456 ରେ କଲ୍ କରନ୍ତୁ | ୱେବ୍‌ସାଇଟ୍ : www.kent.co.in | ସର୍ଭିସ୍ ପାଇଁ 92-789-12345 ରେ କଲ୍ କରନ୍ତୁ
• Bhubaneswar: R D Entp; Kalyani Enterprises; Nisha Enterprises; Shree Jagannath Ent.; Arpita Enterprises • Cuttack : Mahaveer Enterprises; Bharat Engg Works; B.M.Traders; Pure Water Service • Balasore: Alisha Enterprises; Bijay Sales; Ishwar Agency • Behrampur: Gautam Electronics; Maa Bhabani Agency; Goldline Systems • Jajpur: The Water World • Sambalpur: Maa Distributors • Angul: The Health; Omm Enterprises; Siddarth Enterprises • Barbil: Shree Balajee Entp • Rourkela: Manu Auto Sales; Ashoka Trading Co • Bhadrak: Global Mktg. • Keonjhar:-Shree Balajee Ent.; Gaytri Water Purifier
ଅଧିକ ଜାଣିବା ପାଇଁ ସ୍କାନ କରନ୍ତୁ
ଦେଶ ସାରା ସମସ୍ତ ଅଗ୍ରଣୀ ହୋମ୍ ଆପ୍ଲିଆନ୍ସ୍ ଷ୍ଟୋର୍‌ରେ ଉପଲବ୍ଧ ।
Reliance digital
croma

"ସଂସାର ବା ଜଗତ ପାଖରେ ହାରିଯାଇ ତୁମେ ଭଗବାନଙ୍କୁ ଧରିବା ପାଇଁ ଧାଇଁଛ ? ସଂସାର ଯଦି ତୁମଠାରୁ ବେଶି ବଳବାନ୍ ହୁଏ- ତେବେ ତୁମେ କ'ଣ ଭାବୁଛ ଭଗବାନ୍ ସଂସାରଠାରୁ ଦୁର୍ବଳତର ? ବରଂ ଈଶ୍ୱରଙ୍କ ପାଖକୁ ଆସ- ତାଙ୍କ ଆଦେଶ ପାଳନ ପାଇଁ। ଏବଂ ତାଙ୍କଠାରୁ ସେହି ଆଦେଶ ପ୍ରାର୍ଥନା କର। -ଶ୍ରୀଅରବିନ୍ଦ



# ବିରୋଧୀଙ୍କ ଅଭିଯୋଗ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ନିର୍ବାଚନ ଆୟୋଗ ଜାରି କରିଥିବା ନିର୍ଦ୍ଦେଶନାମାକୁ ନେଇ ହରିୟାଣାରେ ବିବାଦର ଝଡ଼ ବହୁଛି। ରାଜ୍ୟରେ ଜଣେ ଭାଜପା ସାଂସଦଙ୍କ ସ୍ୱାମୀ ତଥା ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରିବା ପାଇଁ ନିର୍ବାଚନ କମିଟି ନିଷ୍ପତ୍ତି ନେବାର କିଛିଦିନ ପରେ ବିରୋଧୀ ଦଳଗୁଡ଼ିକ ହରିୟାଣା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପ୍ରମୁଖ ସଚିବ ରାଜେଶ କୁମାର ଖୁଲ୍ଲାରଙ୍କୁ ହଟାଇବାକୁ ସ୍ଥିର କରିଛନ୍ତି। ସୂତ୍ରରୁ ପ୍ରକାଶ ଯେ, ପୂର୍ବତନ ବରିଷ୍ଠ ଆଇଏଏସ୍ ଅଧିକାରୀ ଖୁଲ୍ଲାରଙ୍କ ବିରୋଧରେ ନିୟମର 'ଖୋଲା ଉଲ୍ଲଂଘନ' ଅଭିଯୋଗ ଆୟୋଗଙ୍କ ନିକଟରେ ଔପଚାରିକ ଭାବେ ଦାଖଲ କରାଯାଇଛି। ଆୟୋଗର ନିଜସ୍ୱ ନିର୍ଦ୍ଦେଶାବଳୀ ଅନୁଯାୟୀ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବ୍ୟକ୍ତିଙ୍କ ବ୍ୟତୀତ ସେବା ବା କାର୍ଯ୍ୟକାଳ ସମ୍ପ୍ରସାରଣ କରାଯାଇଥିବା କିମ୍ବା ବିଭିନ୍ନ ବିଭାଗରେ ପୁନଃ ନିଯୁକ୍ତ ଅଧିକାରୀମାନେ କୌଣସି ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟରେ ଜଡ଼ିତ ହେବା ଉଚିତ ନୁହେଁ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ ପ୍ରଶାସନରେ ଖୁଲ୍ଲାରଙ୍କ ଲଗାତର ଉପସ୍ଥିତିକୁ ରାଜ୍ୟ ସରକାର ଯୁକ୍ତିଯୁକ୍ତ ଦର୍ଶାଇ ଆସୁଛନ୍ତି ଏବଂ ସୂଚାଇ ଦେଉଛନ୍ତି ଯେ, ଏଥିପାଇଁ ସମସ୍ତ ପ୍ରକ୍ରିୟା ପାଳନ କରାଯାଉଛି। ବର୍ତ୍ତମାନ ପ୍ରମୁଖ ସଚିବ (ଏକ୍ସାଇଜ୍ ଏବଂ ଟ୍ୟାକ୍ସେଶନ) ଭାବେ କାର୍ଯ୍ୟ କରୁଥିବା ଆଇଆର୍ଏସ୍ ଅଧିକାରୀ ଦେବୀନ୍ଦର ସିଂ କଲ୍ୟାଣଙ୍କ କାର୍ଯ୍ୟକାଳ ଉପରେ ବିରୋଧୀ ଦଳ ମଧ୍ୟ ଆପତ୍ତି ଉଠାଇଛନ୍ତି। ତାଙ୍କ ଭାଇ ହରବିନ୍ଦର ସିଂ କଲ୍ୟାଣ ହେଉଛନ୍ତି ରାଜ୍ୟର ଜଣେ ଭାଜପା ବିଧାୟକ। ସୂତ୍ରରୁ ପ୍ରକାଶ, ଗତବର୍ଷ ଫେବୃଆରୀରେ ଦେବୀନ୍ଦରଙ୍କୁ ଡେପୁଟେଶନରେ ହରିୟାଣାକୁ ପଠାଯାଇଥିଲା ଏବଂ ଏକ୍ସାଇଜ୍ ବିଭାଗରେ ନିଯୁକ୍ତିର ମାତ୍ର ୨ ମାସ ମଧ୍ୟରେ ତାଙ୍କୁ ପ୍ରମୁଖ ସଚିବ ପଦକୁ ପଦୋନ୍ନତି ଦିଆଯିବାରୁ ବିବାଦ ଉଠିଥିଲା। ନିର୍ବାଚନ ଯୁଦ୍ଧ ଆରମ୍ଭ ହୋଇଯାଇଛି ଓ ଅଭିଯୋଗର ଫର୍ଦ୍ଦ ଲମ୍ୱି ଚାଲିଥିବାରୁ ଆଗକୁ ବିରୋଧୀଙ୍କ ଅଭିଯୋଗ ଆହୁରି ଜୋର୍‌ଦାର ହେବ।

### କାର୍ଯ୍ୟକାଳ ବଢ଼ିଲା

ନୀତିନ କରିର୍ ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବ ଭାବେ ଆଉ ୩ ମାସ ଅର୍ଥାତ୍ ନିର୍ବାଚନ ଶେଷହେବା ପର୍ଯ୍ୟନ୍ତ ରହିବେ। ଏହି ନିଷ୍ପତ୍ତି ରାଜ୍ୟର ପ୍ରଥମ ମହିଳା ମୁଖ୍ୟ ସଚିବ ହେବାକୁ ଥିବା ସୁଜାତା ସୌନିକଙ୍କ ପଥରୋଧ କରିଛି। ସୁଜାତା ଦକ୍ଷ ଓ ଯୋଗ୍ୟ ହୋଇଥିଲେ ମଧ୍ୟ ଏହି ପଦବୀ ପାଇଁ ତାଙ୍କ ପ୍ରାର୍ଥିତ୍ୱକୁ ପ୍ରତ୍ୟାଖ୍ୟାନ କରାଯାଇଛି। କାରଣ ତାଙ୍କ ସ୍ୱାମୀ ମନୋଜ ସୌନିକ ଏବେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ସହ ନିର୍ବାଚନ କାର୍ଯ୍ୟରେ ସିଧାସଳଖ ଜଡ଼ିତ ରହିଛନ୍ତି। ମୁଖ୍ୟ ଶାସନ ସଚିବ ପଦ ପାଇଁ ରାଜ୍ୟ ସରକାର ପ୍ରଥମେ ସୌନିକଙ୍କ ନାମ ପ୍ରସ୍ତାବ ଦେଇଥିଲେ । କିନ୍ତୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ପରେ ଅତିରିକ୍ତ ନାମ ବିଚାର ପାଇଁ ଦାଖଲ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଥିଲେ ରାଜସ୍ୱ ସଚିବ ରାଜେଶ କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ସଚିବ ଇକ୍‌ବାଲ ସିଂ ଚହଲ। ରାଜେଶ କୁମାରଙ୍କ ପରିବାରର ରାଜନୈତିକ ସମ୍ପୃକ୍ତି ଥିବା ହେତୁ ସେ ଏହି ପଦବୀ ଲାଗି ଯୋଗ୍ୟ ହୋଇ ନ ଥିଲେ। ଅନ୍ୟପଟେ ପୂର୍ବରୁ ବିଏମ୍‌ସି କମିଶନର ଥିବା ଚହଲ ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅଛନ୍ତି। ନିର୍ବାଚନ ଆୟୋଗ କରିର୍‌ଙ୍କ କାର୍ଯ୍ୟକାଳ ବଢ଼ାଇବା ସପକ୍ଷରେ ଥିଲେ ଓ ଏଥିପାଇଁ ରାଜ୍ୟ ସରକାରଙ୍କୁ ଏକ ପ୍ରସ୍ତାବ ପଠାଇବାକୁ କହିଥିଲେ, ଯାହା ପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ)କୁ ଅନୁମୋଦନ ପାଇଁ ପଠାଯାଇଥିଲା ବୋଲି ଜଣାପଡ଼ିଛି। ସୁଜାତା ହୁଏତ ରାଜ୍ୟର ଆଉ ଏକ ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ ହୋଇପାରନ୍ତି।

### ଏନ୍‌ଆଇଏ ମୁଖ୍ୟ

ଏବେ ଉତ୍ତେଜନାପୂର୍ଣ୍ଣ ରାଜନୈତିକ ପରିବେଶରେ ୧୯୯୦ ବ୍ୟାଚ୍ ମହାରାଷ୍ଟ୍ର କ୍ୟାଡର ଆଇପିଏସ୍ ଅଧିକାରୀ ସଦାନନ୍ଦ ବସନ୍ତ ଡାଟେ ଜାତୀୟ ଅନୁସନ୍ଧାନ ଏଜେନ୍ସି(ଏନ୍‌ଆଇଏ)ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨ ବର୍ଷର କାର୍ଯ୍ୟକାଳ ସାରି ଡିଙ୍କର ଗୁପ୍ତା ଅବସର ନେବା ପରେ ଡାଟେ ଏହି ପଦବୀରେ ନିଯୁକ୍ତ ହୋଇଛନ୍ତି। ଗୁପ୍ତା ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ସହ ଗୃହ ମନ୍ତ୍ରଣାଳୟରେ ୮ ବର୍ଷ ମଧ୍ୟରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିବାର ପ୍ରଭାବଶାଳୀ ସଫଳତା ହାସଲ କରିଥିଲେ। ସରକାରରେ ଡାଟେଙ୍କର ମଧ୍ୟ ଏକ ଉଲ୍ଲେଖନୀୟ କ୍ୟାରିୟର ଅଛି। ସେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଡେପୁଟି ଇନ୍ସପେକ୍ଟର ଜେନେରାଲ ଏବଂ ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆର୍‌ପିଏଫ୍)ରେ ଇନ୍ସପେକ୍ଟର ଜେନେରାଲ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୬/୧୧ ମୁମ୍ବାଇ ଆକ୍ରମଣରେ ଲୋକଙ୍କ ଜୀବନ ରକ୍ଷା ତଥା ସନ୍ତ୍ରାସବାଦୀଙ୍କ ମୁକାବିଲା କରିବାରେ ଡାଟେଙ୍କ ବୀରତ୍ୱ ପାଇଁ ତାଙ୍କୁ ରାଷ୍ଟ୍ରପତି ପଦକ ପ୍ରଦାନ କରାଯାଇଥିଲା। ଏହି ନିଯୁକ୍ତି ପୂର୍ବରୁ ସେ ମହାରାଷ୍ଟ୍ର ଆତଙ୍କବାଦ ବିରୋଧୀ ସ୍କ୍ୱାଡ୍ (ଏଟିଏସ୍)ର ନେତୃତ୍ୱ ନେଇଥିଲେ। ଡାଟେଙ୍କ ସହ ଅନ୍ୟ ଜଣେ ୧୯୯୦ ବ୍ୟାଚ୍ ରାଜସ୍ଥାନ କ୍ୟାଡର ଆଇପିଏସ୍ ଅଧିକାରୀ ରାଜୀବ କୁମାର ଶର୍ମାଙ୍କୁ ବ୍ୟୁରୋ ଅଫ୍ ପୋଲିସ ରିସର୍ଚ୍ଚ ଆଣ୍ଡ ଡେଭେଲପ୍‌ମେଣ୍ଟ(ବିପିଆର୍‌ଡି)ର ମହାନିର୍ଦ୍ଦେଶକ ଭାବେ କେନ୍ଦ୍ର ନିଯୁକ୍ତ କରିଛି। ଉତ୍ତରପ୍ରଦେଶ କ୍ୟାଡର ୧୯୯୧ ବ୍ୟାଚ୍ ଆଇପିଏସ୍ ଅଧିକାରୀ ପୀୟୂଷ ଆନନ୍ଦ ଏନ୍‌ଡିଆର୍‌ଏଫ୍‌ର ନୂଆ ମହାନିର୍ଦ୍ଦେଶକ ହୋଇଛନ୍ତି। ଜଣାପଡ଼ିଛି ଯେ, ଡାଟେଙ୍କ କାର୍ଯ୍ୟକାଳ ୨୦୨୬ର ଶେଷଭାଗରେ ସମାପ୍ତ ହେବାକୁ ଥିବାବେଳେ ରାଜୀବ ଶର୍ମା ବିପିଆର୍‌ଡି ମହାନିର୍ଦ୍ଦେଶକ ଭାବେ ୨୦୨୬ ଜୁନ୍ ପର୍ଯ୍ୟନ୍ତ ରହିବେ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 5 | | | 1 | | 2 | | |
| | | | 8 | | | | | 1 |
| | | | | | | | | 8 |
| | 1 | | | | | | | 3 |
| 9 | | 6 | | | | | | |
| | 8 | 4 | | 7 | 6 | 5 | | |
| | 7 | | | | | | | 5 |
| | | 2 | 4 | | | | 9 | |
| | | | | | 8 | | 7 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 2 | 5 | 3 | 4 | 7 | 8 |
| 2 | 7 | 5 | 8 | 9 | 4 | 6 | 1 | 3 |
| 8 | 3 | 4 | 6 | 7 | 1 | 2 | 9 | 5 |
| 5 | 4 | 6 | 7 | 8 | 9 | 3 | 2 | 1 |
| 7 | 2 | 3 | 4 | 1 | 5 | 8 | 6 | 9 |
| 9 | 8 | 1 | 3 | 2 | 6 | 7 | 5 | 4 |
| 6 | 5 | 8 | 9 | 3 | 7 | 1 | 4 | 2 |
| 3 | 9 | 7 | 1 | 4 | 2 | 5 | 8 | 6 |
| 4 | 1 | 2 | 5 | 6 | 8 | 9 | 3 | 7 |

ଗତକାଲିର ଉତ୍ତର

# ରାଜନୈତିକ ପ୍ରଭୁ ଭକ୍ତି



ସୌଭାଗ୍ୟ ସୁନ୍ଦରରାୟ

ଭାରତ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର। ତେବେ ଗତ କିଛି ଦିନ ଧରି ଦେଶରେ ଯେଉଁ ଘଟଣାକ୍ରମ ଦେଖିବାକୁ ମିଳୁଛି ତାହା ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଉପହାସ କରିବା ପରି ପ୍ରତୀୟମାନ ହେଉଛି। ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ୩ ପ୍ରମୁଖ ଅଙ୍ଗ ହେଉଛି ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଚତୁର୍ଥ ଅଙ୍ଗଟି ଗଣମାଧ୍ୟମ। ମୁଖ୍ୟତଃ ରାଜନୈତିକ ନେତୃବୃନ୍ଦଙ୍କୁ ନେଇ ବ୍ୟବସ୍ଥାପିକା ଗଠିତ। ଆଇନ ପ୍ରଣୟନଠାରୁ ଆରମ୍ଭକରି ଦେଶର ବିକାଶ, କଲ୍ୟାଣ ପାଇଁ ନୀତି ନିର୍ଦ୍ଧାରଣ ଓ ରାଷ୍ଟ୍ରର ସୁପରିଚାଳନା ଦାୟିତ୍ୱ ବ୍ୟବସ୍ଥାପିକା ଉପରେ ନ୍ୟସ୍ତ। ଏହି କାରଣରୁ ଏହା ପ୍ରଥମ ସ୍ତମ୍ଭର ମାନ୍ୟତା ପାଇଛି। ବ୍ୟବସ୍ଥାପିକାର ନିଷ୍ପତ୍ତି କାର୍ଯ୍ୟକାରୀ କରିବାର ଦାୟିତ୍ୱ କାର୍ଯ୍ୟପାଳିକାର ଓ ଏ ସମସ୍ତ ବିଷୟର ତର୍ଜମା ଦାୟିତ୍ୱ ନ୍ୟାୟପାଳିକା ଉପରେ ନ୍ୟସ୍ତ। ତେବେ ଦେଶରେ ବ୍ୟବସ୍ଥାପିକା ଗତ କିଛି ବର୍ଷ ହେଲା ରାଜନୈତିକ ପ୍ରଭୁ ଭକ୍ତିରେ ପରିଣତ ହୋଇଯାଇଥିବା ପରିଲକ୍ଷିତ ହେଉଛି। ରାଜାଙ୍କ ଉଚ୍ଚାରଣକୁ ଯଦି ଆଇନ ବୋଲି ଧରାଯାଏ, ତେବେ ସେହି ବ୍ୟବସ୍ଥାରେ ଏବେ ଭାରତୀୟ ଗଣତନ୍ତ୍ର ପରିଚାଳିତ ହେଉଥିବା ପରିଲକ୍ଷିତ ହେଉଛି।

ନିର୍ବାଚନୀ ବଣ୍ଡ୍ ସମ୍ପର୍କରେ ଭାରତୀୟ ଷ୍ଟେଟ ବ୍ୟାଙ୍କର କାର୍ଯ୍ୟଧାରା ଏପ୍ରକାର ପ୍ରଭୁଭକ୍ତିର ଏକ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାର ୨୦୧୮ରେ ନିର୍ବାଚନ ବଣ୍ଡ ପ୍ରଚଳନ କରିଥିଲେ। ନିକଟରେ ଏହି ବଣ୍ଡ ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ଦର୍ଶାଇ ରଦ୍ଦ କରିବା ସହ ଏହାର ମୁଖ୍ୟ ପରିଚାଳକ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ସମସ୍ତ ତଥ୍ୟ ସର୍ବସାଧାରଣଙ୍କ ଗୋଚରାର୍ଥେ ଅବଗତ କରାଇବାକୁ ନିର୍ଦ୍ଦେଶ ଦେଲେ। ପ୍ରଥମେ ଏହି ତଥ୍ୟ ଦେବାକୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ସମୟ ମାଗିଲେ। ଏଥିପାଇଁ ଯେଉଁ କାରଣଟି ଦର୍ଶାଇଲେ ତାହା ହେଲା ଏତେ କମ୍ ସମୟରେ ବିବରଣୀ ଦେବା ସମ୍ଭବ ନୁହେଁ। ପରେ ସୁପ୍ରିମକୋର୍ଟରେ କଡ଼ା ଆଭିମୁଖ୍ୟ ଯୋଗୁ ୨୪ ଘଣ୍ଟା ମଧ୍ୟରେ ବ୍ୟାଙ୍କ ଏହି ତଥ୍ୟ ଦାଖଲ କଲେ। କିନ୍ତୁ ଅଧାପନ୍ତରିଆ ତଥ୍ୟ ଦେଲେ। ମାମଲା ପୁଣି ସୁପ୍ରିମକୋର୍ଟ ଆସିଲା। ପୁନର୍ବାର ଅଦାଲତ ନିର୍ଦ୍ଦେଶ ଯୋଗୁ ବ୍ୟାଙ୍କ ଆଲଫା ନ୍ୟୁମରିକ କୋଡ୍ ସାର୍ବଜନୀନ କଲେ। ଯେଉଁ ବ୍ୟାଙ୍କ ଜୁନ୍ ପୂର୍ବରୁ ତଥ୍ୟ ଦେବାକୁ ଅସମର୍ଥ ଥିଲା ସେହି ବ୍ୟାଙ୍କ ତ୍ୱରିତ ଭାବେ କିପରି ତଥ୍ୟ ପ୍ରଦାନ କଲେ ? ତେଣୁ ଏ ବାବଦରେ ବ୍ୟାଙ୍କ ନିଶ୍ଚିତ ଭାବେ ମିଛ କହିଥିବା ଜଣାପଡୁଛି। ଏହି ମିଛ କାହା ଇଙ୍ଗିତରେ ଓ କାହାକୁ ସୁରକ୍ଷା ଦେବାକୁ କରାଯାଇଥିଲା ? ଶାସକ ଦଳକୁ ସୁରକ୍ଷା ଦେବାକୁ ଯାଇ ବ୍ୟାଙ୍କ ମିଛ ପନ୍ଥାର ଆଶ୍ରୟ ନେଇଥିବା କୁହାଯାଇପାରେ। କାରଣ ଶାସକ ଦଳ ନିର୍ବାଚନ ବଣ୍ଡରୁ ସର୍ବାଧିକ ଅର୍ଥ ଦଳ ପାଣ୍ଠିକୁ ଆଣିପାରିଛି। ଏଥିପାଇଁ ଏହାକୁ ମୂଳରୁ ଅସ୍ୱଚ୍ଛ ରଖିବା ପାଇଁ ଉଦ୍ୟମ ହୋଇଛି।

ଏବେ ଦେଖିବା କଂଗ୍ରେସର ଦଳୀୟ ବ୍ୟାଙ୍କ ଆକାଉଣ୍ଟ ଅଚଳ କରାଯିବା ଘଟଣାକୁ। କଂଗ୍ରେସ ହେଉଛି ଦେଶର ପ୍ରମୁଖ ରାଜନୈତିକ ଦଳ। ସ୍ୱାଧୀନତା ସଂଗ୍ରାମ ସମୟରୁ ଏହି ଦଳ ରହିଆସିଛି। ଅନେକ ଥର ଦେଶର ଶାସନ କ୍ଷମତାରେ ରହିଛି। ଆୟକର ରିଟର୍ନ ଦାଖଲ କରି ନ ଥିବା ଅଭିଯୋଗରେ ଆୟକର ବିଭାଗ ଦଳର କେତେକ ଆକାଉଣ୍ଟ ଅଚଳ କରିବା ପିଲାଳିଆମି କାର୍ଯ୍ୟାନୁଷ୍ଠାନ ପରି ମନେହୁଏ। ମୁଣ୍ଡ ଉପରେ ଲୋକ ସଭା ନିର୍ବାଚନ। ଦଳୀୟ କାର୍ଯ୍ୟକଳାପ ପାଇଁ ପାଣ୍ଠି ଆବଶ୍ୟକ। ଏପରି ଏକ ସମୟରେ ରାଜନୈତିକ ଦଳର ଆକାଉଣ୍ଟ ଅଚଳ କରାଯିବା ବିବେକାନୁମୋଦିତ କାର୍ଯ୍ୟ ହୋଇ ନ ପାରେ। ଭାରତୀୟ ନିର୍ବାଚନ କମିଶନରେ ନିକଟରେ ତରବରିଆ ଭାବେ ଦୁଇ ନୂଆ କମିଶନର ନିଯୁକ୍ତି ପାଇଲେ। ଏହାକୁ ବିରୋଧ କରି ଅଦାଲତରେ ମାମଲା ଦାୟର ହେଲା ଏବଂ ନିଯୁକ୍ତି ଉପରେ ସ୍ଥଗିତାଦେଶ ପାଇଁ ନିବେଦନ କରାଗଲା। ତେବେ ଅଦାଲତ ନିଯୁକ୍ତି ଉପରେ ନିଷେଧାଦେଶ ଜାରି କରିବା ପାଇଁ ମନା କରିଥିଲେ। କାରଣ ଦର୍ଶାଇଥିଲେ ଯେ ମୁଣ୍ଡ ଉପରେ ନିର୍ବାଚନ। ସ୍ଥଗିତାଦେଶ ଯୋଗୁ ନିର୍ବାଚନ ପ୍ରକ୍ରିୟା ବିଗିଡ଼ି ଯାଇପାରେ। ବୋଧହୁଏ ଦେଶର ବୃହତ୍ତର ସ୍ୱାର୍ଥକୁ ଆଖି ଆଗରେ ରଖି ଅଦାଲତ ଏହି ନିଷ୍ପତ୍ତି ନେଇଥିଲେ। ଏହାକୁ ବିବେକାନୁମୋଦିତ ରାୟ ବୋଲି କୁହାଯାଇପାରେ। ତେବେ ଏହି ମାମଲାଟି ଚାଲୁ ରହିବ। କଂଗ୍ରେସର ଆକାଉଣ୍ଟ ଅଚଳ ପରିପ୍ରେକ୍ଷୀରେ ଆୟକର ବିଭାଗ ଅନ୍ତତଃ ସୁପ୍ରିମକୋର୍ଟଙ୍କ ଉପରୋକ୍ତ ବିବେକକୁ ଅନୁପାଳନ କରିବା ଆବଶ୍ୟକତା ଥିଲା। ନିର୍ବାଚନ ସମୟରେ ରାଜନୈତିକ ଦଳର ଆକାଉଣ୍ଟ ଅଚଳ ଗଣତାନ୍ତ୍ରିକ ପ୍ରକ୍ରିୟାର ପରିପନ୍ଥୀ। ନିର୍ବାଚନ ପୂର୍ବରୁ ବା ପରେ ଏପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିଥାନ୍ତା। ନିର୍ବାଚନ ମଝିରେ ଏପ୍ରକାର ପଦକ୍ଷେପ ଏକ ପ୍ରମୁଖ ରାଜନୈତିକ ଦଳରେ ଅଙ୍କୁଶ ଲଗାଇବା ସଦୃଶ। ଷ୍ଟେଟ୍ ବ୍ୟାଙ୍କ ଓ ଆୟକର ବିଭାଗ ଅର୍ଥ ମନ୍ତ୍ରଣାଳୟ ନିୟନ୍ତ୍ରଣାଧୀନ ହୋଇଥିବାରୁ ଏହା କାହା ଇଙ୍ଗିତରେ ପରିଚାଳିତ ତାହା ସୁସ୍ପଷ୍ଟ।



ଏବେ ଦେଖିବା ତାମିଲନାଡୁ ରାଜ୍ୟପାଳଙ୍କ ଆଚରଣ। ତାମିଲନାଡୁର ଜଣେ ମନ୍ତ୍ରୀ କେ. ପୋନମୁଡ଼ି ନିମ୍ନଅଦାଲତରେ ଦୋଷୀ ସାବ୍ୟସ୍ତ ହେଲେ। ଦୋଷ ଅନୁଯାୟୀ ଦଣ୍ଡାଦେଶ ପ୍ରଦାନ କରାଗଲା। କିନ୍ତୁ ସୁପ୍ରିମକୋର୍ଟ ଏହି ଦଣ୍ଡାଦେଶ ଉପରେ ରହିତାଦେଶ ଜାରି କଲେ। ଅର୍ଥାତ ଯେ ପର୍ଯ୍ୟନ୍ତ ରହିତାଦେଶ ରହିବ ସେ ପର୍ଯ୍ୟନ୍ତ ସମ୍ପୃକ୍ତ ମନ୍ତ୍ରୀଙ୍କୁ ଦୋଷୀ କୁହାଯାଇପାରିବ ନାହିଁ। ରହିତାଦେଶ ପରେ ସମ୍ପୃକ୍ତ ମନ୍ତ୍ରୀଙ୍କୁ ପୁନର୍ବାର ମନ୍ତ୍ରୀ ଭାବେ ଶପଥ ଦେବା ପାଇଁ ରାଜ୍ୟପାଳଙ୍କୁ ରାଜ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ମଧ୍ୟ ରାଜ୍ୟପାଳ ଆର୍.ଏନ୍ ରବି ତାହା ଗ୍ରହଣ କରି ନ ଥିଲେ। ଯୁକ୍ତି ଦର୍ଶାଇଥିଲେ ଯେ, ଏହା ଏକ ନୀତିହୀନ କାର୍ଯ୍ୟ ହେବ। ମାମଲା ସୁପ୍ରିମକୋର୍ଟ ଆସିଲା। ଅଦାଲତ ଏଥିରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାରୁ ରାଜ୍ୟପାଳ ସମ୍ପୃକ୍ତ ବିଧାୟକଙ୍କୁ ମନ୍ତ୍ରୀ ଭାବେ ଶପଥ ପାଠ କରାଇଥିଲେ। ଏ କ୍ଷେତ୍ରରେ ଅଦାଲତ ନିର୍ଦ୍ଦେଶକୁ ଏଡ଼ାଇଯିବା ପାଇଁ ରାଜ୍ୟପାଳ ଦୁଃସାହସ କରିଥିଲେ। ଏ ସାହସ ରାଜ୍ୟପାଳ କେଉଁଠାରୁ ପାଇଲେ ? କୁହାଯାଇପାରେ କେନ୍ଦ୍ର ସାହସ ବଳରେ ସେ ଅଦାଲତଙ୍କ ହାତ ମୋଡ଼ିବାକୁ ଚେଷ୍ଟା କରିଥିଲେ। ଏ କ୍ଷେତ୍ରରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି, ଶପଥ ପାଠ ନ କରାଇ ରାଜ୍ୟପାଳ ଯଦି ନିଜ ପଦବୀରୁ ଇସ୍ତଫା ଦେଇଥାନ୍ତେ ତାହାଲେ ସେ ନିଜ ନୈତିକତାର ସଂଜ୍ଞାରେ ଅଟଳ ରହିଛନ୍ତି ବୋଲି କୁହାଯାଇ ପାରିଥାନ୍ତା।

ଭାରତୀୟ ଜନତା ପାର୍ଟି ଶାସନ କାଳରେ ପଶ୍ଚିମବଙ୍ଗ ରାଜ୍ୟପାଳ ପଦରୁ ଉନ୍ନୀତ ହୋଇ ଜଗଦୀପ ଧନକର ଉପରାଷ୍ଟ୍ରପତି ହେଲେ। ତାଙ୍କର ରାଜ୍ୟପାଳ ସମୟ ବେଶି ବିବାଦୀୟ ଥିଲା। ନିକଟରେ ଆପ୍ ରାଜ୍ୟ ସଭା ଏମ୍‌ପି ସଞ୍ଜୟ ସିଂହଙ୍କୁ ଶପଥ ପାଠ କରାଇବାକୁ ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଧନକର ମନା କରିଦେଲେ। ସଞ୍ଜୟ ପୂର୍ବ କାର୍ଯ୍ୟକାଳ ସମୟରେ ଗୃହରୁ ନିଲମ୍ବିତ ହୋଇଥିବା ଏବଂ ତାଙ୍କ ବିରୋଧରେ ଏକ ସ୍ୱାଧିକାର ମାମଲା ଥିବାରୁ ଶପଥ ପାଠ କରାଇବାକୁ ଉପରାଷ୍ଟ୍ରପତି ଅଗ୍ରାହ୍ୟ କରିଥିଲେ। ପରେ ଅଦାଲତ ନିର୍ଦ୍ଦେଶରେ ଉପରାଷ୍ଟ୍ରପତି ତାଙ୍କୁ ଶପଥ ପାଠ କରାଇବାକୁ ବାଧ୍ୟ ହୋଇଥିଲେ। ପୂର୍ବ କାର୍ଯ୍ୟକାଳ ସମୟର କଥା ନୂଆ କାର୍ଯ୍ୟକାଳରେ ଅଧ୍ୟକ୍ଷ କହିବାର କୌଣସି ତାତ୍ପର୍ଯ୍ୟ ନାହିଁ। ରାଜ୍ୟପାଳ, ଉପରାଷ୍ଟ୍ରପତି ପ୍ରମୁଖ ନିଜ ନିଯୁକ୍ତିଦାତା ରାଜନୈତିକ ପ୍ରଭୁଙ୍କ ପ୍ରତି ସମ୍ପ୍ରତି ଏତେଟା ଅନୁରକ୍ତ ହୋଇ ପଡୁଛନ୍ତି ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାର ମର୍ଯ୍ୟାଦା ଭୁଲି ଯାଉଛନ୍ତି। ଆଇନର ଶାସନ ବ୍ୟବସ୍ଥାକୁ ଉପେକ୍ଷା କରି ଚାଲିଛନ୍ତି। ଏପରିକି ସର୍ବୋଚ୍ଚ ଅଦାଲତଙ୍କ ହାତ ମୋଡ଼ିବା ପାଇଁ ଚେଷ୍ଟା କରୁଛନ୍ତି। ସମ୍ବିଧାନକୁ ଏପରି ଢଙ୍ଗରେ ବ୍ୟାଖ୍ୟା କରିବାକୁ ଚାହୁଁଛନ୍ତି, ଯାହା ନିଜର ରାଜନୈତିକ ପ୍ରଭୁଙ୍କୁ ସନ୍ତୁଷ୍ଟ କରିପାରିବ। ଅନେକ କେନ୍ଦ୍ରୀୟ ସଂସ୍ଥା ମଧ୍ୟ ଅନୁରୂପ ଆଚରଣ ଦେଖାଉଛନ୍ତି। ମାମଲା ଅଦାଲତକୁ ଯାଉଛି। ଏ ବାବଦକୁ ବିପୁଳ ଅର୍ଥ ବ୍ୟୟ ହେଉଛି। ଅନେକ ଘଟଣାରେ ଅନ୍ତର୍ଜାତୀୟ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହାକୁ ଦେଶର ଆଭ୍ୟନ୍ତରୀଣ ମାମଲା ବୋଲି ଲୁଚାଇବାକୁ ଚେଷ୍ଟା କରାଯାଉଛି। ତେବେ ଏହା ବେଶି ଦିନ ଲୁଚି ରହିପାରିବ ନାହିଁ। ଏହି କାରଣରୁ ଭାରତୀୟ ଗଣତନ୍ତ୍ରର ଭାବମୂର୍ତ୍ତି ଅନ୍ତର୍ଜାତୀୟ ସ୍ତରରେ ହ୍ରାସ ପାଉଥିବା ପରିଲକ୍ଷିତ ହେଲାଣି।

ମୋ:୯୪୩୭୨୨୯୨୩୩

# ପଡ଼ିଶା ଘର



ଡ. ଦ୍ୱିତୀଚନ୍ଦ୍ର ସାହୁ

ଆପଣଙ୍କ ଘରର ଏପଟ ସେପଟ କେହି ରହୁ ନାହାନ୍ତି। ଫାଙ୍କା ପଡ଼ିଛି। ଜାଣ ଖୁବ୍ ଭଲ ହୋଇଛି। ଆପଣ ସହରରେ ରହୁଛନ୍ତି। ଦୁଇ ପଟର ପଡ଼ୋଶୀ ଜାଣି ଅଜଣା ଭଳି ରହୁଛନ୍ତି। ଦେଖିଲେ ବି ଦାନ୍ତ ନିକୁଟିବାକୁ କାର୍ପଣ୍ୟ ପ୍ରଦର୍ଶନ କରୁଛନ୍ତି। କଥା ଦି' ପଦ ହେବାକୁ ଆଦୌ ଇଚ୍ଛା ନାହିଁ। ଅତି ଉତ୍ତମ। ଆପଣଙ୍କ ଜୀବନ ସୁଖମୟ ହେବ। ନ ହେଲେ ଦୈନନ୍ଦିନ ଜୀବନ ଅସହ୍ୟ ହୋଇପଡ଼ିବ। ଆପଣ ତିଆରି କରିଥିବା ଘରର ଦୁଇ ପାଖ ହେଉ କି ଆଗପଛ ଯଦି ପଡ଼ୋଶୀ ଅଛନ୍ତି ଆଉ ଆପଣଙ୍କ ସହ ଭାବ ପୀରତି ବଢ଼ଉଛନ୍ତି , ତେବେ ଜାଣିରଖନ୍ତୁ ଆଗକୁ ମସ୍ତବଡ଼ କିଳାକୁ ଆମନ୍ତ୍ରଣ କରୁଛନ୍ତି। ମାନେ ବିପଦ ଆପଣଙ୍କ ଚାରିପଟେ ଘେରିହୋଇ ରହିଛି। ଏଇ ଯେଉଁଭାବ ପଡ଼ିଶା ଘର ତିଆରି କରୁଛନ୍ତି ଦିନେ ନା ଦିନେ ସବୁ ପୋଛି ନେଇଯିବେ ଅକାରଣରେ। ଏମିତି ସର୍ତକବାଣୀ ଦେଲି ବୋଲି ଆପଣମାନେ ଏବେ ନିଶ୍ଚେ ମୋ ଉପରେ କଟମଟ ହେଉଥିବେ ନ ହେଲେ ଡରି ଯାଇଥିବେ। ସେକଥା ନୁହେଁ। ଆପଣ ଟିକେ ଏଥର ଥୟ ଧରି ଭାବନ୍ତୁ। ସତରେ ଆପଣଙ୍କ ପଡ଼ୋଶୀ ଘର ଭଲ ଲୋକ କି! ଆପଣଙ୍କ ଦୁଃଖସୁଖରେ ସମଭାବ ଦେଖାଉଛନ୍ତି। ଆଜିର ପଡ଼ିଶା ଘର ବଡ଼ବିଚିତ୍ର। କାରଣ ପ୍ରଥମରୁ ହିଁ ଆପଣଙ୍କ ସହ ତାଙ୍କର ବଇରି ବୋଲି ଦେଖାଇ ଗୋଟେ ପାଚେରି ଚାରିପଟେ ଘୂରେଇ ଦେଇଥିବେ। ସୁରକ୍ଷା ବଳୟ। ତୁମର ଆମର ଯୋଡି ସୁନ୍ଦର, ହେଲେ ଟିକେ ଦୂରରେ ରହୁ ସମ୍ପର୍କ ଆମର- ଏମିତି କିଛି କହେ ଏ ପାଚେରି। ତାଙ୍କ ପାଚେରି ଡେଇଁ ଛୋଟ ପିଲାର ବଲ୍ ପଡ଼ିଗଲେ ବିରକ୍ତି। ରଂଗ ଦେଲାବେଳେ ଛିଟା ପଡ଼ିଲେ ପାଟିତୁଣ୍ଡ। ପାଚେରି ସାମାନ୍ୟ ଖଣ୍ଡିଆ ହୋଇଗଲେ ଆରମ୍ଭ ହେବ ମାଡଗୋଳ। ତୁମ ପ୍ରଗତିକୁ ନିଜର ସଂକୀର୍ଣ୍ଣ ମାପଦଣ୍ଡରେ ମାପି ଚାଲିଥିବା ପଡ଼ିଶା ଘର ଶେଷରେ ଉଦ୍‌ଗିରଣ କରିବେ ସବୁକିଛି। ପଡ଼ିଶା ଘର ଲୋକ ଏମିତି ଗୋଟେ ମୌକା ଖୋଜୁଥିବେ। ସାମାନ୍ୟ ଟିକେ ଭୁଲ୍ ହେଉ। ଶୋଧିବାକୁ ସୁଯୋଗ ମିଳୁ। ଆଉ ଥରେ ମିଳିଗଲେ ଯୁଗ ଯୁଗର କଥାକୁ ଫେଣେଇ ଫେଣେଇ ଗାଇ ଚାଲିବେ। ତୁମ ପୁଅ ଝିଅ ସ୍ତ୍ରୀ ପିଲାକୁଟୁମ୍ବ ସମସ୍ତଙ୍କର ଚରିତ୍ର ଚିତ୍ରଣ କରିବାକୁ ବି ପଛେଇବେନି। ଯଦି ଆପଣ ସେମିତି ସୁଯୋଗ ଦେଲେନି ତ ଆହୁରି ସାଂଘାତିକ। ନିତି ଘର ଭିତରେ ଥାଇ ଯା ନାମ ତା ନାମକୁ ଯୋଡି ବୁଲେଇ ବେଙ୍କଇ ଟୀରମାରି ଚାଲିଥିବେ। ଆପଣ ବୁଝିପାରୁଥିବେ ଅଥଚ କହି ପାରୁ ନ ଥିବେ। ପଡ଼ୋଶୀ ଆଗରୁ ଘର କରି ଥିବେ ନିଜେ ନୂଆ ଘର ତୋଳିବାକୁ ଯାଉଥିବେ। ଆପଣଙ୍କ ଅବସ୍ଥା ବାରଣା ଦି କଡ଼ା ହୋଇଯିବ। ହସିହସି କଥା ହେଉଥିବେ। ଗଲା ପରେ ଯାବତୀୟ ଫାଲତୁ କଥା ହେବେ। ଆପଣଙ୍କ ମିସ୍ତ୍ରିମୂଲିଆକୁ ସିଧା ସିଧା ଗାଳି ଦେବେ। ଅବଶ୍ୟ ଏମିତି ପଡ଼ିଶା ଘର ଥିବା ଖୁବ୍ ଭଲ। ଆପଣ ସତର୍କ ହୋଇ ସବୁକାମ କରିପାରିବେ। ନିଜର ଦୋଷ ଦୁର୍ବଳତାକୁ ସହଜରେ ଜାଣିପାରିବେ। ଅନ୍ୟର ସହାୟତା ବିନା ନିଜର ଶକ୍ତିବଳରେ କେମିତି କାମ କରିହୁଏ ସେଇ ଉପାୟକୁ କରାୟତ୍ତ କରିପାରିବେ। ବାହାର କଥାରେ ମୁଣ୍ଡ ନ ପୂରେଇ ନିଜ ଘର ସଂସାର ଭିତରେ ରହିବାକୁ ସୁଯୋଗ ଦିଅନ୍ତି ଏମିତି ପଡ଼ୋଶୀ। ଏଭଳି ପଡ଼ୋଶୀଙ୍କ ଦୟାରୁ ଘରକୁ ଫେରିଲେ ନିଜ ପରିବାର ଭିତରେ ହସଖୁସିରେ କେମିତି ଚଳିହେବ ଆପଣ ବଳେ ଶିଖିଯିବେ। ଯେହେତୁ ସମୟ ବଦଳୁଛି। ଯୁଗ ବଦଳୁଛି। ବଦଳୁଛି ମଣିଷର ଚିତ୍ର ଓ ଚରିତ୍ର। ଏବେ ପଡ଼ିଶା ଘର ପାଲଟିଛି ହିତଶତ୍ରୁଙ୍କ ଉଆସ।



ଆଗରେ ଗାଁରେ ପଡ଼ିଶା ଘର ସହ ଆପଣଙ୍କର ଘର ଭିତରେ ପାଚେରି ନ ଥିଲା। ବାଡ ପୂରା ମୁକୁଳା। ଗୋବର ଲିପା ବାଡରେ ଖରାବେଳେ ସ୍ତ୍ରୀଲୋକଙ୍କ କେତେ କଥା। ଆଚାର ଓ ବଡ଼ି ପ୍ରସ୍ତୁତିବେଳେ ଦି' ପଡ଼ୋଶୀ ଘର ସ୍ତ୍ରୀଲୋକଙ୍କ କେତେ ସହଯୋଗ। ଏ ଘରର ପିଲାଙ୍କ ଆସ୍ଥାନ ପଡ଼ିଶା ଘରେ। ପଡ଼ିଶା ଘରର ପିଲାଙ୍କ ସମୟ କଟେ ଏଇ ଘରରେ। ଅଜାଣତରେ ଗୋଟେ ସମ୍ପର୍କ ତିଆରି ହୋଇଯାଏ। କକା କିମ୍ବା ବଡବାପାଙ୍କ ସମ୍ପର୍କ ଗଢ଼ିଉଠେ। ରକ୍ତ ଅଲଗା। ଅଥଚ ସମ୍ପର୍କ ନିବିଡ଼। ବାହାର ଲୋକ କିଏ କାହାକୁ ପଦେ କହିଲେ ଦେହ ସହେନି। ଭିତରୁ ଆପେ ଆପେ କେହି ଜଣେ ପ୍ରତିବାଦ ଆରମ୍ଭ କରିଦିଏ। କାନ୍ଥ ସିନା ଦି' ଘରକୁ ଅଲଗା କରି ରଖେ ନ ହେଲେ ଆତ୍ମା ଏକ। ଏଠି ଦୁଃଖ ଆସିଲେ ସେ ଘରେ ଚଡ଼କ ପଡ଼େ। ଏ ଘରେ ସୁଖରେ ଢେଉ ଖେଳିଲେ, ସେ ଘରେ ପ୍ଲାବନ ହୁଏ। ପଡ଼ିଶା ଘର କେବଳ ପଡ଼ିଶାଘର ନ ଥିଲା। ଗୋଟେଗଛର ଦୁଇଶାଖା ଯେମିତି। ଲୁଣତୁଣ ଦିଆନିଆ। କୁଣିଆ ମୈତ୍ରରେ ଭାବର ମାନିଆ। ଏମିତି ପଡ଼ିଶା ଘର ସମ୍ପର୍କକୁ ନେଇ ଗାଁର ବାକି ଲୋକ ଜଳି ଯାଉଥିଲେ। କେଡ଼େ ମଧୁର ଥିଲା ପଡ଼ିଶା ଘର ସମ୍ପର୍କ। ଏବେ ସହର ପରି ଗାଁର ଅବସ୍ଥା ସଂକୀର୍ଣ୍ଣ ଚିନ୍ତା, ପରିଶ୍ରୀକାତରତା, ଈର୍ଷା, ଦ୍ୱେଷ ଓ ହିଂସାରେ ଭରା ପଡ଼ୋଶୀର ସମ୍ପର୍କ। ଛାଇ ପଡ଼ିଲେ ନାହିଡେଉଁଛି। ଗାତ୍ରଖୋଦନ ଓ ସପ୍ତପୁରୁଷ ଉଦ୍ଧାରଣ ଭିତରେ ଆମ ସମ୍ପର୍କ। ପଡ଼ିଶାଘର ମୁହଁ ଦେଖିଲେ ଅଶୁଭ ବୋଲି ଆମର ଚିନ୍ତା। ମଣିଷ ଭିତରେ ଯାବତୀୟ ଖଳ ପ୍ରକୃତି ସବୁ ଡିଆଁଡେଇଁ ହେଉଛନ୍ତି। ଜନ୍ମରୁ ପିଲାଙ୍କୁ ଶିଖା ଯାଉଛି ପଡ଼ିଶା ଘରକୁ ନେଇ କେତେ କେତେ କଥା। ସେପଟେ ଯିବାକୁ ମନା। ପଡ଼ିଶାଘର ଲୋକ ଭଲ ନୁହନ୍ତି। କଥା ହେବା ମନା। ପଡ଼ିଶା ଘରକୁ ନେଇ ବିଷର ମଞ୍ଜି ଆମେ ପ୍ରଥମ ବୁଣୁଛୁ ପରସ୍ପର। ତାହା କ୍ରମଶଃ ଦ୍ରୁମ ହୋଇ ସମଗ୍ରଜୀବନକୁ ଆଚ୍ଛନ୍ନ କରିରଖୁଛି। ଗୁରୁଜନଠାରୁ ଲଘୁଜନ ପର୍ଯ୍ୟନ୍ତ ସ୍ତର ସ୍ତର ଦେଇ ପିଢ଼ି ପରେ ପିଢ଼ି ସମ୍ପର୍କରେ ଅଧୋଗତି ହୋଇଚାଲିଛି। ଗାଁଠାରୁ ସହର, ସହରଠାରୁ ରାଜ୍ୟ ଏବଂ ଦେଶ ଦେଶ ଭିତରେ, ପଡ଼ୋଶୀ ଭିତରେ ଆଉ ସୁସମ୍ପର୍କ ନାହିଁ। ମାନବିକତାର ଅଧୋପତନ ଘଟିଛି। ସାମାଜିକ ସୂତ୍ର ତୁଟି ଯାଇଛି। ମଣିଷ ଭିତରେ ଆବେଗ ଓ ସମ୍ବେଦନଶୀଳତା ମରିଯାଇଛି। ଆପଣାପଣ ହଜିଯାଇଛି। ସବୁବେଳେ ଯୁଦ୍ଧର ପରିସ୍ଥିତି । କୋଉ ମୌକାରେ କିଏ କାହାକୁ ଆକ୍ରମଣ ପ୍ରତି ଆକ୍ରମଣ କରିବ ସେଇ ଭାବନା ଭିତରେ ଆମର ବହୁ ସମୟ ଅପଚୟ ହେଉଛି। ସେଇଥିପାଇଁ କୁହାଯାଇଛି ପଡ଼ିଶା ଘର ଭଲ ହେଲେ ବଢ଼ିଆ। ଖରାପ ହେଲେ ଅଡୁଆ। ସର୍ବନାଶ ଘଟିବ ଯେବେ ହୋଇ ରହିବେ ମଝିମଝିଆ। ଏବେ ଆପଣ କେମିତି ପଡ଼ୋଶୀ ହୋଇରହିବେ ନିଜେ ଥରେ ଭାବନ୍ତୁ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

କୃଷିରେ ଅନିୟମିତ ବର୍ଷାର ପ୍ରଭାବ ଓ ରୋଗପୋକ ପ୍ରାଦୁର୍ଭାବ ବଢ଼ିଚାଲିଛି। ଏହାର ପ୍ରଭାବରେ ଅମଳ କମିବା ସହ କୃଷକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୂର କରିବା ଲାଗି ଆସାମରେ ନୀଲମ ଦତ୍ତ ଚେଷ୍ଟା ଜାରି ରଖିଛନ୍ତି। ସେ 'ପାଭୋହି ଗ୍ରୀନ୍ସ' କମ୍ପାନୀ ଗଠନ କରି ଜଳବାୟୁ ପରିବର୍ତ୍ତନ ସହନୀୟ ବିହନର ସଂରକ୍ଷଣ କରିବା ସହ ଚାଷ କରିବା ଲାଗି କୃଷକମାନଙ୍କୁ ଉତ୍ସାହିତ କରିଆସୁଛନ୍ତି। ସେ ଉତ୍ତର-ପୂର୍ବ ଭାରତର ୨୪,୦୦୦ କୃଷକଙ୍କୁ ଜୈବିକ ଚାଷ ଓ ବିହନ ସଂରକ୍ଷଣ ବିଷୟ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ସେ ୧୮ଏକର ଜମିରେ ଜୈବିକ ଚାଷ କରୁଛନ୍ତି। ଏହା ମାଧ୍ୟମରେ ପିଢ଼ି ପରେ ପିଢ଼ି ଚାଷ ହୋଇ ଆସୁଥିବା ବିହନ ବିଲୋପ ହେବାକୁ ବସିଥିବାବେଳେ ନିଲମ ତାହାର ସଂରକ୍ଷଣ କରି କୃଷକମାନଙ୍କୁ ଯୋଗାଇବା ସହ ଚାଷରେ ସହଯୋଗ କରୁଛନ୍ତି। ଫଳରେ କୃଷକମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରି ଅଧିକ ଉତ୍ପାଦନ କରି ଲାଭ ପାଉଛନ୍ତି। ୧୫ ବର୍ଷ ମଧ୍ୟରେ ନିଲମ ୧୦୦୦ ପ୍ରକାର ସ୍ଥାନୀୟ ପାରମ୍ପରିକ ଧାନ ଓ ପରିବା ବିହନ ସଂରକ୍ଷଣ କରିପାରିଛନ୍ତି। ଏଥିରେ ୮୦୦ ପ୍ରକାରର ବିଭିନ୍ନ ପନିପରିବା ଓ ୨୦୦ କିସମର ଧାନ ବିହନ ରହିଛି। ପ୍ରତିବର୍ଷ ସେ ୮୦୦୦ ପ୍ୟାକେଟ ବିହନ ଶସ୍ତାରେ କୃଷକମାନଙ୍କୁ ଯୋଗାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୭୫

- ମେଦିନୀପୁରଠାରୁ ୮୦ କିଲୋମିଟର ଦୂରରେ ଗୋଟିଏ ଯାତ୍ରୀବାହୀ ବସ୍ ରାସ୍ତାରୁ କାଳିଜାଇ ନଦୀ ଗର୍ଭକୁ ଖସିପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ।
- ସାଇଗନ ନିକଟରେ ଏକ ବଡ଼ ଧରଣର ବିମାନ ଦୁର୍ଘଟଣା ଘଟି ବହୁ ଶିଶୁଙ୍କ ସମେତ ଶତାଧିକ ବ୍ୟକ୍ତି ନିହତ।
- ଆଟଲାଣ୍ଟିକ ମହାସାଗରରେ ପ୍ରବଳ ଝଡ଼ ଓ ଲହଡ଼ିର ସମ୍ମୁଖୀନ ହୋଇ ଆମେରିକାର ଏକ ତୈଳବାହୀ ଜାହାଜ ବିଧ୍ୱସ୍ତ।

## ପାଠକ ଶ୍ରେଷ୍ଠ ବିଚାରକ

### ନିର୍ବାଚନ ନିରପେକ୍ଷ ହେଉ

ମହାଶୟ,

ବିଗତ ନିର୍ବାଚନରେ ବିରୋଧୀ ଦଳର ନେତା ଓ କର୍ମୀମାନେ ବୁଥ କ୍ୟାପଚରିଂ କରିବା ସହିତ ଭୋଟରଙ୍କୁ ଭୟଭୀତ କରାଇ ହିଂସା ସୃଷ୍ଟି କରୁଥିବା ଅନେକ ନଜିର ରହିଛି। ଏପରିକି ଭାଜପା କର୍ମୀମାନେ ବୁଥ କ୍ୟାପଚରିଂ କରିବାରୁ ବିଜେଡି କର୍ମୀମାନେ ବିରୋଧ କରିବା ଯୋଗୁ ହିଂସା କାଣ୍ଡ ଘଟିବା ଫଳରେ କେତେକ ବିଜେଡି ପରିବାର ସଦସ୍ୟ କ୍ଷତାକ୍ତ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କେବଳ ସେତିକି ନୁହେଁ ଭାଜପା ନେତାଙ୍କ ଚାପରେ ପଡ଼ି ହିଂସାକାଣ୍ଡରେ କ୍ଷତବିକ୍ଷତ ହୋଇଥିବା ଅନେକ ବିଜେଡି ସମର୍ଥକଙ୍କ ପରିବାର ସଦସ୍ୟଙ୍କୁ ପୋଲିସ ଗିରଫ କରିବା ଫଳରେ ଅଦ୍ୟାବଧି ମାମଲା ଗୁଡ଼ିକ ବିଚାରାଳୟରେ ବିଚାରାଧୀନ ଅଛି। ତେବେ ଆଗାମୀ ନିର୍ବାଚନରେ ପୁଣି ହିଂସାର ଶିକାର ହେବା ଆଶଙ୍କାରେ ସେହି ବିଜେଡି ସମର୍ଥିତ ପରିବାର ସଦସ୍ୟ ଭୟରେ ରହିଛନ୍ତି। ଏଣୁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅନୁରୋଧ ଭୋଟରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆଗାମୀ ସାଧାରଣ ନିର୍ବାଚନକୁ ମୁକ୍ତ ଓ ନିରପେକ୍ଷ କରିବା ପାଇଁ ପ୍ରୟାସ କରନ୍ତୁ।

-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

## ଚିରନ୍ତନୀ

ଏହି ଛୋଟ ଛୋଟ ବସ୍ତୁ ଘେନି ମୁଁ ଖେଳଇଁ ଖେଳ
ରଞ୍ଜି ଦେବାକୁ ମାନସୀ ପ୍ରିୟାର ସ୍ୱର୍ଣ୍ଣ ଚେଳ
ତାହାରି ଭୂଷଣ ଖୋଜି ମୁଁ ବାଚାଳ ଚାଲଇଁ ବାଟେ
ଅରୂପ ରୂପର ଉପାସନା କରି କାଟଇଁ କାଳ।
-(ମାନସୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ୪ ଆସନରେ ଭାଜପାକୁ ବିଦ୍ରୋହୀ କଣ୍ଟା

ଯାଜପୁର/କାଏମା (ହର୍ଷବର୍ଦ୍ଧନ ବେହେରା/ ଶିବପ୍ରସାଦ ମହାନ୍ତି), ୫।୪


ପୁଲିନ ପୁହାଣ


ଅମିୟ ମଲ୍ଲିକ


ହିମାଂଶୁ ଶେଖର ସାହୁ


ଆଲେକଜାଣ୍ଡାର ଦାସ


ବିଶ୍ୱଜିତ ନାୟକ

ଯାଜପୁର ଜିଲାର ୭ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବରୀକୁ ଛାଡ଼ି ବାକି ୬ଟିରେ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଛି। ଏହାପରେ ୪ ଆସନରେ ଭାଜପାରେ ବିଦ୍ରୋହ ଦେଖିବାକୁ ମିଳିଛି। ଏହି ପ୍ରାର୍ଥୀ ଚୟନକରି ଭାଜପା ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିଥିବା ଆଲୋଚନା ହେଉଛି। ବିଧାନସଭା ନିର୍ବାଚନରେ କେବେ ଜିତି ନ ଥିବା କିମ୍ବା ପ୍ରତିପକ୍ଷଙ୍କୁ କଡ଼ା ଟକ୍କର ଦେଇ ପାରି ନ ଥିବା ଭାଜପା ପ୍ରାର୍ଥୀ ଗୌତମ ରାୟ, ବିଞ୍ଝାରପୁର ପ୍ରାର୍ଥୀ ବବିତା ମଲ୍ଲିକ ଓ ଧର୍ମଶାଳା ପ୍ରାର୍ଥୀ ସ୍ମୃତିରେଖା ପହିଙ୍କୁ ନେଇ ସାଧାରଣରେ ଏଭଳି ମତପ୍ରକାଶ ପାଇଛି। ଏହିକ୍ରମରେ ଯାଜପୁର, ବିଞ୍ଝାରପୁର ଓ ଧର୍ମଶାଳାରେ ଭାଜପା କର୍ମୀମାନଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ସେହିପରି ବିଜେଡିରୁ ଇସ୍ତଫା ଦେବାର ୨ଦିନ ମଧ୍ୟରେ ଭାଜପା ଟିକେଟ ପାଇଥିବା ଆକାଶ ଦାସନାୟକଙ୍କୁ ମଧ୍ୟ କୋରେଇ ଭାଜପା କର୍ମୀମାନେ ଏଯାଏ ସହଜରେ ଗ୍ରହଣ କରିପାରୁନାହାନ୍ତି। କୋରେଇ ଆସନ ପାଇଁ ଭାଜପାରୁ ଆଶାୟୀ ଥିବା ବିଶ୍ୱଜିତ ନାୟକ ଓ ଆଲେକଜାଣ୍ଡାର ଦାସ ପୁନର୍ବିଚାର କରିବାକୁ ଉଚ୍ଚ ନେତୃବର୍ଗଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ତାଙ୍କ ସମର୍ଥକମାନଙ୍କ ସହ ବୈଠକ କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ଉପରେ ନିଷ୍ପତ୍ତି ନେବେ ବୋଲି ସୂଚନା ମିଳିଛି।

ଧର୍ମଶାଳା ନିର୍ବାଚନମଣ୍ଡଳୀ ପାଇଁ ସ୍ମୃତିରେଖାଙ୍କ ନାମ ଘୋଷଣା ହେବାର କିଛି ଘଣ୍ଟା ମଧ୍ୟରେ ଭାଜପାରେ ବଡ଼ ବିଦ୍ରୋହ ଦେଖିବାକୁ ମିଳିଥିଲା। କେତେଜଣ କର୍ମୀ ସ୍ମୃତିରେଖାଙ୍କୁ ସ୍ୱାଗତ କରିଥିବାବେଳେ ଅନ୍ୟତମ ଟିକେଟ ଆଶାୟୀ ହିମାଂଶୁ ଶେଖର (ଲିକୁ)ଙ୍କ ପ୍ରାୟ ୫ ହଜାର ସମର୍ଥକ ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆନ୍ଦୋଳନ କରିଥିଲେ। ଏହି ଘଟଣାକୁ ନେଇ ବିଜେଡି କର୍ମୀମାନେ ବେଶି ଖୁସି ହୋଇଥିବା ଦେଖିବାକୁ ମିଳିଛି। ଏହାସହ ସୋସିଆଲ ମିଡିଆରେ କର୍ମୀମାନେ ବିଜେଡି ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଆଗୁଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବାର ପୋଷ୍ଟ ମଧ୍ୟ ଭାଇରାଲ ହେଉଛି। ଧର୍ମଶାଳା ଭାଜପାରେ ତିନି ପ୍ରମୁଖ ନେତାଙ୍କ ମଧ୍ୟରେ ଟିକେଟ କସରତ ଦେଖିବାକୁ ମିଳିଥିଲା। ଏଥିରେ ଶୋଭାଯାତ୍ରା, ବୈଠକ ଇତ୍ୟାଦି କରି ଭାଜପା ନେତା ହିମାଂଶୁ ବହୁ ଆଗରେ ରହିଥିଲେ। ତାଙ୍କୁ ଭାଜପା କର୍ମୀ ଓ ଅଞ୍ଚଳବାସୀ ଅକୁଣ୍ଠ ସହଯୋଗ କରୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଏହି ସମୟରେ ସ୍ମୃତିରେଖା ପ୍ରାୟ ନୀରବ

## ଯାଜପୁର ଜିଲା

ରହିଥିଲେ। ଏଭଳି ସ୍ଥିତିରେ ତାଙ୍କୁ କିଭଳି ଟିକେଟ ମିଳିଲା ସେ ନେଇ ସମସ୍ତେ ଚକିତ। ସ୍ମୃତିରେଖା ୨୦୧୯ ନିର୍ବାଚନରେ କଂଗ୍ରେସ୍ ପ୍ରାର୍ଥୀ ଲଢ଼ି ୧୮,୫୮୮ ଭୋଟ ପାଇଥିଲେ। ଏଠାରେ ବିଜେଡି ପ୍ରାର୍ଥୀଙ୍କ ଶହେ ଶହେର ଖେଳ ବୋଲି ଚର୍ଚ୍ଚା ହେଉଛି। ଏହି କାରବାରରେ ପ୍ରାୟ ୧୦ କୋଟି ଟଙ୍କାର ଡିଲ୍ ହୋଇଥିବା ଗୁଜବ ହେଉଛି।

ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ପ୍ରମିଳା ମଲ୍ଲିକ ୨୦୦୦ରୁ ଲଗାତର ବିଧାୟକ ଭାବେ ନିର୍ବାଚିତ ହୋଇଆସୁଛନ୍ତି। ଏଠାରେ ପ୍ରାୟ ଏକତରଫା ନିର୍ବାଚନ ହେଉଥିବାର ଦେଖିବାକୁ ମିଳିଛି। ପ୍ରମିଳାଙ୍କ ନିର୍ବାଚନୀ ଗୋଟିଚାଳନାର ସୁରାକ ବିରୋଧୀ କଂଗ୍ରେସ ଓ ଭାଜପା ପାଇପାରୁନାହାନ୍ତି। ଏଥିଯୋଗୁ ସେ ପ୍ରାୟ ବଡ଼ ବ୍ୟବଧାନରେ ବିଜୟୀ ହେଉଛନ୍ତି। ବିଞ୍ଝାରପୁରରେ ବିଭିନ୍ନ ଜନହିତକର ଯୋଜନାରେ ବାଟମାରଣା, ଉନ୍ନୟନ କାର୍ଯ୍ୟରେ ହରିଲୁଟ, ଡାଲି ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ଆଦି ପ୍ରସଙ୍ଗ ବିରୋଧରେ ଭାଜପା ପ୍ରାର୍ଥୀ ବବିତା ସେତେଟା ସ୍ୱର ଉତ୍ତୋଳନ କରିବାରେ ସଫଳ ହୋଇ ପାରିନାହାନ୍ତି। କିନ୍ତୁ ୨୦୧୯ ନିର୍ବାଚନରେ ମୋଦି ହାୱା ଯୋଗୁ ସାମାନ୍ୟ ଟକ୍କର ହୋଇଥିଲା। ଏଥିରେ ପ୍ରମିଳା ୭୯,୦୮୭(୫୫%) ଏବଂ ବବିତା ୫୭,୮୬୧(୪୦%) ଭୋଟ ପାଇଥିଲେ। ତେଣୁ ଏହି ନିର୍ବାଚନମଣ୍ଡଳୀରେ ଆଶାୟୀ ଥିବା ଗତ ଲୋକ ସଭା ପ୍ରାର୍ଥୀ ଅମିୟ ମଲ୍ଲିକ ଓ ତାଙ୍କ ସମର୍ଥକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଦଳ ଛାଡ଼ିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଜିଲା ଭାଜପା ସଭାପତି ଗୌତମ ରାୟ ପ୍ରାର୍ଥୀ ହୋଇଆସୁଛନ୍ତି। ବିଜେଡିର ହେଭିୱେଟ ନେତା ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ବିରୋଧରେ ଗୌତମ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରିନାହାନ୍ତି। ୨୦୧୯ରେ ଗୌତମ ୪୦,୬୫୭ ଭୋଟ ବ୍ୟବଧାନରେ ହାରିଥିଲେ। ବବିଙ୍କୁ ୯୯,୭୩୮ ଏବଂ ଗୌତମଙ୍କୁ ୫୯,୦୮୨ ଭୋଟ ମିଳିଥିଲା। ୨୦୦୯ରେ ମଧ୍ୟ ଗୌତମ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ତୃତୀୟ ସ୍ଥାନରେ ରହିଥିଲେ। ଏହିକ୍ରମରେ ଏଠାରେ ଏକାଧିକ ଆଶାୟୀ ରହିଥିଲେ। ତେବେ ଦଳ ପୁଣି ଗୌତମଙ୍କ ଉପରେ ଭରସା କରିବା ପରେ ଭାଜପା ଯୁବନେତା ପୁଲିନ ପ୍ରକାଶ ପୁହାଣ ତାଙ୍କ ସମର୍ଥକଙ୍କ ସହ ଆଲୋଚନା କରି ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ସୂଚନା ମିଳିଛି।

ବଡ଼ଚଣାରେ ଭାଜପା ପ୍ରାର୍ଥୀ ଅମର ନାୟକ ମାତ୍ର ୧୪୦୦ ଭୋଟରେ ପରାଜୟ ସ୍ୱୀକାର କରିଥିଲେ। ତେଣୁ ଏଥର ଅମରଙ୍କୁ ଦଳ ଓ ସମର୍ଥକମାନେ ପୂର୍ଣ୍ଣମାତ୍ରାରେ ସମର୍ଥନ କରୁଥିବା ଜଣାପଡ଼ିଛି। ବରୀରେ ଏଯାଏ ଭାଜପା କିମ୍ବା ବିଜେଡି ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଆଶାୟୀମାନେ ଝୁଲି ରହିଛନ୍ତି।

# ଭାଜପାର ବିଜୟ ପାଇଁ ବିଜୟ ଅଡୁଆ

କେନ୍ଦ୍ରାପଡ଼ା, ୫।୪(ଜଗନ୍ନାଥ ଧଳ)

## କେନ୍ଦ୍ରାପଡ଼ା ଲୋକ ସଭା ଆସନ


ବିଜୟ ମହାପାତ୍ର

ଗୋଟିଏ ପଟରେ ବିଜେଡି ପୁରୁଣା ରାଜନେତାଙ୍କୁ ଆସନ୍ତା ସାଧାରଣ ନିର୍ବାଚନ ମଇଦାନକୁ ଆଣିଛି। ଅପରପକ୍ଷରେ ଭାଜପାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ବ୍ୟତୀତ ଘୋଷିତ ୩ ବିଧାନସଭା ଆସନରେ ନବାଗତଙ୍କୁ ପରଖୁଛି। କେନ୍ଦ୍ରାପଡ଼ା ଜିଲାରେ କଂଗ୍ରେସ ଏ ପର୍ଯ୍ୟନ୍ତ ନିଜର ସ୍ଥିତି ସମ୍ପର୍କରେ ସୂଚନା ଦେଇ ନ ଥିବା ବେଳେ ଭାଜପାର ବିଜୟ ପାଇଁ ବରିଷ୍ଠ ନେତା ବିଜୟ ମହାପାତ୍ର ଅଡୁଆ ହେଲେଣି। ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ଚଳିତ ନିର୍ବାଚନରେ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ଅରବିନ୍ଦଙ୍କୁ ସମ୍ବର୍ଦ୍ଧନା ସଭାରେ ଭାଜପା ନେତା ବିଜୟ ମହାପାତ୍ରଙ୍କ ଉପସ୍ଥିତିକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ବିଜୟଙ୍କ ଏହି ସଭାରେ ଉପସ୍ଥିତି ରାଜନୈତିକ ଗଣିତକୁ ଏପଟ ସେପଟ କରିବ ବୋଲି ବିଶ୍ଳେଷକମାନେ ମତ ରଖୁଛନ୍ତି।

କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ବୈଜୟନ୍ତ ପଣ୍ଡା ୨୦୦୯ରୁ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୦୯ ଓ ୨୦୧୪ ମସିହା ନିର୍ବାଚନରେ ବିଜେଡିରୁ ଟିକେଟ ପାଇଁ ଏମ୍‌ପି ହୋଇଥିଲେ। ୨୦୧୯ରେ ସେ ବିଜେଡି ଛାଡ଼ି ଭାଜପା ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରେ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କଠାରୁ ହାରିଥିଲେ। ଚଳିତ ନିର୍ବାଚନ ପାଇଁ ସେ ଲୋକ ସଭା ପ୍ରାର୍ଥୀ ଅଛନ୍ତି। ଇତିମଧ୍ୟରେ ଜିଲାରେ ପାଟକୁରା ପାଇଁ ତେଜେଶ୍ୱର ପରିଡ଼ା, ମହାକାଳପଡ଼ାରେ ଡ. ଦୁର୍ଗାପ୍ରସନ୍ନ ପଟ୍ଟନାୟକ ଓ ଆଳି ବିଧାନସଭା ନିର୍ବାଚନମଣ୍ଡଳୀରେ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରାର୍ଥୀ ବୋଲି ଭାଜପା ଘୋଷଣା କରିଛି। ଆଳି ବିଧାନସଭା କ୍ଷେତ୍ରରେ ଖରସ୍ରୋତା ପାଣି ବିବାଦରେ କୃଷ୍ଣଚନ୍ଦ୍ରଙ୍କର ଭୂମିକା ଥିଲା। ତେବେ ଏହି ଆନ୍ଦୋଳନରେ କନିକାବାସୀ ସଫଳ ନ ହେବା ଓ ଏହାର ରାଜନୈତିକ ଫାଇଦା ଉଠାଇବା ଏବେ ଭାଜପା ପାଇଁ କଷ୍ଟକର। ଅପରପକ୍ଷରେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ଅଦ୍ୟାବଧି ଦଳ ତ୍ୟାଗ କରିନାହାନ୍ତି। ଅଥବା ପ୍ରତ୍ୟକ୍ଷ ଭାବେ ବିଜେଡି ସହ ରହିବାକୁ ନେଇ ମୁହଁ ଖୋଲିନାହାନ୍ତି। ଏହାସତ୍ତ୍ୱେ ଅରବିନ୍ଦଙ୍କର ବିଜେଡି ପ୍ରାର୍ଥିତ୍ୱ ପରେ ଏକ ସମ୍ବର୍ଦ୍ଧନା ସଭାରେ ଯୋଗଦେବା ଭାଜପା ପାଇଁ ବିପଦ ସଦୃଶ ହୋଇଛି। ବିଜୟଙ୍କର ଏକ ସ୍ୱତନ୍ତ୍ର ସମର୍ଥକ ଗୋଷ୍ଠୀ ଜିଲା ମଧ୍ୟରେ ଅଛନ୍ତି। ବିଶେଷକରି ମହାକାଳପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ସମର୍ଥକଙ୍କ ସଂଖ୍ୟା ଅଧିକ। ବିଜୟଙ୍କ ନୀରବତା ବିଜେଡିକୁ ସୁହାଇବ। ଫଳରେ ଲୋକ ସଭା ନିର୍ବାଚନରେ ଭାଜପାର ଭୋଟ ସଂଗ୍ରହ ହାର କମିବା ନିଶ୍ଚିତ ହୋଇଛି। ପାଟକୁରାରେ ଅରବିନ୍ଦଙ୍କ ପାଇଁ ବିଜୟ ସମର୍ଥକଙ୍କ ଭୋଟ ଗଲେ ତେଜେଶ୍ୱରଙ୍କ ଭୋଟ କମିବ। ଏହି ନିର୍ବାଚନମଣ୍ଡଳୀରେ ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଗୋଷ୍ଠୀ ଅଦ୍ୟାବଧି ନୀରବ ରହିଛନ୍ତି। ସେହିପରି ଡେରାବିଶର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ଭାଜପାରେ ନିକଟରେ ଯୋଗଦେଇଥିଲେ ମଧ୍ୟ ପ୍ରାର୍ଥିତ୍ୱରୁ ବଞ୍ଚିତ ହୋଇଛନ୍ତି। ମହାକାଳପଡ଼ା ନିର୍ବାଚନମଣ୍ଡଳରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରାର୍ଥୀ ହେଉଛନ୍ତି। ସ୍ଥାନୀୟ ସମସ୍ୟା ଉତ୍କଟ ଥିଲେ ମଧ୍ୟ ବିଜୟଙ୍କ ପରୋକ୍ଷ ସମର୍ଥନ ନିର୍ବାଚନ ରଣନୀତି ଅନୁଯାୟୀ ସପକ୍ଷରେ ଯିବ ବୋଲି ବିଶ୍ଳେଷକମାନେ ମତ ରଖୁଛନ୍ତି। ପରୋକ୍ଷରେ ଭାଜପା ପାଇଁ ଭୋଟ ସଂଗ୍ରହ ହାର ଏତେ ସହଜ ନୁହେଁ ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଯାଜପୁରରେ ନୂଆ ଜିଲାପାଳଙ୍କ ଯୋଗଦାନ

ଯାଜପୁର, ୫।୪ (ହର୍ଷବର୍ଦ୍ଧନ ବେହେରା)



ଯାଜପୁର ନୂତନ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ୍ ଭାବେ ୨୦୧୨ ବ୍ୟାଚ୍ ଆଇଏଏସ୍ ଅଫିସର ନିଖିଲ ପୱନ କଲ୍ୟାଣ ଶୁକ୍ରବାର ଅପରାହ୍ନରେ ଯୋଗଦାନ କରିଛନ୍ତି। ସେ ଜିଲାପାଳ ଶୁଭଙ୍କର ମହାପାତ୍ରଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଜିଲାପାଳ କଲ୍ୟାଣ ପୂର୍ବରୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗରେ ନିର୍ଦ୍ଦେଶକ ପଦବୀରେ କାର୍ଯ୍ୟ କରୁଥିଲେ। ଏହା ପୂର୍ବରୁ ସେ କଟକ ମହାନଗର ନିଗମ କମିଶନର ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ ସାରି ଜିଲା କାର୍ଯ୍ୟାଳୟରେ ପହଞ୍ଚିବା ପରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲ, ଅତିରିକ୍ତ ଜିଲାପାଳ(ପ୍ରଶାସନ) ନବକ୍ରିଷ୍ଣା ଜେନା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଜିଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ନୂଆ ଜିଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ।

# ରଘୁନନ୍ଦନଙ୍କୁ ପ୍ରାର୍ଥୀ ନ କଲେ ସମୂହ ଇସ୍ତଫା ନିଷ୍ପତ୍ତି

ଜଗତ୍‌ସିଂହପୁର, ୫।୪ (ପ୍ରମୋଦ କୁମାର ନାୟକ)

## ବାଲିକୁଦା-ଏରସମା

ବାଲିକୁଦା-ଏରସମା ବିଧାନସଭା ଆସନରୁ ପୁଣିଥରେ ବିଜେଡି ପ୍ରାର୍ଥୀ ହେବା ପାଇଁ ବିଧାୟକ ରଘୁନନ୍ଦନ ଦାସ ଆଶାୟୀ ଅଛନ୍ତି। କିନ୍ତୁ ଏହି ନିର୍ବାଚନମଣ୍ଡଳୀରେ ଏକାଧିକ ଆଶାୟୀ ଥିବାରୁ ବିଜେଡି ପ୍ରାର୍ଥୀ ଘୋଷଣା କରିବାରେ ବିଳମ୍ବ କରୁଛି। ଏହାର ପ୍ରତିବାଦରେ ନିର୍ବାଚନମଣ୍ଡଳୀର କେତେଜଣ ଲୋକ ପ୍ରତିନିଧି ୨/୩ ଦିନ ଭିତରେ ଦଳ ପକ୍ଷରୁ ରଘୁନନ୍ଦନଙ୍କୁ ପ୍ରାର୍ଥୀ ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି। ନଚେତ ବାଧ୍ୟ ହୋଇ ସମୂହ ଇସ୍ତଫା ଦେବେ ବୋଲି ସ୍ପଷ୍ଟ କରିଛନ୍ତି। ଏ ସମ୍ପର୍କିତ ଦାବିପତ୍ର ସେମାନେ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ, ଜିଲା ଓ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକଙ୍କ ନିକଟକୁ ପଠାଇଥିବା କୁହାଯାଇଛି।

ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ନିର୍ବାଚନମଣ୍ଡଳୀର ଲୋକ ପ୍ରତିନିଧିମାନଙ୍କୁ ବିଧାୟକ ରଘୁନନ୍ଦନ ଭୁବନେଶ୍ୱରସ୍ଥିତ ତାଙ୍କ ବାସ ଭବନକୁ ଡାକିଥିଲେ। ଦଳ ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରା ନ ଯିବା ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ମୋଟ ୭ ଜଣ ଜିଲା ପରିଷଦ ସଭ୍ୟଙ୍କ ମଧ୍ୟରୁ ୬ ଜଣ ଉପସ୍ଥିତ ଥିଲେ। କେବଳ ଦଳର ଏରସମା ବ୍ଲକ ସଭାପତି ତଥା ଜିଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ ଅନୁପସ୍ଥିତ ଥିଲେ। କାରଣ ପୀତବାସ ମଧ୍ୟ ଦଳୀୟ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କେତେଜଣ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସଭାପତି, ପାକ୍ସ ସଭାପତି, ଦଳର ବ୍ଲକ ଅଧ୍ୟକ୍ଷ, ବାଲିକୁଦା ବ୍ଲକ ସଭାପତି, ଯୁବ, ଛାତ୍ର ଓ ମହିଳା ସଭାପତିମାନେ ଉପସ୍ଥିତ ଥିଲେ। ଏହି ବୈଠକ ରଘୁନନ୍ଦନ ନିଜେ ନିଜ ସୁରକ୍ଷା ପାଇଁ କରିଥିବା ତାଙ୍କ ପ୍ରତିପକ୍ଷ କେତେଜଣ ଯୁକ୍ତି ବାଢ଼ିଛନ୍ତି।

# ସ୍ୱାମୀ ଆଗରେ ୯ ମାସର ଶିଶୁ କନ୍ୟାକୁ ଧରି ନଦୀକୁ ଡେଇଁଲେ ସ୍ତ୍ରୀ

ଆଳି, ୫।୪(ବନମାଳୀ ସେନାପତି)

ଆଳି ଥାନା ବାଲକାଟିଠାରେ ଥିବା ଗଡ଼ଗଡି ସେତୁ ଉପରୁ ଶୁକ୍ରବାର ଖରସ୍ରୋତା ନଦୀକୁ ଜଣେ ମହିଳା ତାଙ୍କର ୯ ମାସର ଝିଅକୁ ନେଇ ଡେଇଁ ପଡ଼ିଥିଲେ। ନଦୀକୂଳରେ ଥିବା ଲୋକମାନେ ସଙ୍ଗେ ସଙ୍ଗେ ମାଛଧରା ଡିଙ୍ଗି ସାହାଯ୍ୟରେ ସ୍ୱାମୀ, ସ୍ତ୍ରୀ ଓ ଶିଶୁକନ୍ୟାଙ୍କୁ ଉଦ୍ଧାରକରି ପ୍ରଥମେ ଆଳି ଓ ପରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମିଳିଥିବା ସୂଚନା ମୁତାବକ, ଆଳି ଥାନା ଅନ୍ତର୍ଗତ ଖନ୍ଦୋଳ ଗ୍ରାମର ବିଶ୍ୱରଞ୍ଜନ ବେହେରାଙ୍କ ସ୍ତ୍ରୀ ମୋନାଲିସାଙ୍କ ମଧ୍ୟରେ ପାରିବାରିକ କଳହ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ମୋନାଲିସା ତାଙ୍କର ୯ ମାସର କନ୍ୟାକୁ ନେଇ ଗଡ଼ଗଡି ପୋଲ ଉପରୁ ଖରସ୍ରୋତା ନଦୀକୁ ଡେଇଁ ପଡ଼ିଥିଲେ। ମହିଳାଙ୍କ ପଛରେ ଆସୁଥିବା ତାଙ୍କ ସ୍ୱାମୀ ସେମାନଙ୍କୁ ଉଦ୍ଧାର କରିବାକୁ ଯାଇ ନଦୀକୁ ଡେଇଁ ପଡ଼ିଥିଲେ। ସେମାନଙ୍କୁ ସ୍ଥାନୀୟ ମତ୍ସ୍ୟଜୀବୀ ଉଦ୍ଧାର କରିବା ପରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ଅବସ୍ଥା ସଙ୍ଗିନ ଥିବାରୁ ସେମାନଙ୍କୁ କେନ୍ଦ୍ରାପଡ଼ା ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜଣାପଡ଼ିଛି।


ନଦୀରୁ ସ୍ୱାମୀ, ସ୍ତ୍ରୀ, ଶିଶୁକନ୍ୟାଙ୍କୁ ଉଦ୍ଧାର କରାଯାଇଛି।

# ୫ଜଣଙ୍କୁ ପଳାତକ ଘୋଷଣା କଲା ପୋଲିସ

ଚଣ୍ଡିଖୋଲ,୫।୪(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ଥାନା ପୋଲିସ ଶୁକ୍ରବାର ୫ଜଣ ବ୍ୟକ୍ତିଙ୍କୁ ପଳାତକ ଘୋଷଣା କରିବା ସହ ସେମାନଙ୍କ ଘରେ ନୋଟିସ ଲଗାଇଛି। ଏଥିସହିତ ଗ୍ରାମବାସୀଙ୍କ ଉପସ୍ଥିତିରେ ଡେଙ୍ଗୁରା ବାଡ଼େଇ ଜଣାଇ ଦିଆଯାଇଛି। ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ସୂଚନା ଅନୁଯାୟୀ, କିଛି ବର୍ଷ ହେବ ବିଭିନ୍ନ ମୋକଦ୍ଦମାରେ ଏମାନଙ୍କ ନାମରେ ଗିରଫ ପରୱାନା ଜାରି କରାଯାଇଥିଲା। ସେମାନେ ଫେରାର ରହିବାରୁ ପରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ସେମାନଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ହେଲେ ପତ୍ତା ମିଳି ନ ଥିଲା କିମ୍ବା ସେମାନେ କୋର୍ଟରେ ଆତ୍ମ ସମର୍ପଣ ମଧ୍ୟ କଲେ ନାହିଁ। ତେଣୁ ପୋଲିସ ସେମାନଙ୍କ ନାମରେ ୮୨ ସିଆର୍‌ପିସି ଧାରା ଅନୁସାରେ ଡେଙ୍ଗୁରା ବଜାଇ ପଳାତକ ଘୋଷଣା କରିଛି। ପରେ ଧାରା ୮୩ ସିଆର୍‌ପିସି ଅନୁଯାୟୀ ସେମାନଙ୍କ ସମ୍ପତ୍ତି ବ୍ୟାଜାପ୍ତ କରାଯିବ ବୋଲି ଥାନାଧିକାରୀ ପାତ୍ର ସୂଚନା ଦେଇଛନ୍ତି। ପଳାତକ ଘୋଷିତ ବ୍ୟକ୍ତିମାନେ ହେଲେ ଏହି ଥାନା ଅନ୍ତର୍ଗତ ଦର୍ପଣୀ ଗ୍ରାମର ସେକ୍ ଅଖତର ତୁଲ୍ଲା, ବନ୍ଦାଳୋ ଗ୍ରାମର ଗୋକୁଳାନନ୍ଦ ସ୍ୱାଇଁ, ଅହମ୍ମଦପୁର ଗ୍ରାମର ପଙ୍କଜ କୁମାର ସେଠୀ, ଶକୁନ୍ତଳାପୁର ଗ୍ରାମର ରବୀନ୍ଦ୍ର ସ୍ୱାଇଁ ଓ ସୁକାଦେଇପୁର ଗ୍ରାମର ସନ୍ତୋଷ କୁମାର ମହାରଣା ଓରଫ୍ କାଳିଆ ବୋଲି ପୋଲିସ କହିଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁନାକର


@ ଦୀପକ


@ ନରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

WANTED
Urgently required for our office Site Engineer (M/F), Supervisor (M/F), Marketing Executive (M/F), Front Office (F) Peon (M), Lady Caretaker, Plumber cum Electrician.
For Details Contact or Whatsapp- 9238482524, 9437706594

WANTED
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

REQUIRED
Smart dynamic female candidate require for Back Office job in our Farm Viswakarma. Candidate must have knowledge of tally.
Contact number: 9937890090

REQUIRED
Mecatech Mould & Die Pvt. Ltd.
1. Lathe Operator.
2. CAD / CAM Engineer.
3. CNC Operator.
Freshers can be apply.
Mob.: 7509278970, 6370240078
mecatech5678@gmail.com

APPOINTMENT
ଭୁବନେଶ୍ୱରରେ ଘରକାମ ପାଇଁ
ମହିଳା କର୍ମୀ ଆବଶ୍ୟକ
ଖାଇବା ରହିବା ଛଡ଼ା ମାସିକ ଦରମା ୮ ହଜାର ରୁ ୧୦ ହଜାର।
ଯୋଗାଯୋଗ
Mob : 8336937795

WANTED
Salesman required for reputed Jewellery Showroom, Experienced more preferable
Send your resume on hwjjus@yahoo.com

ଡ୍ରାଇଭର କମ୍ କେୟାର ଟେକର ଆବଶ୍ୟକ
ଆକର୍ଷଣୀୟ ଦରମା, ରହିବା, ଖାଇବା ଫ୍ରି ସହ ଅନ୍ୟାନ୍ୟ ସୁବିଧା ଅଛି।
ସ୍ଥାନ- ଫୁଲନଖରା, ଭୁବନେଶ୍ୱର
ବୟସ-୨୫ ବର୍ଷରୁ ୪୦ ବର୍ଷ
ଯୋଗ୍ୟତା-ସପ୍ତମରୁ ଉର୍ଦ୍ଧ୍ୱ
ଯୋଗାଯୋଗ ନଂ. 8240221494, 7982492860

WALK-IN-INTERVIEW
A Civil Engg. Construction Co. Requires Experienced (Govt. Building Project) for its ongoing Project in Cuttack Project Manager, Project Engineer, Billing Engineer, Quality Engineer, Foreman, Supervisor, Store Incharge, Electrical Engineer.
Interested candidates walk-in interview on 4, 5 & 11 April 2024 onwards, Time : 9 am to 6 pm, at
SNS INFRACON PVT. LTD.
C/o. National Law University (NLU), Cuttack, Mob. No. 8750016677

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-DRAWING-KUR-374, ତା.02.04.2024ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକର ଷ୍ଟେସନ ନିର୍ମାଣ ଡ୍ରଇଂଗୁଡ଼ିକର ଉନ୍ନୟନ।
ଟେଣ୍ଡର ମୂଲ୍ୟ (₹): 43,79,654.00, EMD (₹): 87,600.00।
ବିଡ୍ ଆରମ୍ଭ ହେବା ତାରିଖ : ତା.10.04.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.04.2024 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-05/P/24-25

ଦ.ପୂ. ରେଳପଥ - ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ଇଷ୍ଟ-୨୪-୨୫-୦୧, ତାରିଖ ୦୪।୦୪।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ ଇଏନ୍‌ଜିଜି/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ସିନିୟର ଡିଭିଜନାଲ ଇଞ୍ଜିନିୟର (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଯେକୌଣସି କ୍ୱାରିରୁ ବାହାଲଦା ରୋଡ୍ (ବିଡିଓ) ଡିପୋଠାରେ ୧୨୬୧୨ ସିୟୁଏମ୍ ବାଲାଷ୍ଟ ନିମନ୍ତେ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶ୍‌ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଷ୍ଟାକିଂ ଏବଂ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା। **ଟେଣ୍ଡର ମୂଲ୍ୟ:** ₹୧,୮୬,୦୩,୩୩୦.୬୦। **ଇଏମ୍‌ଡି:** ₹୨,୪୩,୦୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ୦.୦୦। **ଖୋଲାଯିବା ତାରିଖ:** ତା୩୦।୦୪।୨୦୨୪। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-14)

UCO BANK, ZONAL OFFICE : BALASORE
Police Line Chhak, O.T. Road,
Dist.: Balasore, PIN-756001
APPOINTMENT OF FINANCIAL LITERACY COUNSELLORS ON CONTRACT BASIS
UCO Bank, a Government of India Enterprise, invites applications from interested candidates who are retired/VRS optee not below the rank of a Manager (Scale-2), for appointment as Financial Literacy Counsellor on contract basis at the various centres in our lead districts namely Bhadrak and Jagatsinghpur in Odisha state.
For full details visit our Bank's website: www.ucobank.com
Last date of receipt of application at UCO Bank, Zonal Office, Balasore: 11.05.2024
Zonal head and Assistant General Manager
Balasore Zonal Office
zo.balasore@ucobank.co.in
Date: 04.04.2024

# ୨ ବର୍ଷରେ ଗଲାଣି ୫୦ ଜୀବନ

- ଘାତକ ସାଜିଛି କିଡ୍‌ନୀ ରୋଗ
- କୂପ, ନଳକୂପ ଜଳ ଫ୍ଲୋରାଇଡ
- ଘୋଡ଼ାମାରିଦ୍ୱାର ବାସିନ୍ଦା ଦୁଃଖ ବଢ଼ୁଛି

ନୟାଗଡ଼,୫ା୪ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ସିଧାମୂଳା ପଞ୍ଚାୟତ ଘୋଡାମାରିଦ୍ୱାର ଗାଁରେ ଘାତକ ସାଜିଛି କିଡନୀ ରୋଗ। ଡିଆଁ ରୋଗ ଭଳି ଘରକୁ ଘର ମାଡି ଚାଲିଛି। ପରିବାରର ଅଧିକାଂଶ ପୁରୁଷ ଲୋକ ଏ ରୋଗରେ ଆକ୍ରାନ୍ତ। କିଡନୀ ରୋଗ ୨ ବର୍ଷରେ ନେଲାଣି ୫୦ ଜୀବନ। ଏଠାର ଲୋକ ଫ୍ଲୋରାଇଡ୍ ଓ ଦୂଷିତ ଜଳ ବର୍ଷ ବର୍ଷ ଧରି ପିଉ ଥିବାରୁ ଅସ୍ଥି ଓ ଦନ୍ତ ଫ୍ଲୋରସିସ ସହ କିଡନୀ ରୋଗରେ ପଡି ପ୍ରାଣ ହରାଉଥିବା ଅଭିଯୋଗ ହେଉଛି। ଗାଁରେ ଥିବା ନଳକୂପ ଓ କୂପର ଜଳ ଫ୍ଲୋରାଇଡ୍ ହୋଇଥିବାରୁ ଏଠାର ଲୋକ ଭାଗ୍ୟକୁ ଆଦରି ଦୂଷିତ ଜଳ ପାନୀୟ ରୂପେ ବ୍ୟବହାର କରି ରୋଗର ଶିକାର ହୋଇ ଚାଲିଛନ୍ତି। ଘୋଡାମାରିଦ୍ୱାର ଗାଁରେ ୭୦ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗାଁରେ ୨ଟି ନଳକୂପ ଅଛି। ସେହିପରି ଗାଁରେ ୨ରୁ ୩ଟି ଘରୋଇ କୂପ ଅଛି। ତେବେ ସବୁ ପାନୀୟ ଜଳ ଫ୍ଲୋରାଇଡ୍ ରହୁଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଲୋକ ରୋଗର କାରଣ ଜାଣି ପାରୁ ନ ଥିଲେ। ପରେ ପାନୀୟ ଜଳ ଯେ ଘାତକ ସାଜିଛି ଲୋକଙ୍କୁ ଆଉ ଅଛପା ରହିଲା ନାହିଁ। ଗାଁର ବସନ୍ତ କୁମାର ଦାସ, ବିଦ୍ୟାଧର ଦାସ, ଗୋବିନ୍ଦ ଚନ୍ଦ୍ର ଦସ, ପ୍ରମୋଦ ଦାସ, ବିଶିକା ନାୟକ, ସତ୍ୟାନନ୍ଦ ନାୟକ, ନବ କିଶୋର ନାୟକ, ଗୌରି ନାୟକ, ଭଗବାନ ପ୍ରଧାନ, ହାଲୁ ନାୟକ, ଶଶି ନାୟକ, ଗୌରାଙ୍ଗ ନାୟକ, ସାବିତ୍ର ପ୍ରଧାନ, ଅଗାଧୁ ପ୍ରଧାନ, ଖଲି ଦାସ, ରୁମା ଦାସ, ଲୋଚନ ଦାସ ପ୍ରମୁଖ ୫୦ଜଣ କିଡନୀ ରୋଗରେ ପ୍ରାଣ ହରାଇ ସାରିଲେଣି। ତେବେ ଗାଁରେ ଏଯାବତ ପାଇପ ଯୋଗେ ପାନୀୟ ଜଳ ଯୋଗାଇବାରେ ସରକାର ଯୋଜନା କାମ କରିନି। ପ୍ରାୟ ବର୍ଷେ ତଳେ ଗାଁକୁ ପାଇପ ଯୋଗେ ପାନୀୟ ଜଳ ଆସିଥିଲା। ପରେ ବନ୍ଦ ହୋଇଯାଇଛି।


କିଡ୍‌ନୀ ରୋଗରେ ଆକ୍ରାନ୍ତ ଗାଁର ଲୋକାମାନେ।


ବାପ ପୁଅ କିଡ୍‌ନୀ ରୋଗୀ।

## ବାପ ପୁଅ କିଡ୍‌ନୀ ରୋଗୀ

ବାପ ଓ ପୁଅ ଉଭୟେ କିଡନୀ ରୋଗୀ। ଉଭୟେ ମୃତ୍ୟୁ ସହ ସଂଗ୍ରାମ କରି ବଞ୍ଚି ରହିଛନ୍ତି। ବଞ୍ଚିବା ପାଇଁ ଧାର କରଜ କରି ଚିକିତ୍ସିତ ହୋଇ ଚାଲିଛନ୍ତି। ଏଭଳି ହୃଦୟ ବିଦାରକ ଦୃଶ୍ୟ ଘୋଡାମାରିଦ୍ୱାର ଗାଁର ମହେଶ୍ୱର ନାୟକଙ୍କ ପରିବାରରେ ଦେଖିବାକୁ ମିଳିଛି। ମହେଶ୍ୱର କିଡନୀ ରୋଗୀ ହୋଇଥିବାବେଳେ ୮ବର୍ଷର ପୁଅ ଜ୍ଞାନ ରଞ୍ଜନ ମଧ୍ୟ କିଡନୀ ରୋଗୀ। ଖେଳକୁଦ, ପାଠପଢ଼ା ବୟସରେ ଅଭିଶପ୍ତ ଜୀବନ ବିତାଉଛନ୍ତି ଜ୍ଞାନ ରଞ୍ଜନ। ଏହିପରି ଘୋଡାମାରିଦ୍ୱାର ଗାଁର ପ୍ରମୋଦ ପ୍ରଧାନ, କ୍ଷେତ୍ରବାସୀ ଦାସ, ଯୋଗୀନାଥ ଦାସ, ରଞ୍ଜୁବାଳା ଦାସ, କୁନୀ ନାୟକ, ବଳଭଦ୍ର ସ୍ୱାଇଁ, ଫୁଲ ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ଚିତ୍ତ ରଞ୍ଜନ ନାୟକ, ମଧୁସୂଦନ ସ୍ୱାଇଁ ପ୍ରମୁଖ କିଡନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ୮ ବର୍ଷର ଶିଶୁ ଜ୍ଞାନ ରଞ୍ଜନ ନାୟକ କୁହନ୍ତି, ସରକାର ଘୋଡାମାରିଦ୍ୱାର ଗାଁକୁ ଏକ ସରକାରୀ ଟିମ୍ ପଠାନ୍ତୁ। ଗାଁରେ କେତେ ଲୋକ ମରିଲେଣି, କାହିଁକି ମରୁଛନ୍ତି କାରଣ ଅନୁଧ୍ୟାନ ହେଉ। ସରକାର ଓ ପ୍ରଶାସନ ସେମାନଙ୍କ ପାଇଁ କ'ଣ କରିଛନ୍ତି, କ'ଣ କରିବାର ଆବଶ୍ୟକତା ଅଛି ସମୀକ୍ଷା କରନ୍ତୁ। ହେଲେ ଆମ ଦୁଃଖ ଗାଁରୁ ବାହାରକୁ ଯାଇ ପାରୁନି। ଏଣୁ ଜଣଙ୍କ ପରେ ଜଣେ ପ୍ରାଣ ହରାଇ ଚାଲିଛନ୍ତି। କିଏ କେତେବେଳେ ମରିବ ସେନେଇ ସମସ୍ତେ ପ୍ରାୟ ଅପେକ୍ଷାରତ। ସରକାର ଓ ପ୍ରଶାସନ ଗାଁଲୋକଙ୍କ ଦୁଃଖ ନ ବୁଝିବା ପରିତାପର ବିଷୟ କହି କାନ୍ଦି ପକାଇଥିଲେ।

# ଜଳୁଛି କିଆପଦର, କଣପାଜୁ ଜଙ୍ଗଲ


ଗାଁର ମହିଳାମାନେ ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଉଛନ୍ତି।

ନୟାଗଡ଼,୫ା୪ (ଲୋକନାଥ ମିଶ୍ର)

ଦଶପଲ୍ଲା ରେଞ୍ଜର କିଆପଦର ଓ କଣପାଜୁ ଜଙ୍ଗଲ ଜଳୁଛି। ଦଶପଲ୍ଲା ବନ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଉଥିଲେ ମଧ ଆୟତ କରିପାରିନାହାନ୍ତି। ନିଆଁ ଲାଗିବାର କାରଣ ଜଣାପଡିନାହିଁ। ଅନ୍ୟପକ୍ଷେ ଦୁମଦୁମା ଓ ମାଟି ମୁଣ୍ଡିଆ ଜଙ୍ଗଲରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ଜାଣିବା ପରେ ସାନକୁରୁବାରୀ ଗାଁର ମା' ଗୁମାଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ

### ଗୁମାଦେଇ ଜଙ୍ଗଲରୁ ନିଆଁ ଲିଭାଇଲେ ଆଦିବାସୀ

ଜଙ୍ଗଲ କମିଟିର ୩୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଏକାଠି ହୋଇ ପ୍ରାୟ ୪ଟା ପର୍ଯ୍ୟନ୍ତ ନିଆଁ ଲିଭାଇ ଥିଲେ। କଞ୍ଚା ଡାଳ ଓ ବାଲି ପକାଇ ନିଆଁ ଲିଭାଇ ଥିଲେ। ଦୁମଦୁମା ଓ ମାଟି ମୁଣ୍ଡିଆ ଜଙ୍ଗଲକୁ ସାନକୁରୁବାରୀ ଗାଁର ଆଦିମାସୀ ମା' ଗୁମାଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ ଜଙ୍ଗଲ କମିଟି କରି ସୁରକ୍ଷା ଦେଇ ଆସୁଛନ୍ତି।

# ଖଳିସାହି ଦଶଦୋଳ ମହୋତ୍ସବ, ୨୧ ଠାକୁରଙ୍କ ମେଳଣ

ଖଣ୍ଡପଡ଼ା,୫ା୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଦଶଦୋଳ ଯାତ୍ରା ପଡିଆରେ ୩ୟ ଦଶଦୋଳ ମହୋତ୍ସବ ଗୁରୁବାର ଅଞ୍ଚଳବାସୀଙ୍କ ଚେଷ୍ଟାକ୍ରମେ ଆୟୋଜିତ ହୋଇଆସୁଛି। ଗଡଜାତ ଖଣ୍ଡପଡ଼ା ଅଞ୍ଚଳର କଳା, ସଂସ୍କୃତି, ଐତିହ୍ୟକୁ ଉଜ୍ଜୀବିତ କରି ରଖିବାର ଲକ୍ଷ୍ୟ ନେଇ ଆୟୋଜିତ ଦଶଦୋଳ ମହୋତ୍ସବ ସୁଦୁରପ୍ରସାରୀ ଓ ଲୋକାଭିମୁଖୀ ପାଇଁ ଆୟୋଜକମାନେ ପ୍ରୟାସ ଜାରି ରଖିଥିବା ଜଣାଯାଇଛି। ତେବେ ଖଣ୍ଡପଡ଼ା ବ୍ଲକ ଖଳିସାହି ଦଶଦୋଳ ପଡିଆଠାରେ ଗୁରୁବାର ମଧରାତ୍ରରୁ ପାରମ୍ପରିକ ଦଶଦୋଳ ଯାତ୍ରା ଆରମ୍ଭ ହୋଇଛି। ଏଠାକାର ପରମ୍ପରା ଅନୁଯାୟୀ ଉତ୍ସବର ଥାନପତି ଶ୍ରୀନୀଳକଣ୍ଠେଶ୍ୱର ପ୍ରଥମେ ପାଟପଟୁଆରରେ ରୋଷଣି ସହ ଯାତ୍ରା ପଡିଆକୁ ବିଜେ କରି ଆସ୍ଥାନ ଗ୍ରହଣ କରିଥିଲେ। ପରେ ଥାନପତିଙ୍କଠାରୁ ନିମନ୍ତ୍ରଣ ପାଇ ଖଳିସାହି ଗ୍ରାମର ୧୦ ଠାକୁର ଓ ଏହାର ଆଖପାଖ ପୁଆଣିଆ, ମର୍ଦ୍ଦରାଜପୁର, ବୋଦଶା, ହରିଚନ୍ଦନପୁର, ଗିରିଡିପାଟଣା, ଚାଉପଲ୍ଲୀ, ଖୁଣ୍ଟୁବନ୍ଧ, ସିଂଘାପଡ଼ା ସମେତ ୨୧ ଠାକୁର ସୁସଜ୍ଜିତ ଦୋଳ ବିମାନରେ ଦେବଦେବୀ ସହ ଶୋଭାଯାତ୍ରାରେ ଆସି ପଡିଆରେ ଆସ୍ଥାନ ଗ୍ରହଣ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମ ପକ୍ଷରୁ ଆତସବାଜି କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ସମସ୍ତ ଦେବଦେବୀଙ୍କ ପୂଜାନୀତି ସହ ଭୋଗ ଲାଗି ହୋଇଥିଲା। ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଏହି ମେଳଣ ଦେଖିବାକୁ ଭିଡ଼ ଜଣାଇଥିଲେ। ବାଜା, ବାଣ, ରୋଷଣି ସାଙ୍ଗକୁ ଶ୍ରଦ୍ଧାଳୁଙ୍କ ହରିବୋଲ ହୁଳହୁଳି ଧ୍ୱନୀରେ ଦଶଦୋଳ ଯାତ୍ରା ପଡ଼ିଆ ଉତ୍ସବ ମୁଖରିତ ହୋଇଉଠିଥିଲା। ରାତିସାରା ଉଜାଗର ରହି ଦଶଦୋଳ ମେଳଣ ପର୍ବକୁ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଉପଭୋଗ କରିଥିଲେ।


ଖଳିସାହି ମେଳଣକୁ ଆସିଥିବା ଠାକୁରଙ୍କ ବିମାନ।

# ଖଣ୍ଡପଡ଼ା ଅଞ୍ଚଳରେ ଦଣ୍ଡପର୍ବ ଆରମ୍ଭ

ଖଣ୍ଡପଡ଼ା, ୫ା୪(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ଶକ୍ତିପୀଠରେ ପାରମ୍ପରିକ ଦଣ୍ଡପର୍ବ ଆରମ୍ଭ ହୋଇଛି। ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠ ପରିସରସ୍ଥିତ ମା' ବେଢାକାଳୀଙ୍କ ପୀଠରେ ୯ଦିନିଆ ଦଣ୍ଡପର୍ବଆରମ୍ଭ ହୋଇଛି। ସେହିପରି ଖଳିସାହିସ୍ଥିତ ପ୍ରଭ ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ବୋଦସାସ୍ଥିତ ଶ୍ରୀବାଲୁଙ୍କେଶ୍ୱର ଦେବ, ବେଣାଗାଡିଆ ପଞ୍ଚାୟତର କାଦୁଆ ଗ୍ରାମସ୍ଥିତ ପ୍ରଭୁ ଶ୍ରୀଗତିଶ୍ୱରଦେବଙ୍କ ପୀଠ, ଜଗନ୍ନାଥପ୍ରସାଦ କୁହାହରା ଗ୍ରାମସ୍ଥିତ ପ୍ରଭୁ ଶ୍ରୀକପିଳେଶ୍ୱର ଦେବ, କୁମ୍ଭାରପଡା ଗ୍ରାମର ପ୍ରଭୁ ଶ୍ରୀଲଡୁକେଶ୍ୱର ଦେବ, ରୟତ ଡୋଲମରା ଗ୍ରାମର ପ୍ରଭୁ ଶ୍ରୀହଇକେଶ୍ୱର ଦେବଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଦଣ୍ଡପର୍ବ ଆରମ୍ଭ ହୋଇଛି। ଶତାଧିକ ମାନସିକଧାରୀ ଦଣ୍ଡପର୍ବରେ ସାମିଲ ହୋଇଛନ୍ତି। ଦଣ୍ଡ ପର୍ବ ଯୋଗୁଁ ଗାଁ ଗାଁରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ରାତିରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଦଣ୍ଡଯାତ୍ରାକୁ ଅଞ୍ଚଳବାସୀ ଉପଭୋଗ କରୁଥିବା ବେଳେ ପ୍ରତ୍ୟେକ ଗ୍ରାମରେ ଆମିଷ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି।

# ୨ ଗଞ୍ଜେଇ ବ୍ୟବସାୟୀ ଜେଲ ଗଲେ

### ବାଇକ୍ ସହ ୧୦ କେଜି ଗଞ୍ଜେଇ ଜବତ

ନୟାଗଡ଼,୫ା୪(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ପୋଲିସ ୨ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବିହାର ରାଜ୍ୟ ଔରଙ୍ଗାବାଦ ଜିଲା ଆମ୍ବା ଥାନା ଲକସନ ବିଘା ଗାଁର ବିଷ୍ଣୁ ଚୌହାନ(୧୯) ଓ ମଦନପୁର ଥାନାର ବେଲିବିଘା ଗାଁର ରାହୁଲ କୁମାର(୧୯)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ବିହାରର ୨ ଗଞ୍ଜେଇ ବ୍ୟବସାୟୀ ବାଇକ୍ ଯୋଗେ ଗଞ୍ଜେଇ ଧରି ନୟାଗଡକୁ ଆସୁଥିଲେ। ଖବରପାଇ ନୟାଗଡ଼ ଟାଉନ ଥାନା ପୋଲିସ ନୟାଗଡ଼ ନୂଆବସ୍‌ଷ୍ଟାଣ୍ଡଠାରେ ଅଟକି ରହି ନଂ. ଓଡି୦୪ଏଚ ୭୪୭୪ ର ବାଇକ୍ ସହ ୧୦ କେଜି ୩ ଶହ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଉଭୟଙ୍କୁ ଗିରଫ କରାଯାଇଥିବା ଆଇଆଇସି ରଶ୍ମୀ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ବାଣିଜ୍ୟ ସମବାୟ ସମିତି ଗୃହ

ଖଣ୍ଡପଡ଼ା,୫ା୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ୧୨ନଂ. ୱାର୍ଡରେ ଅବସ୍ଥିତ ନୟାଗଡ଼ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଗୃହଟି ଦୀର୍ଘବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏକଦା ବ୍ୟବସାୟର ପେଣ୍ଠସ୍ଥଳ ଥିଲା ଏହି ବାଣିଜ୍ୟ ସମବାୟ ସମିତି। ଖାଦ୍ୟଶସ୍ୟ ମହଜୁଦ ରଖିବା ନିମନ୍ତେ ଲକ୍ଷାଧିକ ଟଙ୍କା ବ୍ୟୟରେ ସେହି ସମୟରେ ନିର୍ମାଣ କରାଯାଇଥିବା ସମବାୟ ସମିତି ଗୃହଟି ସମୟାନୁକ୍ରମେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ। ଏହାର ପୁନରୁଦ୍ଧାର ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକାଶଥାଉକି, ଉକ୍ତ ସମବାୟ ସମିତି ନିକଟରେ ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ଅବସ୍ଥିତ। ପ୍ରତିବର୍ଷ ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କ୍ରୟ କରାଯାଇଥାଏ। ଖଣ୍ଡପଡ଼ା ବାଇପାସ୍ ରାସ୍ତାର ଉଭୟପାର୍ଶ୍ୱରେ ଚାଷୀମାନେ ହଜାର ହଜାର ଧାନ ବସ୍ତା ମହଜୁଦ୍ ରଖି ସମବାୟ ସମିତିରେ ଧାନ ବିକ୍ରି କରିବା ଯୋଗୁ ସେହି ସମୟରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବାଣିଜ୍ୟ ସମବାୟ ସମିତି ଗୃହକୁ ପୁନଃ କାର୍ଯ୍ୟକ୍ଷମ କରାଯାଇ ଖଣ୍ଡପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ଅଧୀନକୁ ହସ୍ତାନ୍ତର କରାଗଲେ ଶତାଧିକ ଚାଷୀ ଉପକୃତ ହୋଇପାରନ୍ତେ ବୋଲି ଜଣାପଡ଼ିଛି।




ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୁନାକର


@ ଦୀପକ


@ ନରେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର୍, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

WANTED
Urgently required for our office Site Engineer (M/F), Supervisor (M/F), Marketing Executive (M/F), Front Office (F) Peon (M), Lady Caretaker, Plumber cum Electrician.
For Details Contact or Whatsapp- 9238482524, 9437706594

WANTED
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

REQUIRED
Smart dynamic female candidate require for Back Office job in our Farm Viswakarma. Candidate must have knowledge of tally.
Contact number: 9937890090

REQUIRED
Mecatech Mould & Die Pvt. Ltd.
1. Lathe Operator.
2. CAD / CAM Engineer.
3. CNC Operator.
Freshers can be apply.
Mob.: 7509278970, 6370240078
mecatech5678@gmail.com

APPOINTMENT
ଭୁବନେଶ୍ୱରରେ ଘରକାମ ପାଇଁ
ମହିଳା କର୍ମୀ ଆବଶ୍ୟକ
ଖାଇବା ରହିବା ଛଡ଼ା ମାସିକ ଦରମା ୮ ହଜାର ରୁ ୧୦ ହଜାର।
ଯୋଗାଯୋଗ
Mob : 8336937795

WANTED
Salesman required for reputed Jewellery Showroom, Experienced more preferable Send your resume on hwjjus@yahoo.com

ଡ୍ରାଇଭର କମ୍ କେୟାର ଟେକର ଆବଶ୍ୟକ
ଆକର୍ଷଣୀୟ ଦରମା, ରହିବା, ଖାଇବା ଫ୍ରି ସହ ଅନ୍ୟାନ୍ୟ ସୁବିଧା ଅଛି।
ସ୍ଥାନ– ଫୁଲନଖରା, ଭୁବନେଶ୍ୱର
ବୟସ–୨୫ ବର୍ଷରୁ ୪୦ ବର୍ଷ
ଯୋଗ୍ୟତା–ସପ୍ତମରୁ ଉର୍ଦ୍ଧ୍ୱ
ଯୋଗାଯୋଗ ନଂ. 8240221494, 7982492860

WALK-IN-INTERVIEW
A Civil Engg. Construction Co. Requires Experienced (Govt. Building Project) for its ongoing Project in Cuttack Project Manager, Project Engineer, Billing Engineer, Quality Engineer, Foreman, Supervisor, Store Incharge, Electrical Engineer.
Interested candidates walk-in interview on 4, 5 & 11 April 2024 onwards, Time : 9 am to 6 pm, at
SNS INFRACON PVT. LTD.
C/o. National Law University (NLU), Cuttack, Mob. No. 8750016677

UCO BANK, ZONAL OFFICE : BALASORE
Police Line Chhak, O.T. Road,
Dist.: Balasore, PIN-756001
APPOINTMENT OF FINANCIAL LITERACY COUNSELLORS ON CONTRACT BASIS
UCO Bank, a Government of India Enterprise, invites applications from interested candidates who are retired/VRS optee not below the rank of a Manager (Scale-2), for appointment as Financial Literacy Counsellor on contract basis at the various centres in our lead districts namely Bhadrak and Jagatsinghpur in Odisha state.
For full details visit our Bank's website: www.ucobank.com
Last date of receipt of application at UCO Bank, Zonal Office, Balasore: 11.05.2024
Zonal head and Assistant General Manager
Balasore Zonal Office
Date: 04.04.2024
zo.balasore@ucobank.co.in

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-DRAWING-KUR-374, ତା.02.04.2024ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ଷ୍ଟେସନଗୁଡ଼ିକର ଷ୍ଟେସନ ନିର୍ମାଣ ଡ୍ରଇଂଗୁଡ଼ିକର ଉନ୍ନୟନ।
ଟେଣ୍ଡର ମୂଲ୍ୟ (₹): 43,79,654.00, EMD (₹): 87,600.00।
ବିଡ୍ ଆରମ୍ଭ ହେବା ତାରିଖ : ତା.10.04.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.04.2024 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-05/P/24-25

ଦ.ପୂ. ରେଳପଥ - ଟେଣ୍ଡର
ଟେଣ୍ଡର ବିଜ୍ଞପ୍ତି ନଂ. ସିକେପି-ଇଷ୍ଟ-୨୪-୨୫-୦୧, ତାରିଖ ୦୪।୦୪।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର/ ଇଏନ୍‌ଜିଜି/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ସିନିୟର ଡିଭିଜନାଲ ଇଞ୍ଜିନିୟର (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଯେକୌଣସି କ୍ୱାରିରୁ ବାହାଲଦୀ ରୋଡ୍ (ବିଡିଓ) ଡିପୋଠାରେ ୧୨୬୧୨ ସିୟୁଏମ୍ ବାଲାଷ୍ଟ ନିମନ୍ତେ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶ୍‌ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଷ୍ଟାକିଂ ଏବଂ ଯେକୌଣସି ପ୍ରକାର ରେଳ ୱାଗନ୍‌ରେ ବୋଝେଇ କରିବା। **ଟେଣ୍ଡର ମୂଲ୍ୟ:** ₹୧,୮୬,୦୩,୩୩୦.୬୦। **ଇଏମ୍‌ଡି:** ₹୨,୪୩,୦୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ୦.୦୦। **ଖୋଲାଯିବା ତାରିଖ:** ତା୩୦।୦୪।୨୦୨୪। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-14)

# ସୂର୍ଯ୍ୟମୁଖୀ ଚାଷକୁ ମିଳୁନି ପ୍ରୋତ୍ସାହନ

କେନ୍ଦ୍ରାପଡ଼ା,୫।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋଇଲିପୁରର ଚାରିପୋଖରିଆ ଗାଁର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟ ଚଳିତ ବର୍ଷ ୭ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି । ଏହି ଚାଷ ସେମାନଙ୍କ ପାଇଁ ଦ୍ୱିତୀୟ ବର୍ଷ। ପ୍ରଥମବର୍ଷର ଅଭିଜ୍ଞତା ସେମାନଙ୍କୁ ପରିପକ୍ୱ କରିବା ସହ ମା' ମଙ୍ଗଳ ଗୋଷ୍ଠୀର ସୂର୍ଯ୍ୟମୁଖୀ ତେଲ ସ୍ଥାନୀୟ ବଜାରରେ ଆଦୃତି ଲାଭ କରିଛି। ତେବେ ତାଲିମ ଓ ପ୍ରୋତ୍ସାହନର ଅଭାବ ଯୋଗୁ ଏହି ଅର୍ଥକରୀ ଫସଲ ଏବେ ଯାଏ ଜିଲାର ଚାଷୀଙ୍କ ବିଶେଷ ଆଗ୍ରହ ସୃଷ୍ଟି କରିପାରିନାହିଁ। ରବି ଫସଲ ସମୟରେ ହେଉଥିବା ଏହି ଚାଷକୁ ଯୋଜନାବଦ୍ଧ ଭାବେ ପ୍ରୋତ୍ସାହିତ କଲେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ସହ ଜିଲା ଅର୍ଥନୀତି ବେଶ୍ ପ୍ରଭାବିତ ହେବ ବୋଲି ଚାଷୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି କହିଛନ୍ତି, ଦେଶରେ କିଛିଦିନ ହେବ ଖାଇବାତେଲର ଦାମ ଲଗାତର ବୃଦ୍ଧି ପାଇଛି। ପେଟ୍ରୋଲ, ଡିଜେଲ, ଗ୍ୟାସ୍ ପରେ ଖାଇବାତେଲ ଦରକୁ ନେଇ ସାଧାରଣ ଲୋକେ ଚିନ୍ତାରେ ପଡ଼ିଛନ୍ତି। ୟୁକ୍ରେନ୍ ଓ ରୁଷିଆରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ଏକ ପ୍ରକାର ବନ୍ଦ ପରେ ଭାରତ ମାଲେସିଆ ଓ ଇଣ୍ଡୋନେସିଆରୁ ପାମ୍ ତେଲ ଆମଦାନୀକୁ ଗୁରୁତ୍ୱ ଦେଇଛି। ମାଲେସିଆ ସରକାର ପାମ୍ ତେଲ ଦରବୃଦ୍ଧି କରିଥିବା ବେଳେ ଇଣ୍ଡୋନେସିଆ ତେଲ ରପ୍ତାନି ଉପରେ କଟକଣା କରିଛନ୍ତି। ଏ ପ୍ରକାର ଅସୁବିଧାର ନିରାକରଣ ପାଇଁ ୧୯୬୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ସବୁଜ ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ। ଏହି ସବୁଜ ବିପ୍ଳବ ଆହ୍ୱାନ ପାଇଁ ଭାରତ ଏବେ ଗହମ ରପ୍ତାନି କ୍ଷେତ୍ରରେ ଅଗ୍ରଗତି କରୁଛି। ତେଲ ଅଭାବର ମୁକାବିଲା ପାଇଁ ସୂର୍ଯ୍ୟମୁଖୀ ଚାଷକୁ ପ୍ରୋତ୍ସାହନ ଆବଶ୍ୟକ। କେନ୍ଦ୍ରାପଡ଼ା ଜିଲାରେ ଏଥିପାଇଁ ପାଣି, ପବନ ଓ ମାଟି ଥିବା ବେଳେ ତାଲିମ ଓ ସରକାରୀ ପ୍ରୋତ୍ସାହନର ଅଭାବ ଅଛି। ଗରଦପୁର ପଞ୍ଚାୟତ ପତିସାହିର ପବିତ୍ର କୁମାର ପତି କହିଛନ୍ତି, ୨୦୧୫ ମସିହାରେ ଗରଦପୁର ବ୍ଲକର ୪ ପଞ୍ଚାୟତରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୦ ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ସୂର୍ଯ୍ୟମୁଖୀ ଚାଷ ହୋଇଥିଲା। ଅମଳ ମଧ୍ୟ ଭଲ ହୋଇଥିଲା। ତେବେ ବଜାର ମଣ୍ଡି ଅଭାବ ଏହି ଚାଷ ପ୍ରତି ବିତୃଷ୍ଣା ଭାବ ସୃଷ୍ଟି କରିଛି। କୃଷକ ନେତା ରଶ୍ମିରଞ୍ଜନ ଚୌଧୁରୀ କହିଛନ୍ତି, ଜିଲା ବାର୍ଷିକ ଯୋଜନାରେ ସିଂହଭାଗ ଅର୍ଥ କୃଷି କ୍ଷେତ୍ରରେ ନିୟୋଜିତ ହେବ ବୋଲି ଅଟକଳ କରାଯାଉଛି। ତେବେ ଏହା ବାସ୍ତବ କ୍ଷେତ୍ରରେ ଦେଖାଯାଉନାହିଁ। ଜଳ ପରିଚାଳନାକୁ ସୁଦୃଢ଼ କରିପାରିଲେ ସୂର୍ଯ୍ୟମୁଖୀ ଚାଷ ପାଇଁ କେନ୍ଦ୍ରାପଡ଼ା ଜିଲା ଉଦାହରଣ ହୋଇପାରିବ। ଜିଲାରେ ଏହି ଚାଷ ପାଇଁ ପ୍ରାୟ ୪୦ ହଜାର ହେକ୍ଟର ଜମି ଉପଯୁକ୍ତ ଅଛି। ସୂର୍ଯ୍ୟମୁଖୀ ମଞ୍ଜିରେ ସାଧାରଣରେ ପ୍ରାୟ ୫୫ ପ୍ରତିଶତ ତେଲ ଆଦାୟ ହେବ। ଏହି ତେଲ ବାହାର କରିବା ପାଇଁ କ୍ଷୁଦ୍ର ଶିଳ୍ପ ଗଢ଼ି ଉଠିବ। ଏଥିପାଇଁ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ସ୍ଥାନୀୟ ଅଞ୍ଚଳର ରାଜନେତା, ପ୍ରଶାସକଙ୍କ ସହିତ ଏନ୍‌ଜିଓ, ପାଣି ପଞ୍ଚାୟତ, ଫାର୍ମର୍ସ କ୍ଲବ ଆଦିଙ୍କ ସହଯୋଗ ଆବଶ୍ୟକ। ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ବହୁଳ ମାତ୍ରାରେ ନିୟୋଜନ ସୂର୍ଯ୍ୟମୁଖୀ ତେଲ ଉତ୍ପାଦନରେ ବିପ୍ଳବ ଆଣିପାରିବ। ସେହିପରି ଆତ୍ମା ମାଧ୍ୟମରେ ତାଲିମ ଓ ସରକାରୀ ଅନୁଦାନ ଏହି ଚାଷକୁ ଆଗକୁ ନେଇପାରିବ। ଏ ସମ୍ପର୍କରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦେବଦାସ ଦତ୍ତ ଓ କେଭିକେ ବରିଷ୍ଠ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର କହିଛନ୍ତ, ସୂର୍ଯ୍ୟମୁଖୀ ଚାଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି। ଆତ୍ମା ମାଧ୍ୟମରେ ତାଲିମ ସହ ରାଜ୍ୟର ୧୧୮ ଗୋଦାମ ଗୃହ ନିର୍ମାଣ କରି ଏପରି ଫସଲ ସଂଗ୍ରହ କରିବାକୁ ଯୋଜନା ହୋଇଛି। ଚାଷୀ ଚଳିତବର୍ଷ ଏହାର ଫାଇଦା ନେଇପାରିବେ ବୋଲି ସେ କହିଛନ୍ତି।



- ତାଲିମ, ଅନୁଦାନ ଜିଲା ଅର୍ଥନୀତିକୁ ବିକଶିତ କରିବ
- ୨୦୧୫ରେ ଜିଲାରେ ହେଉଥିଲା ୩୦ ହେକ୍ଟର ଚାଷ
- ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଅଧିକ ସାମିଲ ଦାବି

## ୪ ନେତାଙ୍କ ନିଲମ୍ବନ ଉଠାଇଲା ବିଜେଡି

ତିର୍ତ୍ତୋଲ, ୫।୪
(ଗୌରାଙ୍ଗ ଚରଣ ସ୍ୱାଇଁ)

ସାଧାରଣ ନିର୍ବାଚନ ପୂର୍ବରୁ ତିର୍ତ୍ତୋଲ ବ୍ଲକର ୩ ପୂର୍ବତନ ସରପଞ୍ଚଙ୍କ ସମେତ ୪ଜଣ ନେତାଙ୍କ ଉପରୁ ବିଜେଡି ଶୁକ୍ରବାର ନିଲମ୍ବନ ପ୍ରତ୍ୟାହାର କରିନେଇଛି । ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ମୂଳିସିଂ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ତେନ୍ତୁଳିପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା ଓ କଟରା ପଞ୍ଚାୟତର ଅଶୋକ ମଲ୍ଲଙ୍କ ଉପରୁ ଏହି ନିଲମ୍ବନ ପ୍ରତ୍ୟାହାର କରାଯାଇଥିବା ନେଇ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ଏକ ପତ୍ର ଯୋଗେ ଜିଲା ବିଜେଡି ସଭାପତିଙ୍କୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ଏହି ୪ଜଣ ନେତାଙ୍କୁ ଦଳ ତରଫରୁ ନିଲମ୍ବିତ କରାଯାଇଥିଲା।

## ଦାନପୁର ପଞ୍ଚାୟତରେ କଂଗ୍ରେସର କର୍ମୀ ସମ୍ମିଳନୀ

ଡେରାବିଶ,୫।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁରଠାରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପାଟକୁରାର କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ଯୋଗଦେଇ କଂଗ୍ରେସ ଦଳର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ବନ୍ଧରେ କହିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ଶାସନକୁ ଆସିଲେ ରନ୍ଧନ ଗ୍ୟାସ୍ ଦର କମାଇବ, ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସମ୍ପୂର୍ଣ୍ଣ ଋଣ ଛାଡ଼ କରିବ, ଜଳସେଚନ ସୁବିଧା ନ ଥିବା ଚାଷଜମିକୁ ଜଳସେଚନର ସୁବିଧା କରାଇବା ଆଦି ଦଳର ୯ଟି ଗ୍ୟାରେଣ୍ଟି ବିଷୟରେ ଉପସ୍ଥିତ ଲୋକମାନଙ୍କୁ କହିଥିଲେ। ଏହି ଅବସରରେ ଡେରାବିଶ ବ୍ଲକ ମହିଳା କଂଗ୍ରେସ ସଭାପତି ରଶ୍ମିତା ମହାନ୍ତି, ପଞ୍ଚାୟତ ସଭାପତି ଅକ୍ଷୟ ପଣ୍ଡା, ନିମାଇଁ ଚରଣ ଯେନା ପ୍ରମୁଖ କଂଗ୍ରେସର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ଯେନା, କୃଷ୍ଣଚନ୍ଦ୍ର ଯେନା, କୁନା ଯେନା, ରବି ଯେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି କର୍ମ ସମ୍ମିଳନୀରେ ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡ଼ିକରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।



ସମ୍ମିଳନୀରେ କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ।

## ଡକାୟତି ଯୋଜନା ପଣ୍ଡ: ୪ ଗିରଫ



ଗିରଫ ୪ ଅଭିଯୁକ୍ତ, ଜବତ ବନ୍ଧୁକ।

### ଛୁରି, ଦେଶୀ ବନ୍ଧୁକ ଜବତ; ଦୁଇ ଫେରାର

ମାର୍ଶାଘାଇ, ୫।୪
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅଞ୍ଚଳରେ ଗୁରୁବାର ରାତିରେ ରାସ୍ତାରେ ପଥଚାରୀଙ୍କ ନିକଟରୁ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଯୋଜନା ପଣ୍ଡ କରିଛି। ଏଥିରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୨ଜଣ ଫେରାର ହୋଇଯାଇଥିଲେ। ପୋଲିସ ସୂତ୍ରରୁ ପ୍ରକାଶ, ରାତିରେ ଏଏସ୍‌ଆଇ ରାମଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ପୋଲିସ ଟିମ୍ କ୍ରସିଂ ଛକରେ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ପଷ୍ଟା-ବାଲିସାହି ରାସ୍ତାରେ ୫ରୁ ୬ଜଣ ଯୁବକ ବାଟରେ ଯାଉଥିବା ଲୋକ ତଥା ଦୋକାନ ବନ୍ଦକରି ଘରକୁ ଫେରୁଥିବା ଦୋକାନୀମାନଙ୍କଠାରୁ ଡକାୟତି କରିବା ପାଇଁ ଯୋଜନା କରୁଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିବାକୁ ପାଇଥିଲା ଯେ, ରାସ୍ତାର ଏକ କଲଭର୍ଟ ନିକଟରେ ଗୋଟିଏ କାରକୁ ରାସ୍ତା ଉପରେ ରଖି ଯୁବକମାନେ ଗାଡି ହେଡ୍‌ଲାଇଟ ଜରିଆରେ ପଥଚାରୀଙ୍କ ଉପରେ ନଜର ରଖୁଥିଲେ। ପୋଲିସ ଆସିବା ଜାଣିପାରି ସେମାନେ ଅନ୍ଧାରେ ଦୌଡ଼ିବାକୁ ଉଦ୍ୟମ କରିଥିଲେ। ପୋଲିସ ଗୋଡ଼ାଇ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କାବୁ କରିଥିବା ବେଳେ ୨ଜଣ ଫେରାର ହୋଇଯାଇଥିଲେ। ଗିରଫ ୪ ଅଭିଯୁକ୍ତ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଧନିଆପଡ଼ା ଗାଁର ସଞ୍ଜୟ କୁମାର ବେହେରା (୩୯), ନୀହାର ରଞ୍ଜନ ସ୍ୱାଇଁ ଓରଫ ବାପି (୩୨) ଓ ନିର୍ଭୟ ସ୍ୱାଇଁ ଓରଫ କାଳିଆ (୩୪), ପାଟକୁରା ଥାନା ଅନ୍ତର୍ଗତ ରତନପୁର ଗାଁର ସତ୍ୟବ୍ରତ ବେହେରା ଓରଫ ବୁଦ୍ଧିଆ। ଫେରାର ଅଭିଯୁକ୍ତ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଆଶ୍ରମ ବାଲିକୁଦା ଗାଁର ସୁଶାନ୍ତ ମଲ୍ଲିକ ଓରଫ ସୁଶା କାଳିଆ ଓ ଡୁମୁକା ଗାଁର ନରେଶ ସେଠୀ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଛୁରି ଓ କାର ଜବତ କରାଯାଇଛି। ଏ ନେଇ ଥାନାରେ ନଂ.୮୨/୨୪ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅଜୟ କୁମାର ସାହୁ ପ୍ରକାଶ କରିଛନ୍ତି।

## ଅଟୋରେ ଷଣ୍ଢ ଚୋରି କରୁଥିବା ୨ ଯୁବକ ଗିରଫ

ଯାଜପୁରରୋଡ୍,୫।୪(ପବିତ୍ର ରଞ୍ଜନ ମହାନ୍ତି)



ବ୍ୟାସନଗର ସହରର ବ୍ୟାସସରୋବରରୁ ଏକ ଷଣ୍ଢକୁ ୨ ଯୁବକ ଅଟୋରେ ଚୋରି କରି ନେଉଥିବାବେଳେ ୨ ଯୁବକ ଧରାପଡ଼ିଛନ୍ତି। ଲୋକେ ସେମାନଙ୍କୁ କାବୁ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କୁଆଖିଆ ଥାନା ଶ୍ରୀବନ୍ତପୁର ଗ୍ରାମର ସେକ୍ କାଲିଆ (୨୪) ଓ ଯାଜପୁରରୋଡ୍ ଥାନା ପହଙ୍ଗା ଗ୍ରାମର ଦୀପକ ରଣା(୨୭)। ଯୁବକ ଦ୍ୱୟ ଅଟୋରେ ଷଣ୍ଢ ନେଇ ଯାଉଥିବା ସ୍ଥାନୀୟ ଲୋକେ ଦେଖି ଅଟକାଇଥିଲେ। ପରେ ସମ୍ପୃକ୍ତ ୨ ଯୁବକଙ୍କୁ କାବୁ କରି ଯାଜପୁରୋଡ୍ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଯୁବକଦ୍ୱୟଙ୍କୁ ଥାନାକୁ ଆଣିବା ସହ ଚୋରିରେ ବ୍ୟବହୃତ ଅଟୋ ନଂ. (ଓଡି-୦୪-୫୧୮୪)କୁ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା ନଂ.୨୨୮।୨୪ ରୁଜୁ ହୋଇଛି। ଅନ୍ୟପକ୍ଷରେ ଦିନକୁ ଦିନ ବାହାରେ ବୁଲୁଥିବା ବୁଲା ଗୋରୁ ଓ ଷଣ୍ଢଙ୍କୁ ଗୋ ମାଫିଆମାନେ ବିଭିନ୍ନ ଉପାୟରେ ଚୋରି କରି ବାହାର ବ୍ୟବସାୟୀଙ୍କୁ ବିକ୍ରି କରି ମାଲେମାଲ ହେଉଛନ୍ତି। ବିଶେଷ କରି ରାତିରେ ଦୁର୍ବୃତ୍ତମାନେ ଏଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏଭଳି ଘଟଣାକୁ ପୋଲିସ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜିଲା କ୍ରିମିନାଲ କୋର୍ଟ ବାର ଆସୋସିଏଶନ୍‌ର ଶପଥ ଗ୍ରହଣ



ଯାଜପୁର ଜିଲା କ୍ରିମିନାଲ କୋର୍ଟ ବାର ଆସୋସିଏଶନ୍ କର୍ମକର୍ତ୍ତା ଶପଥ ଗ୍ରହଣ କରୁଛନ୍ତି।

ଯାଜପୁର ଟାଉନ,୫।୪
(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲା କ୍ରିମିନାଲ କୋର୍ଟ ବାର ଆସୋସିଏଶନ୍ ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା କ୍ରିମିନାଲ କୋର୍ଟ ବାର ଆସୋସିଏସନ୍‌ର ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ପାଢ଼ୀଙ୍କ ନୂତନ ଭାବେ ନିର୍ବାଚିତ ହୋଇଥିବା ସଭାପତି କିଶୋର ଚନ୍ଦ୍ର କର, ଉପସଭାପତି ସନ୍ତୋଷ ପଣ୍ଡା, ସମ୍ପାଦକ ଧୀରେନ୍ଦ୍ର ଦାସ, ଯୁଗ୍ମସମ୍ପାଦକ ପାର୍ଥସାରଥି ମଲ୍ଲିକ, ସହସମ୍ପାଦକ ପବିତ୍ର କର, କୋଷାଧ୍ୟକ୍ଷ ଅଜୟ କୁମାର ଶତପଥୀ, ଅଭୟ କୁମାର ଦାସ, କାର୍ଯ୍ୟକାରୀ ସଭ୍ୟ ସୁବାସ ଚନ୍ଦ୍ର ସାମଲ, ନୀଳକଣ୍ଠ ବିଶ୍ୱାଳ, ପ୍ରଶାନ୍ତ କୁମାର ଦାସ, ବିଜୟ କୁମାର ପଣ୍ଡା, ସନ୍ନି ସାହୁ ପ୍ରମୁଖଙ୍କୁ ଶପଥପାଠ କରାଇଥିଲେ। ଉତ୍ସବରେ ଜିଲା କ୍ରିମିନାଲ କୋର୍ଟ ବାର ଆସୋସିଏଶନ୍‌ର ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ବୀରେନ ସଭାପତି, ସୁକାନ୍ତ ସମ୍ପାଦକ

### ରାଜକନିକା ଓକିଲ ସଂଘ ନିର୍ବାଚନ

ରାଜକନିକା,୫।୪
(ସଞ୍ଜୟ କୁମାର ଦାଶ)

ରାଜକନିକା ବାର୍ ଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଶିବପ୍ରସାଦ ବେହେରା ପରିଚାଳନା କରିଥିଲେ। ସଭାପତି ଭାବେ ବୀରେନ କୁମାର ଜେନା, ଉପସଭାପତି ଭାବେ ଅଶୋକ କୁମାର ସାମଲ, ସମ୍ପାଦକ ଭାବେ ସୁକାନ୍ତ କୁମାର ଜେନା, ଯୁଗ୍ମ ସମ୍ପାଦକ ଭାବେ ନୀଳାମ୍ବର ପ୍ରଧାନ, ସହସମ୍ପାଦକ ଭାବେ ରଞ୍ଜନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ମନୋରଞ୍ଜନ ଭୂୟାଁ, ସାଂସ୍କୃତିକ ସମ୍ପାଦକ ଭାବେ ମନୋଜ କୁମାର ନାୟକ ଓ ଲାଇବ୍ରେରିଆନ ଲକ୍ଷ୍ମୀଧର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।



ରାଜକନିକା ଓକିଲ ସଂଘର ନୂତନ ସଭାପତି, ସମ୍ପାଦକ ଓ ଅନ୍ୟମାନେ।

## ପଟ୍ଟାମୁଣ୍ଡାଇରେ ଦଳିତ ସଂଘ ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୫।୪
(କଳ୍ପତରୁ ନାୟକ)

ସମ୍ପ୍ରତି ସାଧାରଣ ନିର୍ବାଚନ ଯୋଗୁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ କାର୍ଯ୍ୟକ୍ରମକୁ ଜୋର୍‌ଦାର କରିଛନ୍ତି। ଏଭଳି ସମୟରେ ଦଳିତ ଜାତି ସଂଘ ପକ୍ଷରୁ ଶୁକ୍ରବାର ଏକ ଶୋଭାଯାତ୍ରା କରାଯାଇଥିଲା। ବାଲିପଡ଼ା ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲା। ଏଥିରେ ପଟ୍ଟାମୁଣ୍ଡାଇକୁ ନେତୃତ୍ୱ ମିଳୁ ବୋଲି ଦାବି କରାଯାଇଛି। ଏହାର ନେତୃତ୍ୱ କଳ୍ପତରୁ ମଲିକ, ଦିଲୀପ ମଲିକ, ଉତ୍ତମ ମଲିକ, ତପନ ମଲିକ, ମନୋଜ ଯେନା, ଯଦୁନାଥ ମଲିକ, ଗଣେଶ ମଲିକ, ପ୍ରତିମା ମଲିକ, ଟିଙ୍କି ମଲିକ, ଲକ୍ଷ୍ମୀପ୍ରିୟା ମଲିକ ଓ ଖଗେଶ୍ୱର ମଲିକ ପ୍ରମୁଖ ନେଇଥିଲେ।

## ଆଳି ନିର୍ବାଚନମଣ୍ଡଳୀ ଗସ୍ତ କଲେ ଅଂଶୁମାନ, ପ୍ରତାପ

ଆଳି,୫।୪(ବନମାଳୀ ସେନାପତି)




ଆଳିଠାରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅଂଶୁମାନ ମହାନ୍ତି ଏବଂ ଅନ୍ୟମାନେ।

ବିଜେଡିର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଟିକେଟ ଘୋଷଣା ହେବାପରେ ଶୁକ୍ରବାର ଆଳି ନିର୍ବାଚନ ମଣ୍ଡଳୀରେ ଶୋଭାଯାତ୍ରା କରିବା ସହ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ଲୋକ ସଭା ପ୍ରାର୍ଥୀ ଅଂଶୁମାନ ଓ ବିଧାୟକ ପ୍ରାର୍ଥୀ ପ୍ରତାପ ପତ୍ରପୁର ସେତୁ ନିକଟରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ଉପସ୍ଥିତ ଶତାଧିକ କର୍ମୀ ଭବ୍ୟ ସ୍ୱାଗତ କରି ଏକ ଶୋଭାଯାତ୍ରାରେ ଆଳିକୁ ଆଣିଥିଲେ। ଅଂଶୁମାନ ଓ ପ୍ରତାପ ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିର ଦର୍ଶନ କରିବା ପରେ କ୍ରିଷ୍ଣାମଣ୍ଡପ ପରିସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲୋକ ସଭା ପ୍ରାର୍ଥୀ ଅଂଶୁମାନ, ବିଧାୟକ ପ୍ରାର୍ଥୀ ପ୍ରତାପ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାକୁ ନେଇ ଭୋଟରମାନଙ୍କ ନିକଟରେ ପହଞ୍ଚିବା ସହିତ ଭୋଟରମାନେ ବିଜେଡି ପ୍ରତି ଆସ୍ଥାଭାଜନ ହୋଇଥିବାରୁ ନିଶ୍ଚିତ ଭାବେ ଆଗାମୀ ଦିନରେ ଦଳ ବିଜୟଲାଭ କରିବ ବୋଲି ମନ୍ତ୍ରୀ ଦେବ କହିଥିଲେ। ଏହି ଅବସରରେ ଅଂଶୁମାନ କହିଥିଲେ, ବିଜେଡିର ମୁଦ୍ଦା ହେଉଛି ବିକାଶ। ୨୦୦୦ ମସିହାଠାରୁ ଆଜିପର୍ଯ୍ୟନ୍ତ କେନ୍ଦ୍ରାପଡ଼ାବାସୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଅଛନ୍ତି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଏକ ନୂତନ କେନ୍ଦ୍ରାପଡ଼ା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚିତ ଭାବେ ପୂରଣ ହେବ। କେନ୍ଦ୍ରାପଡ଼ା ଜିଲା ପ୍ରଗତିରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ବିକାଶ ଦାସ, ଆଳି ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲା ପରିଷଦ ଓ ୬୩ ପଞ୍ଚାୟତର ଛାମୁଆ କର୍ମୀମାନେ ଉପସ୍ଥିତ ଥିଲେ।

## ଅନ୍ୟଦଳ ଛାଡ଼ି ବିଜେଡିରେ ମିଶିଲେ ୬୫ ପରିବାର

ରାଜକନିକା, ୫।୪(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସିକୋ ପଞ୍ଚାୟତ ସିକୋ ବାସନ୍ତୀ ପଡିଆଠାରେ ବିଜେଡିର ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିକୋ ପଞ୍ଚାୟତରୁ ଅନ୍ୟଦଳ ଛାଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା ୬୫ ପରିବାର କହିଛନ୍ତି। ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଆଳିର ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ନୂତନ ଭାବେ ବିଜେଡିରେ ଯୋଗ ଦେବାକୁ ଆସିଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ରାଉତ, ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ରାଜକନିକା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ୨୯ନଂ. ଜିଲା ପରିଷଦ ସଭ୍ୟା ଅମିତା ସାହୁ, ଯୁବ ସଙ୍ଗଠକ କ୍ଷୀରୋଦ ବେହୁରିଆ ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟରେ ବିଜେଡି ଶାସନରେ ଲୋକାଭିମୁଖୀ ଯୋଜନାଗୁଡିକ ବିଷୟରେ କହିବା ସହ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ପଞ୍ଚାନନ ପଣ୍ଡା, ଜିତେନ୍ଦ୍ର କୁମାର ବେହେରା, ପୂର୍ବତନ ସରପଞ୍ଚ ଅଶୋକ କୁମାର ବେହେରା, ବିଭୂତି ଭୂଷଣ ବିଶ୍ୱାଳ, ଶ୍ରୀନାଥ ମହାନ୍ତି, ରଶ୍ମିତା ବେହେରା ଓ ସବିତା ବେହେରାଙ୍କ ସମେତ ୬୫ ପରିବାର ଅନ୍ୟଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ସୁରେନ୍ଦ୍ର ଦାସ, ଆର୍ତ୍ତତ୍ରାଣ ରାଉତ, ରାଜୀବଲୋଚନ ରାୟ, ବିମଳ ପ୍ରସାଦ ମିହାପାତ୍ର, କୈଳାସ ଚନ୍ଦ୍ର ସେଠୀ, ଚିରଞ୍ଜୀବୀ ଜେନା, ବିବେକାନନ୍ଦ ମହାପାତ୍ର, ଜାୟିରାମ ମହାନ୍ତି, ଗୟାଧର ରାଉତ, ରମାକାନ୍ତ ପଣ୍ଡା, ଅକ୍ଷୟ ବେହେରା, ପ୍ରମୋଦ ରାଉତ, ଅଜିତ କୁମାର ଗୁରୁ, ଅନିରୁଦ୍ଧ ବେହେରା, ଅଶୋକ ମିଶ୍ର, ଶ୍ରୀନାଥ ମହାନ୍ତି ଓ ଆଦିକାନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିଜେଡିରେ ଯୋଗ ଦେଇଥିବା ଅନ୍ୟ ଦଳର କର୍ମୀମାନେ।

### ବିଜେଡିର ମିଶ୍ରଣ ପର୍ବ

# ଚିରଞ୍ଜୀବଙ୍କୁ ରଘୁନନ୍ଦନଙ୍କ ବିକଳ୍ପ ପାଇଁ ଉଦ୍ୟମ

## ଲାଭ ଉଠାଇବାକୁ ପ୍ରଶାନ୍ତଙ୍କ ରଣନୀତି ଚର୍ଚ୍ଚା

ଜଗତ୍‌ସିଂହପୁର, ୫।୪
(ପ୍ରମୋଦ କୁମାର ନାୟକ)


ରଘୁନନ୍ଦନ ଦାସ


ଚିରଞ୍ଜୀବ ବିଶ୍ୱାଳ

ଜଗତ୍‌ସିଂହପୁର ଜିଲାର ୪ ବିଧାନସଭା ଆସନ ମଧ୍ୟରୁ ବାଲିକୁଦା-ଏରସମା ଓ ପାରାଦୀପ ପାଇଁ ବିଜେଡି ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିପାରିନାହିଁ। ବିଶେଷକରି ବାଲିକୁଦା-ଏରସମା ଆସନକୁ ନେଇ ଆଲୋଚନା ଜୋର ଧରିଛି। ଏହାପଛରେ ଯାହା କିଛି କାରଣ ଥାଉନା କାହିଁକି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ନେତୃତ୍ୱ ବିରୋଧରେ ପୂର୍ବତନ ବାଲିକୁଦା-ଏରସମା ବିଧାୟକ ତଥା ବର୍ତ୍ତମାନର ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଷଡ଼ଯନ୍ତ୍ର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ଚାଲିଛି। ପ୍ରଶାନ୍ତ ଏହାକୁ ଖଣ୍ଡନ କରିଥିଲେ ସୁଦ୍ଧା ରଘୁନନ୍ଦନଙ୍କ ପ୍ରାର୍ଥିତ୍ୱ ତାଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ ବୋଲି କୁହାଯାଉଛି। ରଘୁନନ୍ଦନ ଜିତିଗଲେ ପୁଣି ଥରେ ମନ୍ତ୍ରୀ ହୋଇପାରନ୍ତି। ଏହାଦ୍ୱାରା ପ୍ରଶାନ୍ତଙ୍କ ପାଇଁ ମନ୍ତ୍ରୀ ହେବା ସ୍ୱପ୍ନ ହୋଇଯିବ। ଏଥିସହ ଅନ୍ୟ କେତେକ କାରଣରୁ ରଘୁନନ୍ଦନଙ୍କ ବିରୋଧରେ ପ୍ରଶାନ୍ତ ଯାଉଛନ୍ତି। କିଛିଦିନ ହେବ ଏହି ନିର୍ବାଚନମଣ୍ଡଳୀରେ ଟିକେଟ୍ ପାଇଁ ଏକାଧିକ ଆଶାୟୀ ମୁଣ୍ଡ ଟେକିଛନ୍ତି। ସେମାନଙ୍କ ମଧ୍ୟରୁ ସଞ୍ଜୀବ ବିଶ୍ୱାଳ ନାମକ ଯୁବକ ଅନ୍ୟତମ। ବାହାରେ ରହୁଥିବା ସଞ୍ଜୀବ କିଛିଦିନ ପୂର୍ବରୁ ନିର୍ବାଚନମଣ୍ଡଳୀରେ ପହଞ୍ଚି ନିଜକୁ ସାମାଜିକ କର୍ମୀ ଭାବେ ବିଜେଡି ଟିକେଟ ପାଇଁ ଲବି କରୁଛନ୍ତି। ତାଙ୍କ ପଛରେ କୁଆଡେ ପ୍ରଶାନ୍ତଙ୍କ ହାତ ଥିବା କୁହାଯାଉଛି। ପ୍ରଶାନ୍ତ ଏଭଳି କରିବା ପଛର କାରଣ ହେଲା ନିର୍ବାଚନମଣ୍ଡଳୀରେ ବିଜେଡି ରାଜନୀତି ଯେତେ ଗୋଳିଆ ହେବ ସେ ତା'ର ଫାଇଦା ଉଠାଇବେ। ତେବେ ଦଳ ତାଙ୍କୁ ଜଗତ୍‌ସିଂହପୁରରେ ପ୍ରାର୍ଥୀ କରିବା ପାଇଁ ପୁଣିଥରେ ସୁଯୋଗ ଦେଇଥିବାରୁ ପ୍ରଶାନ୍ତ ଏକପ୍ରକାର ଆଶ୍ୱସ୍ତ ହୋଇଛନ୍ତି। କିନ୍ତୁ ଜଗତ୍‌ସିଂହପୁର ଆସନରେ ତାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ଅଛି। ଏହାକୁ କିପରି ସମ୍ମୁଖୀନ ହେବେ ସେନେଇ ରଣନୀତି ଆପଣାଇଥିବା କୁହାଯାଉଛି। ତାହା ହେଲା ପୂର୍ବତନ ଜଗତ୍‌ସିଂହପୁର ବିଧାୟକ ତଥା ପୂର୍ବତନ ବରିଷ୍ଠ କଂଗ୍ରେସ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ବ୍ୟବହାର କରି ସଫଳତା ହାତେଇବା। ଚିରଞ୍ଜୀବଙ୍କୁ ଦଳ ବାଲିକୁଦା-ଏରସମାରେ ପ୍ରାର୍ଥୀ କଲେ ତାଙ୍କ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଚିରଞ୍ଜୀବ ନିକଟରେ ବିଜେଡିରେ ମିଶିଛନ୍ତି। ସେ ଏଥର ଜଗତ୍‌ସିଂହପୁର ଆସନରୁ ବିଜେଡି ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କ ପରିବର୍ତ୍ତେ ପ୍ରଶାନ୍ତଙ୍କ ଉପରେ ଆସ୍ଥା ପ୍ରକଟ କଲା। ତେଣୁ ଚିରଞ୍ଜୀବ ବାରବାଟୀ-କଟକ ଆସନରେ ପ୍ରାର୍ଥୀ ହୋଇପାରନ୍ତି ବୋଲି କିଛି ଦିନ ହେବ ଚର୍ଚ୍ଚା ଚାଲିଥିଲା। ଶୁକ୍ରବାର ବାରବାଟୀ-କଟକ ଆସନ ପାଇଁ ପ୍ରକାଶ ବେହେରାଙ୍କ ନାମ ଘୋଷଣା ପରେ ଏହି କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଫଳରେ ଚିରଞ୍ଜୀବଙ୍କ ପାଇଁ ବିକଳ୍ପ କମି କମି ଯାଉଛି। ତେଣୁ ଏହି ସମୟରେ ତାଙ୍କୁ ବାଲିକୁଦା-ଏରସମା ଆସନରୁ ପ୍ରାର୍ଥୀ କରାଗଲେ ସେ ରାଜି ହୋଇଯିବା ଆଶା ଉଜ୍ଜୀବିତ ହୋଇଛି। ଯଦି ଚିରଞ୍ଜୀବଙ୍କୁ ଏହି ଆସନରୁ ପ୍ରାର୍ଥୀ କରାଯାଏ ତେବେ ପ୍ରଶାନ୍ତ ଫାଇଦାରେ ରହିବେ ବୋଲି କେତେଜଣ ବିଜେଡି ନେତା ନାମ ଗୋପନ ରଖି କହିଛନ୍ତି। ସେମାନଙ୍କ ଯୁକ୍ତି ହେଲା ଚିରଞ୍ଜୀବ ବାଲିକୁଦା-ଏରସମାରୁ ପ୍ରାର୍ଥୀ ହେଲେ ବିଶେଷକରି ପ୍ରଶାନ୍ତଙ୍କୁ ଅଧିକ ଲାଭ ହେବ। କାରଣ ପ୍ରଶାନ୍ତ ଏହି ଆସନରୁ ୨ ଥର ବିଧାୟକ ହୋଇଥିଲେ। ତାଙ୍କର କିଛି ସଙ୍ଗଠନ ଅଛି। ଏହି ମୋହ ଦେଖାଇ ସେ ଚିରଞ୍ଜୀବଙ୍କ ସହଯୋଗ ଲୋଡ଼ିବେ। ଯେହେତୁ ଜଗତ୍‌ସିଂହପୁର ଆସନରେ ଚିରଞ୍ଜୀବଙ୍କ ବଡ ସଙ୍ଗଠନ ଥିଲା, ତେଣୁ ଏହି ଭୋଟ ବ୍ୟାଙ୍କ ହାତେଇବାକୁ ପ୍ରଶାନ୍ତ ଚେଷ୍ଟା କରିବେ। ସେଥିପାଇଁ ପ୍ରଶାନ୍ତ କୁଆଡେ ଚିରଞ୍ଜୀବଙ୍କୁ ବାଲିକୁଦା-ଏରସମାରେ ବିଜେଡି ପ୍ରାର୍ଥୀ ରୂପରେ ଦେଖିବା ପାଇଁ ଚେଷ୍ଟା କରୁଥିବା କୁହାଯାଉଛି। ଯଦି ଚିରଞ୍ଜୀବ ବିଜେଡି ପ୍ରାର୍ଥୀ ହୁଅନ୍ତି, ତେବେ ଏହି ନିର୍ବାଚନମଣ୍ଡଳୀର କେତେଜଣ ନେତା ପୁରୁଣା ହିସାବ ନିକାଶ ପାଇଁ ଉତ୍ସୁକତାର ସହ ଅପେକ୍ଷାରେ ଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏପରି କି କେତେଜଣ କହିଛନ୍ତି, ଅତୀତରେ ଚିରଞ୍ଜୀବ କଂଗ୍ରେସରେ ଥିଲାବେଳେ ଜିଲାରେ ତାଙ୍କର ଅଖଣ୍ଡ କ୍ଷମତା ଥିଲା। ସେ ଅନେକଙ୍କ ରାଜନୈତିକ କ୍ୟାରିୟରରେ ଆଞ୍ଚ ଆଣିଥିଲେ। ଏବେ ଯଦି ଚିରଞ୍ଜୀବ ପ୍ରାର୍ଥୀ ହୁଅନ୍ତି ତେବେ କ୍ଷତିଗ୍ରସ୍ତ ନେତାମାନେ ବଦଲା ନେବାକୁ ପଛାଇବେ ନାହିଁ ବୋଲି କୁହାଯାଉଛି।

# ବିଜେଡି ବୈଠକରେ ଗୀତାଞ୍ଜଳିଙ୍କୁ ନେଇ ଚର୍ଚ୍ଚା


ବୈଠକରେ ଯୋଗ ଦେଇଥିବା ବିଜେଡି କର୍ମୀମାନେ।

## ପାରାଦୀପ ନିର୍ବାଚନମଣ୍ଡଳୀ

କୁଜଙ୍ଗ,୫।୪ (ମନୋଜ ପ୍ରଧାନ)

ପାରାଦୀପ ନିର୍ବାଚନମଣ୍ଡଳୀ ଲାଗି ବିଜେଡିର ଦଳୀୟ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାବେଳେ ବିଧାୟକ ସମ୍ବିତ ରାଉତରାୟଙ୍କୁ ଚଳିତ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ କେତେଜଣ ଅସନ୍ତୁଷ୍ଟ କର୍ମୀ ବିରୋଧ କରୁଛନ୍ତି।

ଏଭଳିସ୍ଥିତିରେ ଶୁକ୍ରବାର କୁଜଙ୍ଗ କୋଠିଆସାହିସ୍ଥିତ ମୁକ୍ତେଶ୍ୱର ମଣ୍ଡପରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ବିଧାୟକ ସମ୍ବିତ ରାଉତରାୟଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟଙ୍କ ଉପସ୍ଥିତିକୁ ନେଇ ଚର୍ଚ୍ଚା ବଢ଼ିବାରେ ଲାଗିଛି। ବୈଠକରେ ଉପସ୍ଥିତ ବିଧାୟକ ସମ୍ବିତ ସ୍ତ୍ରୀଙ୍କୁ ସିଧାସଳଖ ଟିକେଟ ପାଇବା ସମ୍ପର୍କରେ କିଛି କହି ନ ଥିଲେ ମଧ୍ୟ ଦାମୋଦର ରାଉତଙ୍କ ଦାୟାଦ ହିସାବରେ ସେ ତାଙ୍କ ଅଧୁରା ସ୍ୱପ୍ନ ପୂରଣ କରିବେ ବୋଲି କହିଥିଲେ । ଏହି ଅବସରରେ କେତେଜଣ କର୍ମୀ ଗୀତାଞ୍ଜଳି ବିଧାୟିକା ପ୍ରାର୍ଥୀ ହେଉଛନ୍ତି ବୋଲି ନିଷ୍ପତ୍ତି ହୋଇସାରିଛି, କେବଳ ଘୋଷଣା ବାକି ଅଛି ବୋଲି କହିବାକୁ ପଛାଇ ନ ଥିଲେ । ଯେଉଁ ଅସନ୍ତୁଷ୍ଟମାନେ ଦାମ ବାବୁଙ୍କ ପରିବାରର ସଦସ୍ୟ ଟିକେଟ ନ ପାଇବା ପାଇଁ ଦାବି କରୁଛନ୍ତି ସେମାନେ ସମସ୍ତେ ଦାମବାବୁଙ୍କ ପାଇଁ ସମାଜରେ ପରିଚିତ ହୋଇଛନ୍ତି ବୋଲି ବିଧାୟକ ସମ୍ବିତ କହିଥିଲେ। ଗୀତାଞ୍ଜଳି ରାଉତରାୟ କହିଥିଲେ, ଦାମୋଦରଙ୍କ ଦାୟାଦ ହିସାବରେ ଆମେ ସବୁବେଳେ ଜନତାଙ୍କ ପାଖରେ ଅଛୁ । ପାରାଦୀପ କୁଜଙ୍ଗର ରାଜନୀତିରେ ସେ ସର୍ବଦା ଜଡ଼ିତ ଥିଲେ ଏବଂ ଆଗକୁ ମଧ୍ୟ ରହିବେ ବୋଲି ସେ ପ୍ରକାଶ କରିଥିଲେ। ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଡ଼ଳ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବ୍ଲକ ବିଜେଡି ସଭାପତି ନରେନ୍ଦ୍ର ପରିଡା, ପଞ୍ଚାୟତ ସମିତି ଅଧ୍ୟକ୍ଷା ନିନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ସାଇଲୋ ସରପଞ୍ଚ ସରୋଜ ସେଠୀ, ଜିଲା ବିଜେଡି ଉପସଭାପତି ଅଜୟ କୁମାର ସାହୁ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ପ୍ରମୋଦ ଚରଣ ସ୍ୱାଇଁ, ରବି ନାରାୟଣ ସାହୁ, ପୂର୍ବତନ ସରପଞ୍ଚ ବିଜୟ ଖଟେଇ ପ୍ରମୁଖ ଯୋଗଦେଇ ବିଜେଡିକୁ ଶକ୍ତିଶାଳୀ କରିବା ସହ ବିରୋଧୀଙ୍କୁ ଶିକ୍ଷା ଦେବାକୁ କହିଥିଲେ।

# କେନ୍ଦ୍ରାପଡ଼ା ଯୁବ କଂଗ୍ରେସ ସଭାପତିଙ୍କ ଇସ୍ତଫା

କେନ୍ଦ୍ରାପଡ଼ା, ୫।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତି ରତିକାନ୍ତ ସାମଲ ଜାତୀୟ କଂଗ୍ରେସ ପ୍ରାଥମିକ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଏ ନେଇ ରାଜ୍ୟ ଯୁବ କଂଗ୍ରେସ ସଭାପତିଙ୍କ ନିକଟକୁ ସେ ଇସ୍ତଫା ପତ୍ର ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ଜାତୀୟ କଂଗ୍ରେସ ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେଲେ ବୋଲି ଏଥିରେ ଉଲ୍ଲେଖ କରିଛନ୍ତି। ୨୦୦୮ ମସିହାରେ ଚାନ୍ଦୋଳ କଲେଜ ଛାତ୍ର କଂଗ୍ରେସ ପକ୍ଷରୁ ସେ ସାଂସ୍କୃତିକ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଲୋକ ସଭା ସୋସିଆଲ ମିଡିଆ ସଂଯୋଜକ ଓ କେନ୍ଦ୍ରାପଡ଼ା ବିଧାନସଭା ଯୁବ କଂଗ୍ରେସ ସଭାପତି ଭାବେ ଅଦ୍ୟାବଧି କାର୍ଯ୍ୟ ତୁଲାଇ ଆସୁଥିଲେ। ସେ କହିଛନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କୁ ସମର୍ଥନକରି ଏହି ଇସ୍ତଫା ଦେଇଛନ୍ତି।

# ହିମାଂଶୁଙ୍କୁ ଜିତାଇବାକୁ କର୍ମୀଙ୍କ ଶପଥପାଠ

## ତିର୍ତ୍ତୋଲରେ କଂଗ୍ରେସର ସଂକଳ୍ପ ସଭା

ତିର୍ତ୍ତୋଲ,୫।୪(ଗୌରାଙ୍ଗ ଚରଣ ସ୍ୱାଇଁ)

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଶୁକ୍ରବାର ତିର୍ତ୍ତୋଲ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସର ସଙ୍କଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ୨୦୨୦ ଉପନିର୍ବାଚନ ସମୟରୁ ଏପର୍ଯ୍ୟନ୍ତ ହିମାଂଶୁ ମଲ୍ଲିକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଜନସେବା ନିଷ୍ଠାର ସହ କରୁଥିବା କହିଥିଲେ। ଏହା କେବେ ବି ବୃଥା ଯିବନାହିଁ ବୋଲି ବକ୍ତାମାନେ କହିଥିଲେ। ଏଥିସହ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ପ୍ରତ୍ୟେକ କର୍ମୀ ନିଜକୁ ହିମାଂଶୁ ଭାବି ନିର୍ବାଚନରେ କାମ କରିବା ପାଇଁ ଉପସ୍ଥିତ କର୍ମୀମାନେ ଶପଥପାଠ କରିଥିଲେ। ହିମାଂଶୁ ଭୂଷଣ ମଲ୍ଲିକଙ୍କ ଉପସ୍ଥିତିରେ ଏହି ସଙ୍କଳ୍ପ ସଭାରେ ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ଦେବପ୍ରସାଦ ନାୟକ, ବ୍ଲକ କଂଗ୍ରେସ ଉପସଭାପତି ଧନଞ୍ଜୟ ସୂତାର, ଜିତେନ୍ଦ୍ର ମହାନ୍ତି, ଅଶ୍ୱିନୀ କୁମାର ସ୍ୱାଇଁ, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସଫି ଆଜମ, ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚୟନୀ, ସରୋଜିନୀ ପରିଡା, ବେଦଦ୍ୟୁତି ପୃଷ୍ଟି, ଶୁଭନାରାୟଣ ନାୟକ, ବ୍ରଜ କିଶୋର ମଲ୍ଲିକ, ନିରଞ୍ଜନ ମହାନ୍ତି, ଅନସୁୟା ପ୍ରଧାନ, ନିରଞ୍ଜନ ମୁଦୁଲି, ରବୀନ୍ଦ୍ର ବେହେରା, ବସନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ସଂକଳ୍ପ ସଭାରେ ସାମିଲ ହୋଇଥିବା କଂଗ୍ରେସ କର୍ମୀମାନେ।

# ତଟ ସୁରକ୍ଷାରେ ସମସ୍ତେ ଧ୍ୟାନଦେବା ଜରୁରୀ



କର୍ମଶାଳାରେ ଯୋଗଦେଇଥିବା କୋଷ୍ଟଗାର୍ଡର ଅଧିକାରୀ ଓ ଅନ୍ୟମାନେ।

## କୋଷ୍ଟଗାର୍ଡ ପକ୍ଷରୁ ୨ ଦିନିଆ କର୍ମଶାଳା

ପାରାଦୀପ,୫।୪(ଶରତ ରାଉତ)

ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପ୍ରଶାସନିକ ଭବନରେ ଶୁକ୍ରବାର ୨ଦିନିଆ ଉପକୂଳ ସୁରକ୍ଷା ସମ୍ପର୍କିତ କର୍ମଶାଳା ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶା ପୋଲିସ, ମେରାଇନ ପୋଲିସ, ପାରାଦୀପ ବନ୍ଦର, କଷ୍ଟମ୍ସ, ସିଆଇଏସ୍‌ଏଫ୍, ବନ ବିଭାଗ, ମତ୍ସ୍ୟ ବିଭାଗ ଓ ଅନ୍ୟ ସଂଯୁକ୍ତ ସଂସ୍ଥା ପ୍ରତିନିଧିମାନେ ଯୋଗ ଦେଇଥିଲେ। ସମୁଦ୍ରରେ ଆଖି କାନ ହେଉଛନ୍ତି ମତ୍ସ୍ୟଜୀବୀ। ବିଦେଶୀ ସନ୍ଦିଗ୍ଧ ବ୍ୟକ୍ତି କିମ୍ବା କୌଣସି ଅଘଟଣ ସମ୍ପର୍କରେ ସୂଚନା ପାଇଲେ ତୁରନ୍ତ କୋଷ୍ଟଗାର୍ଡକୁ ସୂଚନା ଦେବା ପାଇଁ ଡିଆଇଜି ସଞ୍ଜୟ ନେଗୀ ପରାମର୍ଶ ଦେଇଥିଲେ। ଏଥିସହ ତଟ ସୁରକ୍ଷାରେ ସମସ୍ତେ ଧ୍ୟାନ ଦେବା ଜରୁରୀ ବୋଲି ସେ କହିଥିଲେ। କୌଣସି ବିପଦ ସମୟରେ ସୁରକ୍ଷା ବିଭାଗ ପକ୍ଷରୁ କିପରି ସମନ୍ୱୟ ରକ୍ଷା କରାଯିବ ତା'ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା।

# ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆଣିଲେ ପୂର୍ବତନ ବିଧାୟକ

ଆଳି,୫।୪(ବନମାଳୀ ସେନାପତି)

ଆଳି ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥୀ ପ୍ରତାପ କେଶରୀ ଦେବ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଛନ୍ତି ବୋଲି ପୂର୍ବତନ ବିଧାୟକ ତଥା କଂଗ୍ରେସ ନେତା ଦେବେନ୍ଦ୍ର ଶର୍ମା ଆଳି ଥାନାରେ ଏତଲା ଦେଇଛନ୍ତି। ଶର୍ମା ତାଙ୍କ ଏତଲାପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବିଜେଡି ପ୍ରାର୍ଥୀ ଓଡ଼ିଶାର ମନ୍ତ୍ରୀ ଦେବ ଶୁକ୍ରବାର ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ପତ୍ରପୁରଠାରୁ ଆଳିର ଆରାଧ୍ୟ ଦେବତା ଲକ୍ଷ୍ମୀବରାହ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଏହା ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି। ଜଣେ ପ୍ରାର୍ଥୀ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ମାତ୍ର ୧୦ଟି ବାଇକ୍ ନିଜ ସହ ନେଇପାରିବେ। କିନ୍ତୁ ଶୁକ୍ରବାର ହଜାରରୁ ଉର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ଦେବ ଆସିଥିଲେ। ଏହା ଏକ ଅପରାଧ। ତେଣୁ ସେ ଏହାର ସୁବିଚାର ପାଇଁ ଦାବି କରିବା ସହ ଏହାର ଏକକିତା ନକଲ ମୁଖ୍ୟ ନିର୍ବାଚନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଓ ଆଳି ନିର୍ବାଚନମଣ୍ଡଳୀର ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ଏ ନେଇ ଥାନାରେ ନଂ.୨୫୦/୨୪ରେ ଏକ ମାମଲା ରୁଜୁ ହୋଇଥିବା ନେଇ ଆଇଆଇସି ସବ୍ୟସାଚୀ ଶତପଥୀ ସୂଚନା ଦେଇଛନ୍ତି। ଅପରପକ୍ଷରେ ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର ଏହି ଅଭିଯୋଗକୁ ଭିତ୍ତିହୀନ ବୋଲି ପ୍ରତିକ୍ରିୟା ରଖିଛନ୍ତି।



ଦେବେନ୍ଦ୍ର ଶର୍ମା ଥାନାରେ ଅଭିଯୋଗପତ୍ର ଦେଉଛନ୍ତି।

# ଘରୋଇକରଣ ବିରୋଧରେ ସଂଘର୍ଷ ଜାରି ରହିବ

## ଶ୍ରମିକ ୟୁନିୟନର ୪୦ତମ ବାର୍ଷିକ ସମାବେଶ

ପାରାଦୀପ,୫।୪(ଶରତ ରାଉତ)

ପାରାଦୀପ ବନ୍ଦର ଶ୍ରମିକ ୟୁନିୟନ ପକ୍ଷରୁ ୪୦ତମ ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ବାମପନ୍ଥୀ ନେତା ସଚିକାନ୍ତ ପାଣିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ସମାବେଶରେ କେନ୍ଦ୍ର ସରକାରଙ୍କ ଘରୋଇକରଣ ନୀତିକୁ ବିରୋଧ କରାଯାଇଥିଲା। ପୁଞ୍ଜିପତିମାନଙ୍କୁ ସରକାର ଅଧିକ ସୁଯୋଗ ଦେଉଥିଲାବେଳେ ଶ୍ରମିକ ସମାଜ ପାଇଁ ସେପରି କୌଣସି ସୁବିଧା ଯୋଗାଇନାହାନ୍ତି। ଏଥିପାଇଁ ସଂଗ୍ରାମ କରିବା ଲାଗି ପାଣି ଆହ୍ୱାନ ଦେଇଥିଲେ। ଏଥିସହ ଆସନ୍ତା ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଅବସରରେ ସଭାପତିଭାବେ ନିମାଇଁ ଚରଣ ବରାଳ, ସାଧାରଣ ସମ୍ପାଦକ କୁଶଚରଣ ସୂତାର, ଉପସଭାପତି ଶିଶିର କୁମାର ପତି, ସହସମ୍ପାଦକ ଅଜୟ କୁମାର ବେହେରା, ଓ କୋଷାଧ୍ୟକ୍ଷଭାବେ ଅଜୟ କୁମାର ସାହୁଙ୍କ ସମେତ ୩୯ ଜଣିଆ କମିଟି ଗଠନ କରାଯାଇଛି ବୋଲି ୟୁନିୟନ ପକ୍ଷରୁ ସୂଚନା ଦିଆଯାଇଛି।

# ରମାକାନ୍ତଙ୍କ ପ୍ରାର୍ଥିତ୍ୱକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

ରଘୁନାଥପୁର,୫।୪(ରାଜେନ୍ଦ୍ର ନାରାୟଣ ସିଂହ)

ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ପ୍ରଫେସର ରମାକାନ୍ତ ଭୋଇଙ୍କୁ ଟିକେଟ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ବିଜେଡି କର୍ମକର୍ତ୍ତାଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ଅବସରରେ ପୂର୍ବତନ ସରପଞ୍ଚ ବିଜୟ ସ୍ୱାଇଁ, ପଞ୍ଚାୟତ ସଭାପତି ଦିଲୀପ କୁମାର ପଣ୍ଡା, ମାନସ ରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ।

# ଶର୍ଟ ସର୍କିଟରୁ ବାଣରେ ନିଆଁ ଲାଗିଲା: ଯୁବକ ଗୁରୁତର

ରଘୁନାଥପୁର,୫।୪
(ରାଜେନ୍ଦ୍ର ନାରାୟଣ ସିଂହ)



ରଘୁନାଥପୁର ଥାନା ଗୁଆଳିପୁର ଗ୍ରାମରେ ଶୁକ୍ରବାର ଅଘଟଣ ଘଟିଛି। ଘର ଭିତରେ ଇଲେକ୍ଟ୍ରି ଶର୍ଟ ସର୍କିଟରୁ ନିକଟରେ ଥୁଆହୋଇଥିବା କିଛି ତାଳ ଫୋଟକା ଓ କୁମ୍ଭି ବାଣରେ ନିଆଁ ଲାଗି ବିସ୍ଫୋରଣ ହୋଇଛି। ଏଥିରୁ ଉତ୍ପନ୍ନ ନିଆଁରେ ଘରଭିତରେ ଥିବା ଧାନ ଚାଉଳ,ବିରିମୁଗ ଓ ଆସବାବପତ୍ର ପୋଡିଯିବା ସହ ବାଣ ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଛନ୍ତି । ସେ ହେଲେ ଉକ୍ତ ଗ୍ରାମର ପୋଲାମୁଣ୍ଡା ନିକଟସ୍ଥ ରଞ୍ଜନ ପଟ୍ଟନାୟକଙ୍କ ପୁଅ ଚିରଞ୍ଜୀବୀ ପଟ୍ଟନାୟକ ଓରଫ ଲିପୁନ (୨୧)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକର ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ରଘୁନାଥପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତ ଓ ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛନ୍ତି। ଏ ସମ୍ପର୍କରେ ଥାନାରେ ମାମଲା (ନଂ. ୮୫/୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଆଇଆଇସି ସେଠୀ ପ୍ରକାଶ କରିଛନ୍ତି। ଅପରପକ୍ଷେ ପୋଲିସ ଚିକିତ୍ସିତ ଯୁବକଙ୍କ ନିକଟରେ ପହଞ୍ଚି ବୟାନ ରେକର୍ଡ କରିଥିବା ସୂଚନା ମିଳିଛି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଲିପୁନ ଘରେ ଇଲେକ୍ଟ୍ରି ସମ୍ପର୍କିତ କୌଣସି କାର୍ଯ୍ୟ କରୁଥିବାବେଳେ ହଠାତ୍ ସ୍ପାର୍କିଙ୍ଗ ହୋଇଥିଲା। ଏଥିରୁ ନିଆଁ ଝୁଲ ଖସି ନିକଟରେ ଥୁଆହୋଇଥିବା ତାଳ ଫୋଟକା ଓ କୁମ୍ଭି ବାଣରେ ଲାଗିଯାଇଥିଲା। ଫଳରେ ଘରର କାନ୍ଥ ଫାଟିଯିବା ସହ ସମ୍ମୁଖରେ ଥିବା ଏକ ଗ୍ରିଲ ଭାଙ୍ଗି ତଳେ ପଡ଼ିଯାଇଥିଲା। ଏହାଛଡା ଅନ୍ୟାନ୍ୟ ସାମଗ୍ରୀରେ ନିଆଁ ଲାଗି ପୋଡ଼ି ଯାଇଥିଲା। ଶବ୍ଦ ଶୁଣି ପ୍ରଥମେ ଗ୍ରାମବାସୀ ଦୌଡ଼ିଆସି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଏହି ଦୁଃଖଦ ଘଟଣା ଅଞ୍ଚଳବାସୀଙ୍କୁ ଏକପ୍ରକାର ସ୍ତବ୍ଧ କରିଛି।

# ବିଶ୍ୱ ପଣ୍ୟ କାରବାରରେ ନାବିକଙ୍କ ଭୂମିକା ଅତୁଳନୀୟ

## ୬୧ତମ ଜାତୀୟ ନୌବାଣିଜ୍ୟ ଦିବସ

ପାରାଦୀପ,୫।୪(ଶରତ ରାଉତ)


ନୌବାଣିଜ୍ୟ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହାରାନ୍ଧ ଓ ଅନ୍ୟମାନେ।

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶୁକ୍ରବାର ୬୧ତମ ଜାତୀୟ ନୌବାଣିଜ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। ବନ୍ଦର ନିଷିଦ୍ଧାଞ୍ଚଳର ୱେଟବେଶିନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା, ଉପସଂରକ୍ଷକ ଅଲେଖଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପ୍ରତି ପାରାଦୀପ ବନ୍ଦର ପଣ୍ୟ କାରବାର କ୍ଷେତ୍ରରେ ଦେଶର ପ୍ରଥମ ସ୍ଥାନ ପାଇଛି। ଏହା ଆମ ପାଇଁ ଗର୍ବ ଓ ଐତିହାସିକ କ୍ଷଣ। ଏସବୁ ପଛରେ ରହିଛି ଜାହାଜ ଯୋଗେ ପଣ୍ୟ କାରବାର। ସମଗ୍ର ବିଶ୍ୱରେ ୯୦ ପ୍ରତିଶତ ପଣ୍ୟ ଜଳପଥରେ ହେଉଛି। ଏହାକୁ ନାବିକମାନେ ସମ୍ପାଦନ କରୁଛନ୍ତି। ସେମାନଙ୍କ ଭୂମିକା ବିଶ୍ୱସ୍ତରରେ ଅତୁଳନୀୟ ବୋଲି ହାରାନ୍ଧ କହିଥିଲେ। ଆରମ୍ଭରେ ମେରାଇନ ଅଫିସର ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ବବଲୁ ସିକର୍ଦା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ଜଗନ୍ନାଥପ୍ରସାଦ,୫।୪(ବିଭୁ ପ୍ରସାଦ ପଟ୍ଟନାୟକ): ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ଆଦର୍ଶ ସ୍କୁଲରେ ନବମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିଡିପୁର ଗ୍ରାମର ମଦନ ରଥଙ୍କ ଏକମାତ୍ର ଝିଅ ବିଦ୍ୟୁଷା ରଥ। ଛାତ୍ରୀ ଜଣକ ସ୍କୁଲରେ ପଢୁଥିବା ସମୟରେ ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ସ୍କୁଲ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ସଙ୍ଗେ ସଙ୍ଗେ ଖବର ଦେବା ସହ ମେଡିକାଲରେ ଭର୍ତ୍ତି କରାଇଥିଲେ। ଚିକିତ୍ସାର କିଛି ସମୟ ପରେ ଛାତ୍ରୀ ଘରକୁ ଫେରିଯାଇଥିଲେ। କିନ୍ତୁ ଘରେ ପହଞ୍ଚିବାର କିଛି କ୍ଷଣ ପରେ ପୁଣି ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଉନ୍ନତ ଚିକିତ୍ସା ପାଇଁ ଭଞ୍ଜନଗର ଉପଖଣ୍ଡ ମେଡିକାଲ ନେବା ସମୟରେ ବାଟରେ ଅଚେତ ହୋଇପଡ଼ିଥିଲେ। ମେଡିକାଲ ପହଞ୍ଚିବା ପରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ।

### ମଦ ଦୋକାନ ସମ୍ମୁଖରୁ ମୃତଦେହ ଜବତ

ପାରଳାଖେମୁଣ୍ଡି, ୫।୪ (ଗିରିଧାରୀ ପରିଛା): ଗୋଷାଣୀ ବ୍ଲକ ଗାରାବନ୍ଧ ଗ୍ରାମରେ ଥିବା ଏକ ବିଦେଶୀ ମଦ ଦୋକାନ ନିକଟସ୍ଥ ନିର୍ମାଣାଧୀନ ଏକ ଦୋକାନ ଘର ବାରଣ୍ଡାରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ଅଂଶୁଘାତ କିମ୍ବା ଅନ୍ୟ କୌଣସି କାରଣରୁ ମୃତ୍ୟୁ ହୋଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ମୃତ ଯୁବକଙ୍କ ଘର ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ବଜ୍ରକଟ୍ଟୁରୁ ମଣ୍ଡଳର ଡକୁଲାପାଡୁ ଗ୍ରାମ ଏବଂ ତାଙ୍କ ନାମ ଆମ୍ବାତି ରାଜୁ (୩୫) ବୋଲି ଜଣାପଡିଛି।

### ଜାତୀୟ ରାଜପଥରେ ମୃତଦେହ ରଖି ବିକ୍ଷୋଭ

ମୋହନା, ୫।୪ (ମନ୍ମଥ ମିଶ୍ର): ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ଗଣେଶ ଚନ୍ଦ୍ର ମଲ୍ଲିକ। ଭାଲିଆପଦା ଗ୍ରାମ ନିକଟରେ ବିଦ୍ୟୁତ ସଂଯୋଗ କରିବା ପାଇଁ ଯାଇଥିଲେ। କିନ୍ତୁ ତାଙ୍କର ମୃତ୍ୟୁ କେମିତି ଘଟିଲା ଜଣାପଡ଼ିନାହିଁ। ତାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ୍ୟ ଡାକ୍ତରୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ଉତ୍ତେଜିତ ଲୋକେ ଟାଟା ପାୱାର କମ୍ପାନିସ୍ଥିତ ଜାତୀୟ ରାଜପଥ ନିକଟରେ ମୃତଦେହ ରଖି କ୍ଷତିପୂରଣ ଦାବିରେ ବିକ୍ଷୋଭ କରୁଛନ୍ତି। ତହସିଲଦାର, ବିଡିଓ, ଏସଡିପିଓ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

### ବିଭିନ୍ନ ରୋଗରେ ଆକ୍ରାନ୍ତ ଗୃହ ପାଳିତ ପ୍ରାଣୀ

ଆର.ଉଦୟଗିରି, ୫।୪ (ମନୋଜ କୁମାର ପାଢୀ): ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଛେଲିଗଡ଼ ପଞ୍ଚାୟତ ଅଞ୍ଚଳର ଗୃହପାଳିତ ପ୍ରାଣୀ ଗୋରୁ, ଛେଳି, ମଇଁଷି ଆଦି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ଛେଲିଗଡ଼ ଗ୍ରାମର କେତେକ ବ୍ୟକ୍ତି ପ୍ରାଣୀ ଚିକିତ୍ସା କେନ୍ଦ୍ର ନିକଟରେ ଧାରଣା ଦେଇଥିଲେ। ସେମାନଙ୍କର ଅଭିଯୋଗ କି ଗୃହ ପାଳିତ ପ୍ରାଣୀମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ କେତେକଙ୍କ ମୃତ୍ୟୁ ଘଟିଥିଲା। ଏହି ରୋଗ କାହିଁକି ବ୍ୟାପୁଛି ସେ ନେଇ କୌଣସି ପ୍ରାଣୀ ଚିକିତ୍ସକ ମଧ୍ୟ ଦୃଷ୍ଟି ଦେଉନାହାନ୍ତି। ଆଜକୁ ପ୍ରାୟ ୬ମାସ ହେଲା ଏଠାରେ ପ୍ରାଣୀ ଚିକିତ୍ସକ ନଥିବା ସେମାନେ ଅଭିଯୋଗ କରିଛନ୍ତି। ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ସବୁବେଳେ ତାଲା ଝୁଲିରହିଛି। ତେଣୁ ଏହି ସମସ୍ୟା ଦିନକୁ ଦିନ ଆହୁରି ବଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି। ତୁରନ୍ତ ଏହାର ସମାଧାନ ନ କରାଗଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି।

# ସୁରଦା, ପ୍ରତିଭା, କଳ୍ପନା ନକଲି ଆଦିବାସୀ

## ଦାବିକଲା କୁଇ ସମାଜ ସେବା ସମିତି

ଫୁଲବାଣୀ, ୫।୪(ରାକେଶ କୁମାର ରାଉତ)



କୁଇ ସମାଜ କର୍ମକର୍ତ୍ତା।

କନ୍ଧମାଳ ଜିଲା ରାଜନୀତି ଦିନକୁ ଦିନ ଗରମ ହେବାରେ ଲାଗିଛି । ବାଲିଗୁଡ଼ା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସୁରଦା ପ୍ରଧାନ, ଭାଜପା ପ୍ରାର୍ଥୀ କଳ୍ପନା କହଁର ଏବଂ ଫୁଲବାଣୀ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ପ୍ରତିଭା କହଁର ଆଦିବାସୀ ନୁହନ୍ତି। ସେମାନେ ନିର୍ବାଚନରେ ପ୍ରାର୍ଥୀପତ୍ର ଦାଖଲ କଲେ ତାହାକୁ ନାକଚ କରିବାକୁ ଜିଲା କୁଇ ସମାଜ ସେବା ସମିତି ଶୁକ୍ରବାର ଅପରାହ୍ନରେ ଫୁଲବାଣୀରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛି। ଏହାକୁ ନେଇ ଏବେ ରାଜନୀତି ସରଗରମ ହୋଇଉଠିଛି। ଏ ନେଇ ଏକ ଦାବିପତ୍ର ଜିଲା ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ଦୀର୍ଘଦିନରୁ ସୁରଦା ତାଙ୍କ ନିର୍ବାଚନୀମଣ୍ଡଳୀରେ ସଂଗଠନ କରିଆସୁଥିଲେ । କଂଗ୍ରେସ ଚଳିତ ସାଧାରଣ ନିର୍ବାଚନରେ ତାଙ୍କୁ ବାଲିଗୁଡା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଭାବେ ଘୋଷଣା କରିଛି। ସେ ପ୍ରାର୍ଥୀ ହେବା ପରେ ତାଙ୍କ ପ୍ରାର୍ଥୀତ୍ୱକୁ ନେଇ ଏବେ କୁଇ ସମାଜ ପ୍ରଶ୍ନ ଉଠାଇଛି। ପ୍ରତ୍ୟେକ କ୍ଷେତ୍ରରେ କନ୍ଧମାଳ ଆଦିବାସୀମାନେ ପ୍ରତାରଣାର ଶିକାର ହେଉଛନ୍ତି। ବାଲୁଗଡ଼ା ନିର୍ବାଚନୀମଣ୍ଡଳୀ ଲାଗି କଂଗ୍ରେସ କରିଥିବା ପ୍ରାର୍ଥୀ ସୁରଦା ଆଦିବାସୀ ନୁହନ୍ତି। ସେ ଚଞ୍ଚକତା କରି ଜାତି ପ୍ରମାଣପତ୍ର ଯୋଗାଡ଼ କରିବାରେ ସକ୍ଷମ ହୋଇଛନ୍ତି। ଅସଲି ଆଦିବାସୀର ଅଧିକାରକୁ ଧୋକାଦେଇ ପ୍ରତାରଣା କରି ବିଧାୟକ ଭାବେ ଲଢ଼ିବାକୁ ଯାଉଛନ୍ତି। ତାଙ୍କ ନାମରେ ଜାଲ୍ ପ୍ରମାଣପତ୍ର କେସ୍ (ନଂ.୪୦/୧୦) ଆର୍‌ଡିସିଙ୍କ ପାଖରେ ବିଚାରାଧୀନ ରହିଛି। ବାଲିଗୁଡ଼ା ନିର୍ବାଚନମଣ୍ଡଳୀରେ ଭାଜପା ଦେଇଥିବା ପ୍ରାର୍ଥୀ କଳ୍ପନା କହଁର ଜଣେ ଅଣ ଆଦିବାସୀ। ସେ ସାଧାରଣ ବର୍ଗର ଲୋକଙ୍କୁ ବିବାହ କରିଛନ୍ତି। ଆଦିବାସୀ ସମାଜରୁ ସେ ଅଲଗା ହୋଇ ରହିଛନ୍ତି। ସେହିପରି ଫୁଲବାଣୀ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପକ୍ଷରୁ ପ୍ରତିଭା କହଁରଙ୍କୁ ବିଧାୟିକା ପ୍ରାର୍ଥୀ ଘୋଷଣା କରାଯାଇଛି । ସେ ମଧ୍ୟ ଅନ୍ୟ ଜାତିରେ ବିବାହ କରିଛନ୍ତି। ଆଦିବାସୀ ସମାଜ ଦ୍ୱାରା ଗ୍ରହଣୀୟ ନୁହନ୍ତି । ତେଣୁ ସେମାନେ ପ୍ରାର୍ଥୀପତ୍ର ଦାଖଲ କଲେ ତାହାକୁ ନାକଚ କରିବାକୁ କୁଇ ସମାଜ ସେବା ସମିତି ସମ୍ପାଦକ ଅବନୀ କୁମାର କହଁର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫିରିଙ୍ଗିଆ ଶାଖା ସଭାପତି ମୁକୁନ୍ଦ କହଁର, ବାଲିଗୁଡ଼ା ଶାଖା ସଭାପତି ମନୋଜ ମଲ୍ଲିକ, କୋଷାଧ୍ୟକ୍ଷ ଭାବିନ୍ଦ୍ର କହଁର, ନାରୀନେତ୍ରୀ ଗୀତାଳି କହଁର, କୁସୁମୀ ପ୍ରଧାନ, ସରିତା କହଁର ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ଅଭିଯୋଗ । ପ୍ରତିଭା ଖାଣ୍ଟି ଆଦିବାସୀ ଝିଅ । ଯେଉଁମାନେ ଟିକେଟ ପାଇଁ ଆବେଦନ କରିଥିଲେ, ସେମାନେ ନ ପାଇବାରୁ ଏପରି ଷଡ଼ଯନ୍ତ୍ର କରିଛନ୍ତି। ମୁଁ ଆଦିବାସୀ ଝିଅ ବୋଲି ପ୍ରତିଭା ପ୍ରକାଶ କରିଛନ୍ତି। ସେହିପରି ସୁରଦା ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ମୁଁ ଅଣଆଦିବାସୀ ନୁହେଁ । ଆଦିବାସୀ ଘରେ ମୋର ଜନ୍ମ। ସରକାରଙ୍କ ପାଖରୁ ମିଳିଥିବା ସମସ୍ତ ଦସ୍ତାବିଜ ଆଦିବାସୀ ବୋଲି ମୋ ପାଖରେ ପ୍ରମାଣପତ୍ର ରହିଛି। କୁଇ ସମାଜ ଯେଉଁ ଅଭିଯୋଗ ଆଣୁଛି ତାହା ସମ୍ପୂର୍ଣ୍ଣ ମିଥ୍ୟା ବୋଲି ସେ କହିଛନ୍ତି। କଳ୍ପନା କହଁରଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ଦାଶରଥି ଗମାଙ୍ଗଙ୍କ ଶୋଭାଯାତ୍ରା



ମୋହନା, ୫।୪ (ମନ୍ମଥ ମିଶ୍ର): ଟିକେଟ ପାଇବା ପରେ କଂଗ୍ରେସ ପ୍ରାର୍ଥୀ ଦାଶରଥି ଗମାଙ୍ଗ ଏକ ବିଶାଳ ବାଇକ ଶୋଭାଯାତ୍ରା କରିଛନ୍ତି। ଶୁକ୍ରବାର ପ୍ରାୟ ୩ ହଜାରରୁ ଅଧିକ ସମର୍ଥକଙ୍କୁ ନେଇ ଲୁହାଗୁଡି ଛକଠାରୁ ଏକ ବାଇକ ଶୋଭାଯାତ୍ରାରେ ଯାଇ ମୋହନା କଲେଜ ଛକରେ ପହଞ୍ଚିଥିଲେ। ସେଠାରୁ ମୋହନା ବଜାର ପରିକ୍ରମା କରି କଣ୍ଟେଇକୋଲିଠାରୁ ଫେରି କଂଗ୍ରେସ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଗତ ନିର୍ବାଚନର ଫଳାଫଳଠାରୁ ୩ ଗୁଣରେ ବିଜୟ ହେବେ ବୋଲି କହିଛନ୍ତି।

# ବିଜେଡି ପ୍ରାର୍ଥୀଙ୍କୁ ଭାଜପା ନେତା ପିଣ୍ଟୁଙ୍କ ସମର୍ଥନ

ବ୍ରହ୍ମପୁର,୫।୪(ନରସିଂହ ସାହୁ)– ବିଜେଡି ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଭାଜପା ନେତା ତଥା ବିଏମସିର ପୂର୍ବତନ ମେୟର ଶିବ ଶଙ୍କର (ପିଣ୍ଟୁ) ଦାସ ଖୋଲା ସମର୍ଥନ ଜଣାଇଛନ୍ତି। ଏଥିରୁ ଭାଜପାରେ ଅନ୍ତଃ କନ୍ଦଳ କ୍ରମଶଃ ବଢ଼ିବାରେ ଲାଗିଛି। ଏହି ବିଧାନସଭା ଆସନରୁ ପ୍ରାର୍ଥୀ ହେବାକୁ ଆଶାୟୀ ଥିଲେ ପିଣ୍ଟୁ। ହେଲେ ଟିକେଟ ମିଳିଲା ପ୍ରଦୀପ ପାଣିଗ୍ରାହୀଙ୍କ ଏକାନ୍ତ ଅନୁଗତ କେ. ଅନୀଲ କୁମାରଙ୍କୁ। ତେଣୁ ପିଣ୍ଟୁଙ୍କ ସମେତ ଅନ୍ୟତମ ଆଶାୟୀ ତଥା ୨୦୧୯ ନିର୍ବାଚନରେ ବିଧାୟକ ପ୍ରାର୍ଥୀ କାହ୍ନୁ ଚରଣ ପତି ମଧ୍ୟ ଅସନ୍ତୁଷ୍ଟ ଅଛନ୍ତି। ସେ ଭାଜପାର ବିଭିନ୍ନ କାର୍ଯ୍ୟକ୍ରମକୁ ଯାଉନାହାନ୍ତି। ଆଉ କେତେକ ଆଞ୍ଚଳିକ ନେତା ଓ କର୍ମୀ ମଧ୍ୟ ଜିଲା ସଭାପତିଙ୍କୁ ସହଯୋଗ କରୁନାହାନ୍ତି। ଜିଲା ସଭାପତି ସୁବାସ ସାହୁ ମଧ୍ୟ ଖାତିରି ନ କରି ଭିନ୍ନ ରାସ୍ତା ଆପଣାଇଛନ୍ତି।

ସୂଚନାଯୋଗ୍ୟ ପିଣ୍ଟୁ ୨୦୦୮ ପୌର ନିର୍ବାଚନରେ ବିଜେଡିରୁ ଜିତିଥିଲେ। ପରୋକ୍ଷ ଭୋଟରେ ନଗରପାଳ ନିର୍ବାଚିତ ହୋଇଥିଲେ। ପରେ ବ୍ରହ୍ମପୁର ପୌରପାଳିକାକୁ ସରକାର ମହାନଗର ନିଗମ ଘୋଷଣା କଲେ। ଫଳରେ ନଗରପାଳ ପିଣ୍ଟୁ ଆପେ ମେୟର ଓ କାଉନସିଲରମାନେ କର୍ପୋରେଟର ମାନ୍ୟତା ପାଇଲେ। ପିଣ୍ଟୁ ୨୦୧୪ ବିଧାନସଭା ନିର୍ବାଚନରେ ବିଜେଡି ଟିକେଟ ଆଶା ରଖିଥିଲେ। ବିଫଳ ହେବାରୁ ଭାଜପାରେ ମିଶି ମଇଦାନକୁ ଓହ୍ଲାଇଥିଲେ। ପରାସ୍ତ ହୋଇଥିଲେ। ୨୦୧୯ ନିର୍ବାଚନରେ ମଧ୍ୟ ପିଣ୍ଟୁ ବିଚାର ବିଭାଗ ବନ୍ଦୀ ଥାଇ ସ୍ୱାଧୀନ ଭାବେ ଲଢ଼ିଥିଲେ। ସେଥର ମଧ୍ୟ ହାରିଯାଇଥିଲେ। ଏବେ ସେ ଜାମିନରେ ଅଛନ୍ତି। ଏଥର ନିର୍ବାଚନରେ ସେ ଭାଜପା ପ୍ରାର୍ଥୀ ହେବାକୁ ଲବି କରି ବିଫଳ ହୋଇଛନ୍ତି। ତେଣୁ ପୂର୍ବ ରାଗକୁ ପଛରେ ପକାଇ ବିଜେଡି ପ୍ରାର୍ଥୀ ଚ୍ୟାଉ ପଟ୍ଟନାୟକ ସପକ୍ଷରେ ବାହାରିଛନ୍ତି।

# କଂଗ୍ରେସର ଘୋଷିତ ପ୍ରାର୍ଥୀଙ୍କୁ ବିରୋଧ



ଜି.ଉଦୟଗିରି,୫।୪(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ନିର୍ବାଚନ ମଣ୍ଡଳୀ କଂଗ୍ରେସ କର୍ମୀ ପକ୍ଷରୁ ଜି.ଉଦୟଗିରିର ସିରିକି ଘାଇଠାରେ କର୍ମୀ ସମ୍ମିଳନୀ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଜି. ଉଦୟଗିରି କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନଙ୍କ ପ୍ରାର୍ଥୀତ୍ୱକୁ ତୀବ୍ର ବିରୋଧ କରିଛନ୍ତି କଂଗ୍ରେସ ନେତା ଓ କର୍ମୀ। ଏହି ସଭାରେ ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ, ଜିଲା ଏସସି ସଭାପତି ପ୍ରଫୁଲ୍ଲ ଦିଗାଲ, ଜି. ଉଦୟଗିରି ବ୍ଲକ ସଭାପତି ସଦାନନ୍ଦ ନାୟକ, ଟୀକାବାଲି ବ୍ଲକ ସଭାପତି ଗୋକୁଳ ପ୍ରଧାନ, ରାଇକିଆ ବ୍ଲକ ସଭାପତି କ୍ରିଷ୍ଣା ପ୍ରିୟା ପ୍ରଧାନ, ଜି. ଉଦୟଗିରି ନଗର କଂଗ୍ରେସ ସଭାପତି ଦୀପକ ପ୍ରଧାନ, ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନ, ପୂର୍ବତନ ବ୍ଲକ ସଭାପତି ଟାର୍ଜନ ସାହୁ, ଜୋନ ସଭାପତି ମାନଭଞ୍ଜନ ପ୍ରଧାନ, ବୀରେନ୍ଦ୍ର ମହାମଲ୍ଲିକ, କାଉନସିଲର ଯାକେଶ ପ୍ରଧାନ, ବିଧାୟକ ଆଶାୟୀ ସଂଜିତ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ, ସୂର୍ଯ୍ୟକାନ୍ତ ନାୟକ, ଥୋମାସ ପ୍ରଧାନ, ସଶାନନ୍ଦ ପ୍ରଧାନ, ହିରେନ ନାୟକ, ମିଳନ ନାୟକ, ଶୁଭମନ୍ୟୁ ନାୟକ, ସୁରଜ ନାୟକ, ଷ୍ଟିଫେନ ନାୟକଙ୍କ ସମେତ ସାତୋଟି ଜୋନର ସଭାପତି ଓ ଦାରିଙ୍ଗବାଡି, ରାଇକିଆ, ଟିକାବାଲି, ରାଇକିଆ ବ୍ଲକ, ଜି.ଉଦୟଗିରି ବ୍ଲକ ଓ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦରୁ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ବୈଠକରେ କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ଟିକଟକୁ ପରିବର୍ତ୍ତନ କରି ଜଣେ ଦକ୍ଷ ସଂଗଠକ କଂଗ୍ରେସ ନେତାଙ୍କୁ ଦେବା ପାଇଁ ଉପସ୍ଥିତ କଂଗ୍ରେସ କର୍ମୀ ଓ ନେତା ଦାବି କରିଛନ୍ତି। ଯଦି ଜିଲା ସଭାପତି ଓ ପ୍ରଦେଶ କଂଗ୍ରେସ ସଭାପତି ଏହି ଦାବିକୁ ଗୁରୁତର ସହ ଗ୍ରହଣ ନ କରନ୍ତି ତା'ହେଲେ ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀ ଓ ନେତା ନିର୍ବାଚନରେ କାମ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଦିଗପହଣ୍ଡି,୫।୪(ଅଶେଷ ନାଥ ମିଶ୍ର)– ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଡୁଣ୍ଡୁରା ଗ୍ରାମ ଲକ୍ଷ୍ମୀନୃସିଂହ ମନ୍ଦିର ନିକଟସ୍ଥ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରୁ ଜଣେ ଯୁବକଙ୍କ ଗଳିତ ମୃତଦେହକୁ ଶୁକ୍ରବାର ସକାଳେ ପାଟପୁର ପୋଲିସ ଉଦ୍ଧାର କରିଛି। ମୃତକ ଜଣକ ହେଲେ ଡୁଣ୍ଡୁରା ଗ୍ରାମର ଦାମୋଦର ପ୍ରଧାନଙ୍କ ପୁଅ ଶିବରାମ ପ୍ରଧାନ (୩୫)। ଗତ ୧ ତାରିଖରେ ଯୁବକ ଜଣକ ନିଜ ଭଉଣୀ ଘରକୁ ଯିବା ପାଇଁ ଘରେ କହି ବାହାରିଥିଲେ। ଅପରପକ୍ଷରେ ବିଳମ୍ବିତ ରାତି ଯାଏ ଶିବରାମ ଆଉ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ। ତେବେ ୫ ଦିନର ବ୍ୟବଧାନ ପରେ ଗ୍ରାମବାସୀ ଯୁବକଙ୍କ ଗଳିତ ମୃତଦେହ ଗ୍ରାମ ନିକଟରେ ପଡି ରହିଥିବା ଦେଖି ପାଟପୁର ପୋଲିସକୁ ଖବର ଦେଇଥିଲେ। ଖବରପାଇ ଆଇଆଇସି ଅଜୟ କୁମାର ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ଏ ନେଇ ଥାନା ମାମଲା ନଂ. ୨୩୫/୨୪ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଯୁବକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

# କଳାକାର ଭତ୍ତା ଆବେଦନପତ୍ର ଗ୍ରହଣ ହେଉନି

ବ୍ରହ୍ମପୁର,୫।୪(ସ୍ମୃତି ରଞ୍ଜନ ମହାଲିକ)– ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞାପନ ଅନୁଯାୟୀ ରାଜ୍ୟର ନୂତନ ୩୦ ହଜାର କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାର ଭତ୍ତା ପାଇଁ ଆବେଦନ କରିବାକୁ ନିର୍ଦ୍ଦେଶ ରହିଛି। ଆସନ୍ତା ୩୦ ତାରିଖ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ ପାଇଁ ବିଜ୍ଞାପନରେ ଉଲ୍ଲେଖ ରହିଛି। କିନ୍ତୁ ଜିଲା ସଂସ୍କୃତି ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରେ କେହି ବି ଆବଶ୍ୟକ କାଗଜ ଓ ପ୍ରମାଣପତ୍ର ଗ୍ରହଣ କରୁ ନ ଥିବା ନିଖିଳ ଓଡିଶା ବରିଷ୍ଠ କଳାକାର ମହାସଂଘ ଅଭିଯୋଗ କରିଛି। ସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ କହିଛନ୍ତି ଯେ, ନିର୍ବାଚନ ଆଚରଣ ବିଧି ଲାଗୁ କାରଣରୁ କାଗଜପତ୍ର ରଖାଯାଉ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି। ଆଚରଣ ବିଧି ହଟିଲା ବେଳକୁ ଆବେଦନ ଗ୍ରହଣର ସମୟ ସୀମା ଶେଷ ହୋଇଯିବ। ପରେ କଳାକାରଙ୍କ ପ୍ରମାଣ ପତ୍ର ଗ୍ରହଣ କରାଯିବ ନାହିଁ। ଅନ୍ୟ ଜିଲାରେ ଆବେଦନ ପତ୍ର ଗ୍ରହଣ କରାଯାଉଥିବା ବେଳେ ଗଞ୍ଜାମ ଜିଲାରେ ବ୍ୟତିକ୍ରମ କାହିଁକି ବୋଲି ସଂଘ ପ୍ରଶ୍ନ କରିଛି। ଏଥିସହ ଜିଲା ସଂସ୍କୃତି ବିଭାଗ ଏ ସଂପର୍କରେ ସୂଚନା ଦେବା ପାଇଁ ସଂଘ ଦାବି କରିଛି। ନଚେତ କୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଅନଶନରେ ବସିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଶେଷ ହେଲା ଅଷ୍ଟଶମ୍ଭୁ ମହାମିଳନ

ଚକାପାଦ,୫।୪(ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ କୁସୁମୀଡ଼ି ଗ୍ରାମପଞ୍ଚାୟତର ଲାଇନ ପଡ଼ାଠାରେ ଚଳତ ବର୍ଷ ଚୈତ ମାସ କୃଷ୍ଣ ଏକାଦଶୀ ତିଥିରେ ଅଷ୍ଟଶମ୍ଭୁ ମହାମିଳନ ଅନୁଷ୍ଠିତ ହୋଇଥିଲା।ଏଥିରେ କନ୍ଧମାଳ ଜିଲାର ବାବା ବରଦବଳଙ୍କେଶ୍ୱର,ବାବା ଯୋଗେଶ୍ୱର,ବାବା ସପ୍ତେଶ୍ୱର, ବାବା ଗୁପ୍ତେଶ୍ୱର ଓ ବୌଦ୍ଧ ଜିଲାରୁ ବାବା ଶଦ୍ଧେଶ୍ୱର,ବାବା ମଲ୍ଲିକାରଜୁନ, ବାବା ଚମ୍ପେଶ୍ୱର, ବାବା ସିଦ୍ଧେଶ୍ୱର ଅଂଶଗ୍ରହଣ କରିଥିଲେ। ଅଷ୍ଟଶମ୍ଭୁ ପରିଚାଳନା କମିଟି ପ୍ରଥମେ ନଗର ପରିଭ୍ରମଣ କରିବା ସହ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡ ଆରମ୍ଭ ହୋଇ ଆଠ ଗୋଟି ଦଣ୍ଡରେ ପାରମ୍ପରିକ ନୃତ୍ୟ ପରିବେଷଣ କରିବା ସହ ହରିକାଠରେ ସମାପ୍ତ ହୋଇଥିଲା। ଏହାପରେ ଜଲଘାଟ ପୂଜା ସମାପ୍ତ ପରେ ଦଣ୍ଡ ପଡ଼ିଆଠାରେ ଅଷ୍ଟଶମ୍ଭୁ ମିଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

**ଫିରିଙ୍ଗିଆ,(ବିକ୍ରମ ଦିଗାଲ):** ଶୁକ୍ରବାର ଫିରିଙ୍ଗିଆ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟଶମ୍ଭୁ ମିଳନ ଅନୁଷ୍ଠିତ ହୋଇଛି। ଏଥି ଫିରିଙ୍ଗିଆ, ନୁଆପଡ଼ା, କେରେଙ୍ଗେଲି, କିଲୁପଙ୍ଗା, ପକାରି, ସୁମରବନ୍ଧ, ବାଲିଗଟା ଓ ରତାମାସ୍କା ଦଣ୍ଡୁଆ ଦଳ ଯୋଗ ଦେଇଥିଲେ।

# ଅନାଥ ୫ ଭଉଣୀ ଭାଇଙ୍କୁ ଥଇଥାନ

ଫୁଲବାଣୀ,୫।୪(ରାକେଶ କୁମାର ରାଉତ)

ଦାରିଙ୍ଗବାଡ଼ି ସରମୁଲି ଅଞ୍ଚଳର ଅନାଥ ହୋଇଥିବା ୫ ଭଉଣୀ ଭାଇଙ୍କୁ କନ୍ଧମାଳ ଜିଲା କଳିଙ୍ଗା ଶିଶୁ ଯତ୍ନ ଅନୁଷ୍ଠାନ ଓ ଜି. ଉଦୟଗିରି ଶିଶୁ ଯତ୍ନ ଅନୁଷ୍ଠାନ ହଷ୍ଟେଲରେ ଥଇଥାନ କରାଯାଇଛି। ପାଞ୍ଚଜଣ ଶିଶୁଙ୍କ ପ୍ରଥମେ ମା'ଙ୍କ ମୃତ୍ୟୁ ହୋଇଥିଲା । ଗତମାସରେ ବାପା ମଧ୍ୟ ଆରପାରିକୁ ଚାଲି ଯାଇଥିଲେ। ପରେ ଜିଲା ଚାଇଲ୍ଡ ଲାଇନ୍ ଓ ପ୍ରେମ୍ ସଂସ୍ଥାର କର୍ମକର୍ତ୍ତା ପହଞ୍ଚି ତଦନ୍ତ କରିଥିଲେ। ଶୁକ୍ରବାର ଚାଇଲ୍ଡ ଲାଇନ୍ ଓ ପ୍ରେମ ସଂସ୍ଥା ସହିତ ଅଙ୍ଗନୱାଡ଼ି କର୍ମୀ ଏହି ପାଞ୍ଚ ଭଉଣୀ ଭାଇଙ୍କୁ ଜିଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣଙ୍କ ତତ୍ତ୍ୱାବଧାନରେ ସେମାନଙ୍କୁ କାଉନ୍‌ସେଲିଂ କରାଯାଇଥିଲା। ପରେ ଦୁଇ ଭାଇଙ୍କୁ କଳିଙ୍ଗା ଶିଶୁ ଯତ୍ନ ଅନୁଷ୍ଠାନ ଓ ଦୁଇ ଭଉଣୀଙ୍କୁ ଜି.ଉଦୟଗିରି ଶିଶୁ ଯତ୍ନ ଅନୁଷ୍ଠାନ ହଷ୍ଟେଲରେ ଥଇଥାନ ପାଇଁ ସିଡବ୍ଲୁସି ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ବଡ଼ ଭଉଣୀଙ୍କୁ ଫୁଲବାଣୀ ସରକାରୀ ପଲିଟେକ୍‌ନିକ୍‌ରେ ପାଠ ପଢ଼ିବା ବନ୍ଦୋବସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ରାଇକିଆରେ ତେର ଦଣ୍ଡ ମିଳନ କାର୍ଯ୍ୟକ୍ରମ ଉଦ୍‌ଯାପିତ



ରାଇକିଆ,୫।୪(ପ୍ରଦୀପ ବେହେରା)

ରାଇକିଆ ପଞ୍ଚଦଣ୍ଡ ପରିଚାଳନା କମିଟି ଆନୁକୂଲ୍ୟରେ ଶୁକ୍ରବାର ତେରଦଣ୍ଡ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ପଞ୍ଚଦଣ୍ଡ କମିଟିର ୨୫ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ତେର ଦଣ୍ଡ ମିଳନ ଅନୁଷ୍ଠିତ ହେଇଥିଲା। ନିମନ୍ତ୍ରଣ କରାଯାଇଥିବା ତେର ଗୋଟି ଦଣ୍ଡ ନୃତ୍ୟ ଦଳ ମାଲେରିମହା, ଖଲି ବେରେଣା, ସିର୍କାକୁଟି, ବୁର୍ବିନାଜୁ, ତେଜାମହା, ବନେ ଗାଁ, ରାଇକିଆ , ଗୁଟିଙ୍ଗିଆ, ସିଶିବାଲି, ଗୁଡରି ଗାଁ, ସଲାଗୁଡ଼ା, କରଣ୍ଡାଗଡ, ଗ୍ରୀନ ବାଡି ଭାଗ ନେଇଥିଲେ। ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ପ୍ରଥମେ ସମସ୍ତ ଦଣ୍ଡ ନୃତ୍ୟ ଦଳଙ୍କୁ ବରଣ କରାଯାଇଥିଲା। ଅପରାହ୍ନରେ ଧୂଳି ଦଣ୍ଡ, ନଈ କୂଳରେ ପାଣି ଦଣ୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଦୁର୍ଗାମଣ୍ଡପଠାରେ ତେର ଦଣ୍ଡ ମହା ମିଳନ ଅନୁଷ୍ଠିତ ହୋଇଥିଲା । ଦଣ୍ଡୁଆମାନେ ବଜାର ପରିକ୍ରମା କରି ନିଜ ଆଶ୍ରୟ ସ୍ଥଳ କୁ ଫେରି ଥିଲେ। ଜନ ସମାଗମ କୁ ଦୃଷ୍ଟି ରେ ରଖି ପୋଲିସ ତରଫରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବା ସହ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା। ସଭାପତି ସନ୍ତୋଷ ଲେଙ୍କା, ଉପସଭାପତି ବିଭୁ ଦତ୍ତ ବେହେରା, ସନ୍ତୋଷ କୁମାର ପଣ୍ଡା, ଦୃତିକୃଷ୍ଣ ପଣ୍ଡା, ଶ୍ରୀନିବାସ ଆଚାରୀ, ଅରବିନ୍ଦ ଲେଙ୍କା, ସମ୍ପାଦକ ମନ ମୋହନ ପଟ୍ଟନାୟକ, ସହ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ପଣ୍ଡା, କେଶବ ଆଚାରି, କୋଷାଧ୍ୟକ୍ଷ ସୁରେନ୍ଦ୍ର ପଣ୍ଡା, ବିଷ୍ଣୁ ପାଣିଗ୍ରାହୀଙ୍କ ସମେତ ଉପଦେଷ୍ଟା ଦୁର୍ଯ୍ୟଧନ ଲେଙ୍କା, କ୍ଷେତ୍ରବାସୀ ପାତ୍ର, ସତ୍ୟବାନ ପାତ୍ର, ସୁଶିଲ ତ୍ରିପାଠୀ, ରାଜମୋହନ ଦିଗାଲ, ସୁଦର୍ଶନ ବେହେରା, ପଦ୍ମ ଚରଣ ପଣ୍ଡା, ନାରାୟଣ ପାତ୍ର, ଅଭିମନ୍ୟୁ ପଣ୍ଡା, ନାରାୟଣ ମହାନ୍ତି ଓ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଭଗବାନ ପାତ୍ର ଓ ଗଦାଧର ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ୨୫ ବର୍ଷ ଧରି କମିଟିର ବିଭିନ୍ନ ପଦବୀରେ ରହି ସଫଳତାର ସହ ଦଣ୍ଡ ମିଳନ କାର୍ଯ୍ୟକ୍ରମ ଅୟୋଜନ କରି ଆସୁଥିବା ସମସ୍ତ କର୍ମକର୍ତ୍ତାଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ପାରଳାର ଗଣପର୍ବ ଗଜାମୁହାଁର ସ୍ୱତନ୍ତ୍ର ପରିଚୟ ରହିଛି

ପାରଳାଖେମୁଣ୍ଡି, ୫।୪(ଗିରିଧାରୀ ପରିଛା):

ଆମ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ କିଛି ନା କିଛି ସ୍ଥାନୀୟ ପୂଜାପର୍ବ ପାଳନ କରାଯାଏ। ଆଉ ଏସବୁ ପୂଜାପର୍ବର ସ୍ଥାନୀୟ ବିଶେଷତ୍ୱ ଅଲଗା ଅଲଗା ରହିଛି। ଏହିପରି ଏକ ନିଆରା ପର୍ବ ହେଉଛି ପାରଳାଖେମୁଣ୍ଡିର ଗଣପର୍ବ ଗଜାମୁହାଁ। ଆଉ ଏଥିପାଇଁ ଚୈତ୍ର ମାସର ପ୍ରତି ମଙ୍ଗଳବାରରେ ଉତ୍ସବମୁଖର ହୋଇଉଠେ ଏଠାକାର ସବୁ ଗଳି କନ୍ଦି। ଚୈତ୍ର ମାସରେ ବାସନ୍ତୀକ ଦୁର୍ଗାପୂଜା ସହ ମା'ଙ୍କ ଆଗମନ ପାଇଁ ଚଳଚଞ୍ଚଳ ହୋଇପଡ଼େ ଧରାପୃଷ୍ଠ। ତା' ସହିତ ତାଳଦେଇ ପାରଳାଖେମୁଣ୍ଡି ସହର ମଧ୍ୟ ହୁଏ ଚଳଚଞ୍ଚଳ। ସାହି ସାହିରେ ବାହାରେ ଗଜାମୁହାଁ। ବସନ୍ତର ମଳୟ ସାଙ୍ଗକୁ ଶଙ୍ଖ, ହୁଳହୁଳି, ବାଦ୍ୟ, ଧ୍ୱନି ଲୋକଙ୍କ ମନରେ ଭରିଦିଏ ଏକ ଅଲଗା ଉନ୍ମାଦନା। ବାହାରେ ରହୁଥିବା ପାରଳାବାସୀ ମଧ୍ୟ ବହୁ ସଂଖ୍ୟାରେ ସାମିଲ ହୋଇଥାନ୍ତି। ବହୁ ଆବାହମାନ କାଳରୁ ପାଳିତ ହୋଇଆସୁଥିବା ଏହି ଗଜାମୁହାଁ ପର୍ବରେ ଗୁଡ଼ ପାଗ ହୋଇଥିବା ଲିଆର ଏକ ବିରାଟ ମୁହାଁରେ ମା'ଙ୍କ ପ୍ରତିମାକୁ ସ୍ଥାପନ କରି ପୂଜା କରାଯାଏ। ଭକ୍ତମାନେ ଏହି ପ୍ରତିମାକୁ ଧରି ସାହି ସାହି ବୁଲି ନାଚନ୍ତି। ପ୍ରତ୍ୟେକ ଘର ଦାଣ୍ଡରେ ଗୃହିଣୀମାନେ ହଳଦି ପାଣିରେ ମୁହାଁଧାରୀଙ୍କ ଗୋଡ଼ଧୋଇ ମା'ଙ୍କ ପୂଜାର୍ଚ୍ଚନା କରିଥାନ୍ତି। କୁହାଯାଏ ଯେ, ନଅଙ୍କ ଦୁର୍ଭିକ୍ଷ ସମୟରେ ମହାମାରୀ ଓ ଖାଦ୍ୟ ଅଭାବରୁ ତ୍ରାହି ପାଇବା ପାଇଁ ଲୋକମାନେ ମା' କଦମ୍ବଖଣ୍ଡିଙ୍କ ଶରଣ ପଶିବାରୁ ସେ ଏପରି ପୂଜା କରିବାକୁ ସ୍ୱପ୍ନାଦେଶ ଦେଇଥିଲେ। ଆଦେଶ ଅନୁଯାୟୀ ପ୍ରଥମେ କଟିକା ସାହିରେ ଏହି ଗଜାମୁହାଁ ଆରମ୍ଭ କରାଯାଇ ମା'ଙ୍କୁ ଶୀତଳ ପଣା ଦିଆଯାଇଥିଲା। ପରେ ପରେ ଆସ୍ତେ ଆସ୍ତେ ସବୁସାହିରେ ଏହି ପୂଜା ପାଳନ କରାଯାଇଥିଲା। ସହରର ଗୋପିନୀ ସାହି, ରାଣୀ ପଦ୍ମାସାହି, ଭଣ୍ଡାରୀ ସାହି, ରାଜଦାଣ୍ଡ ସାହି, ବଡବ୍ରାହ୍ମଣ ସାହି ଇତ୍ୟାଦି ଅଞ୍ଚଳରେ ବହୁ ଧୁମଧାମ୍‌ରେ ଏହି ପର୍ବ ପାଳନ କରାଯାଉଛି। ପାରଳାଖେମୁଣ୍ଡିରୁ ବାହାରିଥିବା ଏହି ପର୍ବ ବର୍ତ୍ତମାନ ଧୀରେ ଧୀରେ ବାହାର ଜିଲ୍ଲା ତଥା ଜୟପୁର, ଗୁଣୁପୁର, ବ୍ରହ୍ମପୁର ଆଦି ବିଭିନ୍ନ ସ୍ଥାନକୁ ବ୍ୟାପୀ ଯାଇଛି।



# ଭୂଇଁରୁ ଉଠିପାରୁନି ମେଗା ପାନୀୟଜଳ ପ୍ରକଳ୍ପ

ଧର୍ମଶାଳା,୫।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଅଧୀନ ଭବାନୀପୁର ପଞ୍ଚାୟତର ଭୁବନ(ପଣ୍ଡାସାହି) ଗାଁ ନିକଟରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ୪ ବର୍ଷ ହେଲା ଭୂଇଁରୁ ଉଠିପାରୁନାହିଁ। ଏକ ବିରାଟ ଗର୍ତ୍ତ ଖୋଳି ସେଥିରେ କେତୋଟି ଛୋଟଛୋଟ ଖମ୍ବ କରି ଠିକାସଂସ୍ଥା କାମ ବନ୍ଦ କରି ଦେଇଛି। ଫଳରେ ଏହି ଗର୍ତ୍ତରେ ପଡ଼ି ୬ ଗାଈବାଛୁରୀ ଓ ୨ ଷଣ୍ଢ ଆହତ ହୋଇଛନ୍ତି। ବର୍ଷାଦିନେ ଲୋକମାନଙ୍କ ପାଇଁ ଏହା ଅଧିକ ବିପଦ ସୃଷ୍ଟି କରୁଛି। ଚୁକ୍ତି ମୁତାବକ ଅର୍ଥ ପାଇବାରେ ସମସ୍ୟା ଦେଖାଦେବାରୁ ଆନ୍ଧ୍ରପ୍ରଦେଶର ଏହି ଠିକାସଂସ୍ଥା କାମ ଛାଡ଼ି ଚମ୍ପଟ ମାରିଥିବା କୁହାଯାଉଛି। ଫଳରେ ଉକ୍ତ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଶେଷ ହେବା ନେଇ ନାନା ଆଶଙ୍କା ପ୍ରକାଶ ପାଉଛି।

ପ୍ରତିବର୍ଷ ଖରା ମାସରେ ଭବାନୀପୁର ପଞ୍ଚାୟତର ୪ହଜାରରୁ ଅଧିକ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହୋଇଥାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ପ୍ରାୟ ୪କୋଟି ଟଙ୍କା ବ୍ୟୟରେ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। ପରେ ଏଠାରେ ଏକ ବିରାଟ ଗର୍ତ୍ତ ଖୋଳାଯାଇ ଓଭର ହେଡ୍ ପାଣିଟାଙ୍କି ପାଇଁ ୫୨ ଖମ୍ବ ନିର୍ମାଣ କରାଯାଇଥିଲା। ହେଲେ ପ୍ରକଳ୍ପ ନିର୍ମାଣ ଆରମ୍ଭକୁ ୪ବର୍ଷ ବିତି ଯାଇଥିଲେ ମଧ୍ୟ ବନ୍ଦ କାମକୁ ତ୍ୱରାନ୍ୱିତ କରିବାପାଇଁ କେହି ଗୁରୁତ୍ୱ ଦେଉନାହାନ୍ତି। ରାଜ୍ୟ ସରକାର ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ହେଲେ ଏଠାରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦୂରଦୃଷ୍ଟିହୀନତା ଯୋଗୁ ଉକ୍ତ ମୂଲ୍ୟବାନ ପ୍ରକଳ୍ପ ନିର୍ମାଣ ହେବା ନେଇ ଅନିଶ୍ଚିତତା ଦେଖା ଦେଇଛି।

ଉକ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନଥିବାରୁ ନିକଟସ୍ଥ ଭୁବନ, ବଳଭଦ୍ରପ୍ରସାଦପାଟଣା, ଚାନ୍ଦପୁର, ମଣିନାଥପୁର, ସାଆନ୍ତସାହି, ସାନମାଳସାହି, ବଡ଼ମାଳସାହି, ପଣ୍ଡାସାହି, ଦଳିତ ସାହି, କୈବର୍ତ୍ତ୍ୟ ସାହି ଓ ଚୋରମୁହାଁ ପଞ୍ଚାୟତର ବଡ଼ଚଣାବାରି ଗ୍ରାମବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ବାଧ୍ୟ ହୋଇ କେତେକ ଲୋକେ ବ୍ୟକ୍ତିଗତ ଉଦ୍ୟମରେ ନଳକୂପ ନିର୍ମାଣ କରି ବ୍ୟବହାର କରୁଛନ୍ତି। ଗରିବ ଲୋକମାନେ କୂଅ ପୋଖରୀରୁ ପାଣି ସଂଗ୍ରହ କରୁଛନ୍ତି। ଆଗାମୀ ଦିନରେ ଜଳ ସଂକଟ ଏଠାରେ ଉତ୍କଟ ରୂପ ଧାରଣ କରିବା ସମ୍ଭାବନା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ପାଇପ୍ ବିଛାଇବା ନାଁରେ ଠିକାସଂସ୍ଥା ଅଧିକାଂଶ ରାସ୍ତାକୁ ଖୋଳି ପକାଇଥିବାରୁ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ତେଣୁ ଏହାର ତୁରନ୍ତ ସମାଧାନ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ପାନୀୟ ଜଳ ପ୍ରକଳ୍ପ ପାଇଁ ଖୋଳାଯାଇଥିବା ଗର୍ତ୍ତ।

- ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଲୋକେ
- ତୁରନ୍ତ ସମସ୍ୟା ସମାଧାନ ପାଇଁ ଦାବି

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାପପୁଅଙ୍କ ମୃତ୍ୟୁ

ଯାଜପୁର ସଦର,୫।୪(ସମର ବିଜୟ ଶରଣ)

ଯାଜପୁର ସଦର ଥାନା ଅନ୍ତର୍ଗତ ବରୁଆଁ-ବରୀ ରାସ୍ତାର ବରୁଆଁ ଧବଳେଶ୍ୱର ମନ୍ଦିର ନିକଟରେ ଶୁକ୍ରବାର ଏକ ଅଜଣା ଗାଡ଼ି ଧକ୍କାରେ ବାପପୁଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତ ଷଠିଆଟିକିରି ଗ୍ରାମର ସୈନ୍ଦା ଜେନା(୫୦) ଓ ପୁଅ ମୁନା ଜେନା(୨୯)। ଉଭୟେ କୌଣସି ଏକ କାର୍ଯ୍ୟରେ ସୁଜନପୁର ଯାଇ ବାଇକ୍‌ରେ ଘରକୁ ଫେରୁଥିଲେ। ଏହି ସମୟରେ ବରୁଆଁରୁ ବରୀ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ୍ ସେମାନଙ୍କ ବାଇକକୁ ସାମନା ପଟରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୈନ୍ଦାଙ୍କ ମୃତ୍ୟୁ ହୋଇଯାଇଥିଲା। ମୁନା ଗୁରୁତର ହୋଇଥିଲେ। ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବାପପୁଅଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଲୁଗା ଦୋକାନ ଆଜବେଷ୍ଟସ ଭାଙ୍ଗି ଲୁଟ୍

କାଏମା,୫।୪(ଶିବ ପ୍ରସାଦ ମହାନ୍ତି)

ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ ଜାନକୀନଗର ଗ୍ରାମ ନିକଟରେ ଥିବା ଏକ ଲୁଗା ଦୋକାନରୁ ଗୁରୁବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଦୋକାନ ଆଜବେଷ୍ଟସ ଭାଙ୍ଗି ୨୦ ହଜାରରୁ ଅଧିକ ଟଙ୍କା ଓ କିଛି ନାମୀଦାମୀ ଡ୍ରେସ ସହ ଏକ ପାଣି ପମ୍ପ ଚୋରି କରି ନେଇଥିବା ଦୋକାନ ମାଲିକ ଦେଓଦା ଗ୍ରାମର ଅର୍ଜୁନ ଚାନ୍ଦ ଅଭିଯୋଗ କରିଛନ୍ତି। ହେଲେ ସନ୍ଧ୍ୟା ସୁଦ୍ଧା ପୋଲିସ ଘଟଣାସ୍ଥଳକୁ ଆସି ନ ଥିବା ଅଭିଯୋଗକାରୀ କହିଛନ୍ତି। ଶୁକ୍ରବାର ସକାଳ ପ୍ରାୟ ୭ଟାରେ ଅର୍ଜୁନ ଦୋକାନ ଖୋଲିବାକୁ ଯାଇଥିବାବେଳେ ଏହି ଲୁଟ୍ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଅର୍ଜୁନ ଭଡ଼ାସୂତ୍ରରେ ଏକ ଆଜବେଷ୍ଟ ଘର ନେଇ ଦୋକାନ କରିଥିଲେ। ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ। ଦୋକାନରୁ ଚୋରି ହେବାପରେ ସେ ଭାଙ୍ଗି ପଡ଼ିଛନ୍ତି। ଅନ୍ୟପକ୍ଷରେ ଗତ କିଛିଦିନ ହେବ ସ୍ଥାନୀୟ ଅଞ୍ଚଳରେ ବାରମ୍ବାର ଚୋରି ହେଉଥିଲେ ବି ପୋଲିସ ଏହାକୁ ଗୁରୁତ୍ୱ ଦେଉନାହିଁ। ପୋଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯାଉ ନ ଥିବାରୁ ଅଞ୍ଚଳରେ ଅସାମାଜିକ ଯୁବକଙ୍କ ଉତ୍ପାତ ବଢ଼ିଛି। କାଏମା ଅଞ୍ଚଳରେ ଏକ ଅର୍ଦ୍ଧ ନିର୍ମିତ ମେଡିକାଲ ଗୃହ ରହିଛି। ସେଠାରେ ଅନେକ ଅନୈତିକ କାର୍ଯ୍ୟ ସହ ଚୋରି ପାଇଁ ଯୋଜନା କରଯାଉଛି ବୋଲି ଜାନକୀନଗର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ଏହି ଅଞ୍ଚଳରୁ ଅନେକ ସମୟରେ ଟ୍ରକ ବ୍ୟାଟେରି, ଟ୍ରକ ଓ ଟ୍ରାକ୍ଟର ଟାୟାର ସହ ମନ୍ଦିରର ଦାନ ବାକ୍ସ ଏବଂ ଘଣ୍ଟି ଚୋରି ହୋଇଛି। ତେଣୁ ଏ ଦିଗରେ ପୋଲିସ ଗୁରୁତ୍ୱ ଦେବାକୁ ଦାବି ହୋଇଛି।

### ଖବରଦାତାଙ୍କ ପିତୃ ବିୟୋଗ

ରସୁଲପୁର,୫।୪(ରଞ୍ଜିତ ରାଉତ)



ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଗ୍ରାମର ପୂର୍ବତନ ଶିକ୍ଷକ ତଥା ବ୍ରହ୍ମବରଦା ଅଞ୍ଚଳର ଖବରଦାତା ବୀରେନ୍ଦ୍ର ନାୟକଙ୍କ ପିତା ଆନନ୍ଦ ଚନ୍ଦ୍ର ନାୟକ(୮୩)ଙ୍କ ଶୁକ୍ରବାର ବିୟୋଗ ହୋଇଛି। ସେ ଅସୁସ୍ଥ ହୋଇ ଯାଜପୁରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ନାୟକ ସ୍ଥାନୀୟ ଅଞ୍ଚଳର ଜଣେ ଆଦର୍ଶ ଶିକ୍ଷକ ଭାବରେ ବେଶ ଜଣାଶୁଣାଥିଲେ। ବିଭିନ୍ନ ସଂଗଠନ ସହିତ ମଧ ସେ ପ୍ରତ୍ୟକ୍ଷ ଭାବରେ ଜଡିତ ରହି ବହୁ ସାମାଜିକ କାକାର୍ଯ୍ୟକ୍ରମ କରିଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ସ୍ଥାନୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଏକ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ସାନପୁଅ ବୀରେନ୍ଦ୍ର ମୁଖାଗ୍ନି ଦେଇଥିଲେ।

# ଗଣିତ ବିଭାଗର ଜାତୀୟ ସ୍ତରୀୟ ଆଲୋଚନାଚକ୍ର

ବଡ଼ଚଣା,୫।୪(ଦିଲୀପ କୁମାର ମହାନ୍ତି)

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ନୂଆହାଟସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟରେ ଗଣିତ ବିଭାଗ ଆନୁକୂଲ୍ୟରେ 'ଆଡଭାନ୍ସ ଇନ କମ୍ପିଟେସନାଲ ମ୍ୟାଥେମାଟିକ୍ସ' ଶୀର୍ଷକ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଡ. ସଞ୍ଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ର ଆବାହକ ତଥା ମହାବିଦ୍ୟାଳୟ ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା, ବିଷୟ ବିଶେଷଜ୍ଞ ରାଜ୍ୟ ଶିକ୍ଷା ପରିଷଦର ଉପଦେଷ୍ଟା ଡ. ତୁଷାରକାନ୍ତ ତ୍ରିପାଠୀ, ଡ. ପ୍ରଦୀପ କୁମାର ପରିଡ଼ା, ବିଭାଗୀୟ ମୁଖ୍ୟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଝାଡଖଣ୍ଡ ରାଞ୍ଚିର ଡ. ଦ୍ୱିତୀକୃଷ୍ଣ ବେହେରା, ବିଭାଗୀୟ ମୁଖ୍ୟ ରେଭେନ୍ସା ମହାବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ, ଗଣିତ ବିଭାଗର ଅଧାପକ ପ୍ରଫେସର ରଞ୍ଜିତା ସ୍ୱାଇଁ, ବିଭାଗ ମୁଖ୍ୟ ଅଶୋକ କୁମାର ସାହୁ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଗିରିଶ ରାଉଳ ଓ ଇଂଲିଶ ବିଭାଗ ଅଧାପକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧକ୍ଷ ମାହାଲା ଅତୀତ ଭାରତର ଗଣିତଶାସ୍ତ୍ର ବିଷୟକୁ ଆଲୋକ ଦେଖାଇଥିବାର ଦର୍ଶାଇବା ସହ ବର୍ତ୍ତମାନ ମଧ ଏହି ଗଣିତଶାସ୍ତ୍ର ସକଳ ଉନ୍ନତିର ମୂଳାଧାର ବୋଲି କହିଥିଲେ। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀ ସ୍ମୃତିରେଖା ପରିଡ଼ା ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ବିଷୟ ବିଶେଷଜ୍ଞ ପ୍ରଫେସର ତ୍ରିପାଠୀ ସ୍ୱଲିଖିତ ସନ୍ଦର୍ଭ ପାଠ କରିବା ସହ ଗଣିତଶାସ୍ତ୍ର ବହୁ ସୂକ୍ଷ୍ମାତିସୂକ୍ଷ୍ମ ତତ୍ତ୍ୱ ଉପସ୍ଥାପନ କରିଥିଲେ।

ଅନ୍ୟତମ ବିଷୟ ବିଶେଷଜ୍ଞ ପ୍ରଫେସର ବେହେରା ତାଙ୍କ ସନ୍ଦର୍ଭ ଉପସ୍ଥାପନ କରି ଅନେକ କୌଶଳ ମାଧ୍ୟମରେ କିପରି ଜଟିଳ ପ୍ରଶ୍ନର ସମାଧାନ କରାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏଥିରେ କଲେଜ ଅଧାପକ ଓମ୍‌ପ୍ରକାଶ ସାହୁ, ପତିତପାବନ ଦାଶ, ଦିଲୀପ କୁମାର ସାହୁ, ଅଭିଜିତ ନାୟକ, ପ୍ରାଧାପକ ପ୍ରମୋଦ କୁମାର ଖଣ୍ଡାଇ, ଅଧାପକ ଶାନ୍ତନୁ କୁମାର ନାୟକ, ନାରାୟଣ ମୁଦୁଲି, ଡ. ଭାଗ୍ୟଧର ନାୟକ, ଡ. ଦୀପକ କୁମାର ମିଶ୍ର, ଦୀପକ କୁମାର ଦାଶ, ଡ. ହରିହର ସାହୁ, ଶମ୍ଭୁନାଥ ହେମ୍ବ୍ରମ, ପ୍ରୀତମ ମିଶ୍ର, ଡ. ସାମ୍ବେଇ ଲିମା, ଅଧାପକ ପ୍ରଦୀପ କୁମାର ବରାଳ, ଅଧାପିକା ଡ. ଅମ୍ବିକା ତ୍ରିପାଠୀ, ସରିତା ସେଠୀ, ଶ୍ରାବଣୀ କନ୍ୟା, ସସ୍ମିତା ବେହେରା, ନିରୁପମା ସ୍ୱାଇଁ ଓ ସସ୍ମିତ ପରିଡ଼ାଙ୍କ ସମେତ କଲେଜର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ଶପଥ ଗ୍ରହଣ ଉତ୍ସବ


ଶପଥଗ୍ରହଣ ସମାରୋହରେ ମଞ୍ଚାସୀନ ଅତିଥି।

ଧର୍ମଶାଳା,୫।୪(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିବେକାନନ୍ଦ ନାୟକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଭାସ୍କର ନାରାୟଣ ସେଠୀ ସ୍ୱାଗତ ଭାଷଣ ଦେବା ସହ ସଭା ସଞ୍ଚାଳନ କରିଥିଲେ। ଚଳିତ ବର୍ଷର ନବନିର୍ବାଚିତ ସଭାପତି ଆଶାତରୁ ନାୟକ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସ୍ୱାଇଁ, ସହସମ୍ପାଦକ ଆଦିକନ୍ଦ ସ୍ୱାଇଁ, କେତକୀ ନାୟକ, ସୁବାସ ଚନ୍ଦ୍ର ବେହେରା, ସଂଗଠନ ସମ୍ପାଦକ ପୀତବାସ ପାତ୍ର, ବଟକୃଷ୍ଣ ସାହୁ ଓ କୋଷାଧ୍ୟକ୍ଷ ଭିକାରୀ ଚରଣ ମଲିକଙ୍କୁ ଉପଦେଷ୍ଟା ରମାକାନ୍ତ ଜେନା ଓ ଅଭିରାମ ନନ୍ଦ ପଦବୀର ଶପଥ ପାଠ କରାଇଥିଲେ। ସଭ୍ୟ ହୃଷୀକେଶ ସାମଲ ଧନ୍ୟବାଦ ଦେଇଥିଲେ।

# ଆହତଙ୍କୁ ଡାକ୍ତରଖାନା ନେଲାନି ପାଟ୍ରୋଲିଂ ପୋଲିସ

ପାଣିକୋଇଲି, ୫।୪ (ବିକାଶ ମଲ୍ଲିକ)

ରାଜପଥରେ ଦୁର୍ଘଟଣାରେ କ୍ଷତାକ୍ତ ହେଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ପହଞ୍ଚାଉଥିବା ସ୍ୱେଚ୍ଛାସେବୀମାନଙ୍କୁ ପରିବହନ ବିଭାଗ ଓ ଜିଲା ପ୍ରଶାସନ ପ୍ରତିବର୍ଷ ପୁରସ୍କୃତ କରୁଛି। ଏଥିସହିତ ଜିଲା ପୋଲିସକୁ ସହଯୋଗ କରିବା ଲାଗି ପାଟ୍ରୋଲିଂ ପୋଲିସ ନିଯୁକ୍ତ କରାଯାଇଛି। ହେଲେ କେତେଜଣ କର୍ମଚାରୀଙ୍କ ଲାଗି ଜିଲା ପୋଲିସ ବଦନାମ ମୁଣ୍ଡାଉଛି। ଯାହାର ଏକ ଉଦାହରଣ ପାଣିକୋଇଲି ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଗୁରୁବାର ରାତିରେ ପାଣିକୋଇଲି ଥାନା ଅନ୍ତର୍ଗତ ବଣହରା ଗ୍ରାମର ଜଣେ ବ୍ୟକ୍ତି ପାଣିକୋଇଲିରୁ ଏକ ବାଇକରେ ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହୋଇ ଆହତ ହୋଇଥିଲେ। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିଲା। ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଂ ଅଧିକାରୀ ପ୍ରମୋଦ କୁମାର ବିନ୍ଧାଣୀ ଉକ୍ତ ସ୍ଥାନରେ ପହଞ୍ଚିଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ଅନୁରୋଧ ସତ୍ତ୍ୱେ ସେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାକୁ ସରକାରୀ ଗାଡ଼ିରେ ନେବା ଲାଗି ମନା କରିଦେଇଥିଲେ। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପାଣିକୋଇଲି ଥାନାଧିକାରୀ ଲିଜାରାଣୀ ବିଶ୍ୱାଳ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସମ୍ପୃକ୍ତ ଅଧିକାରୀଙ୍କ ଏପରି ମନୋଭାବ ପୁରା ପୋଲିସ ବିଭାଗ ମୁହଁରେ କଳା ବୋଲି ଦେଇଛି। ଏ ଦିଗରେ ଯାଜପୁର ଆରକ୍ଷୀ ଅଧୀକ୍ଷକ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଜିଲା ଟ୍ୟାକ୍ସ ବାର୍ ଆସୋସିଏଶନ କାର୍ଯ୍ୟକର୍ତ୍ତାଙ୍କ ଶପଥ ଗ୍ରହଣ

ଯାଜପୁରରୋଡ୍,୫।୪(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନର ନୂତନ କର୍ମକର୍ତ୍ତାଙ୍କ ଶପଥ ପାଠ ଉତ୍ସବ ଶୁକ୍ରବାର ସ୍ଥାନୀୟ ରୟାଲ କଳିଙ୍ଗ ହୋଟେଲଠାରେ ଅନୁଷ୍ଠିତ ହେଇଯାଇଛି। ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ସାହୁ ଶପଥ ପାଠ କରାଇଛନ୍ତ। ସଭାପତି ବିବେକାନନ୍ଦ ମହାନ୍ତି, ଉପସଭାପତି ଧନେଶ୍ୱର ବାରିକ, ସମ୍ପାଦକ ଜ୍ଞାନେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ଶର୍ମା, ସହସମ୍ପାଦକ ସସ୍ମିତା ସ୍ୱାଇଁ, କୋଷାଧ୍ୟକ୍ଷ ଦୀପୁ ବାରିକ, ଲାଇବ୍ରେରୀ ସମ୍ପାଦକ ଅକ୍ଷୟ କୁମାର ବାରିକ, କାର୍ଯ୍ୟକାରୀ ସଦସ୍ୟ ଭାବରେ ରମାକାନ୍ତ ସେଠୀ, ରମାକାନ୍ତ ଚୌହ୍ୱାନ, ରତିକାନ୍ତ ବେହେରା ଓ ରମାକାନ୍ତ ନନ୍ଦ ବାରର ପ୍ରତ୍ୟେକ ଦିଗରୁ ଗରିମା ବୃଦ୍ଧି କରିବାର ଶପଥ ପାଠ କରିଛନ୍ତି। କାର୍ଯ୍ୟକ୍ରମରେ ସର୍ବଶ୍ରୀ ମାନସ ରଞ୍ଜନ ସାମଲ, ଦୁର୍ବାଦଳ ବସ୍ତୁ, ହେମନ୍ତ ପଥାଳ, ଦିଲୀପ ମଲ୍ଲିକ, ଆଲୋକ ଜେନା, ଘନଶ୍ୟାମ ସାହୁ, ଦିଲୀପ ନାୟକ, ରାଜେନ୍ଦ୍ର ଧୀର ଓ ପ୍ରବୀର କୁମାର ରାଉତ ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।



ଶପଥ ଗ୍ରହଣ ଉତ୍ସବରେ ଜିଲା ଟ୍ୟାକ୍ସବାର ଆସୋସିଏଶନର କର୍ମକର୍ତ୍ତା।

# ମହେଶ୍ୱରପୁରରୁ ପ୍ରଚାର ଆରମ୍ଭ କଲେ ସୁଜାତା

ଯାଜପୁର ସଦର,୫।୪(ସମର ବିଜୟ ଶରଣ)

ଯାଜପୁର ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ସୁଜାତା ସାହୁ ଶୁକ୍ରବାରଠାରୁ ପ୍ରଚାର ଆରମ୍ଭ କରିଛନ୍ତି। ସେ ଅପରାହ୍ଣରେ ଯାଜପୁର ବ୍ଲକ ଅନ୍ତର୍ଗତ କବିରପୁର ଦଶହରା ପଡ଼ିଆର ମା'ରକ୍ଷାକାଳୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ବିଜେଡି ନେତା ବ୍ରଜକିଶୋର ପାଢ଼ୀଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରାରେ ଯାଇ ମହେଶ୍ୱରପୁରଠାରେ କର୍ମୀ ସମ୍ମିଳନୀରେ ଯୋଗ ଦେଇଥିଲେ। ଯାଜପୁର ବ୍ଲକର ପୂର୍ବତନ ଅଧକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବ ପ୍ରସାଦ ଦାସ ଯୋଗଦେଇ ଯାଜପୁରର ଐତିହ୍ୟ ବଜାୟ ରଖିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ କର୍ମୀମାନଙ୍କୁ ଅନୁରୋଧ କରିଥିଲେ।


ବିଜେଡି କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତା ଓ ପ୍ରାର୍ଥୀ।

ବିଜେଡି ନେତା ପାଢ଼ୀ ନିଜ ଅଭିଭାଷଣରେ କର୍ମୀଙ୍କୁ ଉତ୍ସାହିତ କରିବା ସହ ଦଳ ସଭାପତି ନବୀନ ପଟ୍ଟନାୟକ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ମିଶନ ୧୨୫ ବିଧାୟକ ଓ ୨୦ ଲୋକସଭା ସଦସ୍ୟ ଜିତାଇ ଏକ ନୂତନ ଇତିହାସ ସୃଷ୍ଟି କରିବାକୁ ଅନୁରୋଧ କରିଥିଲେ। ବିଧାୟକ ପ୍ରାର୍ଥୀ ସୁଜାତା ସମ୍ମିଳନୀରେ ଉପସ୍ଥିତ ଥିବା ମହେଶ୍ୱରପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ସମିତିସଭ୍ୟା ସ୍ମୃତିରେଖା ସାମଲ, ଯାଜପୁର ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଜିଲା ପରିଷଦ ସଭ୍ୟା ସୁନୀତା ରାଉତ, ମହାଲୟା ପାତ୍ର, ସରସ୍ୱତୀ ବଳ, ଅମିତ ରାଉତ, ଦୀନବନ୍ଧୁ ମଲ୍ଲିକ, ଗୌରାଙ୍ଗ ସାମଲ, ଦାମୋଦର ସାହୁ ଓ ଅଭିମନ୍ୟୁ ନାୟକଙ୍କ ସମେତ ଶତାଧିକ ମହିଳା ଏବଂ ପୁରୁଷ କର୍ମୀ ଉପସ୍ଥିତ ଥିଲେ।

# ଗଡ଼ମଧୁପୁର ମେଳଣ ଉଦ୍‌ଯାପିତ

ଚଢ଼େଇଧରା,୫।୪(ଦିଲୀପ ପରିଡ଼ା)

ଧର୍ମଶାଳା ବ୍ଲକ୍ ଅଞ୍ଚଳର ପ୍ରସିଦ୍ଧ ଗଡ଼ମଧୁପୁର ମେଳଣ ଗୁରୁବାର ରାତିରୁ ଆରମ୍ଭ ହୋଇ ଶୁକ୍ରବାର ମଧାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମେଳଣରେ ମୋଟ୍ ୬ ବିମାନ ସାମିଲ ହୋଇଥିଲେ। ପ୍ରଥମେ ଥାନପତି ମଧୁପୁରଗଡ଼ ରାଧାକୃଷ୍ଣ ବିମାନକୁ ମେଳଣ କମିଟି କର୍ମକର୍ତ୍ତା ମେଳଣ ପଡ଼ିଆକୁ ଆଣିଥିଲେ। ପରେ ଅନ୍ୟ ବିମାନଗୁଡ଼ିକ ମେଳଣ ପଡ଼ିଆକୁ ଆସିଥିଲେ। ଭଜନ କୀର୍ତ୍ତନ ଓ ବାଡ଼ିଖେଳରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇଥିଲା। ମେଳଣ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ମେଳଣ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଥିଲା।



# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

ଯାଜପୁରରୋଡ୍,୫।୪ (ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ରାଛିପୁର ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ଯୁବକଙ୍କ ଟାଙ୍ଗିଆ ଚୋଟରେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଗ୍ରାମର ମିଲୁ ବିନ୍ଧାଣି(୨୮)। ତାଙ୍କ ବେକରେ ଗଭୀର ଆଘାତ ଲାଗିଛି। ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ପୂର୍ବାହ୍ଣ ୧୦ଟାରେ ମିଲୁ ଗାଁ ମଣ୍ଡପରେ ବସିଥିଲେ। ସେହି ଗାଁର ତପୁନା ସାମଲ ଏକ କୁରାଢ଼ି ଆଣି ମିଲୁଙ୍କୁ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ତପୁନାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ନଂ.୨୨୯।୨୪ରେ ମାମଲା ରୁଜୁ କରାଯାଇ ଥିବା ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବାବା ବରୁଣେଶ୍ୱରଙ୍କ ପୀଠରୁ ପ୍ରମିଳାଙ୍କ ପ୍ରଚାର ଆରମ୍ଭ


ବରୁଣେଶ୍ୱର ପୀଠରେ ସମର୍ଥକଙ୍କ ସହ ପ୍ରମିଳା ମଲ୍ଲିକ।

ବିଞ୍ଝାରପୁର,୫।୪(ରାମକୃଷ୍ଣ ଦାସ)

ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଶୁକ୍ରବାର ବିଞ୍ଝାରପୁର ବ୍ଲକ୍‌ର ପ୍ରସିଦ୍ଧ ଶୈବ କ୍ଷେତ୍ର ବାବା ବରୁଣେଶ୍ୱରଙ୍କ ପୀଠରେ ପୂଜାର୍ଚ୍ଚନା କରି ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ପୂର୍ବାହ୍ଣରେ ନିଜର ଶତାଧିକ ସମର୍ଥକଙ୍କ ସହିତ ସେ ବରୁଣେଶ୍ୱର ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା ଓ ରୁଦ୍ରାଭିଷେକ କରିବା ସହିତ ବିଞ୍ଝାରପୁରବାସୀଙ୍କ ମଙ୍ଗଳ କାମନା କରିଥିଲେ। ଏହାପରେ ନିକଟ କଲ୍ୟାଣମଣ୍ଡପଠାରେ ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ବିଜେଡି ଛାମୁଆ ସଂଗଠକମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକ ବିଜେଡି ସଭାପତି ନନ୍ଦ କିଶୋର ସାମଲଙ୍କ ସମେତ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ ପ୍ରମୁଖ ଯୋଗଦେଇଥିଲେ। ବିଞ୍ଝାରପୁରରେ ଚାଲୁଥିବା ବିକାଶଧାରା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ବିକାଶ ଧାରାକୁ ଅବ୍ୟାହତ ରଖିବାକୁ ଚଳିତ ନିର୍ବାଚନରେ ବିଜେଡିକୁ ପୁଣି ଲୋକଙ୍କ ସମର୍ଥନର ଆବଶ୍ୟକତା ରହିଥିବା ପ୍ରମିଳା ପ୍ରକାଶ କରିବା ସହିତ ତୃଣମୂଳସ୍ତରରୁ ସଂଗଠନକୁ ଅଧିକ ମଜଭୁତ କରିବାକୁ କହିଥିଲେ। ଏହି ଅବସରରେ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିହାରୀ ପଞ୍ଚାୟତର ରତନ କୁମାର କଣ୍ଟ, ବିଭୂତି ସାମଲ, ବରଦା ପ୍ରସନ୍ନ ତ୍ରିପାଠୀ, କରୁଣା ଦାସ, ପପୁ କର ପ୍ରମୁଖ ଭାଜପା ଛାଡ଼ି ପ୍ରମିଳାଙ୍କ ନେତୃତ୍ୱରେ ବିଜେଡ଼ିରେ ଯୋଗ ଦେଇଥିଲେ।

# ୪ ନେତାଙ୍କ ନିଲମ୍ବନ ଉଠାଇଲା ବିଜେଡି

ତିର୍ତ୍ତୋଲ, ୫।୪
(ଗୌରାଙ୍ଗ ଚରଣ ସ୍ୱାଇଁ)

ସାଧାରଣ ନିର୍ବାଚନ ପୂର୍ବରୁ ତିର୍ତ୍ତୋଲ ବ୍ଲକର ୩ ପୂର୍ବତନ ସରପଞ୍ଚଙ୍କ ସମେତ ୪ଜଣ ନେତାଙ୍କ ଉପରୁ ବିଜେଡି ଶୁକ୍ରବାର ନିଲମ୍ବନ ପ୍ରତ୍ୟାହାର କରିନେଇଛି। ଗୋବିନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ମୂଳିସିଂ ପଞ୍ଚାୟତର ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ତେନ୍ତୁଳିପଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା ଓ କଟରା ପଞ୍ଚାୟତର ଅଶୋକ ମଲ୍ଲଙ୍କ ଉପରୁ ଏହି ନିଲମ୍ବନ ପ୍ରତ୍ୟାହାର କରାଯାଇଥିବା ନେଇ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ ଏକ ପତ୍ର ଯୋଗେ ଜିଲା ବିଜେଡି ସଭାପତିଙ୍କୁ ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ଗତ ୨୦୨୨ ପଞ୍ଚାୟତ ନିର୍ବାଚନ ସମୟରେ ଏହି ୪ଜଣ ନେତାଙ୍କୁ ଦଳ ତରଫରୁ ନିଲମ୍ବିତ କରାଯାଇଥିଲା।

# ସୂର୍ଯ୍ୟମୁଖୀ ଚାଷକୁ ମିଳୁନି ପ୍ରୋତ୍ସାହନ

କେନ୍ଦ୍ରାପଡ଼ା,୫।୪(ଜଗନ୍ନାଥ ଧଳ)



- ତାଲିମ, ଅନୁଦାନ ଜିଲା ଅର୍ଥନୀତିକୁ ବିକଶିତ କରିବ
- ୨୦୧୫ରେ ଜିଲାରେ ହେଉଥିଲା ୩୦ ହେକ୍ଟର ଚାଷ
- ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କୁ ଅଧିକ ସାମିଲ ଦାବି

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କୋଇଲିପୁରର ଚାରିପୋଖରିଆ ଗାଁର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟ ଚଳିତ ବର୍ଷ ୭ ଏକର ଜମିରେ ସୂର୍ଯ୍ୟମୁଖୀ ଚାଷ କରିଛନ୍ତି । ଏହି ଚାଷ ସେମାନଙ୍କ ପାଇଁ ଦ୍ୱିତୀୟ ବର୍ଷ। ପ୍ରଥମବର୍ଷର ଅଭିଜ୍ଞତା ସେମାନଙ୍କୁ ପରିପକ୍ୱ କରିବା ସହ ମା' ମଙ୍ଗଳ ଗୋଷ୍ଠୀର ସୂର୍ଯ୍ୟମୁଖୀ ତେଲ ସ୍ଥାନୀୟ ବଜାରରେ ଆଦୃତି ଲାଭ କରିଛି। ତେବେ ତାଲିମ ଓ ପ୍ରୋତ୍ସାହନର ଅଭାବ ଯୋଗୁ ଏହି ଅର୍ଥକରୀ ଫସଲ ଏବେ ଯାଏ ଜିଲାର ଚାଷୀଙ୍କ ବିଶେଷ ଆଗ୍ରହ ସୃଷ୍ଟି କରିପାରିନାହିଁ। ରବି ଫସଲ ସମୟରେ ହେଉଥିବା ଏହି ଚାଷକୁ ଯୋଜନାବଦ୍ଧ ଭାବେ ପ୍ରୋତ୍ସାହିତ କଲେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ସହ ଜିଲା ଅର୍ଥନୀତି ବେଶ୍ ପ୍ରଭାବିତ ହେବ ବୋଲି ଚାଷୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି କହିଛନ୍ତି, ଦେଶରେ କିଛିଦିନ ହେବ ଖାଇବାତେଲର ଦାମ ଲଗାତର ବୃଦ୍ଧି ପାଇଛି। ପେଟ୍ରୋଲ, ଡିଜେଲ, ଗ୍ୟାସ୍ ପରେ ଖାଇବାତେଲ ଦରକୁ ନେଇ ସାଧାରଣ ଲୋକେ ଚିନ୍ତରେ ପଡ଼ିଛନ୍ତି। ୟୁକ୍ରେନ୍ ଓ ରୁଷିଆରୁ ସୂର୍ଯ୍ୟମୁଖୀ ତେଲ ଆମଦାନୀ ଏକ ପ୍ରକାର ବନ୍ଦ ପରେ ଭାରତ ମାଲେସିଆ ଓ ଇଣ୍ଡୋନେସିଆରୁ ପାମ୍ ତେଲ ଆମଦାନୀକୁ ଗୁରୁତ୍ୱ ଦେଇଛି। ମାଲେସିଆ ସରକାର ପାମ୍ ତେଲ ଦରବୃଦ୍ଧି କରିଥିବା ବେଳେ ଇଣ୍ଡୋନେସିଆ ତେଲ ରପ୍ତାନି ଉପରେ କଟକଣା କରିଛନ୍ତି। ଏ ପ୍ରକାର ଅସୁବିଧାର ନିରାକରଣ ପାଇଁ ୧୯୬୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ସବୁଜ ବିପ୍ଳବ ପାଇଁ ଆହ୍ୱାନ ଦେଇଥିଲେ। ଏହି ସବୁଜ ବିପ୍ଳବ ଆହ୍ୱାନ ପାଇଁ ଭାରତ ଏବେ ଗହମ ରପ୍ତାନି କ୍ଷେତ୍ରରେ ଅଗ୍ରଗତି କରୁଛି। ତେଲ ଅଭାବର ମୁକାବିଲା ପାଇଁ ସୂର୍ଯ୍ୟମୁଖୀ ଚାଷକୁ ପ୍ରୋତ୍ସାହନ ଆବଶ୍ୟକ। କେନ୍ଦ୍ରାପଡ଼ା ଜିଲାରେ ଏଥିପାଇଁ ପାଣି, ପବନ ଓ ମାଟି ଥିବା ବେଳେ ତାଲିମ ଓ ସରକାରୀ ପ୍ରୋତ୍ସାହନର ଅଭାବ ଅଛି। ଗରଦପୁର ପଞ୍ଚାୟତ ପତିସାହିର ପବିତ୍ର କୁମାର ପତି କହିଛନ୍ତି, ୨୦୧୫ ମସିହାରେ ଗରଦପୁର ବ୍ଲକର ୪ ପଞ୍ଚାୟତରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୦ ହେକ୍ଟର ଜମିରେ ପରୀକ୍ଷାମୂଳକ ଭାବେ ସୂର୍ଯ୍ୟମୁଖୀ ଚାଷ ହୋଇଥିଲା। ଅମଳ ମଧ୍ୟ ଭଲ ହୋଇଥିଲା। ତେବେ ବଜାର ମଣ୍ଡି ଅଭାବ ଏହି ଚାଷ ପ୍ରତି ବିତୃଷ୍ଣା ଭାବ ସୃଷ୍ଟି କରିଛି। କୃଷକ ନେତା ରଶ୍ମିରଞ୍ଜନ ଚୌଧୁରୀ କହିଛନ୍ତି, ଜିଲା ବାର୍ଷିକ ଯୋଜନାରେ ସିଂହଭାଗ ଅର୍ଥ କୃଷି କ୍ଷେତ୍ରରେ ନିୟୋଜିତ ହେବ ବୋଲି ଅଟକଳ କରାଯାଉଛି। ତେବେ ଏହା ବାସ୍ତବ କ୍ଷେତ୍ରରେ ଦେଖାଯାଉନାହିଁ। ଜଳ ପରିଚାଳନାକୁ ସୁଦୃଢ଼ କରିପାରିଲେ ସୂର୍ଯ୍ୟମୁଖୀ ଚାଷ ପାଇଁ କେନ୍ଦ୍ରାପଡ଼ା ଜିଲା ଉଦାହରଣ ହୋଇପାରିବ। ଜିଲାରେ ଏହି ଚାଷ ପାଇଁ ପ୍ରାୟ ୪୦ ହଜାର ହେକ୍ଟର ଜମି ଉପଯୁକ୍ତ ଅଛି। ସୂର୍ଯ୍ୟମୁଖୀ ମଞ୍ଜିରେ ସାଧାରଣରେ ପ୍ରାୟ ୫୫ ପ୍ରତିଶତ ତେଲ ଆଦାୟ ହେବ। ଏହି ତେଲ ବାହାର କରିବା ପାଇଁ କ୍ଷୁଦ୍ର ଶିଳ୍ପ ଗଢ଼ି ଉଠିବ। ଏଥିପାଇଁ କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର, ସ୍ଥାନୀୟ ଅଞ୍ଚଳର ରାଜନେତା, ପ୍ରଶାସକଙ୍କ ସହିତ ଏନ୍‌ଜିଓ, ପାଣି ପଞ୍ଚାୟତ, ଫାର୍ମର୍ସ କ୍ଲବ ଆଦିଙ୍କ ସହଯୋଗ ଆବଶ୍ୟକ। ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ବହୁଳ ମାତ୍ରାରେ ନିୟୋଜନ ସୂର୍ଯ୍ୟମୁଖୀ ତେଲ ଉତ୍ପାଦନରେ ବିପ୍ଳବ ଆଣିପାରିବ। ସେହିପରି ଆତ୍ମା ମାଧ୍ୟମରେ ତାଲିମ ଓ ସରକାରୀ ଅନୁଦାନ ଏହି ଚାଷକୁ ଆଗକୁ ନେଇପାରିବ। ଏ ସମ୍ପର୍କରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦେବଦାସ ଦତ୍ତ ଓ କେଭିକେ ବରିଷ୍ଠ ବୈଜ୍ଞାନିକ ପ୍ରଭଞ୍ଜନ ମିଶ୍ର କହିଛନ୍ତ, ସୂର୍ଯ୍ୟମୁଖୀ ଚାଷ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି। ଆତ୍ମା ମାଧ୍ୟମରେ ତାଲିମ ସହ ରାଜ୍ୟର ୧୧୮ ଗୋଦାମ ଗୃହ ନିର୍ମାଣ କରି ଏପରି ଫସଲ ସଂଗ୍ରହ କରିବାକୁ ଯୋଜନା ହୋଇଛି। ଚାଷୀ ଚଳିତବର୍ଷ ଏହାର ଫାଇଦା ନେଇପାରିବେ ବୋଲି ସେ କହିଛନ୍ତି।

# ଦାନପୁର ପଞ୍ଚାୟତରେ କଂଗ୍ରେସର କର୍ମୀ ସମ୍ମିଳନୀ

ଡେରାବିଶ,୫।୪ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁରଠାରେ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ପାଟକୁରାର କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ଯୋଗଦେଇ କଂଗ୍ରେସ ଦଳର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ବନ୍ଧରେ କହିଥିଲେ। ଏଥିସହ ଆଗାମୀ ନିର୍ବାଚନରେ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। କଂଗ୍ରେସ କେନ୍ଦ୍ର ଓ ରାଜ୍ୟରେ ଶାସନକୁ ଆସିଲେ ରନ୍ଧନ ଗ୍ୟାସ୍ ଦର କମାଇବ, ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ସମ୍ପୂର୍ଣ୍ଣ ଋଣ ଛାଡ଼ କରିବ, ଜଳସେଚନ ସୁବିଧା ନ ଥିବା ଚାଷଜମିକୁ ଜଳସେଚନର ସୁବିଧା କରାଇବା ଆଦି ଦଳର ୯ଟି ଗ୍ୟାରେଣ୍ଟି ବିଷୟରେ ଉପସ୍ଥିତ ଲୋକମାନଙ୍କୁ କହିଥିଲେ। ଏହି ଅବସରରେ ଡେରାବିଶ ବ୍ଲକ ମହିଳା କଂଗ୍ରେସ ସଭାପତି ରଶ୍ମିତା ମହାନ୍ତି, ପଞ୍ଚାୟତ ସଭାପତି ଅକ୍ଷୟ ପଣ୍ଡା, ନିମାଇଁ ଚରଣ ଯେନା ପ୍ରମୁଖ କଂଗ୍ରେସର ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ଯେନା, କୃଷ୍ଣଚନ୍ଦ୍ର ଯେନା, କୁନା ଯେନା, ରବି ଯେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି କର୍ମ ସମ୍ମିଳନୀରେ ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡ଼ିକରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ।



ସମ୍ମିଳନୀରେ କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ଓ ଅନ୍ୟମାନେ।

# ଡକାୟତି ଯୋଜନା ପଣ୍ଡ: ୪ ଗିରଫ



ଗିରଫ ୪ ଅଭିଯୁକ୍ତ, ଜବତ ବନ୍ଧୁକ।

## ଛୁରି, ଦେଶୀ ବନ୍ଧୁକ ଜବତ; ଦୁଇ ଫେରାର

ମାର୍ଶାଘାଇ, ୫।୪
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅଞ୍ଚଳରେ ଗୁରୁବାର ରାତିରେ ରାସ୍ତାରେ ପଥଚାରୀଙ୍କ ନିକଟରୁ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ଯୋଜନା ପଣ୍ଡ କରିଛି। ଏଥିରେ ୪ ଜଣଙ୍କୁ ଗିରଫ କରିଥିବା ବେଳେ ୨ଜଣ ଫେରାର ହୋଇଯାଇଥିଲେ। ପୋଲିସ ସୂତ୍ରରୁ ପ୍ରକାଶ, ରାତିରେ ଏଏସ୍‌ଆଇ ରାମଚନ୍ଦ୍ର ଦାଶଙ୍କ ନେତୃତ୍ୱରେ ପୋଲିସ ଟିମ୍ କ୍ରସିଂ ଛକରେ ପାଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ପସ୍ତା-ବାଲିସାହି ରାସ୍ତାରେ ୫ରୁ ୬ଜଣ ଯୁବକ ବାଟରେ ଯାଉଥିବା ଲୋକ ତଥା ଦୋକାନ ବନ୍ଦକରି ଘରକୁ ଫେରୁଥିବା ଦୋକାନୀମାନଙ୍କଠାରୁ ଡକାୟତି କରିବା ପାଇଁ ଯୋଜନା କରୁଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିବାକୁ ପାଇଥିଲା ଯେ, ରାସ୍ତାର ଏକ କଲଭର୍ଟ ନିକଟରେ ଗୋଟିଏ କାରକୁ ରାସ୍ତା ଉପରେ ରଖି ଯୁବକମାନେ ଗାଡ଼ି ହେଡ୍‌ଲାଇଟ ଜରିଆରେ ପଥଚାରୀଙ୍କ ଉପରେ ନଜର ରଖୁଥିଲେ। ପୋଲିସ ଆସିବା ଜାଣିପାରି ସେମାନେ ଅନ୍ଧାରେ ଦୌଡ଼ିବାକୁ ଉଦ୍ୟମ କରିଥିଲେ। ପୋଲିସ ଗୋଡ଼ାଇ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ କାବୁ କରିଥିବା ବେଳେ ୨ଜଣ ଫେରାର ହୋଇଯାଇଥିଲେ। ଗିରଫ ୪ ଅଭିଯୁକ୍ତ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଧନିଆପଡ଼ା ଗାଁର ସଞ୍ଜୟ କୁମାର ବେହେରା (୩୯), ନୀହାର ରଞ୍ଜନ ସ୍ୱାଇଁ ଓରଫ ବାପି (୩୨) ଓ ନିର୍ଭୟ ସ୍ୱାଇଁ ଓରଫ କାଳିଆ (୩୪), ପାଟକୁରା ଥାନା ଅନ୍ତର୍ଗତ ରତନପୁର ଗାଁର ସତ୍ୟବ୍ରତ ବେହେରା ଓରଫ ବୁଢ଼ିଆ। ଫେରାର ଅଭିଯୁକ୍ତ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ ଆଶ୍ରମ ବାଲିକୁଦା ଗାଁର ସୁଶାନ୍ତ ମଲ୍ଲିକ ଓରଫ ସୁଶା କାଳିଆ ଓ ଡୁମୁକା ଗାଁର ନରେଶ ସେଠୀ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଛୁରି ଓ କାର ଜବତ କରାଯାଇଛି। ଏ ନେଇ ଥାନାରେ ନଂ.୮୨/୨୪ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଅଜୟ କୁମାର ସାହୁ ପ୍ରକାଶ କରିଛନ୍ତି।

# ୭ରେ ଇନ୍ଦୁପୁର ବାରୁଣୀ ମହୋତ୍ସବ

ଡେରାବିଶ,୫।୪ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଇନ୍ଦୁପୁରରେ ଶନିବାରଠାରୁ ଆରମ୍ଭ ହେବ ମହାଯୋଗ ବାରୁଣୀ ସ୍ନାନ। ୭ଦିନ ଧରି ହେବାକୁ ଥିବା ଏହି ବାରୁଣୀ ଯାତ୍ରା ଅବସରରେ ରବିବାର ବିରୂପା ନଦୀ ପଠାରେ ଆରମ୍ଭ ହେବ ଇନ୍ଦୁପୁର ବାରୁଣୀ ମହୋତ୍ସବ। ଏ ନେଇ ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୪ଦିନ ଧରି ହେବାକୁ ଥିବା ଏହି ମହୋତ୍ସବ ଆସନ୍ତା ୧୦ ତାରିଖରେ ଉଦ୍‌ଯାପିତ ହେବ। ଚଳିତବର୍ଷ ମହୋତ୍ସବରେ ଜିଲାର ଲୋକକଳାକୁ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ମହୋତ୍ସବ କମିଟିର ସଭାପତି ତଥା ଇନ୍ଦୁପୁର ସରପଞ୍ଚ ପ୍ରଦୀପ ରଞ୍ଜନ ସୂତାର ସୂଚନା ଦେଇଛନ୍ତି। ଏଥିସହ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଥିବା ପ୍ରତିଷ୍ଠିତ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପ୍ରଦର୍ଶିତ ହେବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ବୋଲି ସଭାପତି ସୂତାର ରବିବାର ଉଦ୍‌ଘାଟନ ସନ୍ଧ୍ୟାରେ ଇନ୍ଦୁପୁର ପାୟଲ ମ୍ୟୁଜିକ ସ୍କୁଲ ଓ କଟକ ଓଡ଼ିଶା ନାଟ୍ୟ ଏକାଡେମୀର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୮ ତାରିଖ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ସହ କେନ୍ଦ୍ରାପଡ଼ା ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳାନିକେତନର କଳାକାର ଓ ଉଦ୍‌ଯାପନୀ ସନ୍ଧ୍ୟାରେ ହାସ୍ୟ ଅଭିନେତା ବୁଲୁଆ କମେଡି ଓ ସାଥୀଙ୍କ ଦ୍ୱାରା କମେଡି ପ୍ରଦର୍ଶନ ହେବାକୁ ସ୍ଥିର ହୋଇଥିବା ନେଇ ମହୋତ୍ସବ କମିଟିର ସମ୍ପାଦକ ଦୁଷ୍ମନ୍ତ ମଲିକ ସୂଚନା ଦେଇଛନ୍ତି। ଏହି ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପାୟଲ ମ୍ୟୁଜିକ ସ୍କୁଲର ମୁଖ୍ୟ ପରିଚାଳକ ଦେବାଶିଷ ସାମଲ ପରିଚାଳନା କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା କର୍ମକର୍ତ୍ତା ସାଗର ଜେନା ସୂଚନା ଦେଇଛନ୍ତି। ବିରୂପା ନଦୀଘାଟରେ ବାରୁଣୀ ସ୍ନାନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ବ୍ୟବସ୍ଥା ଶୁକ୍ରବାର ସନ୍ଧ୍ୟାରୁ କରାଯାଇଥିବା ବାରୁଣୀ ଯାତ୍ରା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# କୁଜଙ୍ଗ ଓକିଲ ସଂଘର ଶପଥ ଗ୍ରହଣ ସମାରୋହ

କୁଜଙ୍ଗ,୫।୪ (ମନୋଜ ପ୍ରଧାନ)

କୁଜଙ୍ଗ ଓକିଲ ସଂଘର ସମ୍ମିଳନୀ କକ୍ଷରେ ଶୁକ୍ରବାର ନିର୍ବାଚିତ ଓକିଲମାନଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଅତିଥିମାନେ କହିଥିଲେ, ଆଇନଜୀବୀମାନେ ସବୁବେଳେ ସାଧାରଣ ଜନତାଙ୍କୁ ସୁରକ୍ଷା ଯୋଗାଇ ଦେବାପାଇଁ ନିଜକୁ ଉତ୍ସର୍ଗୀକୃତ କରିଥାନ୍ତି । କୁଜଙ୍ଗ ଓକିଲ ସଂଘ ମହକିଲଙ୍କୁ ଉଚିତ ସମୟରେ ନ୍ୟାୟିକ ସୁରକ୍ଷା ଯୋଗାଇଦେଇ ଆସୁଥିବାରୁ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଛି । ପ୍ରାରମ୍ଭରେ ନିର୍ବାଚନ ଅଧିକାରୀ ଭାଗୀରଥି ମହାପାତ୍ର ଓ ସହ ନିର୍ବାଚନ ଅଧିକାରୀ ସତ୍ୟଶଙ୍କର ମିଶ୍ର ନବନିର୍ବାଚିତ ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦକ ଏଏନଡି ଯାଦବ, ଉପସଭାପତି ନୃସିଂହ ଚରଣ ପ୍ରଧାନ, ଯୁଗ୍ମ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର, ସହ ସମ୍ପାଦକ ବ୍ରଜ କିଶୋର ରାଉତ, ପାଠାଗାର ସମ୍ପାଦକ ପ୍ରଣୟ ପରିଜା, କୋଷାଧ୍ୟକ୍ଷ ପବିତ୍ର ନାୟକଙ୍କ ସମେତ ନିର୍ବାଚିତ ୮ ଜଣ କାର୍ଯ୍ୟକାରୀ କମିଟି ସଦସ୍ୟଙ୍କୁ ଶପଥପାଠ କରାଇଥିଲେ । ଏହି ସମାରୋହରେ ମୁଖ୍ୟ ଅତିଥିଭାବେ କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ୍ ପାର୍ଥ ସାରଥି ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ସବ୍‌ଜଜ୍ ଚିନ୍ମୟୀ ପଣ୍ଡା, ମୁନସିଫ ଅନୁରାଧା ଶର୍ମା ଓ ଜେଏମ୍‌ଏଫ୍‌ସି ବିଶ୍ୱଭୂଷଣ ନାୟକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସଭାପତି ଅମୃତ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ, ପୂର୍ବତନ ସଭାପତି ସତ୍ୟାନନ୍ଦ ବିଶ୍ୱାଳ ଅଭିଭାଷଣ ରଖିଥିଲେ। ଦାୟିତ୍ୱ ଗ୍ରହଣ ପରେ ସଭାପତି ସୁଶାନ୍ତ ତାଙ୍କ ଅଭିଭାଷଣରେ କୁଜଙ୍ଗ ଓକିଲ ସଂଘର ଅତୀତର କାର୍ଯ୍ୟଧାରାକୁ ଅନୁଶୀଳନ କରି କାର୍ଯ୍ୟ କରିବି ବୋଲି କହିଥିଲେ । ରାଜ୍ୟ ବାର କାଉନ୍‌ସିଲ ପକ୍ଷରୁ ସଭ୍ୟ ଦିନେଶ ରାୟ ଯୋଗ ଦେଇଥିବା ବେଳେ ତାଙ୍କୁ ବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ଏଏନ୍‌ଡି ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଟ୍ଟାମୁଣ୍ଡାଇରେ ଦଳିତ ସଂଘ ଶୋଭାଯାତ୍ରା

ପଟ୍ଟାମୁଣ୍ଡାଇ,୫।୪
(କଳ୍ପତରୁ ନାୟକ)

ସମ୍ପ୍ରତି ସାଧାରଣ ନିର୍ବାଚନ ଯୋଗୁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ କାର୍ଯ୍ୟକ୍ରମକୁ ଜୋର୍‌ଦାର କରିଛନ୍ତି। ଏଭଳି ସମୟରେ ଦଳିତ ଜାତି ସଂଘ ପକ୍ଷରୁ ଶୁକ୍ରବାର ଏକ ଶୋଭାଯାତ୍ରା କରାଯାଇଥିଲା। ବାଲିପଡ଼ା ହନୁମାନ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲା। ଏଥିରେ ପଟ୍ଟାମୁଣ୍ଡାଇକୁ ନେତୃତ୍ୱ ମିଳୁ ବୋଲି ଦାବି କରାଯାଇଛି। ଏହାର ନେତୃତ୍ୱ କଳ୍ପତରୁ ମଲିକ, ଦିଲୀପ ମଲିକ, ଉତ୍ତମ ମଲିକ, ତପନ ମଲିକ, ମନୋଜ ଯେନା, ଯଦୁନାଥ ମଲିକ, ଗଣେଶ ମଲିକ, ପ୍ରତିମା ମଲିକ, ଟିଙ୍କି ମଲିକ, ଲକ୍ଷ୍ମୀପ୍ରିୟା ମଲିକ ଓ ଖଗେଶ୍ୱର ମଲିକ ପ୍ରମୁଖ ନେଇଥିଲେ।

# ବୀରେନ ସଭାପତି, ସୁକାନ୍ତ ସମ୍ପାଦକ

## ରାଜକନିକା ଓକିଲ ସଂଘ ନିର୍ବାଚନ

ରାଜକନିକା,୫।୪
(ସଞ୍ଜୟ କୁମାର ଦାଶ)

ରାଜକନିକା ବାର୍ ଆସୋସିଏଶନର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଶିବପ୍ରସାଦ ବେହେରା ପରିଚାଳନା କରିଥିଲେ। ସଭାପତି ଭାବେ ବୀରେନ କୁମାର ଜେନା, ଉପସଭାପତି ଭାବେ ଅଶୋକ କୁମାର ସାମଲ, ସମ୍ପାଦକ ଭାବେ ସୁକାନ୍ତ କୁମାର ଜେନା, ଯୁଗ୍ମ ସମ୍ପାଦକ ଭାବେ ନୀଳାମ୍ବର ପ୍ରଧାନ, ସହସମ୍ପାଦକ ଭାବେ ରଞ୍ଜନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ମନୋରଞ୍ଜନ ଭୂୟାଁ, ସାଂସ୍କୃତିକ ସମ୍ପାଦକ ଭାବେ ମନୋଜ କୁମାର ନାୟକ ଓ ଲାଇବ୍ରେରିଆନ ଲକ୍ଷ୍ମୀଧର ସାହୁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି।



ରାଜକନିକା ଓକିଲ ସଂଘର ନୂତନ ସଭାପତି, ସମ୍ପାଦକ ଓ ଅନ୍ୟମାନେ।

# ଆଳି ନିର୍ବାଚନମଣ୍ଡଳୀ ଗସ୍ତ କଲେ ଅଂଶୁମାନ, ପ୍ରତାପ

ଆଳି,୫।୪(ବନମାଳୀ ସେନାପତି)

ବିଜେଡିର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ କେଶରୀ ଦେବ ଟିକେଟ ଘୋଷଣା ହେବାପରେ ଶୁକ୍ରବାର ଆଳି ନିର୍ବାଚନ ମଣ୍ଡଳୀରେ ଶୋଭାଯାତ୍ରା କରିବା ସହ ଏକ ସାଧାରଣ ସଭାରେ ଯୋଗଦେଇଥିଲେ। ଲୋକ ସଭା ପ୍ରାର୍ଥୀ ଅଂଶୁମାନ ଓ ବିଧାୟକ ପ୍ରାର୍ଥୀ ପ୍ରତାପ ପତ୍ରପୁର ସେତୁ ନିକଟରେ ପହଞ୍ଚିବା ପରେ ତାଙ୍କୁ ସେଠାରେ ଉପସ୍ଥିତ ଶତାଧିକ କର୍ମୀ ଭବ୍ୟ ସ୍ୱାଗତ କରି ଏକ ଶୋଭାଯାତ୍ରାରେ ଆଳିକୁ ଆଣିଥିଲେ। ଅଂଶୁମାନ ଓ ପ୍ରତାପ ଆଳିର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ମନ୍ଦିର ଦର୍ଶନ କରିବା ପରେ କ୍ରିଷ୍ଣାମଣ୍ଡପ ପରିସରରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ଆଳି ବ୍ଲକ ବିଜେଡି ସଭାପତି ସନାତନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଲୋକ ସଭା ପ୍ରାର୍ଥୀ ଅଂଶୁମାନ, ବିଧାୟକ ପ୍ରାର୍ଥୀ ପ୍ରତାପ ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ବିକାଶମୂଳକ ଯୋଜନାକୁ ନେଇ ଭୋଟରମାନଙ୍କ ନିକଟରେ ପହଞ୍ଚିବା ସହିତ ଭୋଟରମାନେ ବିଜେଡି ପ୍ରତି ଆସ୍ଥାଭାଜନ ହୋଇଥିବାରୁ ନିଶ୍ଚିତ ଭାବେ ଆଗାମୀ ଦିନରେ ଦଳ ବିଜୟଲାଭ କରିବ ବୋଲି ମନ୍ତ୍ରୀ ଦେବ କହିଥିଲେ। ଏହି ଅବସରରେ ଅଂଶୁମାନ କହିଥିଲେ, ବିଜେଡିର ମୁଦ୍ଦା ହେଉଛି ବିକାଶ। ୨୦୦୦ ମସିହାଠାରୁ ଆଜିପର୍ଯ୍ୟନ୍ତ କେନ୍ଦ୍ରାପଡ଼ାବାସୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଅଛନ୍ତି। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀ ଏକ ନୂତନ କେନ୍ଦ୍ରାପଡ଼ା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚିତ ଭାବେ ପୂରଣ ହେବ। କେନ୍ଦ୍ରାପଡ଼ା ଜିଲା ପ୍ରଗତିରେ ସହାୟକ ହେବ। ଏହି କାର୍ଯ୍ୟକ୍ରମରେ ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ବିକାଶ ଦାସ, ଆଳି ରାଜକନିକା ପଞ୍ଚାୟତ ସମିତି ଅଧକ୍ଷ, ଜିଲା ପରିଷଦ ଓ ୬୩ ପଞ୍ଚାୟତର ଛାମୁଆ କର୍ମୀମାନେ ଉପସ୍ଥିତ ଥିଲେ।



ଆଳିଠାରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅଂଶୁମାନ ମହାନ୍ତି ଏବଂ ଅନ୍ୟମାନେ।

# ଅନ୍ୟଦଳ ଛାଡ଼ି ବିଜେଡିରେ ମିଶିଲେ ୬୫ ପରିବାର

ରାଜକନିକା, ୫।୪(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସିକୋ ପଞ୍ଚାୟତ ସିକୋ ବାସନ୍ତୀ ପଡିଆଠାରେ ବିଜେଡିର ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସିକୋ ପଞ୍ଚାୟତରୁ ଅନ୍ୟଦଳ ଛାଡି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା ୬୫ ପରିବାର କହିଛନ୍ତି। ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ଆଳିର ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ନୂତନ ଭାବେ ବିଜେଡିରେ ଯୋଗ ଦେବାକୁ ଆସିଥିବା କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ମିନତି ରାଉତ, ରାଜକନିକା ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରା, ବିଧାୟକଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ରାଜକନିକା ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ କପିଳେନ୍ଦ୍ର ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ୨୯ନଂ. ଜିଲା ପରିଷଦ ସଭ୍ୟା ଅମିତା ସାହୁ, ଯୁବ ସଙ୍ଗଠକ କ୍ଷୀରୋଦ ବେହୁରିଆ ପ୍ରମୁଖ ଯୋଗଦେଇ ନିଜନିଜ ବକ୍ତବ୍ୟରେ ବିଜେଡି ଶାସନରେ ଲୋକାଭିମୁଖୀ ଯୋଜନାଗୁଡ଼ିକ ବିଷୟରେ କହିବା ସହ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ପଞ୍ଚାନନ ପଣ୍ଡା, ଜିତେନ୍ଦ୍ର କୁମାର ବେହେରା, ପୂର୍ବତନ ସରପଞ୍ଚ ଅଶୋକ କୁମାର ବେହେରା, ବିଭୂତି ଭୂଷଣ ବିଶ୍ୱାଳ, ଶ୍ରୀନାଥ ମହାନ୍ତି, ରଶ୍ମିତା ବେହେରା ଓ ସବିତା ବେହେରାଙ୍କ ସମେତ ୬୫ ପରିବାର ଅନ୍ୟଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ସୁରେନ୍ଦ୍ର ଦାସ, ଆର୍ତ୍ତତ୍ରାଣ ରାଉତ, ରାଜୀବଲୋଚନ ରାୟ, ବିମଳ ପ୍ରସାଦ ମିହାପାତ୍ର, କୈଳାସ ଚନ୍ଦ୍ର ସେଠୀ, ଚିରଞ୍ଜୀବୀ ଜେନା, ବିବେକାନନ୍ଦ ମହାପାତ୍ର, ଜାୟିରାମ ମହାନ୍ତି, ଗୟାଧର ରାଉତ, ରମାକାନ୍ତ ପଣ୍ଡା, ଅକ୍ଷୟ ବେହେରା, ପ୍ରମୋଦ ରାଉତ, ଅଜିତ କୁମାର ଗୁରୁ, ଅନିରୁଦ୍ଧ ବେହେରା, ଅଶୋକ ମିଶ୍ର, ଶ୍ରୀନାଥ ମହାନ୍ତି ଓ ଆଦିକାନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିଜେଡିରେ ଯୋଗ ଦେଇଥିବା ଅନ୍ୟ ଦଳର କର୍ମୀମାନେ।

## ବିଜେଡିର ମିଶ୍ରଣ ପର୍ବ

## ସଂକ୍ଷେପରେ

### ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର

ଦଶପଲ୍ଲା, ୫।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ମେଡ଼ିକାଲ ପରିସରରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ, ନୟାଗଡ଼ ପକ୍ଷରୁ ଗୁରୁବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ମହାସଂଘ ଓ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଏଭଳି କାର୍ଯ୍ୟକୁ ବେଶ୍ ପ୍ରଶଂସା କରାଯାଇଛି।

### ରାମଚରିତ ମାନସ ପାରାୟଣ

ରମ୍ଭା,୫।୪(ବନବାସୀ ସେଠୀ)

ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ୩ ତାରିଖରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଶ୍ରୀରାମ ଚରିତ ମାନସ ପାରାୟଣ ଓ ଅମୃତ ବାଣୀ ପ୍ରବକ୍ତା ମୃତ୍ୟୁଞ୍ଜୟ ଚୌଧୁରୀ ଏବଂ ବିଜୟିନୀ ନନ୍ଦଙ୍କ ଦ୍ୱାରା ଚାଲୁରହିଛି। ଶୁକ୍ରବାର ସୀତାରାମଙ୍କ ବିବାହ ରମ୍ଭା ନେଳୀବନ୍ଧ ସ୍ଥିତ ବାଲୁଙ୍କେଶ୍ୱର ମନ୍ଦିର ପାର୍ଶ୍ୱ ଶ୍ରୀରଘୁନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ନୃସିଂହ ଚରଣ ପଣ୍ଡା, କର୍ତ୍ତା ରମେଶ ଚନ୍ଦ୍ର ଦାଶ ଓ ମୀରାବାଈ ଦାଶ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମକୁ ଟି. ବାପୁଜୀ ସୁବୁଦ୍ଧି, ରାଜେନ୍ଦ୍ର ସାହୁ, ବିପ୍ର ଚରଣ ପ୍ରଧାନ, ଟି. ରାଜେନ୍ଦ୍ର ପୃଷ୍ଟି, ମହେନ୍ଦ୍ର ସେନାପତି, ଟି.କେଦାର ନାଥ ସୁବୁଦ୍ଧି, ସୁଶାନ୍ତ ପାତ୍ର, ସୁଶାନ୍ତ ସେନାପତି, ଅନିଲ ପାଢ଼ୀ, ଗୋପାଳଚନ୍ଦ୍ର ସୁବୁଦ୍ଧି, ସୁବାଷ ଚନ୍ଦ୍ର ପଣ୍ଡା, କ୍ଷୀରୋଦ ଚନ୍ଦ୍ର ସେନାପତି, ରାମଚନ୍ଦ୍ର ଆଚାରୀ, ମୁନା ପ୍ରଧାନ, ସୁରେନ୍ଦ୍ର ପାତ୍ର, ସାଧବଣୀ ପ୍ରଧାନ ଏବଂ ମନ୍ଦିର ପୂଜାରୀ ମନୋଜ କୁମାର ପଣ୍ଡା, ବିଶ୍ୱରଞ୍ଜନ ପଣ୍ଡା, ଉପେନ୍ଦ୍ର ତ୍ରିପାଠୀ, ଟୁକୁନି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ହନୁମାନ ବିଗ୍ରହ ପ୍ରତିଷ୍ଠା

ବୁଗୁଡ଼ା,୫।୪(କାଳିଚରଣ ଦାଶ):

ବୁଗୁଡା ବ୍ଲକ ଅନ୍ତରପଡ଼ା ପଞ୍ଚାୟତ ଅନ୍ତର୍ଗତ ଝୋଲରୀ ଗ୍ରାମରେ ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ଅଷ୍ଟଦଳ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଞ୍ଚୁରୁ, ପଙ୍କଳବାଡ଼ି, ଏକଡାଳ, ଝୋଲରୀ, ମନ୍ଦାର, ବେଠିଆବୋରଦା ଓ ଖରିଡା ଗ୍ରାମର ୨ଟି ନାମ ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରିଥିଲେ। ହୋମଯଜ୍ଞକୁ ରବିନ୍ଦ୍ର ରଥ ପରିଚାଳନା କରିଥିଲେ।

# ଟିକେଟ ବଣ୍ଟନ ପରେ ଭାଜପାରେ ଫାଟ



ରଣପୁରରେ ପୂର୍ବତନ ବିଧାୟିକା ସୁରମା ପାଢ଼ୀଙ୍କ ସମର୍ଥକମାନେ ଶୁକ୍ରବାର ମେଳି କରିଛନ୍ତି।

ନୟାଗଡ଼/ରଣପୁର,୫।୪
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

- ଚର୍ଚ୍ଚାରେ ରଣପୁର ବିଧାନସଭା କ୍ଷେତ୍ର
- ପଦାରେ ପଡ଼ିଲା ଗୋଷ୍ଠୀ କନ୍ଦଳ
- ପୁରୁଣାଙ୍କୁ ଭରସା ନ ପାଇବାରୁ ଦଳ ବାଛିଛି ନୂଆ ମୁହଁ

ନୟାଗଡ଼ ଜିଲା ରଣପୁର ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀଙ୍କୁ ଟିକେଟ ବଣ୍ଟନ ପରେ ଭାଜପାର ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଛି। ପୁରୁଣାଙ୍କ ଉପରେ ଭରସା ନ ପାଇବାରୁ ୨୦୨୪ରେ ଡବଲ ଇଞ୍ଜିନ ସରକାର ଆଣିବା ପାଇଁ ଦଳ ନୂଆ ମୁହଁ ଚୟନ କରିଛି। ଏହାକୁ ପୂର୍ବତନ ବିଧାୟିକା ସୁରମା ପାଢ଼ୀଙ୍କ ଗୋଷ୍ଠୀ ବିରୋଧ କରି ଶୁକ୍ରବାର ରଣପୁରରେ ମେଳି ହୋଇଥିଲେ। ୨୦୦୯ରେ ଭାଜପା–ବିଜେଡି ମେଣ୍ଟ ବେଳେ ସୁରମାଙ୍କ ରଣପୁର ବିଧାନସଭା କ୍ଷେତ୍ରରେ ବିଜୟୀ ହୋଇ ମନ୍ତ୍ରୀ ପଦ ହାତେଇ ଥିଲେ। ୨୦୧୪ ଓ ୨୦୧୯ ଦୁଇଟି ନିର୍ବାଚନରେ ଦଳ ଭରସା କରି ଟିକେଟ ଦେଇଥିଲେ ମଧ୍ୟ ନିର୍ବାଚନ ବୈତରଣୀ ସୁରମା ପାର ହୋଇପାରି ନ ଥିଲେ। ୨୦୨୪ ନିର୍ବାଚନରେ ଦଳ ସୁରମାଙ୍କ ଉପରେ ଆସ୍ଥା ପ୍ରକଟ କରି ନ ପାରି ନୂଆ ଯୁବ ନେତା ତଥା ଭାଜପା ଜିଲା ସଭାପତି ତାପସ ରଞ୍ଜନ ମାର୍ଥାଙ୍କୁ ପ୍ରାର୍ଥୀ କରିଛି। ତାପସଙ୍କ ପ୍ରାର୍ଥୀ ହେବା ପରେ ସୁରମାଙ୍କ କେତେଜଣ ସମର୍ଥକ ବିରୋଧ ଆରମ୍ଭ କରି ତାଙ୍କୁ ପୁଣି ଟିକେଟ ଦେବା ପାଇଁ ଦାବି ଉଠାଇଛନ୍ତି। ଏହା ଭାଜପାର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇବା ସହ ବିଜେଡି ପ୍ରାର୍ଥୀଙ୍କୁ ସୁହାଉଥିବା ଚର୍ଚ୍ଚା ହେଉଛି। ବିଜେଡି ଭାଜପାର କନ୍ଦଳକୁ ନେଇ ଫାଇଦା ଉଠାଇବାକୁ ଗୋଟିଚାଳନା ଆରମ୍ଭ କରି ସାରିଲାଣି। ସେପଟେ ଭାଜପା ନିଜର ଗୋଷ୍ଠୀ କନ୍ଦଳ ସମାଧାନ କରିବାରେ ଲାଗି ପଡ଼ିଛି। ଦେଖାଯାଉ ଭାଜପାର କନ୍ଦଳ ସମାଧାନ ହେଉଛି ନା ଆଗକୁ ବଢ଼ି ଦଳର କ୍ଷତି କରୁଛି। ଏ ନେଇ ଭାଜପାର କେତେଜଣ ସମର୍ଥକ କୁହନ୍ତି, ସୁରମାଙ୍କୁ ୩ ଥର ସୁଯୋଗ ଦଳ ଦେଇଛି। ସୁରମା ଗୋଟିଏ ଥର ବିଜୟୀ ହୋଇ ଅନ୍ୟ ୨ ଥର ପରାଜିତ ହୋଇଛନ୍ତି। ଦଳ ନୂଆ ମୁହଁକୁ ଦେବା ପରେ ବିରୋଧ କରାଯିବା ଠିକ୍ ନୁହେଁ। ସୁରମା ରଣପୁର ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟମାନେ ବିରୋଧ କରି ନ ଥିଲେ। ତେଣୁ ନୂଆ ପ୍ରାର୍ଥୀଙ୍କୁ ସୁରମାଙ୍କ ସମର୍ଥକ ବିରୋଧ କରିବା ଠିକ୍ ନୁହେଁ। ଏଣୁ ସୁରମା ଦଳର ନେତାଙ୍କ ସହ ଆଲୋଚନା କରନ୍ତୁ। ଯୁବନେତାଙ୍କୁ ସହଯୋଗ କରନ୍ତୁ। ଦଳ କିପରି ରଣପୁର ନିର୍ବାଚନମଣ୍ଡଳୀରେ ବିଜୟୀ ହେବ ସେନେଇ ଚେଷ୍ଟା କରିବା ଦରକାର। ନୂଆ ମୁହଁକୁ ସମର୍ଥକମାନଙ୍କ ସହଯୋଗରେ ବିରୋଧ କଲେ ଅଯଥାରେ ଦଳ ବଦନାମ ହେବ ବୋଲି କେତେଜଣ ସମର୍ଥକ କହିଛନ୍ତି।

### ସୁରମାଙ୍କୁ ଟିକେଟ ଦେବା ପାଇଁ ମେଳି

ରଣପୁର ନିର୍ବାଚନମଣ୍ଡଳୀ ପାଇଁ ସୁରମା ପାଢ଼ୀଙ୍କୁ ଭାଜପାର ଟିକେଟ ଦେବା ଉଦ୍ଦେଶ୍ୟରେ ବ୍ଲକ କେରେଣ୍ଡାଟାଙ୍ଗୀ ପଞ୍ଚାୟତ ବରକନ୍ୟା ମନ୍ଦିର ନିକଟରେ ଶୁକ୍ରବାର ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧ ନୟାଗଡ଼ ପଞ୍ଚାୟତର ନାଏବ ସରପଞ୍ଚ ପ୍ରମୋଦ କୁମାର ସାହୁଙ୍କ ସମେତ ୯ ୱାର୍ଡମେମ୍ବର, ପୂର୍ବତନ ରଣପୁର ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ଗୋପାଳପୁର ଜୋନ୍ ସଭାପତି ନିର୍ମଳ ମଉଗଜସିଂହ, ଚାନ୍ଦପୁର ମଣ୍ଡଳ ସଭାପତି ସୁବର୍ଣ୍ଣ ସିଂହ, ଗୋଡ଼ିପଡ଼ା ସରପଞ୍ଚ ଅନ୍ତର୍ଯାମୀ ସାହୁ, ରଣପୁର ଏନ୍ଏସି ମଣ୍ଡଳ ସଭାପତି ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ରଣପୁର ଅଞ୍ଚଳର ଭାଜପା କର୍ମକର୍ତ୍ତା ଓ ଲୋକଙ୍କ ଦାବିକୁ ବିଚାରକୁ ନେଇ ସୁରମାଙ୍କୁ ଟିକେଟ ଦେବାକୁ ଦାବି କରାଯାଇଛି। ସୁରମା ଟିକେଟ ପାଇଲେ ବିଜୟ ସୁବିଧାରେ ହେବ ବୋଲି ସମାବେଶରେ ଦାବି କରାଯାଇଛି।

## ଜିଲା ଶ୍ରମ ଅଧିକାରୀଙ୍କ ନାଁରେ ଥାନାରେ ଅଭିଯୋଗ

ନୟାଗଡ଼,୫।୪(ଲୋକନାଥ ମିଶ୍ର)

**ଲାଞ୍ଚ କମାଇ ଦେବାରୁ ଜାତିଆଣ ଆକ୍ଷେପ**

ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତଙ୍କ ନାଁରେ ବାଣିଗୋଛା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ ମାମଲା ରୁଜୁ କରିନାହିଁ। ଲାଞ୍ଚ କମାଇ ଦେବାରୁ ଜିଲା ଶ୍ରମ ଅଧିକାରୀ ଅଣସଙ୍ଗଠିତ ଶ୍ରମିକଙ୍କ ହିତାଧିକାରୀଙ୍କୁ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଛି। ଥାନାରୁ ନ୍ୟାୟ ନ ପାଇଲେ ହାଇକୋର୍ଟକୁ ଯିବାକୁ ହିତାଧିକାରୀ ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁସାରେ ବାଣିଗୋଛା ଥାନା କଳାକିଆରି ଗାଁର ପ୍ରତିମା ନାୟକ ଜଣେ ଅଣସଙ୍ଗଠିତ ଶ୍ରମିକ। ପ୍ରତିମାଙ୍କ ମୃତ୍ୟୁ ପରେ ସ୍ୱାମୀ ସୁରଥ ପତ୍ନୀ ମୃତ୍ୟୁକାଳୀନ ସହାୟତା ରାଶି ପାଇବାକୁ ଆବଦେନ କରିଥିଲେ। ଜିଲା ଶ୍ରମ ଅଧିକାରୀ ଏହାର ତଦନ୍ତ କରି ସୁରଥଙ୍କୁ କହିଥିଲେ, ୨ ତାରିଖରେ ଡାକୁଡା ହାଟକୁ ଯିବେ। ସେଠାରେ ୫ହଜାର ଓ ୨ଟି କୁକୁଡା ଦେଲେ ସରକାରୀ ସହାୟତା ସୁବିଧାରେ ହୋଇଯିବ। ସୁରଥ ୧ଟି କୁକୁଡା ଓ ୨ ହଜାର ଟଙ୍କା ଦେଲେ। ଲାଞ୍ଚ ପରିମାଣ କମିଯିବାରୁ ଜିଲା ଶ୍ରମ ଅଧିକାରୀ ଉତ୍ତେଜିତ ହୋଇ ଜାତିଆଣ ଆକ୍ଷେପ କରିଥିଲେ। ଏ ସମ୍ପର୍କରେ ସୁରଥ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ସୁରଥ କୁହନ୍ତି, ମୋତେ ନ୍ୟାୟ ମିଳୁନି। ଶ୍ରମ ଅଧିକାରୀ ମୋତେ ହଇରାଣ କଲେ। ଏବେ ଥାନାରେ ମାମଲା ରୁଜୁ ହେଉନି। ବାଧ୍ୟ ହୋଇ ମୁଁ ହାଇକୋର୍ଟ ଯିବି ବୋଲି କହିଛନ୍ତି। ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତଙ୍କୁ ପଚାରିବାରେ ଅଣସଙ୍ଗଠିତ ଶ୍ରମିକ କଳାକିଆରି ଗାଁର ପ୍ରତିମା ନାୟକଙ୍କ ମୃତ୍ୟୁ ଫାଇଲର ତଦନ୍ତ ହୋଇ ସାରିଛି। ଆଚରଣ ବିଧି ଲାଗୁ ହୋଇ ଯାଇଥିବାରୁ ସହାୟତା ରାଶି ଦିଆଯାଇପାରିନାହିଁ। କାହାରିକୁ ମୁଁ ଲାଞ୍ଚ ମାଗିନି କି ବାଣିଗୋଛା ଅଞ୍ଚଳକୁ ଯାଇନି। ପୁଣି ଜାତିଆଣ ଆକ୍ଷେପ ମଧ୍ୟ କରିନାହିଁ। ତେବେ କିଛି ଦଲାଲ ମୋତେ ହଇରାଣ କରିବାକୁ ଉଦ୍ୟମ କରୁଛନ୍ତି। ଠିକ୍‌ରେ ଥିବାରୁ ସବୁ ପ୍ରକାରର ତଦନ୍ତ ସ୍ୱାଗତ କରୁଛି ବୋଲି ସେ କହିଛନ୍ତି।

## ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମହାବାରୁଣୀ ବୁଡ଼ ନୀତି ନିର୍ଘଣ୍ଟ



ଖଣ୍ଡପଡା,୫।୪(ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦିପୀଠ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ମହାବାରୁଣୀ ବୁଡ଼ ଶନିବାର କଣ୍ଟିଲୋ ମହାନଦୀ, କୁଆଁରିଆ, କମେଇ ନଦୀ ସଙ୍ଗମସ୍ଥଳରେ ଅନୁଷ୍ଠିତ ହେବ। ଏ ଅବସରରେ ଶ୍ରୀନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଥିବା ଦେବୋତର ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାକ୍ରମେ ଶ୍ରୀନୀଳମାଧବଙ୍କ ପହୁଡ଼ ନୀତି ସକାଳ ୫ଟା, ଅବକାଶ ନୀତି ସକାଳ ସାଢେ ୫ଟା, ବଲ୍ଲଭ ପୂଜା ସକାଳ ୬ଟା, ସ୍ନାନ ଧୂପ ୭ଟା, ଶ୍ରୀଜୀଉଙ୍କ ବେଶ ସାଢେ ୮ଟା ପରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଜୀଉ ସକାଳ ସାଢେ ୯ଟାରେ ସିଂହଦ୍ୱାର ଦେଇ ସୁସଜ୍ଜିତ ମଣି ବିମାନରେ ଭବ୍ୟ ପହୁଁଆରରେ ଭକ୍ତମାନଙ୍କ ଗହଣରେ ବାରୁଣୀ ସ୍ନାନ ସ୍ଥଳ ଅଭିମୁଖେ ବିଜେ ହେବେ। ସେଠାରେ ସମସ୍ତ ପୂଜାନୀତି ଓ ସ୍ନାନ ନୀତି ସମ୍ପନ୍ନ କରି ଅପରାହ୍ନ ପ୍ରାୟ ସାଢେ ୪ଟାରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଦେବୋତର ମ୍ୟାନେଜର ହରିହର ଦାଶଙ୍କଠାରୁ ପ୍ରକାଶ। ଏହି ପରିପ୍ରେକ୍ଷୀରେ ଦେବୋତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ଧୋବେଇ ନାଏକ, ମନ୍ଦିର ସେବାୟତ, ଦେବୋତର ବିଭାଗ କର୍ମଚାରୀ ଓ ଗ୍ରାମବାସୀ ପ୍ରମୁଖ ଯତ୍ନବାନ ରହିଥିବା ଜଣାପଡ଼ିଛି। ଆକଳନ କରାଯାଉଥିବା ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ନିମନ୍ତେ ପୋଲିସ ପ୍ରଶାସନ ପ୍ରସ୍ତୁତ ଥିବା ସୂଚନା ମିଳିଛି।

## ଦଶପଲ୍ଲାର ବିଭିନ୍ନ ଅଞ୍ଚଳରେ ଦଣ୍ଡଯାତ୍ରା ଆରମ୍ଭ

ଦଶପଲ୍ଲା, ୫।୪ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ଏନ୍ଏସି ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ଦଣ୍ଡଯାତ୍ରା ଆରମ୍ଭ ହୋଇଯାଇଛି। ସହର ଏବଂ ଗାଁ ଦାଣ୍ଡରେ ଢୋଲ, ମହୁରୀ ଶବ୍ଦରେ ପ୍ରକମ୍ପିତ ହେଉଥିବା ବେଳେ ଝୁଣା ମହକରେ ମହକି ଉଠୁଛି ସମଗ୍ର ପରିବେଶ। ନିୟମ ଅନୁସାରେ ଗ୍ରାମର ଶୈବ ପୀଠରୁ ଠାକୁରଙ୍କୁ ଆବାହନ କରାଯାଇ ଧୂଳିଦଣ୍ଡ ଏବଂ ପାଣିଦଣ୍ଡ ତୋଳାଯାଏ। ପରେ ଦଣ୍ଡ ଠାକୁରଙ୍କ ପୂଜା ଓ ଦଣ୍ଡ ନୃତ୍ୟ ଆରମ୍ଭ ହୋଇଥାଏ। ଏହି ଦଣ୍ଡନୃତ୍ୟ ବିଭିନ୍ନ ଗ୍ରାମରେ ଭିନ୍ନ ଭିନ୍ନ ଦିବସ ଧରି ମେରୁ ପର୍ଯ୍ୟନ୍ତ ଚାଲିଥାଏ। ଦଶପଲ୍ଲା ଏନ୍ଏସି ଅନ୍ତର୍ଗତ ମାଳିସାହି ଗ୍ରାମରେ ଦଣ୍ଡଯାତ୍ରା ୨୦୦ବର୍ଷରୁ ଅଧିକ ହୋଇଥିବା ଏଇ ପୁରୁଣା ଲୋକାନୃତ୍ୟ ଆଜି ବି ବଞ୍ଚି ରହିଛି। ମା' ଦଣ୍ଡକାଳୀଙ୍କ ଏହି ଦଣ୍ଡ ନୃତ୍ୟରେ ଧୂଳିଦଣ୍ଡ ଖେଳ ଓ ପୁରାତନ ସୁଆଙ୍ଗ ଆଦି ପରିବେଷିତ ହୋଇଥାଏ। ବିଭିନ୍ନ ଗ୍ରାମର ଦଣ୍ଡନାଚ ବିଭିନ୍ନ ଅଞ୍ଚଳ ଗସ୍ତ କରିଥାନ୍ତି। ରାତିରେ ଖୋଲା ରଙ୍ଗମଞ୍ଚରେ ଦଣ୍ଡ ଏବଂ ବିଭିନ୍ନ ନାଟକ ମଞ୍ଚସ୍ଥ ହୋଇଥାଏ। ଏହା ରାତିରୁ ସକାଳ ପର୍ଯ୍ୟନ୍ତ ଚାଲିଥାଏ। ଏହାକୁ ଦେଖିବା ଲାଗି ବହୁ ଲୋକଙ୍କର ସମାବେଶ ହୋଇଥାଏ।



ଦଣ୍ଡଯାତ୍ରା ଉତ୍ସବର ପରଭା ନାଚ।

## ଫାଇଲେରିଆ, କୁଷ୍ଠ ରୋଗୀଙ୍କୁ ଛତା ବଣ୍ଟନ, ସଚେତନତା




ଶରଣକୁଳ, ୫।୪ (ଦୀପକ କର)

ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲେପ୍ରା ସୋସାଇଟି ପକ୍ଷରୁ ଫାଇଲେରିଆ ଓ କୁଷ୍ଠ ରୋଗରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ଖରାଦିନରେ ସୂର୍ଯ୍ୟତାପରୁ ରକ୍ଷା ପାଇବା ପାଇଁ ଏକ ଛତା ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୫ଜଣ ପୀଡିତ ବ୍ୟକ୍ତିଙ୍କୁ ଛତା ବଣ୍ଟନ ଓ ସଚେତନତା କରାଯାଇଥିଲା।

ଲେପ୍ରା ସୋସାଇଟିର ବରିଷ୍ଠ ଡା. ଗଗନ ବିହାରୀ ଆଚାର୍ଯ୍ୟ, ଦିଲୀପ କୁମାର ସେଠୀ, ମନମୋହନ ମିଶ୍ର ଓ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ତାପସ କୁମାର ସେନାପତି, ଡା. ମିନାକ୍ଷୀ ପଟ୍ଟନାୟକ, ପିଏଚଇଓ ମମତାଞ୍ଜଳୀ ପଟ୍ଟନାୟକ, ସୁପରଭାଇଜର ଭାସ୍କର ମହାପାତ୍ର, ବିଏନଏଲଡବ୍ଲୁ ଦେବବ୍ରତ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ରୋଗୀମାନଙ୍କୁ ସଚେତନ କରିବା ସହ ଛତାବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲେପ୍ରା ସୋସାଇଟିର କ୍ଷେତ୍ର ସଂଯୋଜିକା ତାପସୀ ପଟ୍ଟନାୟକ ଓ ସ୍ୱେଚ୍ଛାସେବୀ ରିତା ବଡ଼ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥଗ୍ରହଣ

ଆସିକା,୫।୪(ସୁରେନ୍ଦ୍ର ନାଥ ସାହୁ)



ଶପଥଗ୍ରହଣ ଉତ୍ସବରେ ଉପସ୍ଥିତ ଓକିଲ ସଂଘର କର୍ମକର୍ତ୍ତା।

ଆସିକା ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବି ତଥା ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନବନିର୍ବାଚିତ ସଭାପତି ସୁଧାଂଶୁ କୁମାର ପଣ୍ଡା, ସଂପାଦକ ବିଦେଶୀ ନାହାକ, ଉପସଭାପତି ପ୍ରଭାତ କୁମାର ପାଢୀ, ଯୁଗ୍ମ ସଂପାଦକ ରାଘବ ନାହାକ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର ଓ ପାଠାଗାର ରକ୍ଷକ ସୀମାଞ୍ଚଳ ସେଠୀଙ୍କୁ ଶପଥ ପାଠ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦାୟୀ ସଭାପତି ରବୀନ୍ଦ୍ରନାଥ ଶର୍ମା, ନିର୍ବାଚନ ଅଧିକାରୀ କାଳିଚରଣ ଦାଶ, ସହ ଅଧିକାରୀ ଜୟଚନ୍ଦ୍ର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ଶପଥ ଗ୍ରହଣ ପରେ ନବନିର୍ବାଚିତ ସଭାପତି ତାଙ୍କ ଅଭିଭାଷଣରେ ଦୀର୍ଘଦିନ ଧରି ଦାବି କରାଯାଇ ଆସୁଥିବା ଆସିକାରେ ସଦର ମହକୁମା ସହ ଋଷିକୁଲ୍ୟା ଜିଲା ଗଠନ ପ୍ରତି ସଂଘ ପକ୍ଷରୁ ଗୁରୁତ୍ୱାରୋପ କରିଥିଲେ । ଏହାଛଡା ଆଇନଜୀବୀମାନଙ୍କ ପେଷାଗତ ସମ୍ମାନ ଓ ସାମଗ୍ରିକ ଅଭିବୃଦ୍ଧି ଦିଗରେ ଯଥେଷ୍ଟ ଧ୍ୟାନ ଦିଆଯିବ ବୋଲି ପ୍ରକାଶ କରିଥିଲେ। ପ୍ରତି ମାସରେ ଆଲୋଚନାଚକ୍ର ମାଧ୍ୟମରେ ବିଭିନ୍ନ ଆଇନ ସମ୍ପର୍କରେ ଜ୍ଞାନ ଆହରଣ ସାଙ୍ଗକୁ ୫ବର୍ଷରୁ କମ ପେଷାଧାରୀଙ୍କ ନିମନ୍ତେ ବରିଷ୍ଠ ଆଇନଜୀବି ମାନଙ୍କ ମାଧ୍ୟମରେ ଶିକ୍ଷା କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଥିଲେ।

## ବିଦ୍ୟାଳୟରେ କୁଷ୍ଠରୋଗ ନିରାକରଣ ସଚେତନତା

ନୟାଗଡ଼,୫।୪(ଲୋକନାଥ ମିଶ୍ର)



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର।

ନୟାଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୟାଗଡ଼ ବ୍ଲକ ସିନ୍ଦୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ କୁଷ୍ଠରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କୁଷ୍ଠରୋଗର ଲକ୍ଷଣ, କୁଷ୍ଠରୋଗୀ ପ୍ରତି ଆଚାର ବ୍ୟବହାର, ଘୃଣାଭାବର ଊର୍ଦ୍ଧ୍ୱରେ ରହି କିପରି ରୋଗୀ ପ୍ରତି ସାମାଜିକ ଦାୟିତ୍ୱ ନିର୍ବାହ ଓ ସରକାରୀ ଡାକ୍ତରଖାନାରେ ମିଳୁଥିବା ସରକାରୀ ଔଷଧ ସେବନ କରିବା ଦ୍ୱାରା ରୋଗର ନିରାକରଣ ହୋଇଥାଏ ବୋଲି ଆଲୋଚନା ହୋଇଥିଲା। ପ୍ରାରମ୍ଭିକ ସଚେତନତାରେ ରୋଗୀ ନିଜକୁ ଭିନ୍ନ ମନେ ନ କରି ସ୍ୱାସ୍ଥ୍ୟସେବାକୁ ଆପଣେଇଲେ ଶୀଘ୍ର ସୁସ୍ଥ ହୋଇଥାଏ। କାର୍ଯ୍ୟକ୍ରମରେ ଜିଲା ସ୍ୱାସ୍ଥ୍ୟ ବିଭାଗ କୁଷ୍ଠରୋଗ ନିରାକରଣ ବିଭାଗର ଡାକ୍ତର ଦେବଦୁର୍ଲ୍ଲଭ ନାୟକ ଯୋଗଦେଇ ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଚେତନତା ବାର୍ତ୍ତା ବଣ୍ଟନ କରିଥଲେ। ଜିଲା କୁଷ୍ଠରୋଗ ବିଭାଗର କର୍ମଚାରୀ ଦେବବ୍ରତ ମିଶ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ରାଉତ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଦେଇଥିଲେ।

# ରେଙ୍ଗାଲିରେ ବିଜେଡିର ନୂଆ ମୁହଁ ସୁଦର୍ଶନ

ସମ୍ବଲପୁର,୫।୪ (ଭବାନୀ ଶଙ୍କର ଭୋଇ)

ବିଜେଡିର ତୃତୀୟ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକାରେ ସମ୍ବଲପୁର ଜିଲାର ରେଙ୍ଗାଲି ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା ହୋଇଛି। ଏହି ଆସନ ପାଇଁ ଦଳ ଧନକଉଡ଼ା ଜୋନ-୨ର ଜିଲାପରିଷଦ ସଭ୍ୟ ସୁଦର୍ଶନ ହରିପାଲଙ୍କୁ ପ୍ରାର୍ଥୀ କରିଛି। ଧନକଉଡ଼ା ବ୍ଲକ ଗୋଶାଳାସ୍ଥିତ ସ୍କୁଲ ପଡ଼ାର ମୂଳବାସିନ୍ଦା ସୁଦର୍ଶନ ଧନକଉଡ଼ା ଅଞ୍ଚଳରେ ସକ୍ରିୟ ରହି ଲୋକଙ୍କ କଥା ପ୍ରଶାସନ ଆଗରେ ଉଠାଉ ଆସୁଥିଲେ। ତେବେ ରେଙ୍ଗାଲି ଅଞ୍ଚଳରେ ସୁଦର୍ଶନ ସମ୍ପୂର୍ଣ୍ଣ ନୂଆ ଚେହେରା।

ରେଙ୍ଗାଲି ବିଧାନସଭା ପାଇଁ ବିଜେଡିର ବହୁ ଆଶାୟୀ ପ୍ରାର୍ଥୀ ରହିଥିବା


ସୁଦର୍ଶନ ହରିପାଲ।

ବେଳେ ସୁଦର୍ଶନ ଟିକେଟ ହାସଲ କରିବାରେ ସଫଳ ହୋଇଛନ୍ତି। ନିଜ ଅଞ୍ଚଳର ଲୋକଙ୍କ ପାଇଁ ସକ୍ରିୟ ଭାବେ କାମ କରୁଥିବା ନେଇ ତାଙ୍କ ସମର୍ଥକ ମତ ଦେଇଛନ୍ତି। ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା ହେବା ପରେ ଉଭୟ ଗୋଶାଳା ଓ ରେଙ୍ଗାଲି ଅଞ୍ଚଳରେ ବିଜେଡିର କର୍ମକର୍ତ୍ତା ଖୁସି ମନାଇଛନ୍ତି। ସୁଦର୍ଶନ ଯୁବନେତା ବିଶାଳ ଦାସଙ୍କ ସମର୍ଥକ ହୋଇଥିବାରୁ ଖୋଦ ବିଶାଳ ତାଙ୍କୁ ଜିତାଇବା ପାଇଁ ଉଦ୍ୟମ କରିବେ ବୋଲି ଚର୍ଚ୍ଚା ହେଉଛି। ତେବେ ସୁଦର୍ଶନଙ୍କୁ ପ୍ରାର୍ଥୀ କରିବା ପରେ ରେଙ୍ଗାଲିର ଆଶାୟୀ ରହିଥିବା ଅନ୍ୟ ନେତାମାନଙ୍କ ଗତିବିଧି ଉପରେ ତାଙ୍କର ହାରଜିତ୍ ନିର୍ଭର କରିବ ବୋଲି କୁହାଯାଉଛି। ବିଶେଷକରି ପୂର୍ବତନ ବିଧାୟକ ରମେଶ ପଟୁଆଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାୟକଙ୍କୁ ଦଳ ଟିକେଟ ଦେଇସାରିଛି। ସେ ମା' ସମଲେଇଙ୍କ ଆଶୀର୍ବାଦ ନେଇ ପ୍ରଚାର ଆରମ୍ଭ କରିସାରିଛନ୍ତି। କୌଣସି ପ୍ରାର୍ଥୀଙ୍କୁ ନିର୍ବାଚନରେ ଦୁର୍ବଳ ଭାବିବା ଭୁଲ ବୋଲି ନାଉରୀ କହିଛନ୍ତି। ସେ ନିଜର ପାଞ୍ଚ ବର୍ଷର କାମ ଓ ମୋଦିଙ୍କ ପ୍ରତି ଲୋକଙ୍କ ବିଶ୍ୱାସକୁ ପାଥେୟ କରି ବିଜୟୀ ହେବା ନେଇ ଆଶାବାଦୀ ରହିଥିବା କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ନେତା ଡ. ଦିଲିପ ଦୁରିଆଙ୍କ ଟିକେଟ ପାଇବା ଆଶା ମଉଳିଯିବା ପରେ ସେ ବିଜେଡି ଛାଡି କଂଗ୍ରେସରେ ଯୋଗଦେଇଛନ୍ତି ଓ କଂଗ୍ରେସରୁ ପ୍ରାର୍ଥୀ ହେବା ନେଇ ଆଶାବାଦୀ ରହିଛନ୍ତି। ତେବେ ରେଙ୍ଗାଲି ବିଧାନସଭା କ୍ଷେତ୍ରରୁ ନାଉରୀ, ସୁଦର୍ଶନଙ୍କ ନାମ ଘୋଷଣା ହୋଇଥିବାରୁ ଏବେ କଂଗ୍ରେସର ପ୍ରାର୍ଥୀ ଚୟନ ଉପରେ ସମସ୍ତଙ୍କ ନଜର ରହିଛି।

# ମାଧବ କଟିଲେ, ମୀନା ବିଜେଡି ପ୍ରାର୍ଥୀ

କେନ୍ଦୁଝର,୫।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

**କେନ୍ଦୁଝର ସଦର ବିଧାନସଭା କ୍ଷେତ୍ର**

ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀର ଦଳୀୟ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ମୀନା ମାଝିଙ୍କ ନାମ ଘୋଷଣା କରିଛନ୍ତି। ସେ ୨୦୧୩ରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ହୋଇଥିଲେ। ବିଜେଡିରୁ ପ୍ରାର୍ଥିନୀ ହେବା ନେଇ ପୂର୍ବରୁ ତାଙ୍କ ନାମ ଚର୍ଚ୍ଚାରେ ଥିଲା। ଏ ନେଇ ମୀନାଙ୍କ ସମର୍ଥକଙ୍କ ମହଲରେ ଖୁସି ଖେଳିଯାଇଛି। ନାମ ଘୋଷଣା ପରେ ମୀନା ଦଳର ସୁପ୍ରିମୋ ଓ ଅନ୍ୟ ବରିଷ୍ଠ ନେତାଙ୍କୁ ଧନ୍ୟବାଦ ଦେଇଥିବା ବେଳେ ନବୀନ ସରକାରର ଜନହିତକର ଓ ଉନ୍ନତିମୂଳକ କାର୍ଯ୍ୟକୁ ନେଇ ଭୋଟରଙ୍କ ପାଖକୁ ଯିବେ ବୋଲି କହିଛନ୍ତି। ସେ ଦୀର୍ଘବର୍ଷ


ମୀନା ମାଝି

ହେଲା ବିଭିନ୍ନ ଦଳୀୟ ତଥା ସାମାଜିକ କାର୍ଯ୍ୟରେ ସାମିଲ ହୋଇ ଆସୁଥିଲେ।

ବର୍ତ୍ତମାନର ବିଧାୟକ ତଥା ଭାଜପା ପ୍ରାର୍ଥୀ ମୋହନ ମାଝିଙ୍କ ସହିତ ମୀନାଙ୍କ ସିଧାସଳଖ ଲଢ଼େଇ ହେବ ବୋଲି କୁହାଯାଉଛି। ଏକା ସମ୍ପ୍ରଦାୟର ହୋଇଥିବାରୁ ଜାତି ଭୋଟକୁ ହାତେଇବା ପାଇଁ ଉଭୟ ଜୋରଦାର ଉଦ୍ୟମ କରିବେ। ମୀନାଙ୍କ ଉପରେ ଦଳର ଅନ୍ୟତମ ନେତା ସୌମ୍ୟଶଙ୍କର ଚକ୍ରଙ୍କ ସମର୍ଥନ ରହିଛି। ସୌମ୍ୟଙ୍କ ନେତୃତ୍ୱରେ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ଭଲ ପ୍ରଦର୍ଶନ କରି ସବୁ ଜିଲା ପରିଷଦ ସିଟ୍ ହାତେଇବାରେ ସକ୍ଷମ ହୋଇଥିଲା। ଏଣୁ ବିଜେଡିର ସ୍ଥିତି ମଜଭୁତ ଥିବା ବେଳେ ତାଙ୍କ ସହିତ ମୋହନଙ୍କ କଡ଼ା ମୁକାବିଲା ହେବ ବୋଲି ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି। ଅନ୍ୟପକ୍ଷେ ସଦର ନିର୍ବାଚନମଣ୍ଡଳୀ ପାଇଁ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇ ଅଳ୍ପ ବ୍ୟବଧାନରେ ପରାଜିତ ହୋଇଥିବା ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ଟିକେଟ ଆଶାୟୀ ଥିଲେ। ମୀନାଙ୍କ ନାମ ଘୋଷଣା ପରେ ସେ ନିରାଶ ହୋଇଛନ୍ତି।

# ଭାଜପାରେ ଅମରେନ୍ଦ୍ର, ରଜତ, ବିଶ୍ୱଭୂଷଣ

ଭୁବନେଶ୍ୱର, ୫।୪(ସୁନିତ୍ ମିଶ୍ର)

ଜଗତ୍‌ସିଂହପୁରର ପୂର୍ବତନ ଜିଲା ବିଜେଡି ସଭାପତି ତଥା ରାଜ୍ୟ କାଜୁ ନିଗମର ପୂର୍ବତନ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ନିଜର ବହୁ ସମର୍ଥକଙ୍କ ସହ ବିଜେଡି ଛାଡ଼ି ଆନୁଷ୍ଠାନିକଭାବେ ଭାଜପାରେ ସାମିଲ ହୋଇଛନ୍ତି। ଅମରେନ୍ଦ୍ରଙ୍କ ସମେତ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ କୁମାର ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅଳାସୁସଦା ସରପଞ୍ଚ ଭ୍ରମବର ସ୍ୱାଇଁ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ସେହିପରି ନାଉଗାଁ ବ୍ଲକର ପୂର୍ବତନ ପଞ୍ଚାୟତ ସମିତି ସଦସ୍ୟ ପର୍ଶୁରାମ ଜେନା, ବିଷ୍ଣୁଚରଣ ବେହେରା, ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ମଲ୍ଲିକ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ


ଭାଜପା ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ବରିଷ୍ଠ ନେତୃବୃନ୍ଦଙ୍କ ଉପସ୍ଥିତିରେ ଯୋଗ ଦେଇଥିବା ଅନ୍ୟ ଦଳର ନେତା ଓ କର୍ମୀ।

ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ଜଗତ୍‌ସିଂହପୁର ସାଂସଦ ପ୍ରାର୍ଥୀ ବିଭୁ ତରାଇ ଏବଂ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତ୍ତରୀୟ ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ମନମୋହନ କହିଛନ୍ତି, ଦୀର୍ଘ ୨୪ ବର୍ଷ ଧରି ଶାସନରେ ରହି ସୁଦ୍ଧା ଓଡ଼ିଶାର ସାମଗ୍ରିକ ବିକାଶ କରିବାରେ ବିଜେଡି ବିଫଳ ହୋଇଛି। ୨୦୨୪ ନିର୍ବାଚନରେ ବିଜେଡି ଯାଉଛି, ଭାଜପା ଆସୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଅମରେନ୍ଦ୍ର କହିଛନ୍ତି, ଯେଉଁ ଘରକୁ ୨୪ ବର୍ଷ ହେଲା ଆମେ ତିଆରି କରିଥିଲୁ ସେଠାରେ ନିଜ ପୁଅକୁ ଛାଡ଼ି ପେଇଂ ଗେଷ୍ଟକୁ ସମ୍ମାନ ମିଳିଲା। ସବୁ ପରିସ୍ଥିତିରେ ଦଳର ସାଙ୍ଗଠନିକ ସ୍ଥିତି ସଜାଡିବା ଲାଗି ଯାହା ଦାୟିତ୍ୱ ଆସିଛି ସେକଥା କରିବାକୁ ପଛାଇନାହାନ୍ତି। ଏବେ ସେଠାରେ ଯେତେବେଳେ ସ୍ଥାନ ମିଳୁନି ଭାଜପାରେ ଯୋଗଦେଇଛନ୍ତି। ଆସନ୍ତା ନିର୍ବାଚନରେ ନିଶ୍ଚିତ ଜଗତ୍‌ସିଂହପୁରରେ ଭାଜପା ବିଜୟୀ ହେବ ବୋଲି ସେ କହିଛନ୍ତି। ସେହିପରି ଯୁବ କଂଗ୍ରେସର ପୂର୍ବତନ ଯୁବ ସଭାପତି ରଜତ ଚୌଧୁରୀ ଭାଜପାରେ ସାମିଲ ହୋଇଛନ୍ତି। ରଜତ କିଛିଦିନ ତଳେ କଂଗ୍ରେସରୁ ଇସ୍ତଫା ଦେଇଥିଲେ। ଅନୁରୂପ ଭାବେ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ରାଜ୍ୟ ଉପସଭାପତି ପଦରେ ଥିବା ବିଶ୍ୱଭୂଷଣ ଦାସ ଶୁକ୍ରବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେ ତାଙ୍କ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି।

# ବାରମ୍ବାର ହାରୁଥିବା ପ୍ରାର୍ଥୀଙ୍କୁ ଟିକେଟ ଦିଆ ନ ଯାଉ

**ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ନବୀନ ନନ୍ଦଙ୍କ ଅନୁରୋଧ**

ଢେଙ୍କାନାଳ,୫।୪(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ଦଳରେ ଅସନ୍ତୋଷ ଦିନକୁ ଦିନ ବଢ଼ିବାରେ ଲାଗିଛି। ବାରମ୍ବାର ହାରୁଥିବା ପ୍ରାର୍ଥୀଙ୍କୁ ଟିକେଟ ନ ଦେବାକୁ ଭାଜପା କେନ୍ଦ୍ରୀୟ କମିଟିକୁ ନିବେଦନ କରି ପୂର୍ବତନ ବିଧାୟକ ତଥା ନିକଟରେ ଭାଜପାରେ ଯୋଗ ଦେଇଥିବା ନବୀନ ନନ୍ଦ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନିକଟକୁ ପତ୍ର ଲେଖିବା ଚର୍ଚ୍ଚାର ବିଷୟ ହୋଇଛି।

ପୂର୍ବତନ ବିଧାୟକ ନନ୍ଦଙ୍କ କହିବା ଅନୁଯାୟୀ, ୨୦୦୪ ନିର୍ବାଚନରୁ ବାରମ୍ବାର ପରାଜୟ ବରଣ କରିଆସୁଥିବା ପ୍ରାର୍ଥୀଙ୍କୁ ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ପୁଣି ଟିକେଟ୍ ଦେବା ପରେ


ପୂର୍ବତନ ବିଧାୟକ ନବୀନ ନନ୍ଦ

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ତେଣୁ ଏପରି ପ୍ରାର୍ଥୀଙ୍କୁ ଟିକେଟ ନ ଦେବାକୁ ସେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କୁ ଭେଟି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ପୂର୍ବରୁ ୩ ଜଣ ଆଶାୟୀଙ୍କ ନାମ ରାଜ୍ୟ ନିର୍ବାଚନ କମିଟିକୁ ସୁପାରିଶ କରାଯାଇଥିଲା। ଏଥିରେ ତାଙ୍କ ସହିତ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ପୂର୍ବତନ ନଗରପାଳ ସୁନୀଲ ଶର୍ମାଙ୍କ ନାମ ଅନୁମୋଦନ ହୋଇଥିଲା। ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ସେହି ତାଲିକାରେ ବର୍ତ୍ତମାନର ପ୍ରାର୍ଥୀ ହୋଇଥିବା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନାମ ଯୋଗ କରାଯାଇଛି ବୋଲି ନନ୍ଦ ଅଭିଯୋଗ କରିଛନ୍ତି। ଏହାକୁ ନେଇ ତାଙ୍କ ସମର୍ଥକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ପ୍ରାର୍ଥୀ ଘୋଷଣା ପରେ ୩।୪ଦିନ ଧରି ନିର୍ବାଚନମଣ୍ଡଳୀରେ ଅସନ୍ତୋଷର ବାତାବରଣ ଦେଖିବାକୁ ମିଳୁଛି। ଗତ ୩ ତାରିଖରେ ଜିଲା ଭାଜପା କାର୍ଯ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତକୁ ନେଇ ଆୟୋଜିତ କାର୍ଯ୍ୟକ୍ରମ ସମୟରେ ଦଳର ଆଉ ଜଣେ ଆଶାୟୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିରୋଜ ନଳିନୀ ମହାଳିକଙ୍କ ପ୍ରତି ଅନ୍ୟାୟ କରାଯିବାରୁ ଏହାର ପ୍ରତିବାଦରେ ସେ ୪ ତାରିଖରେ ଇସ୍ତଫା ପ୍ରଦାନ କରିଥିଲେ। ଏହି ଘଟଣା ପରେ ନନ୍ଦ ଓ ସମର୍ଥକମାନେ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କୁ ଭେଟି ଘଟଣାରେ ହସ୍ତକ୍ଷେପ କରି ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ପୁନଃବିଚାର କରିବା ପାଇଁ ନିବେଦନ କରିଛନ୍ତି। ଏ ସଂକ୍ରାନ୍ତରେ ନନ୍ଦ କହିଛନ୍ତି, ଢେଙ୍କାନାଳ ଘଟଣାରେ ରାଷ୍ଟ୍ରୀୟ ଅଧ୍ୟକ୍ଷ ହସ୍ତକ୍ଷେପ କରିବେ ବୋଲି ସେ ଆଶାବାଦୀ ଅଛନ୍ତି। ସେ କେନ୍ଦ୍ରୀୟ କମିଟି ନିଷ୍ପତ୍ତିକୁ ଅପେକ୍ଷା କରିବେ। ଦଳ ଯାହା ନିଷ୍ପତ୍ତି ନେବ ତାହାକୁ ସେ ଗ୍ରହଣ କରିବେ।

# ମାଛକୁଣ୍ଡ ନଦୀ ଓଡ଼ିଶା ରାଜସ୍ୱ ମାନଚିତ୍ରରେ ନ ଥିବାରୁ ଚିନ୍ତା ପ୍ରକଟ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର, ୫।୪(ସୁନିତ୍ ମିଶ୍ର)

ଆନ୍ଧ୍ର-ଓଡ଼ିଶାର ସୀମା ନିର୍ଦ୍ଧାରଣ କରୁଥିବା ମାଛକୁଣ୍ଡ ନଦୀ ଓଡ଼ିଶାର ରାଜସ୍ୱ ମାନଚିତ୍ରରେ ନ ଥିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା ପ୍ରକଟ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟକରି କହିଛନ୍ତି, ଆନ୍ଧ୍ର-ଓଡ଼ିଶାର ସୀମା ନିର୍ଦ୍ଧାରଣ କରୁଥିବା ମାଛକୁଣ୍ଡ ନଦୀ କୋରାପୁଟର ଜୀବନରେଖା ଓ ଆମର ଅସ୍ମିତା। ଏହା ଓଡ଼ିଶାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ ମାଛକୁଣ୍ଡ ନଦୀର ଗୁରୁତ୍ୱ ଅଧିକ ଓ ବେଶ୍ ପ୍ରାସଙ୍ଗିକ। ତେବେ ଓଡ଼ିଶାର ରାଜସ୍ୱ ମାନଚିତ୍ରରେ ଏହି ନଦୀ ନ ଥିବା ଖବରକାଗଜରୁ ଜାଣି ସେ ଚିନ୍ତିତ, ଯାହା ଓଡ଼ିଆଙ୍କ ପାଇଁ ଗମ୍ଭୀର ବିଷୟ। ପଡ଼ୋଶୀ ରାଜ୍ୟ ତରଫରୁ ଓଡ଼ିଶାରେ ଅନୁପ୍ରବେଶ ଲାଗି ରହିଥିବାବେଳେ ଏପରି ଖବର ରାଜ୍ୟବାସୀଙ୍କୁ ମର୍ମାହତ କରିଛି। ପୂର୍ବରୁ ମାଛକୁଣ୍ଡ ନଦୀର ଅନତି ଦୂରରେ ନିର୍ମିତ 'ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ'କୁ ଆନ୍ଧ୍ର ସରକାରଙ୍କ ହାତକୁ ଓଡ଼ିଶା ସରକାର ଟେକିଦେଇଥିବା ଖବର ଆସିଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରକାଶିତ ଦଶମ ଶ୍ରେଣୀ ବହିରେ ମାଛକୁଣ୍ଡ ଜଳପ୍ରକଳ୍ପ ଆନ୍ଧ୍ରର ବୋଲି ଉଲ୍ଲେଖ କରାଯାଇଥିବା ଭଳି ପୂର୍ବରୁ ଏକ ସାଂଘାତିକ ତ୍ରୁଟି ଦେଖିବାକୁ ମିଳିଥିଲା। ଆମର ଭୌଗୋଳିକ ସ୍ଥାନ ଓ ସୀମାନ୍ତ ଅଞ୍ଚଳର ପ୍ରସଙ୍ଗଗୁଡ଼ିକୁ ରାଜ୍ୟ ସରକାର ସମ୍ବେଦନଶୀଳତାର ସହ ଗୁରୁତ୍ୱ ଦେଇ ସମାଧାନର ରାସ୍ତା ବାହାର ନ କରିବା ଚିନ୍ତାର ବିଷୟ। ଏହା କ'ଣ ଦୀର୍ଘ ୨୫ ବର୍ଷ ଶାସନର ରୂପାନ୍ତରଣ। ସାଢେ ୪ କୋଟି ଓଡ଼ିଆଙ୍କ ପାଇଁ ଏହା ଅସ୍ମିତା ଓ ରାଜ୍ୟ ସ୍ୱାର୍ଥର ବିଷୟ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଟିକେଟ ଘୋଷଣା ହୋଇନି, ପ୍ରଚାର କଲେଣି ହିମାଂଶୁ

ଖଇରା,୫।୪(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ସିମୁଳିଆ ବିଧାନସଭା ନିର୍ବାଚନମଣ୍ଡଳୀର ଚର୍ଚ୍ଚିତ ଚେହେରା ଭାବେ ଉଭା ହୋଇଥିବା କଂଗ୍ରେସ ନେତା ହିମାଂଶୁ ବେହେରା ଟିକେଟ ଘୋଷଣାକୁ ଅପେକ୍ଷା ନ କରି ଶୁକ୍ରବାରଠାରୁ ଈଶ୍ୱରଙ୍କ ଆଶୀର୍ବାଦ ନେଇ ନିଜର ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମେ ଗଗନଧୂଳି ପଞ୍ଚାୟତକୁ ଯାଇ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ କର୍ମୀମାନଙ୍କ ସହ ବାଇକ୍ ରାଲି କରି ପଥପ୍ରାନ୍ତ ସଭାରେ ଉଭୟ ଭାଜପା ଓ ବିଜେଡି ଉପରେ ବର୍ଷିଛନ୍ତି। ପରେ ଡାଲଙ୍ଗ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି କଂଗ୍ରେସର ଇସ୍ତାହାର ଉପରେ ଆଲୋକପାତ କରିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଧାନ ସହାୟକ ମୂଲ୍ୟ ୩ ହଜାରକୁ ବୃଦ୍ଧି, ୨ଶହ ୟୁନିଟ୍ ମାଗଣା ବିଦ୍ୟୁତ୍ ଓ କୃଷି ଋଣ ଛାଡ଼, ୫୦୦


କଂଗ୍ରେସ ଆଶାୟୀ ପ୍ରାର୍ଥୀ ହିମାଂଶୁ ବେହେରାଙ୍କ ବାଇକ ରାଲି।

ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଆଦି ଗ୍ୟାରେଣ୍ଟି ଉପରେ ଭୋଟରଙ୍କୁ ବୁଝାଇଥିଲେ। ଅନ୍ୟତମ କଂଗ୍ରେସ ନେତା କମଳାକାନ୍ତ ପାଣିଗ୍ରାହୀ, ନୃସିଂହ ପାଣିଗ୍ରାହୀ, ମୁକୁନ୍ଦ ପାଣ୍ଡିଆ, ସୁଶାନ୍ତ ଜେନା, ମୁକ୍ତିକାନ୍ତ ବେହେରା, କୁନ ଜେନା, ସନ୍ତୋଷ ଦାସ, ଯୁଧିଷ୍ଠିର ସାହୁ, ଭଗବାନ ପରିଡ଼ା, ଦୀନବନ୍ଧୁ ଦାସ ପ୍ରମୁଖ ସାମିଲ ହୋଇଥିଲେ।

ଅନ୍ୟପକ୍ଷରେ ଭାଜପାରୁ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ଅଦ୍ୟାବଧି ପ୍ରାର୍ଥୀ ଘୋଷଣା କରିନାହିଁ।

# ଖଣି ଅଧିକାରୀଙ୍କୁ ଆକ୍ରମଣ, ଗାଡ଼ି ଭଙ୍ଗାରୁଜା

ବାରିପଦା,୫।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଓ ଟିରିଂ ଥାନା ଅଞ୍ଚଳରେ ପୃଥକ ଭାବେ ଦୁଇ ଖଣି ଅଧିକାରୀଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ମାମଲା ରୁଜୁ ହୋଇଛି। ଉଭୟ ଟିରିଂ ଏବଂ ବାରିପଦାର ଖଣି ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ବାରିପଦା ସହର ସନ୍ନିକଟ ବୁଢ଼ାବଳଙ୍ଗ ନଦୀ କୂଳରେ ଥିବା କରତବସା ନିକଟରେ ଖଣି ବିଭାଗ ଅଧିକାରୀ ଏକ ବେଆଇନ ବାଲି ବୋଝେଇ ଗାଡ଼ି ଜବତ କରି ୩୦ ହଜାର ୬୧୨ ଟଙ୍କା ଜରିମାନା ଆଦାୟ କରିଥିଲେ। ଏହାପରେ ଖଣି ଅଧିକାରୀ ଦିଲ୍ଲୀପ କୁମାର ମାହାନ୍ତା ଏବଂ କର୍ମଚାରୀମାନେ ଅନ୍ୟ ଏକ ସ୍ଥାନକୁ ଯିବାକୁ ବାହାରୁଥିବା ସମୟରେ ବାଲି ଚୋରା ଚାଲାଣକାରୀମାନେ ପଛପଟୁ ସେମାନଙ୍କ ଉପରକୁ ପଥର ଫିଙ୍ଗି ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ବାରିପଦା ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସେହିପରି ଅନ୍ୟ ଜଣେ ଖଣି ଅଧିକାରୀ ଉଦୟଭାନୁ ସାହୁଙ୍କ ଗାଡ଼ି ଉପରେ ଟିରିଂ ଅଞ୍ଚଳରେ ମଧ୍ୟ ଆକ୍ରମଣ ହୋଇଛି। ଏନେଇ ଟିରିଂ ଥାନାରେ ଅନ୍ୟ ଏକ ମାମଲା ରୁଜୁ କରାଯାଇଛି। ଅଧିକାରୀ ଜଣକ ଟିରିଂ ଥାନା ବିଜୟବସାରୁ ଫେରିବା ବାଟରେ ପଡ଼ା ଅଞ୍ଚଳରୁ ଦୁଇଟି ନମ୍ବର ବିହୀନ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଆଣିବା ବାଟରେ ଆକ୍ରମଣର ଶିକାର ହୋଇଥିବା ସୂଚନା ମିଳିଛି।

ପ୍ରଥମ ପୃଷ୍ଠାରୁ...

## ବିଜେଡିର ଆଉ ...

ବିଜେଡି ଟିକେଟରେ ଦେବାଶିଷ ସାମନ୍ତରାୟ ପ୍ରତିଦ୍ୱନ୍ଦ୍ୱିତା କରି କଂଗ୍ରେସ ବିଧାୟକ ମହମ୍ମଦ ମୋକିମଙ୍କଠାରୁ ହାରି ଯାଇଥିଲେ। ନିକଟରେ ଦେବାଶିଷ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାରୁ ଆସନ୍ତା ବିଧାନସଭା ନିର୍ବାଚନ ଦୌଡ଼ରୁ ବାହାରି ଯାଇଛନ୍ତି। ଏହି ଆସନରେ ସେପରି ଦାବିଦାର ନ ଥିବାରୁ ପ୍ରକାଶଙ୍କୁ ବିଜେଡି ଏଠାରେ ଥଇଥାନ କରିଛି। ସେହିପରି ନିକଟରେ କଂଗ୍ରେସରୁ ଆସି ବିଜେଡିରେ ସାମିଲ ହୋଇଥିବା ଜର୍ଜ ତିର୍କୀଙ୍କ ପୁଅ ରୋହିତ ଯୋଶେଫଙ୍କୁ ଦଳ ବୀରମିତ୍ରପୁରରୁ ପ୍ରାର୍ଥୀ କରିଛି। ତେବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଟିକେଟ ନ ପାଇବା ଆଶଙ୍କା କରି ଭାଜପାକୁ ଡିଆଁ ମାରିଥିଲେ। ଜୟଦେବ ନିର୍ବାଚନମଣ୍ଡଳୀରେ ଭାଜପା ଢାଲିଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡି ନୂଆ ଚେହେରା ଭାବେ ନବ କିଶୋର ମଲ୍ଲିକଙ୍କୁ ଟିକେଟ ଦେଇଛି। ଗତ ନିର୍ବାଚନରେ ନବ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ୪୪ ହଜାର ୩୦୦ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାଜପା ପ୍ରାର୍ଥୀ ନରେନ୍ଦ୍ରନାଥ ନାୟକ ୨୮,୭୯୮ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ତେବେ ଜୟଦେବ ନିର୍ବାଚନମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ଟିକେଟ ଫେରାଇ ଦେଇଥିବାରୁ କେବଳ ବିଜେଡି ଓ ଭାଜପା ମଧ୍ୟରେ ଲଢ଼େଇ ହୋଇଥିଲା, ଯାହାର ଫାଇଦା ସ୍ୱାଧୀନ ପ୍ରାର୍ଥୀ ନେଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଘୋଷିତ ଆସନରୁ ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ କେବଳ ୪ଟି ଆସନରେ ବିଜୟୀ ହୋଇଥିବା ବେଳେ ୫ଟି ବିଧାନସଭା ଆସନ ରେଙ୍ଗାଲି, ବୀରମିତ୍ରପୁର, କେନ୍ଦୁଝର, ରାଇରଙ୍ଗପୁର ଏବଂ ବାରବାଟୀ-କଟକରେ ବିଜେଡି ପ୍ରାର୍ଥୀ ପରାଜିତ ହୋଇଥିଲେ। ତୃତୀୟ ପର୍ଯ୍ୟାୟକୁ ମିଶାଇ ବିଜେଡି ଏ ପର୍ଯ୍ୟନ୍ତ ମୋଟ ୧୦୮ଟି ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଆହୁରି ୩୯ ଆସନରେ ପ୍ରାର୍ଥୀ ଦେବାକୁ ବାକି ରହିଛି।

## ଝୁଲିଛି ୩୯ ଆସନ: ଅଧିକାଂଶରେ...

କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଥିବା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ ମଧ୍ୟ ଦଳ ଏଯାଏ ଥଇଥାନ କରିପାରିନାହିଁ। ସେହିପରି ବାଲେଶ୍ୱର ଲୋକ ସଭା ସହ ଏହା ଅଧୀନ ୩ ବିଧାନସଭା ଆସନରେ ମଧ୍ୟ ବିଜେଡିରେ ସ୍ଥିତି ସଙ୍ଗିନ ରହିଛି। ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନାଙ୍କ ସ୍ତ୍ରୀ ସୁବାସିନୀ ଜେନା ବସ୍ତାରୁ ଟିକେଟ ପାଇବା ପରେ ବାଲେଶ୍ୱର ଲୋକ ସଭା ଟିକେଟ କାହାକୁ ମିଳିବ ତାକୁ ନେଇ ଚର୍ଚ୍ଚା ଚାଲିଛି। ରବୀନ୍ଦ୍ର ଜେନା ଏବଂ ବାଲେଶ୍ୱର ବିଧାନସଭା ପ୍ରାର୍ଥୀ ସ୍ୱରୂପ ଦାସଙ୍କ ମଧ୍ୟରେ ସମ୍ପର୍କ ସେତେଟା ଭଲ ନ ଥିବାରୁ ବିଜେଡି ଲୋକ ସଭା ଆସନରେ ନୂଆ ପ୍ରାର୍ଥୀ ଯୋଗାଡ଼ରେ ରହିଥିବା କୁହାଯାଉଛି। କଂଗ୍ରେସର ଜଣେ ବରିଷ୍ଠ ନେତାଙ୍କ ପୁଅକୁ ଆଣି ଏଠାରେ ବିଜେଡି ଟିକେଟ ଦେବା ନେଇ ଚର୍ଚ୍ଚା ହେଉଛି। ଏହା ହେଲେ ରବୀନ୍ଦ୍ର ଜେନାଙ୍କ ସମର୍ଥନ ନୂଆ ପ୍ରାର୍ଥୀଙ୍କୁ କେତେ ମିଳିବ ତାହା ସନ୍ଦେହଜନକ। ଅନ୍ୟପକ୍ଷରେ ସିମୁଳିଆ ଓ ନୀଳଗିରି ଆସନକୁ ନେଇ ଦଳରେ ଛକାପଞ୍ଝା ଚାଲିଛି। ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଥିବା ବିଧାୟକ ସୁକାନ୍ତ ନାୟକଙ୍କୁ ଦଳ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ସେଠାକାର ବିଜେଡି ନେତା ସନ୍ତୋଷ ଖଟୁଆ ମଧ୍ୟ ଜୋର୍‌ଦାର ଲବି ଚଳାଇଛନ୍ତି। ସେହିପରି ସିମୁଳିଆରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତି ପାଣିଗ୍ରାହୀ ଥିବାବେଳେ ଶଶୀ ସାହୁ ଲବିରେ ରହିଛନ୍ତି।

ସେହିପରି ଖୋର୍ଦ୍ଧା ଜିଲାର ୩ ଆସନ ଚିଲିକା, ବେଗୁନିଆ ଓ ଖୋର୍ଦ୍ଧାକୁ ନେଇ ଦଳ ଏବେ ଦ୍ୱନ୍ଦ୍ୱରେ ରହିଛି। ଚିଲିକାରେ ପ୍ରସନ୍ନ ପାଟଶାଣୀଙ୍କୁ ମଇଦାନକୁ ଓହ୍ଲାଇବା ନେଇ ଗତ କିଛି ଦିନ ଧରି ଚର୍ଚ୍ଚା ଚାଲିଛି। ତେବେ ତାଙ୍କ ପ୍ରାର୍ଥିତ୍ୱକୁ ପୂର୍ବତନ ବିଧାୟକ ରଘୁ ସାହୁଙ୍କ ଗୋଷ୍ଠୀ ଖୋଲାଖୋଲି ଭାବେ ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ବିଜେଡିରୁ ବିତାଡ଼ିତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଭାଜପାରେ ମିଶିବା ପରେ ବେଗୁନିଆ ଓ ଖୋର୍ଦ୍ଧା ବିଧାନସଭା ଆସନକୁ ନେଇ ବିଜେଡି ଦ୍ୱନ୍ଦ୍ୱରେ ରହିଛି। ଜଗଦେବ ଖୋର୍ଦ୍ଧାରୁ ଲଢ଼ିବା ନେଇ ଚର୍ଚ୍ଚା ହେଉଥିବା ବେଳେ ତାଙ୍କ ବିରୋଧରେ ଜିତୁ ମିତ୍ର ନା ଆଉ କାହାକୁ ଦଳ ଟିକେଟ ଦେବ ତାହା ଉପରେ ରହିଛି ନଜର। ସେହିପରି ବେଗୁନିଆରେ ବିଧାୟକ ରାଜେନ୍ଦ୍ର ସାହୁ ଓ ପ୍ରଦୀପ ସାହୁ ମଧ୍ୟ ଟିକେଟ ଲବିରେ ରହିଛନ୍ତି।

ଭୁବନେଶ୍ୱର-ମଧ୍ୟ ଆସନରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ କର୍ପୋରେଟର ଅମରେଶ ଜେନାଙ୍କ ବିବାଦ ଦିନକୁ ଦିନ ଅଧିକ ଜଟିଳ ହେବାରେ ଲାଗିଛି। ସେହିପରି ଯାଜପୁର ଜିଲାର କୋରେଇ ବିଧାନସଭା ଆସନରେ ମଧ୍ୟ ରାଜନୀତି ରୋଚକ ହେବାରେ ଲାଗିଛି। ଗୋଟିଏ ପଟେ ଭାଜପା ପ୍ରାର୍ଥୀ ଘୋଷଣା କରି ସାରିଥିବାବେଳେ ବିଜେଡି ଓ କଂଗ୍ରେସ ଝୁଲାଇ ରଖିଛନ୍ତି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ହେବା ଓ ପ୍ରଫୁଲ୍ଲ ଘଡ଼େଇଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼େଇଙ୍କ ନାଁ ସୁକିନ୍ଦା ବିଧାନସଭା ଆସନ ପାଇଁ ଘୋଷଣା ହେବା ପରେ ଏବେ ବିଜେଡିର ଗୋଟିଏ ଗୋଷ୍ଠୀ ପ୍ରଣବଙ୍କ ଭାଇ ଭବପ୍ରସାଦ ଦାସଙ୍କୁ ପ୍ରାର୍ଥୀ କରିବାକୁ ଦାବି କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ଝିଲ୍ଲିକ ଭଟ୍ଟାଚାର୍ଯ୍ୟଙ୍କୁ ଟିକେଟ୍ ଦେବାକୁ ଦାବି କଲେଣି। କୋରେଇ ବିଧାୟକ ଅଶୋକ ବଳ ମଧ୍ୟ ଟିକେଟ ଲବିରେ ରହିଛନ୍ତି। ଏସବୁ ଭିତରେ ବିଜେଡି ବିରୋଧୀଙ୍କୁ ମ୍ୟାନେଜ୍ କରି କାହାକୁ ପ୍ରାର୍ଥୀ କରୁଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

## କଂଗ୍ରେସ ଇସ୍ତାହାରରେ...

ଅଗ୍ନିପଥ ଯୋଜନାକୁ ଉଚ୍ଛେଦ କରି ସେନାରେ ସ୍ୱାଭାବିକ ପ୍ରକ୍ରିୟାରେ ନିଯୁକ୍ତି କରାଯିବ। ଦଳ ସବୁ ବିଭାଗର ଏକ ଜବ୍ କ୍ୟାଲେଣ୍ଡର ପ୍ରକାଶ କରିବ ଏବଂ ସେଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ପାଇଁ ଗୁରୁତ୍ୱ ଦେବ।

**ଜାତିଗତ ଜନଗଣନା**

ବିହାର ସରକାର ଗତ ନଭେମ୍ବରରେ ରାଜ୍ୟର ଜାତି ଜନଗଣନା ରିପୋର୍ଟ ପ୍ରକାଶ କରିବା ପରଠାରୁ ଦେଶବ୍ୟାପୀ ଏହା ଏକ ବିତର୍କର ବିଷୟ ପାଲଟିଛି। ତେଣୁ ସାରା ଦେଶରେ ଜାତିଗତ ଜନଗଣନା କରାଇବା ଉପରେ କଂଗ୍ରେସ ନିଜ ଇସ୍ତାହାରରେ ଉଲ୍ଲେଖ କରିଛି। ଜାତିଗତ ଜନଗଣନା କରାଗଲେ ମୋଟ ଜାତି ସଂଖ୍ୟା, ଉପଜାତିଗୁଡ଼ିକୁ ଚିହ୍ନଟ, ସାମାଜିକ-ଅର୍ଥନୈତିକ ସ୍ଥିତିର ଆକଳନ ହୋଇପାରିବ। ଏଥିସହ ଏସ୍‌ସି, ଏସ୍‌ଟି, ଓବିସି ଭଳି ବଞ୍ଚିତ ବର୍ଗର ଲୋକଙ୍କ ସୁବିଧା ପାଇଁ ସଂରକ୍ଷଣ ବ୍ୟବସ୍ଥାରେ ଥିବା ସୀମାକୁ ୫୦%ରୁ ବଢ଼ାଇବା ନେଇ ମଧ୍ୟ କଂଗ୍ରେସ ପ୍ରତିଶ୍ରୁତି ଦେଇଛି।

**କୃଷକଙ୍କୁ ଏମ୍‌ଏସ୍‌ପି**

କୃଷକମାନଙ୍କୁ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନ କରାଯିବ। ୨୦୨୦ରେ କେନ୍ଦ୍ର ସରକାର ୩ ନୂଆ କୃଷି ଆଇନ (ଉଚ୍ଛେଦ ହୋଇସାରିଛି) ଆଣିବା ପରେ ଦେଶର କୃଷକମାନେ ଏମ୍‌ଏସ୍‌ପି ଦାବିରେ ବର୍ଷେରୁ ଊର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ କରିଥିଲେ। ଏହାର ଆଇନଗତ ଗ୍ୟାରେଣ୍ଟି ଦାବି ଜାରି ରହିଥିବାବେଳେ ସ୍ୱାମୀନାଥନ୍ କମିଶନଙ୍କ ସୁପାରିସକୁ କଂଗ୍ରେସ କାର୍ଯ୍ୟକାରୀ କରିବାକୁ ପ୍ରତିଶ୍ରୁତି ଦେଇଛି।

**ଦାରିଦ୍ର୍ୟ ଦୂରୀକରଣ**

କଂଗ୍ରେସ କ୍ଷମତାକୁ ଆସିଲେ ଆଗାମୀ ଦଶନ୍ଧିରେ ଦେଶରୁ ୨୩ କୋଟି ଗରିବଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବ। ଏହାଦ୍ୱାରା ସେମାନଙ୍କ ଭାଗ୍ୟରେ ପରିବର୍ତ୍ତନ ଆସିବ ବୋଲି ବିରୋଧୀ ଦଳ ପ୍ରତିଶ୍ରୁତି ଦେଇଛି। ଭାଜପା ସରକାର କେବଳ ଧନୀମାନଙ୍କ ସରକାର। ମାତ୍ର ୧ ପ୍ରତିଶତ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି ସରକାର କାର୍ଯ୍ୟ କରୁଥିବା ଚିଦାମ୍ବରମ୍ ସମାଲୋଚନା କରିଛନ୍ତି। ସବା ତଳେ ଥିବା ୫୦% ଲୋକଙ୍କ ପାଇଁ ଆମେ କାମ କରିବୁ ବୋଲି ପୂର୍ବତନ ଅର୍ଥମନ୍ତ୍ରୀ ଚିଦାମ୍ବରମ୍ କହିଛନ୍ତି।

**ମହିଳା ସଶକ୍ତୀକରଣ**

କଂଗ୍ରେସ ଏକ 'ମହାଲକ୍ଷ୍ମୀ' ଯୋଜନା କାର୍ଯ୍ୟକାରୀ କରିବ। ଏହି ଯୋଜନାରେ ପ୍ରତ୍ୟେକ ଗରିବ ପରିବାରର ମହିଳା ମୁଖ୍ୟଙ୍କ ଆକାଉଣ୍ଟରେ ନିଃସର୍ତ୍ତରେ ବାର୍ଷିକ ୧ ଲକ୍ଷ ଟଙ୍କା ଜମା କରାଯିବ। ଆୟ ଆଧାରରେ ତଳ ସ୍ତରରେ ଥିବା ହିତାଧିକାରୀମାନଙ୍କୁ ଚିହ୍ନଟ କରାଯିବ। କାରଣ ଭାରତରେ ଏବେ ମଧ୍ୟ ଆୟ ଓ ସୁଯୋଗରେ ଅସମାନତା ବହୁଳ ଭାବେ ରହିଛି।

**ଜାତୀୟ ସୁରକ୍ଷା, ଚାଇନା**

କଂଗ୍ରେସ ଜାତୀୟ ସୁରକ୍ଷାକୁ ପ୍ରାଧାନ୍ୟ ଦେଇଆସିଛି। କ୍ଷମତାକୁ ଆସିଲେ ସୀମା ସୁରକ୍ଷା ଓ ପ୍ରତିରକ୍ଷା ପ୍ରସ୍ତୁତିକୁ ଅଧିକ ଗୁରୁତ୍ୱ ଦିଆଯିବ। ଚାଇନା ସୀମାରେ ସ୍ଥିତାବସ୍ଥା ଫେରାଇ ଆଣିବା ଉପରେ କାର୍ଯ୍ୟ କରାଯିବ। ଯେଉଁ ସ୍ଥାନରେ ଦୁଇଦେଶର ସୈନ୍ୟ ପାଟ୍ରୋଲିଂ କରୁଛନ୍ତି, ସେହି ସୀମାନ୍ତ ଅଞ୍ଚଳରେ କେବଳ ଭାରତୀୟ ଯବାନ ମୁତୟନ ରହିବେ। ପ୍ରକାଶ ଯେ, ୨୦୨୦ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ୍ ଘାଟିରେ ଦୁଇଦେଶର ସୁରକ୍ଷା ବଳ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହେବା ପରଠୁ କଂଗ୍ରେସ ଏହାକୁ ଏକ ବଡ଼ ପ୍ରସଙ୍ଗ କରି କେନ୍ଦ୍ରକୁ ଘେରିଆସିଛି। ସେହିପରି ମାଳଦ୍ୱୀପ ସହ ଭାରତର ତିକ୍ତତା ବଢ଼ିଥିବାବେଳେ କୂଟନୈତିକ ସମ୍ପର୍କରେ ସୁଧାର ଆଣିବା ଉପରେ କଂଗ୍ରେସ ଗୁରୁତ୍ୱ ଦେବ ବୋଲି ଇସ୍ତାହାରରେ କୁହାଯାଇଛି।

**ସ୍ୱାସ୍ଥ୍ୟସେବା**

ସମସ୍ତଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ପ୍ରଦାନ ସହ ନିଦାନ, ଅସ୍ତ୍ରୋପଚାର ଉପଲବ୍ଧ କରାଯିବ। ରାଜସ୍ଥାନ ଭଳି ସାରା ଦେଶରେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ଲେସ୍ ବୀମା ସୁବିଧା ଦିଆଯିବ। ଦେଶର ସମସ୍ତ ପିଏଚ୍‌ସି, ସିଏଚ୍‌ସି ଓ ଡିସ୍‌ପେନ୍‌ସାରି ଭଳି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ସାର୍ବଜନୀନ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବ ବୋଲି କଂଗ୍ରେସ ନିଜ ଇସ୍ତାହାରରେ ଉଲ୍ଲେଖ କରିଛି।

## ଝୁଲୁଥିବା ଆସନରେ ନେତା ନିରାଶ, କର୍ମୀ ନୀରବ

**ଯାଜପୁର,୫।୪(ହର୍ଷବର୍ଦ୍ଧନ ବେହେରା)**


ଝିଲ୍ଲିକ୍ ଭଟ୍ଟାଚାର୍ଯ୍ୟ


ଅଶୋକ ବଳ


ସଞ୍ଜୀବ କୁମାର ଜେନା


ସୁନନ୍ଦା ଦାସ


ବିଶ୍ୱରଞ୍ଜନ ମଲ୍ଲିକ


ଅଦ୍ୱିତୀୟ ଶତପଥୀ

ବିଜେଡିର ତୃତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଶୁକ୍ରବାର ଘୋଷଣା ହୋଇଛି। ଏହାପରେ ବି ଯାଜପୁର ଜିଲାର କୋରେଇ, ବରୀ ଓ ବଡ଼ଚଣା ବିଧାନସଭା ପାଇଁ ପ୍ରାର୍ଥୀଙ୍କ ତାଲିକା ଝୁଲି ରହିଛି। ଆଗଧାଡ଼ିର କେତେଜଣ ନେତା ଓ ତାଙ୍କ ପରିବାର ସଦସ୍ୟା/ସଦସ୍ୟଙ୍କ ଏହି ୩ ଆସନ ଉପରେ ନଜର ରହିଛି। କୋରେଇ ଓ ବଡ଼ଚଣାରେ ଭାଜପା ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଦେଇଥିବାବେଳେ ବିଜେଡି ଟିକେଟ୍ ପାଇଁ ଆଶାୟୀ ଥିବା ନେତା ନିରାଶ ହୋଇଛନ୍ତି। ଏପରି କି ସେମାନଙ୍କ ସମର୍ଥକମାନେ ମଧ୍ୟ ନୀରବୀ ଯାଇଛନ୍ତି।

କୋରେଇ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଘୋଷଣାକୁ ନେଇ ଅଧିକ ଚର୍ଚ୍ଚା ହେଉଛି। ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ସ୍ତ୍ରୀ ଝିଲ୍ଲିକ ଭଟ୍ଟାଚାର୍ଯ୍ୟ ଏହି ଆସନ ପାଇଁ ଲବି ଜୋର କରି ଦେଇଛନ୍ତି। ଏହାସହ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସଙ୍କ ପରିବାରର ସଦସ୍ୟ ଏଠାରେ ନିର୍ବାଚନ ଲଢ଼ନ୍ତୁ ବୋଲି କେତେଜଣ ସମର୍ଥକ ଦାବି କରୁଛନ୍ତି। ଏହିକ୍ରମରେ ଝିଲ୍ଲିକ କିମ୍ବା ଦାସ ପରିବାରର ଲୋକ ପ୍ରାର୍ଥୀ ହେଲେ ପରିବାରବାଦ ରାଜନୀତି ପୁଣି ଆରମ୍ଭ ହେବ ବୋଲି ଚର୍ଚ୍ଚା ହେଉଛି। ଅନ୍ୟମାନଙ୍କ ମଧ୍ୟରେ ଏଠାରେ ଜିଲା ବିଜେଡି ସଭାନେତ୍ରୀ ସବିତା ରାଉତ, ବିଧାୟକ ଅଶୋକ ବଳ, ପୂର୍ବତନ ପୌରାଧକ୍ଷ ରସାନନ୍ଦ ମହାନ୍ତି, ଲିପା ସାହୁ ପ୍ରମୁଖ ଆଶାୟୀ ଅଛନ୍ତି।

ବରୀ ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ ଭାଜପାରୁ ଆସି ସୁନନ୍ଦା ଦାସ ବିଜେଡି ଟିକେଟରେ ବିଧାୟିକା ହୋଇଥିଲେ। ଲୋକ ସମ୍ପର୍କ ଏବଂ ବିଭିନ୍ନ ଉନ୍ନୟନ ଯୋଜନା କାର୍ଯ୍ୟକାରିତା ପାଇଁ ସେ ଟିକେଟ ପାଇବା ଦୌଡ଼ରେ ବହୁ ଆଗରେ ଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ସେହିପରି ଏଠାରେ ଗତ ନିର୍ବାଚନରେ ଭାଜପା ଟିକେଟରେ ଲଢ଼ି ପ୍ରାୟ ୪ ହଜାର ଭୋଟ ବ୍ୟବଧାନରେ ହାରିଥିବା ବିଶ୍ୱରଞ୍ଜନ ମଲ୍ଲିକ ବିଜେଡିରେ ଯୋଗଦେଇ ଟିକେଟ ପାଇବାକୁ ଅପେକ୍ଷା କରି ରହିଛନ୍ତି। ତାଙ୍କ ନାମ ଚର୍ଚ୍ଚାର ସର୍ବାଗ୍ରେ ରହିଛି। ଏହାବାଦ ଆଇନ ଛାତ୍ର ତଥା ସାମାଜିକ କର୍ମୀ ସଞ୍ଜୀବ କୁମାର ଜେନା ମଧ୍ୟ ନୂଆ ଚେହେରା ଭାବେ ବିଜେଡି ଟିକେଟ ଲବିରେ ରହିଛନ୍ତି। ସଞ୍ଜୀବ ଜଣେ ଯୁବ ନେତା ଭାବେ ବିରୋଧୀଙ୍କୁ ନିଜ ରୋକଠୋକ ମନ୍ତବ୍ୟରେ ନୟାନ୍ତ କରୁଥିବା ଚର୍ଚ୍ଚା ରହିଛି। ଦଳ ତାଙ୍କୁ ଅଣଦେଖା କରି ନ ପାରେ ବୋଲି ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ବରୀରେ ଦଳଡିଆଁ ଆଶଙ୍କା କରି ବିଜେଡି ପ୍ରାର୍ଥୀ ଘୋଷଣା ବିଳମ୍ବ କରୁଥିବା ଚର୍ଚ୍ଚା ହେଉଛି।

ବଡ଼ଚଣା ଆସନ ପାଇଁ ବିଜେଡି କାହାକୁ ଟିକେଟ ଦେବ ସେ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ବିଜେଡିର ବରିଷ୍ଠ ନେତା ବିଧାୟକ ଅମର ପ୍ରସାଦ ଶତପଥୀ ଲଗାତର ଭାବେ ବିଜୟୀ ହୋଇଆସୁଛନ୍ତି। କିନ୍ତୁ ଗତ ନିର୍ବାଚନରେ ତାଙ୍କ ପ୍ରଦର୍ଶନ ଦଳକୁ ଅତି ନିରାଶ କରିଥିଲା। ଶତପଥୀ ୬୪,୦୮୪ ଭୋଟ ପାଇଥିବାବେଳେ ଭାଜପାର ଅମର କୁମାର ନାୟକ ୬୨୫୯୯ ଭୋଟ ପାଇଥିଲେ। ଅମର ମାତ୍ର ୧୪୮୫ ଭୋଟ ବ୍ୟବଧାନରେ ହାରିଥିଲେ। ଏହାକୁ ନେଇ ବିଧାୟକ ଶତପଥୀଙ୍କ ଦକ୍ଷତା ଉପରେ ପ୍ରଶ୍ନ ଉଠିଥିଲା। ବୟସ ଦୃଷ୍ଟିରୁ ସେ ଚଳିତ ନିର୍ବାଚନ ଦୌଡ଼ରୁ ଓହରିଯିବା ପାଇଁ ଦଳ କୁଆଡ଼େ ତାଙ୍କୁ ପରାମର୍ଶ ଦେଉଥିବା ଚର୍ଚ୍ଚା ହେଉଛି। ତେଣୁ ତାଙ୍କ ବଦଳରେ ପୁଅ ଅଦ୍ୱିତୀୟ ଶତପଥୀ, ଜିଲା ଉପସଭାପତି ଗଣେଶ୍ୱର ବରାଳ, ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ଇତିଶ୍ରୀ ସାମଲ, ମନୋରମା ଆଚାର୍ଯ୍ୟ ପ୍ରମୁଖ ଟିକେଟ ଦୌଡ଼ରେ ରହିଛନ୍ତି। ତେବେ ଭାଜପା ଏଠାରେ ଅମରଙ୍କୁ ପୁନର୍ବାର ପ୍ରାର୍ଥୀ କରିଥିବାରୁ ବିଜେଡି ବିଜୟୀ ନିଶ୍ଚିତ ଥିବା ପ୍ରାର୍ଥୀ ଖୋଜାରେ ରହିଥିବା ଚର୍ଚ୍ଚା ହେଉଛି।

## ସଙ୍ଗୀତାଙ୍କୁ ମିଳିପାରେ ବିଜେଡି ଟିକେଟ

**ନିମାପଡ଼ା,୫।୪(ରଞ୍ଜନ ପଟ୍ଟନାୟକ)**

ବର୍ତ୍ତମାନ ପରିସ୍ଥିତିରେ ନିମାପଡ଼ା ବିଜେଡି ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଦଳୀୟ ଟିକେଟ କାହାକୁ ମିଳିବ ସେ ନେଇ ସସ୍‌ପେନ୍ସ ଲାଗିରହିଛି। ଗୁରୁବାର ଟିକେଟ ଆଶାରେ ଭାଜପା ଛାଡ଼ି ଦିଲୀପ ନାୟକ ବିଜେଡିରେ ଯୋଗଦେଇଥିଲେ। ଶଙ୍ଖଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଦଳୀୟ ଉତ୍ତରୀୟ ଦେଇ ଦିଲୀପ ଏବଂ ତାଙ୍କ ସମର୍ଥକମାନଙ୍କୁ ସ୍ୱାଗତ କରିଥିଲେ। ଏହାର ଦିନକ ପରେ ବିଧାୟକ ଦାଶ ନିଜ ସହଧର୍ମିଣୀ ସଙ୍ଗୀତା ଦାଶଙ୍କୁ ନିମାପଡ଼ାରୁ ବିଜେଡି ପକ୍ଷରୁ ବିଧାୟିକା ପ୍ରାର୍ଥୀ କରିବା ପାଇଁ ଲବିକୁ ଜୋରଦାର କରିଛନ୍ତି। ସମୀରଙ୍କ ବଦଳରେ ସଙ୍ଗୀତା ଏଠାରୁ ପ୍ରାର୍ଥୀ ହେବେ ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି। ନିମାପଡ଼ା ଆସନ ପାଇଁ ଦିନକୁ ଦିନ ବିଜେଡିର ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଆସନରେ ବିଜୟ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ନେତୃତ୍ୱ ଏଠାରେ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିବା ନିମନ୍ତେ ଆଗ୍ରହୀ ରହିଛନ୍ତି। ଏପରି ସ୍ଥଳେ ଶୁକ୍ରବାର ଅନ୍ୟ ଏକ ରୋଚକ ଘଟଣା ବିଜେଡି ସମୀକରଣକୁ ଓଲଟପାଲଟ କରିଦେଇଛି। ଶଙ୍ଖଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟ ଜଣେ ମହିଳା ଟିକେଟ ଆଶାୟୀ ସୁଜାତା ସ୍ୱାଇଁ ନିଜର ସଂଖ୍ୟାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦେଇଛନ୍ତି। ସେହିପରି ଆଶାୟୀ ସୁବ୍ରତ ଛାଟୋଇ ଏଠାରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ମଧ୍ୟ ଶୁଣିବାକୁ ମିଳୁଛି।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦହେଲା ଭାଜପା

**ଭୁବନେଶ୍ୱର,୫।୪(ସୁନିତ୍ ମିଶ୍ର)**

**୨ ସରକାରୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କଲା ଦଳ**

ଓଡ଼ିଶା ବୋଧହୁଏ ଏକମାତ୍ର ରାଜ୍ୟ ଯେଉଁଠି ପ୍ରଶାସନିକ ଅଧିକାରୀମାନେ ଶାସକ ଦଳର ଗୁଣ୍ଡା ଭଳି କାର୍ଯ୍ୟ କରିବା ସହ କର୍ମୀ ସାଜି ନିର୍ବାଚନ ପ୍ରଚାର ମଧ୍ୟ କରନ୍ତି। ନିର୍ବାଚନ ଆସିଲେ ବିଜେଡି ସରକାରୀ କର୍ମଚାରୀଙ୍କୁ ନିଜର କର୍ମୀ ଭଳି ବ୍ୟବହାର କରେ। ଏହାର ନମୁନା ବିଗତଦିନରେ ଦେଖାଯାଇଛି ଏବଂ ବର୍ତ୍ତମାନ ମଧ୍ୟ ଜାରି ରହିଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ କେନ୍ଦୁଝରର ଜିଲା ପତିତପାବନ କଲେଜର ଜଣେ କର୍ମଚାରୀ ଆଲୋକ କୁମାର ଦାସ ଖୋଲାଖୋଲି ବିଧାୟକ ବଦ୍ରିନାରାୟଣ ପାତ୍ର ଏବଂ ତାଙ୍କ ପୁଅ ତଥା ବିଜେଡି ନେତା ଦେବାଶିଷ ପାତ୍ରଙ୍କ ପାଇଁ ପ୍ରଚାର କରିବାର ଭିଡିଓ ଓ ଫଟୋ ସାମ୍ନାକୁ ଆସିଛି ବୋଲି ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଗୋଲକ ମହାପାତ୍ରଙ୍କ ଅଧକ୍ଷତାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏହି ଅବସରରେ ଗୋଲକ କହିଛନ୍ତି, ସେହିପରି ଧଉଳି ଓ ଲିଙ୍ଗିପୁର ପଞ୍ଚାୟତର ଯୋଗାଣ ଅଧିକାରୀ ପ୍ରକାଶ କୁମାର ସ୍ୱାଇଁ ବିଜେଡିର ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରାର୍ଥୀଙ୍କୁ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କ ପାଇଁ ଖୋଲାଖୋଲି ପ୍ରଚାର କରୁଛନ୍ତି। ଏହି ୨ ଅଧିକାରୀ ଶାସକ ଦଳ ବିଜେଡି ପାଇଁ ଦଳୀୟ ପ୍ରଚାରକରି ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୨୯କୁ ଉଲ୍ଲଂଘନ କରିଛନ୍ତି। ତୁରନ୍ତ ଏହି ୨ ଜଣ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଭବିଷ୍ୟତରେ ଅନ୍ୟ ସରକାରୀ ଅଧିକାରୀମାନେ ଦଳୀୟ ପ୍ରଚାରରୁ ନିବୃତ ରହିବେ ବୋଲି ଗୋଲକ କହିଛନ୍ତି।

## ଭାଜପାରେ ରମେଶ, ସ୍ୱାଗତ କଲେ ଧର୍ମେନ୍ଦ୍ର


ଆଠମଲ୍ଲିକ ବିଧାୟକ ରମେଶ ସାଏଙ୍କୁ ସ୍ୱାଗତ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ଛେଣ୍ଡିପଦା,୫।୪ (ଅଜିତ ଧଳ)**

ବିଜେଡି ଛାଡ଼ିବାର ୨୪ ଘଣ୍ଟା ନ ପୂରୁଣୁ ଅନୁଗୋଳ ଜିଲା ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ଅନୁଗୋଳ ଜିଲା କତଡାଠାରେ ଅନୁଷ୍ଠିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କେନ୍ଦ୍ରମନ୍ତ୍ରୀ ତଥା ଭାଜପାର ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ତରୀୟ ପିନ୍ଧାଇ ବିଧାୟକ ରମେଶଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବ ଆଠମଲ୍ଲିକ, ଅନୁଗୋଳ ସମେତ ଓଡ଼ିଶାରେ ଭାଜପା ସାଙ୍ଗଠନିକ ସ୍ଥିତିକୁ ଅଧିକ ମଜଭୁତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ।

ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଆଠମଲ୍ଲିକର ତୃଣମୂଳସ୍ତରର କାର୍ଯ୍ୟକର୍ତ୍ତାଙ୍କୁ ଭେଟି ନିର୍ବାଚନୀ ପ୍ରଚାର ଉପରେ ବିଚାରବିମର୍ଶ କରିଥିଲେ। ଅଇଡା, ମାଧପୁର, ନାକଚି, ଠାକୁରଗଡ, ବଇଣ୍ଡା, ଆଠମଲ୍ଲିକ ଏନଏସି, କିଶୋରନଗର ଓ ସାତକୋଶିଆ ମଣ୍ଡଳର କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏଥିସହ କେନ୍ଦ୍ରମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ ନେତୃତ୍ୱ ଓ ରାଜନୈତିକ ଇଚ୍ଛାଶକ୍ତିକୁ ସ୍ୱୀକାର କରି ଦଳରେ ଯୋଗଦେଇଥିବାରୁ ବିଧାୟକ ସାଏଙ୍କୁ ଧନ୍ୟବାଦ। ଆଠମଲ୍ଲିକ ସ୍ୱାଭିମାନ, ଗଡ଼ଜାତ ଓ ଚଷାଚାଷୀଙ୍କ ଅଞ୍ଚଳ। ଆଠମଲ୍ଲିକ ଓଡ଼ିଆ ଅସ୍ମିତାର ପ୍ରୟୋଗଶାଳା ହୋଇଛି। ଏଠାରେ ୫ ଜଣଙ୍କ ପକେଟ ଗରମ କରିବା ପାଇଁ ନୁହେଁ ବରଂ ଆଞ୍ଚଳିକ ବିକାଶ ନିର୍ବାଚନର ପ୍ରସଙ୍ଗ ହୋଇଛି। ଠିକାଦାରରାଜ ନୁହେଁ ବରଂ ଲୋକରାଜ କରିବା ଭାଜପାର ସଂକଳ୍ପ। ଆଠମଲ୍ଲିକ ଓ ଅନୁଗୋଳ ସମେତ ଓଡ଼ିଶା ତଥା ଦେଶର କୋଣ ଅନୁକୋଣରେ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଜନତାଙ୍କ ଆସ୍ଥା ବଢ଼ିଛି। ୬ ତାରିଖ ଶନିବାର ଭାଜପାର ପ୍ରତିଷ୍ଠା ଦିବସକୁ ଘରେ ଘରେ ଭାଜପା ପତକା ଲଗାଇ ପାଳନ କରିବା ପାଇଁ କେନ୍ଦ୍ରମନ୍ତ୍ରୀ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକ ରମେଶଙ୍କ ସହ ଆଠମଲ୍ଲିକର ପୂର୍ବତନ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଯୁଧିଷ୍ଠିର ସିଂହ, ତିମିର ନାୟକ, ଚୌଧୁରୀ ସାଏ, କୁଶ ନାୟକ, ପ୍ରଦୀପ ବୀର, ସୁବାସ ନାୟକ, ଲିଙ୍ଗରାଜ ସାହୁ, ଲକ୍ଷ୍ମଣ ବେହେରା, ପ୍ରଶାନ୍ତ ପ୍ରଧାନଙ୍କ ସମେତ ବିଜେଡିର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ଭାଜପା ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ ଉପସ୍ଥିତ ଥିଲେ।

## ମୋନିଦୀପା ବିଜେଡି ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟକାରୀ ସଭାପତି, ଭାସ୍କର ରାଓ ରାୟଗଡ଼ା ଜିଲା ସଭାପତି

**ଭୁବନେଶ୍ୱର,୫।୪(ଅନିଲ ଦାସ)**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ବିଭିନ୍ନ ପଦ ପଦବୀରେ କର୍ମକର୍ତ୍ତାମାନଙ୍କୁ ନିଯୁକ୍ତ କରାଯାଇଛି। ନିକଟରେ ବିଜେଡିରେ ଯୋଗ ଦେଇଥିବା ମୋନିଦୀପା ସର୍କେଲଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ଏନ୍. ଭାସ୍କର ରାଓଙ୍କୁ ରାୟଗଡ଼ା ଜିଲା ବିଜେଡି ସଭାପତି, କୃଷ୍ଣ ମହାପାତ୍ରଙ୍କୁ ରାୟଗଡ଼ା ଜିଲା ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ଇଲେକ୍ସନ ଇନ୍‌ଚାର୍ଜ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସାଗର କୁମାର ପାଇକରାୟଙ୍କୁ ରାଜ୍ୟ ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ବିଷ୍ଣୁ ପ୍ରସାଦ କେଡ଼ିଆଙ୍କୁ ଝାରସୁଗୁଡ଼ା ଜିଲା ବିଜୁ ଜନତା ଦଳ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୁଧୀର ଦାସଙ୍କୁ ବିଜେଡି ସାଧାରଣ ସମ୍ପାଦକ ଓ ରାୟଗଡ଼ା ଜିଲା ବିଷମ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ଇଲେକ୍ସନ ଇନ୍‌ଚାର୍ଜ, ମୋସ ମାଝିଙ୍କୁ ଗଜପତି ଜିଲା ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ଏ ନେଇ ବିଜେଡି ପକ୍ଷରୁ ଶୁକ୍ରବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

## ବିଶ୍ୱଭୂଷଣ ଭାଜପା ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

**ଅସ୍ତରଙ୍ଗ,୫।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ବିଶ୍ୱଭୂଷଣ ଦାସ ଦଳରୁ ଇସ୍ତଫା ଦେବା ପରେ ଶୁକ୍ରବାର ଭାରତୀୟ ଜନତା ପାର୍ଟି (ଭାଜପା)ରେ ଯୋଗଦେଇଛନ୍ତି। ସେ କାକଟପୁର ନିର୍ବାଚନମଣ୍ଡଳୀରୁ ୨୦୦୯ ଓ ୨୦୧୯ରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ି ହାରିଯାଇଥିଲେ। ତେବେ ସେ ୨୦୦୯ରେ ୫୮,୮୯୩ ଏବଂ ୨୦୧୯ରେ ୪୬,୨୦୬ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। କିନ୍ତୁ ଏଥର ରାଜନୈତିକ ସମୀକରଣ ଓଲଟପାଲଟ ହୋଇଯାଇଛି। ତେଣୁ ପ୍ରାର୍ଥୀ ଚୟନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଏଠାରୁ କଂଗ୍ରେସ କାହାକୁ ଟିକେଟ ଦେବ ସେ ନେଇ ଅଙ୍କକଷା ସରୁନି। ଅନ୍ୟପଟେ ଭାଜପା ତରଫରୁ ଅନେକ ଆଶାୟୀ ଥିବାବେଳେ ଦଳ କାହାକୁ ଟିକେଟ ଦେବ ତାହାକୁ ନେଇ ମଧ୍ୟ ଚର୍ଚ୍ଚା ଥମୁନି। ଗତ କିଛିବର୍ଷ ହେବ କାକଟପୁର ନିର୍ବାଚନମଣ୍ଡଳୀରେ ଭାଜପା ନେତା ବାଇଧର ମଲ୍ଲିକ ସଙ୍ଗଠନକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ତେଣୁ ଦଳ ତାଙ୍କୁ ଟିକେଟ ଦେବା ନେଇ ଅସନ୍ତୁଷ୍ଟ କରି ନ ପାରେ। ଅନ୍ୟପଟେ ଭାଜପାରେ ନୂତନ ଭାବେ ସାମିଲ ହୋଇଥିବା ବିଶ୍ୱଭୂଷଣଙ୍କୁ ଦଳ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ପୁରୁଣା ନା ନୂଆ, କାହାକୁ ଭାଜପା ଭରସିବ ତାହା ଉପରେ ଏବେ ସମସ୍ତଙ୍କ ନଜର। ଅନ୍ୟପଟେ ଯଦି ଟିକେଟ ଦେବାରେ ଭୁଲଭାଲ ହେଲା ତେବେ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। କାହାକୁ ଟିକେଟ ମିଳିବ ଓ କିଏ କଟିବେ ତାହାକୁ ନେଇ କଳ୍ପନାଜଳ୍ପନା ଲାଗିରହିଛି।

## ରାଇରଙ୍ଗପୁରରେ ରାଇସେନ୍ ବିଜେଡି ପ୍ରାର୍ଥୀ

**ବାରିପଦା,୫।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ବାରିପଦା,୫।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବିଧାନସଭା ଆସନରୁ ରାଇସେନ୍ ମୁର୍ମୁଙ୍କୁ ବିଜେଡି ପକ୍ଷରୁ ପ୍ରାର୍ଥୀ କରାଯାଇଛି। ସ୍ପେଶାଲ୍ ବ୍ରାଞ୍ଚ ଡିଏସ୍‌ପି ଚାକିରି ଛାଡ଼ି ରାଜନୀତିରେ ପାଦ ଥାପିଥିବା ଚର୍ଚ୍ଚିତ ଚେହେରା ରାଇସେନ୍‌ଙ୍କ ଉପରେ ଦଳ ଭରସା କରିଛି।।


ରାଇସେନ୍ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜନ୍ମମାଟି ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବିଧାନସଭା ଆସନ ଉପରେ ସମସ୍ତଙ୍କ ଦୃଷ୍ଟି ରହିଛି। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ରାଇରଙ୍ଗପୁର ମ୍ୟୁନିସିପାଲିଟି, ରାଇରଙ୍ଗପୁର ବ୍ଲକ, ବହଲଦା, ଜାମଦା ଓ ତିରିଂ ବ୍ଲକ ରହିଛି। ୨୦୦୦ ଓ ୨୦୦୪ରେ ଏଠାରେ ଦ୍ରୌପଦୀ ମୁର୍ମୁ ଭାଜପାରୁ ନିର୍ବାଚିତ ହୋଇଥିବା ବେଳେ ୨୦୦୯ରେ କଂଗ୍ରେସରୁ ଶ୍ୟାମ ଚରଣ ହାଁସଦା, ୨୦୧୪ରେ ବିଜେଡିରୁ ସାଇବା ସୁଶୀଲ ହାଁସଦା ଓ ୨୦୧୯ରେ ଭାଜପାରୁ ନବ ଚରଣ ମାଝି ନିର୍ବାଚିତ ହୋଇଥିଲେ।

ଏହି ଆସନଟି ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ବିଜେଡି ଲାଗି ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ବିଧାୟକ ନବ ଚରଣଙ୍କୁ ଭାଜପା ଏମ୍‌ପି ପ୍ରାର୍ଥୀ କରିଥିବା ବେଳେ ବିଧାନସଭା ପାଇଁ କାହାକୁ ପ୍ରାର୍ଥୀ କରୁଛି ସେନେଇ ଉତ୍କଣ୍ଠା ପ୍ରକାଶ ପାଇଛି। ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରାଙ୍କୁ ଭାଜପା ଏଠାରେ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି। ସେହିପରି ବାକି ରହିଥିବା ବାଙ୍ଗିରିପୋଷି, ସାରସକଣା ଓ କରଞ୍ଜିଆ ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ଘୋଷଣା କରା ନ ଯାଇ ଝୁଲାଇ ରଖାଯାଇଛି।

## ବିଜେଡିରେ ଯୋଗଦେଲେ ଶ୍ରୀହରି ନାୟକ

**ଭୁବନେଶ୍ୱର,୫।୪(ଅନିଲ ଦାସ)**

ନୟାଗଡ଼ ଜିଲା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନମଣ୍ଡଳୀର ଦଶପଲ୍ଲା ସ୍ୱାଭିମାନ ମଞ୍ଚର ସଭାପତି ତଥା ସାମାଜିକ କର୍ମୀ ଶ୍ରୀହରି ନାୟକଙ୍କ ସମେତ ଶତାଧିକ ଭାଜପା ଏବଂ କଂଗ୍ରେସ କର୍ମକର୍ତ୍ତା ଶୁକ୍ରବାର ଶଙ୍ଖଭବନଠାରେ ଦଶପଲ୍ଲା ବିଧାୟକ ରମେଶଚନ୍ଦ୍ର ବେହେରା ଓ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗଦେଇଛନ୍ତି। ସେମାନଙ୍କୁ ଉଭୟ ଉପଢ଼ୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଭାଜପା ଓ କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ରମେଶ ଓ ସସ୍ମିତ କହିଥିଲେ।

ଏହି ଅବସରରେ ଶ୍ରୀହରି ନାୟକ କହିଛନ୍ତି, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସେ ସୁଚାରୁରୂପେ ତୁଲାଇବେ। ଦଳରେ ତାଙ୍କ ସହ ଯୋଗ ଦେଇଥିବା ସମସ୍ତ ଭାଜପା ଓ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ପୂର୍ବତନ ସରପଞ୍ଚ ଅରୁଣ କୁମାର ସ୍ୱାଇଁ, ସାଧୁ ଚରଣ ନାୟକ, ହେମନ୍ତ କୁମାର ନାୟକଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି।

## ପ୍ରକାଶଙ୍କ ପାଇଁ ନୂଆ ବାରବାଟୀ-କଟକ

**କଟକ,୫।୪(ଶିଲ୍ପା ପ୍ରିୟଦର୍ଶିନୀ)**

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବାରବାଟୀ-କଟକ ଆସନ ପାଇଁ ବିଜେଡି ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କୁ ପ୍ରାର୍ଥୀ କରିଛି। ହେଲେ ଉକ୍ତ ଆସନ ପାଇଁ କଂଗ୍ରେସ ଓ ଭାଜପା ପକ୍ଷରୁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇନାହିଁ। ପ୍ରକାଶ ପୂର୍ବରୁ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ। ୨୦୧୯ରେ ସେ ଭାଜପା ଟିକେଟ୍‌ରେ ସାଲେପୁର ଆସନରୁ ଲଢ଼ି ପରାଜିତ ହୋଇଥିଲେ। ପରେ ଭାଜପା ତାଙ୍କୁ ଜିଲା ସଭାପତି ଦାୟିତ୍ୱ ଦେଇଥିଲା। ୨୦୨୪ ନିର୍ବାଚନ ପାଖେଇ ଆସୁଥିବାବେଳେ କିଛିଦିନ ତଳେ ସେ ଭାଜପା ଛାଡ଼ିବିଜେଡିରେ ଯୋଗ ଦେଇଛନ୍ତି। ଏହାପରଠାରୁ ଦଳ ତାଙ୍କୁ ବାରବାଟୀ-କଟକ ନଚେତ୍ ସାଲେପୁର ଆସନରୁ ପ୍ରାର୍ଥୀ କରିବା ବୋଲି ଚର୍ଚ୍ଚା ହେଉଥିଲା। ଶୁକ୍ରବାର ବିଜେଡି ତାଙ୍କୁ ବାରବାଟୀ-କଟକରୁ ପ୍ରାର୍ଥୀ କରିବା ପରେ ଚର୍ଚ୍ଚାର ଅନ୍ତ ଘଟିଛି। ହେଲେ ନିର୍ବାଚନ ମଣ୍ଡଳୀ ବାହାରର ହୋଇଥିବାରୁ ସେ ବହୁ ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି ବୋଲି କୁହାଯାଉଛି। ଅପରପକ୍ଷରେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କୁ ଦଳ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେହିପରି ଭାଜପାରୁ ଅରିନ୍ଦମ ରାଏଙ୍କ ନାମ ଚର୍ଚ୍ଚାରେ ଆସିଥିବାରୁ ସେ ପ୍ରାର୍ଥୀ ହେଲେ ପ୍ରକାଶଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

**ବାଲେଶ୍ୱର ବିଧାନସଭା କ୍ଷେତ୍ରରେ ପୁରୁଣା ଲଢ଼େଇ**

## ମଇଦାନରେ ସ୍ୱରୂପ-ମାନସ

**ବାଲେଶ୍ୱର,୫।୪(ମାନସ ବିଶ୍ୱାଳ)**


ମାନସ ଦତ୍ତ


ସ୍ୱରୂପ ଦାସ

ବାଲେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀରେ ପୁଣି ପୁରୁଣା ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। କିଛିଦିନ ପୂର୍ବରୁ ଭାଜପା ଏହି ନିର୍ବାଚନମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ମାନସ ଦତ୍ତଙ୍କ ନାମ ଘୋଷଣା କରିଥିବା ବେଳେ ଶୁକ୍ରବାର ଅପରାହ୍ନରେ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ସ୍ୱରୂପ ଦାସଙ୍କ ନାମ ଘୋଷଣା କରିଛନ୍ତି। ବିଜେଡି ପୁନର୍ବାର ସ୍ୱରୂପଙ୍କ ଉପରେ ଭରସା କରି ମଇଦାନକୁ ଓହ୍ଲାଇଛି। ମାତ୍ର କଂଗ୍ରେସ ଏଯାବତ୍ ପ୍ରାର୍ଥୀ ଘୋଷଣା କରିନାହିଁ।

ଗତ ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପ୍ରାର୍ଥୀ ମଦନମୋହନ ଦତ୍ତ ୪୭.୨୬% ଭୋଟ ପାଇଥିବାବେଳେ ବିଜେଡି ପ୍ରାର୍ଥୀ ଜୀବନ ପ୍ରଦୀପ ଦାଶ ୩୮.୪୯% ଭୋଟ ପାଇ ପରାଜିତ ହୋଇଥିଲେ। ବିଧାୟକ ମଦନମୋହନଙ୍କ ମୃତ୍ୟୁ ପରେ ୨୦୨୦ ନଭେମ୍ବରରେ ଉପନିର୍ବାଚନ ହୋଇଥିଲା। ବିଜେଡିରୁ ସ୍ୱରୂପ କୁମାର ଦାସ ପ୍ରାର୍ଥୀ ହୋଇ ୮୪, ୦୯୭ ଭୋଟ (୫୧.୮%) ପାଇ ବିଜୟୀ ହୋଇଥିଲେ। ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ମାନସ କୁମାର ଦତ୍ତ ୭୦, ୭୪୬ ଭୋଟ୍ (୪୩.୫୮%) ପାଇ ପରାସ୍ତ ହୋଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ଏବଂ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ନିଜର ଅମାନତ ରଖିପାରି ନ ଥିଲେ। ପୁଣି ହେବାକୁ ଥିବା ୨୦୨୪ ସାଧାରଣ ନିର୍ବାଚନରେ ସାମ୍ନାସାମ୍ନି ହେବେ ବିଜେଡି ପ୍ରାର୍ଥୀ ସ୍ୱରୂପ ଏବଂ ମାନସ। ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ ସ୍ୱରୂପଙ୍କ ପାଇଁ ମୁଖ୍ୟ ସମସ୍ୟା ସୃଷ୍ଟି କରିବା ଅନୁମାନ କରାଯାଉଥିବା ବେଳେ ଭାଜପା ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ସମସ୍ୟା ସୃଷ୍ଟି କରିବ। ଅନ୍ୟପକ୍ଷରେ ଭାଜପାରେ ଦୀର୍ଘଦିନରୁ ଲାଗି ରହିଥିବା ଗୋଷ୍ଠୀକନ୍ଦଳ ଧୀରେ ଧୀରେ ସମାଧାନ ହେଉଥିବା ଦେଖିବାକୁ ମିଳୁଛି। ଉପନିର୍ବାଚନରେ ଏମ୍‌ପି ଗୋଷ୍ଠୀ ଓ ବିଧାୟକ ପ୍ରାର୍ଥୀଙ୍କ ଗୋଷ୍ଠୀ ମଧ୍ୟରେ ସମନ୍ୱୟ ନ ଥିବାରୁ ଭାଜପା ପରାଜୟର ମୁଖ୍ୟ କାରଣ ବୋଲି ରାଜନୈତିକ ବିଶେଷଜ୍ଞମାନେ କହିଥିଲେ। ଆଗାମୀ ନିର୍ବାଚନରେ ଭାଜପାର ଉଭୟ ଗୋଷ୍ଠୀ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ କର୍ମୀମାନେ ଶପଥ ନେଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବିଜେଡିର ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଗୋଷ୍ଠୀରେ ଥିବା ନେତା ଓ ଦଳୀୟ ପଦାଧିକାରୀମାନେ ସ୍ୱରୂପଙ୍କ ପ୍ରାର୍ଥିତ୍ୱକୁ କେତେଦୂର ଗ୍ରହଣ କରିବେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଯଦି ବିଜେଡିର ଗୋଷ୍ଠୀ କନ୍ଦଳ ଲାଗି ରହିବ ତା'ହେଲେ ଦଳୀୟ ପ୍ରାର୍ଥୀଙ୍କୁ ମହଙ୍ଗା ପଡ଼ିପାରେ ବୋଲି ରାଜନୈତିକ ବିଶେଷଜ୍ଞମାନେ କୁହନ୍ତି।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ୧ଲକ୍ଷ ୧୪ହଜାର ୪୮୬, ମହିଳା ଭୋଟର ୧ଲକ୍ଷ ୧୦ହଜାର ୯୮୦ ଓ ଅନ୍ୟାନ୍ୟ ୫୯ ସହ ମୋଟ୍ ୨ଲକ୍ଷ ୨୫ହଜାର ୫୨୫ଜଣ ଭୋଟର ରହିଛନ୍ତି।

**ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ**
**ଅନ୍‌ସାରୀ ନଗର, ନୂଆଦିଲ୍ଲୀ-୧୧୦୬୦୮**
**ନାମଲେଖା ବିଜ୍ଞପ୍ତି ନଂ. ୩୬/୨୦୨୪**

ନଂ. ଏଫ୍.ଏଆଇଆଇଏମ୍‌ଏସ୍/ଏକ୍ସାମ୍.ସେକ୍./୪-୧୨/(ଆଇଏନ୍‌ଆଇ-ଏସ୍‌ଏସ୍-ଜୁଲାଇ-୨୪)/୨୦୨୪ ତାରିଖ: ୨୬ ମାର୍ଚ୍ଚ, ୨୦୨୪

**ଜୁଲାଇ-୨୦୨୪ ଅଧିବେଶନ ପାଇଁ ଏଆଇଆଇଏମ୍‌ଏସ୍, ପିଜିଆଇଏମ୍‌ଇଆର୍, ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍, ଏସ୍‌ସିଟିଆଇଏମ୍‌ଏସ୍‌ଟି ଏବଂ ଜେଆଇପିଏମ୍‌ଇଆର୍ ନିମନ୍ତେ ଡିଏମ୍/ଏମ୍.ସିଏଚ୍ ଏବଂ ଏମ୍‌ଡି (ହସ୍ପିଟାଲ ଆଡ୍‌ମିନିଷ୍ଟ୍ରେଶନ୍) ପାଠ୍ୟକ୍ରମରେ ନାମଲେଖା ଲାଗି ଆଇଏନ୍‌ଆଇ-ଏସ୍‌ଏସ୍ ପ୍ରବେଶିକା ପରୀକ୍ଷା**

ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ନୂଆଦିଲ୍ଲୀ ଜୁଲାଇ, ୨୦୨୪ ଅଧିବେଶନ ପାଇଁ ପୋଷ୍ଟ-ଡକ୍ଟରାଲ [ଏଆଇଆଇଏମ୍‌ଏସ୍ ନୂଆଦିଲ୍ଲୀ, ଅନ୍ୟାନ୍ୟ ଏଆଇଆଇଏମ୍‌ଏସ୍, ପିଜିଆଇଏମ୍‌ଇଆର୍, ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍, ଜେଆଇପିଏମ୍‌ଇଆର୍ ଏବଂ ଏସ୍‌ସିଟିଆଇଏମ୍‌ଏସ୍‌ଟିରେ ଡିଏମ୍/ଏମ୍.ସିଏଚ୍. (୩ ବର୍ଷ)/ ଏମ୍‌ଡି (ହସ୍ପିଟାଲ ଆଡ୍‌ମିନିଷ୍ଟ୍ରେଶନ୍)] ପାଠକ୍ରମଗୁଡ଼ିକରେ ନାମଲେଖା ପାଇଁ **ପ୍ରବେଶିକା ପରୀକ୍ଷା** ଲାଗି ଅନ୍‌ଲାଇନ୍ ଆବେଦନ ଆହ୍ୱାନ କରୁଛି।

**ଆବେଦନ ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ**

| ପାଠ୍ୟକ୍ରମ | ଅନୁଷ୍ଠାନ | ଖୋଲିବ | ବନ୍ଦ ହେବ |
|---|---|---|---|
| ଡିଏମ୍/ଏମ୍.ସିଏଚ୍. (୩ ବର୍ଷ)/ ଏବଂ ଏମ୍‌ଡି (ହସ୍ପିଟାଲ ଆଡ୍‌ମିନିଷ୍ଟ୍ରେଶନ୍) | ଏଆଇଆଇଏମ୍‌ଏସ୍ - ନୂଆଦିଲ୍ଲୀ ଏବଂ ଅନ୍ୟାନ୍ୟ ଏଆଇଆଇଏମ୍‌ଏସ୍, ପିଜିଆଇଏମ୍‌ଇଆର୍, ଏନ୍‌ଆଇଏମ୍‌ଏଚ୍‌ଏଏନ୍‌ଏସ୍, ଜେଆଇପିଏମ୍‌ଇଆର୍ ଓ ଏସ୍‌ସିଟିଆଇଏମ୍‌ଏସ୍‌ଟି | ତା୨୭।୦୩।୨୦୨୪ରିଖ | ତା୧୦।୦୪।୨୦୨୪ରିଖ ଅପରାହ୍ନ ୫.୦୦ ଘଟିକା |

**ଗୁରୁତ୍ୱପୂର୍ଣ୍ଣ:** ବିବରଣ ପୁସ୍ତିକା, ସବିଶେଷ ସୂଚନା ଆଦି ପାଇଁ ଦୟାକରି ୱେବ୍‌ସାଇଟ୍ **www.aiimsexams.ac.in** ପରିଦର୍ଶନ କରନ୍ତୁ। ସମସ୍ତ ଆବେଦନକାରୀ ନିୟମିତ ଭାବେ ଉକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ କାରଣ ପରବର୍ତ୍ତୀ ସମସ୍ତ ଶୁଦ୍ଧିପତ୍ର/ଯୋଗପତ୍ର/ଅପ୍‌ଡେଟ୍ସ କେବଳ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ ହେବ।

cbc 17112/12/0002/2425 **ସହକାରୀ ନିୟନ୍ତ୍ରକ (ପରୀକ୍ଷା)**

# କାଳିବୋହୂ

**ଗଳ୍ପ**

**ଦୀପକ କୁମାର ମହାନ୍ତି**



ବାହାଘର ସରିଲା। ସୂର୍ଯ୍ୟ ଦେବତାଙ୍କ ପହିଲି କିରଣ ସ୍ପର୍ଶରେ ପୁଅବୋହୂ ଘରେ ପହଞ୍ଚିଲେ। ଶଙ୍ଖ ହୁଳହୁଳି ବାଜି ଉଠିଲା। ପୁଅବୋହୂଙ୍କୁ ବନ୍ଦାପନା କରି ପାଛୋଟି ନେବା ପରିବର୍ତ୍ତେ ଶିଖାଦେବୀ ମୁହଁ ମୋଡ଼ି ଘର ଭିତରକୁ ଚାଲିଗଲେ। ଶିଖାଦେବୀଙ୍କ କାଳିବୋହୂ ପସନ୍ଦ ନ ଥିଲା। ରାଜକୁମାର ପରି ପୁଅକୁ କାଳିବୋହୂ! ତଥାପି ପୁଅର ମଙ୍ଗଳ ପାଇଁ ସବୁ କଥାକୁ ସହି ନେଇଥିଲେ ସେ। କିନ୍ତୁ ଗତକାଲିର ଘଟଣା ତାଙ୍କ ମନକୁ ବାରମ୍ବାର ଆନ୍ଦୋଳିତ କରୁଥିଲା। ଝିଅ ଘରର ବେଖାତିର ମ ନୋଭାବ ଓ ବରଯାତ୍ରୀମାନଙ୍କ ଆତିଥ୍ୟରେ ଅବହେଳା ତାଙ୍କ ରାଗକୁ ଦ୍ୱିଗୁଣିତ କଲା। ରାତି ପାହି ସକାଳ ହେଲା, ଗାଁ ଲୋକମାନଙ୍କ ଗୁପୁରଟାପର କଥା ସରିଲା ନାହିଁ। ଏରୁଣ୍ଡିବନ୍ଧର ଏ ପଟେ ପୁଅବୋହୂ ସେମିତି ଠିଆ ହୋଇଥା'ନ୍ତି।

ହଠାତ୍ ସାନ ଯା', ସୁମିତ୍ରାଙ୍କ ଡାକରେ ଶିଖାଦେବୀ ପ୍ରକୃତିସ୍ଥ ହେଲେ। ଅପା, ଆଜି ଭଳି ଦିନରେ ଘର ଭିତରେ ଏମିତି ମନ ଦୁଃଖ କରି ବସିଲେ ହେବନି। ଶୁଭବେଳା ଗଡ଼ିଯାଉଛି। ପୁଅବୋହୂଙ୍କୁ ବନ୍ଦାପନା କରି ଘରକୁ ଆଣ। ନ ହେଲେ ସାହିପଡ଼ିଶା, ଗାଁ ଲୋକ କ'ଣ କହିବେ?

: ସେମାନେ ଆଉ କ'ଣ ବାକି ରଖିଛନ୍ତି କହିବାକୁ? ରାଜକୁମାର ପରି ପୁଅକୁ କାଳିକୋତରି ବୋହୂ, ଗାଁସାରା ବାଜା ବାଜୁଛି। ଯୌତୁକ ଲୋଭରେ ଆମେ ସେଠାରେ ବସିଲୁ ବୋଲି। କେତେ ଭଲ ପ୍ରସ୍ତାବ ଆସୁଥିଲା। ଯେତେ ବୁଝାଇଲେ ପୁଅ କ'ଣ ମୋ କଥା ଶୁଣିଲା। ସେ କାଳି, ପୋଡ଼ାମୁହିଁ କି କିମିଆ କଲା ଯେ, ପୁଅ କହିଲା ମୁଁ ସେଇଠି ବାହା ହେବି। ତୁ ନିଜେ କହିଲୁ ସୁମି, ମା' ମନ କ'ଣ ଯେତେ ବୁଝାଇଲେ ବୁଝିବ? କାହାକୁ କହିବି? ମୋ' କପାଳ ତ ଫଟା।

ଆଖି ଲୁହକୁ ଆଖିରେ ମାରି ସାନ ଯା' ପଛେପଛେ ଯାଉଥିବା ସମୟରେ ହଠାତ୍ ଶିଖାଦେବୀ କାନ୍ଥକୁ ଆଉଜି ପଡ଼ିଲେ। ଅପା, ଅପା କହି ସାନ ଯା' ଶିଖାଦେବୀଙ୍କୁ ଧରି ପକାଇଲେ।

ମୁକୁଟକୁ ତଳେ ଥୋଇ ଦେଇ ପୁଅବୋହୂ ବି ଧାଇଁ ଆସିଲେ ଶିଖାଦେବୀଙ୍କ ପାଖକୁ। ଘର ଭିତରକୁ ନେଇ ସାଷ୍ଟାଙ୍ଗ କଲେ। ଶିଖାଦେବୀ ମୂକ ପାଲଟି ଗଲେ। ଜୁଳୁଜୁଳୁ କରି ଚାହିଁ ରହିଥିଲେ। ଯେତେ ଡାକିଲେ ବି ଜବାବ ଦେଲେ ନାହିଁ। ମଝିରେ ମଝିରେ ହୋସ ବି ପଳାଇ ଯାଉଥାଏ ତାଙ୍କର। ଗାଁ ଲୋକମାନେ ରୁଣ୍ଡ ହୋଇଗଲେ। ଅବସ୍ଥାରେ ଉନ୍ନତି ନ ହେବାରୁ ଆମ୍ବୁଲାନ୍ସ ଡାକି ପୁଅବୋହୂ ଶିଖାଦେବୀଙ୍କୁ ଡାକ୍ତରଖାନା ନେଇଗଲେ।

ପରୀକ୍ଷା ରିପୋର୍ଟ ଆସିଲା। ରିପୋର୍ଟରୁ ଜଣାପଡ଼ିଲା, ଉଚ୍ଚ ରକ୍ତଚାପ ଯୋଗୁଁ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତ ଜମାଟ ବାନ୍ଧିଛି। ଅବସ୍ଥାରେ ସୁଧାର ଆସିବା ପାଇଁ ସମୟ ଲାଗିବ। ଡାକ୍ତରଙ୍କ ପରାମର୍ଶକ୍ରମେ ଶିଖାଦେବୀ ଆଇସିୟୁରେ ଭର୍ତ୍ତି ହେଲେ, ଚିକିତ୍ସା ଚାଲିଲା। ସେଠାରେ କିଛିଦିନ ରହିଲା ପରେ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଲା। ଶିଖାଦେବୀ ଧୀରେଧୀରେ କଥା କହିବା ଆରମ୍ଭ କଲେ। ୭ ଦିନ ପରେ ଆଇସିୟୁରୁ କ୍ୟାବିନ୍‌କୁ ସ୍ଥାନାନ୍ତର ହେଲେ।

କ୍ୟାବିନ୍ ବେଡ୍ ପାଖରେ ବସିଥିବା ସାନ ଯା'କୁ ଦେଖି ଶିଖାଦେବୀ ପଚାରିଲେ, ସୁମି, ମୁଁ ଏଠାକୁ କେମିତି ଆସିଲି? ଏଠି ଏତେ ଲୋକ? ମୋ' ପୁଅ କେଉଁଠି?

: ଅପା, ବ୍ୟସ୍ତ ହୁଅନା। ତୁମେ ଏବେ ଡାକ୍ତରଖାନାରେ। ତୁମ ଦେହ ଭଲ ହେଇ ଆସିଲାଣି। ପୁଅ ତୁମ ପାଖରେ ଅଛି। ଡାକ୍ତର କହିଛନ୍ତି ଆଜି ତୁମକୁ ଡିସ୍‌ଚାର୍ଜ କରିଦେବେ। ତୁମେ ଘରକୁ ଯିବ। ବୋହୂ ବି ତୁମ ପାଖରେ ଅଛି। ସେମାନଙ୍କର ଏ ପର୍ଯ୍ୟନ୍ତ ଚତୁର୍ଥୀ ହୋଇ ନାହିଁ।

ଏତିକିବେଳେ ଡ୍ୟୁଟିରେ ଥିବା ନର୍ସ ସୁମିତ୍ରାଦେବୀଙ୍କ ହାତକୁ ଖଣ୍ଡିଏ କାଗଜ ବଢ଼ାଇ ଦେଇ କହିଲା, ମ୍ୟାଡାମ ରସିଦ୍‌ଟି ରଖିଥା'ନ୍ତୁ। ବିଲ୍ ପେମେଣ୍ଟ ହେଇଯାଇଛି। କାଉଣ୍ଟରରେ ରସିଦ୍ ଡିପୋଜିଟ କରି ଡିସ୍‌ଚାର୍ଜ ସାର୍ଟିଫିକେଟ ନେଇଯିବେ। ଏତେଗୁଡ଼ାଏ ଟଙ୍କା! କିଏ ଦେଲା? ସୁମିତ୍ରାଦେବୀ ପଚାରିଲେ।

: ଆପଣଙ୍କ ବୋହୂ କହି ଦିଦି ତାଙ୍କ ବାଟରେ ଚାଲିଗଲେ।

ନର୍ସ ଗଲାପରେ ବୋହୂକୁ ପାଖକୁ ଡାକି ସୁମିତ୍ରାଦେବୀ ପଚାରିଲେ, ତୁ ଏତେ ଟଙ୍କା କେଉଁଠୁ ଆଣିଲୁ? ପୁଅ ଜାଣିଛି?

: ନାଇଁ ଖୁଡ଼ୀ, ସେ ଜାଣିନାହାନ୍ତି। ଆଜି ସକାଳୁ ଅଫିସ ଯାଇଛନ୍ତି ଛୁଟି ବଢ଼ାଇବା ପାଇଁ। ସେ ଗଲା ପରେ ନର୍ସ ଦିଦି ମୋ' ହାତକୁ ୧.୫ ଲକ୍ଷ ଟଙ୍କାର ବିଲ୍ ଧରାଇ ଦେଲେ। ହଠାତ୍ ଏତେ ଟଙ୍କା କେଉଁଠୁ ଯୋଗାଡ଼ ହେବ, ଚିନ୍ତାରେ ପଡ଼ିଗଲି। ୟାଙ୍କୁ ଫୋନ୍ କଲି, ଫୋନ୍ ଲାଗିଲା ନାହିଁ। ଯେତେ ଚେଷ୍ଟା କଲି ଫୋନ୍‌ଟି ଅପହଞ୍ଚ ଦୂରତା ଦେଖାଇଲା। ଭାଇକୁ ଫୋନ୍ କରି ସବୁ ବିଷୟ ଜଣାଇଲି। ସେ କହିଲା, ଦିଦି ଏତେ ଟଙ୍କା ମୋ' ପାଖରେ ଏବେ ନାହିଁ।

କ'ଣ କରିବି? ବୁଦ୍ଧି ହଜିଗଲା। ଚାରିଆଡୁ ନିରାଶ ହେଲି। ବାଧ୍ୟ ହୋଇ ମୋ' ବାହାଘର ହାରଟି ବିକି ୧.୫ ଲକ୍ଷ ଟଙ୍କା କାଉଣ୍ଟରରେ ଡିପୋଜିଟ୍ କରିଦେଇଛି। ମୋର ଯଦି ଭୁଲ୍ ହୋଇଛି ମୋତେ କ୍ଷମା କରିଦେବେ।

ବୋହୂ କଥାକୁ କାନ ଦେଇ ଶିଖାଦେବୀ ଶୁଣୁଥିଲେ। କିଛି କହିବା ଆଗରୁ ସୁମିତ୍ରାଦେବୀ କହି ଉଠିଲେ, ଦେଖିଲ ତ ଅପା! ବୋହୂର ଚତୁର୍ଥୀ ଯାଇନାହିଁ, ସେ ତା' ବାହାଘର ହାର ବିକି ତୁମ ଜୀବନ ବଞ୍ଚାଇଲା। କାଳିବୋହୂ ବୋଲି ନାକ ଟେକୁଥିଲ। ରୂପ ସିନା କଳା, ହେଲେ ମନ କିନ୍ତୁ ଜହ୍ନ ପରି ତୋଫା ଗୋରା। ରାତ୍ରି କଳା ହେଲେ ବି ଜହ୍ନର ଆଲୁଅରେ ତା'ର କାଳିମା ଯେମିତି ଲିଭିଯାଏ, ସେମିତି ଆମ ବୋହୂ କାଳି ହେଲେ ବି ସୁନାମୁଣ୍ଡାଟିଏ। ତା' ଗୁଣଗରିମାରେ ଆମ ଘର ଆଜି ମହମହ ହୋଇ ବାସୁଛି ଲୋ ଅପା, ମହମହ ହୋଇ ବାସୁଛି। ସାନ ଯା' କଥା ଶୁଣି ଶିଖାଦେବୀଙ୍କ ଆଖିରୁ ଅମାନିଆ ଲୁହଗୁଡ଼ିକ ଠପ୍‌ଠପ୍ ହୋଇ ଝରିପଡ଼ିଲା।

ହାତଠାରି ବୋହୂକୁ ପାଖକୁ ଡାକିଲେ। ତାକୁ କୋଳେଇ ନେଇ ତା' ମଥାରେ ଦୁଇଟି ଚୁମ୍ବନ ଆଙ୍କିଦେଲେ ଶିଖାଦେବୀ।

ମୋ: ୯୪୩୮୩୨୯୦୫୯

## ପୁସ୍ତକ ପରିଚୟ

### ଇତିହାସ କଥା କହେ




**ଲେଖକ:** ଡ. ଭାଗବତ ତ୍ରିପାଠୀ
**ପ୍ରକାଶକ:** ଡ. ରାଇମୋହନ ମହାପାତ୍ର, କୋରଣ୍ଟ, ରାନ୍ଦିଆ ହାଟ, ଭଦ୍ରକ
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୨୫୦/-

'ଇତିହାସ କଥା କହେ' ପୁସ୍ତକର ଏ ଦ୍ୱିତୀୟ ଭାଗ। ଏଥିରେ ଥିବା ପ୍ରବନ୍ଧଗୁଡ଼ିକ ମଧ୍ୟରୁ ଅଧିକାଂଶ ଓଡ଼ିଶାର କଳା, ସ୍ଥାପତ୍ୟକୁ ନେଇ ରଚିତ। କେତେକ ପ୍ରବନ୍ଧ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀମାନଙ୍କର ଜୀବନ କାହାଣୀ ଆଧାରିତ। ଶେଷ ଦୁଇଟି ଭ୍ରମଣ ବୃତ୍ତାନ୍ତ। ଗୋଟିଏ 'ଗୁଜୁରାଟ ଭ୍ରମଣ' ଓ ଅନ୍ୟଟି 'ଉତ୍ତରାଖଣ୍ଡ ଦର୍ଶନ'। ଓଡ଼ିଶାର ଶୈବକଳା, ମନ୍ଦିରକଳା ଓ ସ୍ଥାପତ୍ୟ, ସର୍ବବୃହତ୍ ଶିବଲିଙ୍ଗ ଭୁଷଣ୍ଡେଶ୍ୱର, ମୂର୍ତ୍ତିକଳାରେ ମହିଷମର୍ଦ୍ଦିନୀ, ମନ୍ଦିରକଳାରେ ନଗ୍ନଚିତ୍ର, ଭଦ୍ରକର ପ୍ରତ୍ନତତ୍ତ୍ୱରେ ସୌରଧର୍ମ, ଉତ୍ତର ଓଡ଼ିଶାର ପ୍ରତ୍ନତତ୍ତ୍ୱରେ ବୌଦ୍ଧଧର୍ମ, ଜୈନଧର୍ମ, ଓଡ଼ିଶାର କଳା-ସ୍ଥାପତ୍ୟକୁ ମୟୂରଭଞ୍ଜର ଅବଦାନ, ଓଡ଼ିଶାରେ ମହିମାଧର୍ମ, ଭଦ୍ରକ ଜିଲାରେ ସ୍ୱାଧୀନତା ଆନ୍ଦୋଳନ, ଭଦ୍ରକରେ ଗାନ୍ଧିଜୀ, ଡ. ହରେକୃଷ୍ଣ ମହତାବ ଓ ଜାତୀୟ କଂଗ୍ରେସ, ଦେଶୀୟ ରାଜ୍ୟ ମିଶ୍ରଣ ଓ ଡ. ମହତାବ, ବିପ୍ଳବୀ ଚକ୍ରଧର ବେହେରା, ଗୌରବ ଗରିମାମୟ ଭଦ୍ରକ, ଧାମରା ବନ୍ଦର: ଅତୀତ ଓ ବର୍ତ୍ତମାନ ଆଦି ବହୁ ଅନ୍ୱେଷଣଧର୍ମୀ ନିବନ୍ଧରେ ପୁସ୍ତକଟି ସମୃଦ୍ଧ। ପ୍ରଥମ ଭାଗ ଭଳି ଗ୍ରନ୍ଥର ଏହି ଦ୍ୱିତୀୟ ଭାଗଟି ପାଠକ ଓ ଗବେଷକଙ୍କ ପାଇଁ ତଥ୍ୟଗତ ସହାୟିକା ବିବେଚିତ ହେବ ବୋଲି ଆଶା।

### ମହୁଲଫୁଲ ଓ ଆଲୁଅପକ୍ଷର ଗୀତ




**କବୟିତ୍ରୀ:** ମମତା ବିଶ୍ୱାଳ ପୁହାଣ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪,
**ମୂଲ୍ୟ:** ଟ.୧୫୯/-

ମୋଟ ୩୩ଟି କବିତାକୁ ନେଇ ଆଲୋଚ୍ୟ କବିତାପୁସ୍ତକଟି ପରିକଳ୍ପିତ। କବିତାଗୁଡ଼ିକ ପଢ଼ିଲେ ଲାଗେ କବୟିତ୍ରୀ ଯେପରି ନିଜର ସମଗ୍ର ଜୀବନକୁ ଗୋଟିଏ ଅସରନ୍ତି ଶୈଶବ କରିଦେଇ ଜଗତର ସକଳ ଘଟଣ/ଅଘଟଣକୁ ଶବ୍ଦାୟିତ କରିବାରେ ଆଗ୍ରହୀ। କହନ୍ତି: ''ଆଜି ବି ଫେରିଯାଏ ମୁଁ / ସେଇ ମୁହୂର୍ତ୍ତଗୁଡ଼ିକୁ.../ ମହୁଲଫୁଲର ଆଶ୍ଳେଷରେ ଥିବା ଶୈଶବ/ ଓ କୈଶୋରର ନିଷ୍ପାପ ଦିନକୁ।'' ('ମହୁଲଫୁଲ ଓ ଆଲୁଅପକ୍ଷର ଗୀତ', ପୃ:୧୫)। ଅତୀତ ପ୍ରତି ଅବାରିତ ମୋହରେ ଗ୍ରନ୍ଥସ୍ଥ କବିତାଗୁଡ଼ିକର ପ୍ରତିଟି ଧାଡ଼ି ଲୁତୁପୁତୁ। ବହିଟିର ପ୍ରାୟ କବିତାରେ ପ୍ରକୃତି ପ୍ରତି ରହିଛି ଅଫୁରନ୍ତ ମୁହାଁସ। ସ୍ମୃତି ଓ ସ୍ୱପ୍ନରେ ଅନୁଭବ ସିକ୍ତ। ''କେଉଁଠି ଛାଡ଼ି ଆସିଲି କଷିଜହ୍ନର ଚପଳତା/ କଅଁଳ ଧାନ ସାଂସାର କୁଆଁରୀପଣ,/ ଆଉ ଉଷ୍ମ ରତୁର ରୋମାଞ୍ଚଭରା ତାରୁଣ୍ୟ!'' ('ସରିନଥିବା ଜହ୍ନରାତି'- ପୃ:୭୪)। ଚିତ୍ରକଳ୍ପନା ଓ ଶବ୍ଦାନୁଷଙ୍ଗର ଅଭିନବ ନିର୍ମାଣରେ କବିତାଗୁଡ଼ିକ ଏପରି ସତେଜ ଯେ ପଢ଼ିଲାବେଳେ ପାଠକ ଏଥିରୁ ଲୟ ହରାନ୍ତି ନାହିଁ। 'ନିଆଁଖୁଲର ଫୁଲବଗିଚା', 'ଉତିଆଣି ସକାଳ', 'ଡୋଲିଏ ଖୁସି', 'ହଳଦୀବୋଳା ଶୀତ', 'ଶାଢ଼ିର ଅସ୍ମିତା', 'ପତ୍ରଛଣା ଜହ୍ନରାତି', 'ତାରକସି ସୁଖ' ଓ 'ଆକାଶଫୁଲିଆ ପ୍ରେମ' ଭଳି ଶବ୍ଦାନୁଷଙ୍ଗ କବିତାରେ ଗର୍ଭସ୍ଥ ଅନୁଭୂତିକୁ କେବଳ ସଦା ସତେଜ ରଖନ୍ତି ନାହିଁ, ତାଜାପଣରେ ନାନା ଭାବେ ଭରିଦିଅନ୍ତି। ବହିଟି ଜନାଦୃତି ଲାଭ କରିବ ଓ ଓଡ଼ିଆ କବିତାର ସାରଣୀରେ ଏକ ସଂଯୋଗ ଭାବେ ସୁମାରି ହେବ ବୋଲି ଆଶା।

## କବିତା

### ପାଦଚିହ୍ନ

**ସ୍ୱୟମ୍ବରା ପଟ୍ଟନାୟକ**

ବସ୍ତାନି ଭିତରେ ବନ୍ଦ ହୋଇ
ଅଲୋଡ଼ା ଘରକୋଣରେ
ଟଙ୍ଗା ହୋଇ ରହିଥିବା
ସିଲଟଟି କଥା
ଏବେ ମନେ ନଥାନ୍ତା
ଯଦି ସେ ସିଲଟରେ ନଥାନ୍ତା
ମୁଁ ଦିନେ ଆଙ୍କି ଦେଇଥିବା
ପ୍ରତିକୃତିଟିଏ ଆମ ଘରର।

ଯେଉଁ ଘରେ ହସ ଥିଲା ଖୁସି ଥିଲା
ସୁଖ ଥିଲା ଦୁଃଖ ଥିଲା
ଭାଇ ଭଉଣୀଙ୍କ ଭିତରେ
ବାଦ ବିବାଦ ଥିଲା
ଲଢ଼େଇ ଝଗଡ଼ା ଥିଲା
ପ୍ରତିଯୋଗିତା ଥିଲା
ଅଥଚ ସବୁର ସମାଧାନ ପାଇଁ
ମା'ର ମମତାଭରା ପଣତ ଥିଲା
ବାପାଙ୍କ ଅନୁଶାସନର
ନାଲି ଆଖି ଥିଲା।

ସ୍ଥିତି ସହ ସାଲିସ୍ ଭିତରେ
ଜାଣିହେଲାନି କେତେବେଳେ
ବଦଳିଗଲା ସମୟ
ହେଲେ ସମୟ ସହ
ଆଉ ଅଧିକା କ'ଣ ବଦଳି ଥିଲା କି?

ଖାଲି ଯାହା ବଦଳି ଯାଇଥିଲା ପିଲାଦିନ
ବଦଳି ଯାଇଥିଲା
ଛୋଟ ଛୋଟ କଥାରେ
ଲଢ଼େଇ ଝଗଡ଼ା କରୁଥିବା ଦିନ
କିଛି ଅମାନିଆପଣ...

ଫୁରୁସତ୍ ବେଳେ ଯଦି କେବେ
ସିଲଟରେ ଆଙ୍କିଥିବା ସେ ଘର
ଅଗଣାରେ ଆସି ଛିଡ଼ା ହୁଏ
ଦେଖେ, ସେ ଅଗଣାରେ ଏବେ
ଏକା ଏକା ପବନ ଆଙ୍କୁଛି ବସି
ଆମ ପିଲାଦିନର
ଚକାଭଉଁରି ଖେଳୁଥିବା ପାଦଚିହ୍ନ।

ମୋ: ୯୯୩୭୫୭୧୫୯୨

### ପ୍ରେମର ସ୍ୱାକ୍ଷର

**ଗୌରୀଶଙ୍କର ସାହୁ**

ଅକ୍ଷରଙ୍କ ଅହଂକାର, ଲୋଡ଼ା ନାହିଁ,
ଲୋଡ଼ା ନାହିଁ ଶବ୍ଦଙ୍କ ଝଙ୍କାର
କହିବାକୁ କଥା ଅନ୍ତରର।

ଅବୋଧ ସେ ସୁରର ମର୍ମର
ଦୁର୍ବୋଧ ତ କାଳେକାଳେ
କୁହୁତାନ ସବୁ ଲମ୍ପଟର।

ଓଠ ନୁହଁ, ଆଖିର ଅକ୍ଷର
ସରଳ, ସାବଲୀଳ, ସୁନ୍ଦର
ପଢ଼େ ପ୍ରିୟା ଯୁଗେଯୁଗେ
ପଢୁଥାଏ ପ୍ରେମିକ ପ୍ରବର।

ପ୍ରେମକୁ ବୁଝିବା ପାଇଁ
ଶବ୍ଦ କି ସ୍ୱର ନୁହେଁ
ଲୋଡ଼ା ଭ୍ରୂ ଓ ଭ୍ରୂଲତା
ଲେନ୍ସଟିଏ ଲୋଡ଼ା
ଉତ୍ତୁଙ୍ଗ, ଉତ୍ତଳ।

ପ୍ରେମ କଥା ଯୁଗେଯୁଗେ
ଆଖି କହେ, ଆଖି ଶୁଣେ
ଆଖିରେ ହିଁ ଦେଖାଯାଏ
ପ୍ରୀତିପୂର୍ଣ୍ଣ ସ୍ୱରର ସ୍ୱାକ୍ଷର।

ମୋ: ୭୯୭୮୪୨୧୮୩୫

### ଦୂର ସହରର ସ୍ୱପ୍ନ

**ମନୋରମା ସାହୁ**

ସହରର ଚକମକ ନିଅନ
ଆଲୁଅରେ
ଗୁମୁରୁଥାଏ ଜହ୍ନରାତି
କୁହୁଡ଼ି ଓ କାକରର
ଲୁହରେ, ଦାହରେ।

ଭିଜିବାକୁ ପଡ଼େ ଏଠି
ଚିମିନି ଧୂଆଁରେ,
ଖଣ୍ଡଖଣ୍ଡ ଝଡ଼ି ପଡୁଥିବା ପଲସ୍ତରାକୁ
ପୁଣି ଲେସିବାକୁ ପଡୁଥାଏ
ଆତ୍ମାର ଫଟା କାନ୍ଥରେ।

ସହରର ସ୍ୱପ୍ନ ତ
ହାଇ ମାରୁଥାଏ
ଆପାର୍ଟମେଣ୍ଟର ଟପ୍‌ଫ୍ଲୋର୍‌ରେ
ଦୂରରୁ ଶୁଭୁଥାଏ
ତା' ରଙ୍ଗିନ୍ ଦୁଃଖର ଗଜଲ।

ଦୂରରୁ, ବହୁ ଦୂରରୁ ଭାସିଆସେ
ରାତିଅଧିଆ କନ୍‌ସର୍ଟର
ଉଗ୍ର ଉଚ୍ଛଳପଣ,
ଟ୍ରାଫିକ ସିଗ୍ନାଲ ନ ମାନି
କ୍ଲବରେ ଡ୍ୟାନ୍ସ କରୁଥାଏ
ଅନିଶ୍ଚିତ ଭବିଷ୍ୟତ ଭରା
ଟଟକା ତାରୁଣ୍ୟ।

ମା' ଶୋଇଥିବା ପରି
ଶୋଇଥାଏ ରାସ୍ତା
ନିଥର, ଅସାଡ଼ ହୋଇ,
ଆସନ୍ତାକାଲିର
ନ୍ୟୁଜ୍ ହେଡ୍‌ଲାଇନ୍ସ ଓ
ପ୍ରାଇମ୍ ଟାଇମ୍‌ର
ହାଇ ଭୋଲ୍‌ଟେଜ୍ ଡ୍ରାମା
ଆଖିରେ ସଜେଇ।

ପ୍ରତି ମୁହୂର୍ତ୍ତରେ ଏଠି ଚାଲିଥାଏ
ସ୍ୱପ୍ନର ବିକାକିଣା,
କେବେ ଏହା ଚିହ୍ନାଚିହ୍ନା
କେବେ ପୁଣି ନିହାତି ଅଜଣା।

ମୋ: ୭୭୩୫୦୮୬୬୧୦

**ଗୀତି-କବିତା**

### ଶେଷକଥା ହୃଦୟର

**ବିଷ୍ଣୁ ମୋହନ**

ରୂପ ଦେବି ଆମ ବ୍ୟର୍ଥ ପ୍ରେମକୁ
ଦୁଇ ଧାଡ଼ି କବିତାରେ
ବେଦନା ବିଧୁର ଗୀତର ଲହର
ପଢ଼ିଲେ ଲୋତକ ଝରେ।

ନିଷ୍ପ୍ରଭ ହୋଇ ଜଳୁଅଛି ମୁହିଁ
କ୍ଷୀଣ ଦୀପଶିଖା ପରି
ମୋ' ଜୀବ ସଳିତା ଜଳି ଜଳି ଶେଷେ
ପାଉଁଶରେ ଯିବ ସରି।

କାଳର ପବନ ଲହର ଆସୁଛି
ନିଃଶେଷ କରିଦେବ
ବିଷାଦରେ ଭରା ଜୀବନକୁ ମୋର
ଆରପାରେ ନେଇଯିବ।

ଅଧୀର ହୃଦୟେ ବୁଝିବ ଗୋ ପ୍ରିୟା
ଏକା ଲାଗେ କାହା ବିନା
ମଶାଣିକୁ ଯାଇ ଦେଖିବ ସେଦିନ
ମୁଠାଏ ପାଉଁଶ ସିନା।

ମୋ: ୭୨୦୫୭୫୮୨୫୫

## କାଳକାଳକୁ



''ପ୍ରକୃତି କେବେ ପ୍ରତାରିତ କରେ ନାହିଁ,
ଯିଏ ତାକୁ ପ୍ରାଣଭରି ଭଲପାଏ।''
- ୱିଲିୟମ୍ ୱାର୍ଡ୍‌ସୱର୍ଥ

**ୱିଲିୟମ୍ ୱାର୍ଡ୍‌ସୱର୍ଥଙ୍କ** ଜନ୍ମ ୭ ଏପ୍ରିଲ ୧୭୭୦ରେ ଓ ପରଲୋକ ୨୩ ଏପ୍ରିଲ ୧୮୫୦ରେ, ଇଂଲଣ୍ଡରେ। ସେ ଓ ସାମୁଏଲ ଟେଲର୍ କଲେରିଜ୍‌ଙ୍କ ଦ୍ୱୈତ ରଚନାରେ ୧୭୯୮ରେ ପ୍ରକାଶିତ ''ଲିରିକାଲ୍ ବାଲାଡ୍‌ସ'' ଇଂଲିଶ୍ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର ଭିତ୍ତିସ୍ଥାପନ କରିଥିଲା। ଆତ୍ମଜୀବନୀମୂଳକ କବିତା 'ଦ ପ୍ରିଲ୍ୟୁଡ୍' ହେଉଛି ୱାର୍ଡ୍‌ସୱର୍ଥଙ୍କ ସର୍ବଶ୍ରେଷ୍ଠ ବିବେଚିତ କାବ୍ୟକୃତି। 'ଦ ପୋଏମ୍ ଟୁ କଲେରିଜ୍' ଶୀର୍ଷକରେ ପ୍ରକାଶିତ କବିତାଟି ତାଙ୍କ ପରଲୋକ ବର୍ଷରେ ପୁନଃ ପ୍ରକାଶିତ ହେଲାବେଳେ ତାଙ୍କ ପତ୍ନୀ କବିତାଟିର ନାଁ ବଦଳାଇ ରଖିଥିଲେ 'ଦ ପ୍ରିଲ୍ୟୁଡ୍'। ୱାର୍ଡ୍‌ସୱର୍ଥ କହନ୍ତି: ''ମଣିଷ ଜୀବନର ସର୍ବୋତ୍ତମ ଅଂଶ ହେଉଛି ଘଟିଯାଇଥିବା ଦୟା ଓ ପ୍ରେମର ଛୋଟ ଛୋଟ ଘଟଣା, ଯାହା ଆଉ ମନେନାହିଁ।''

# ନିଷ୍ପତ୍ତି

**ଲଘୁଗଳ୍ପ**

**ମନୀଷା ପଣ୍ଡା**

ନିଜକୁ ନିଜେ ଦେଖିବାକୁ ଆଉ ଇଚ୍ଛା ନାହିଁ। ନିହାତି ଦରକାର ନ ପଡ଼ିଲେ ପଦ୍ମଜା ଆରିଶି ସାମ୍ନାକୁ ଆସିବାକୁ ଇଚ୍ଛା କରେନି। ପ୍ରକାଶଙ୍କ ଯିବାପରେ ରଙ୍ଗହୀନ ଜୀବନ ଜିଇ ଚାଲିଛି ସେ। କେବେ ଇଚ୍ଛା ହେଲେ ଆଖି ପୂରେଇ ଦେଖେ ଚାରିବର୍ଷର ପୁଅ ଅଂଶୁକୁ। ବାସ୍! ଅଂଶୁ ହିଁ ତ ତା' ଜୀବନର ବଡିଖୁଣ୍ଟ, ବଞ୍ଚିବାର ରାହା ଦେଖାଏ। ପଦ୍ମଜା ଆଉ ପ୍ରକାଶଙ୍କ ଦାମ୍ପତ୍ୟ ପ୍ରେମର ଏକମାତ୍ର ସନ୍ତକ ସେ।

ଆରିଶି ସାମ୍ନାରେ ବସିଗଲା ପଦ୍ମଜା। ଆଖି ତଳେ କଳାର ପଟାଦାଗ ଯେମିତି ଭାରାକ୍ରାନ୍ତ ମାନସିକ ଦୁଶ୍ଚିନ୍ତାର ପ୍ରତୀକ ରୂପେ ପ୍ରତୀୟମାନ। ଖାଲି ସିନ୍ଥି, ଦୁର୍ଭିକ୍ଷ ମରୁଡ଼ିମୟ କ୍ଷେତ ଭଳି ରୁକ୍ଷ ଉରସ କପାଳ। ଅନେକ କିଛି ହଜିଯାଇଛି ତା'ର। ନା ନା ଅନେକ କିଛି କ'ଣ ଯେ! ସବୁକିଛି ହରାଇଛି ସେ। ଦୁଇ ବର୍ଷର ଦାମ୍ପତ୍ୟ ପରେ ବୈଧବ୍ୟ ତାକୁ ସଜେଇଛି ମେରୁଦଣ୍ଡବିହୀନ ଗୋଟାଏ ବିକଳାଙ୍ଗ ପ୍ରାଣୀ ଯେମିତି।

ଆଖି ଫେରେଇନେଲା ପଦ୍ମଜା ନିଜ ପ୍ରତିବିମ୍ବ ଉପରୁ। ବିବାହ ପରର ନବ ଦମ୍ପତିଙ୍କ କାନ୍ଥ ଟଙ୍ଗା ଫଟୋ ଉପରେ ନଜର ପକାଇ ମନେପକାଇଲା ବିଗତ ଦିନଗୁଡ଼ାକୁ। ଉଖାରି ହୋଇଗଲା ମନର ଘା'ଗୁଡ଼ାକ। ପୁଣି ନଜରକୁ ଆସିଲେ ତିନି ମୂର୍ତ୍ତି ଆଜି ବି ସେମିତି କାନ୍ଥ ଥାକରେ ଥାଇ ମୁରୁକି ହସ ମାରୁଛନ୍ତି। ବିବାହର କେଇଟା ଦିନ ପରେ କାଳିଆକୁ ଭେଟିବା ପାଇଁ ଯାଇଥିଲେ ନବଦମ୍ପତି।

ପ୍ରକାଶ କିଣିଦେଇଥିଲେ ଏଇ କୁନି କୁନି ତିନିମୂର୍ତ୍ତି ପଦ୍ମଜା ପାଇଁ। ବଡ଼ଦେଉଳ ଯିବା, ବଡ଼ଦିଅଁଙ୍କୁ ଭେଟିବା ଆଉ ବଡ଼ଦାଣ୍ଡରେ ହାତ ଧରାଧରି ହୋଇ ଚାଲିବା ସେଇତ ପ୍ରଥମ ଆଉ ଶେଷ। ଅଭିମାନରେ ମୁହଁ ଫେରେଇ ନେଲା ପଦ୍ମଜା। କେଡ଼େ ଅଭାଗିନୀ, କେଡ଼େ ହିନିକପାଳୀ ସତେ ସେ। ସାହିପଡ଼ିଶାଙ୍କ ଟାପରା ଅନେକ ଶୁଣିବାକୁ ପଡ଼େ ତା'କୁ। ସେ କୁଆଡ଼େ ଅମଙ୍ଗୁଳି ଉଆଁସୀକନ୍ୟା ଥିଲା ଆଉ ପ୍ରକାଶଙ୍କ ଅକାଳ ମୃତ୍ୟୁର କାରଣ ସେ ହିଁ ନିଜେ। ଏଇମିତି ଗୁଡ଼ାଏ ଦୋଷକୁ ମୁଣ୍ଡାଇ ଅଂଶୁକୁ ମଣିଷ କରିବା ପାଇଁ ଗାଁ ଆଉ ବାପା ମାଆଙ୍କଠାରୁ ଦୂର ସହରରେ ରହେ ପଦ୍ମଜା। ପିଲାବେଳର ବନ୍ଧୁ ସୁରଜ ବ୍ୟତୀତ କେହି ବୁଝିପାରନ୍ତିନି ତାକୁ।

ସୁରଜ ଆସିଛି ନୂଆ ବଦଳି ହୋଇ ଏ ସହର ବ୍ୟାଙ୍କ୍‌କୁ। କେବେକେବେ ସମୟ ପାଇଲେ ଆସେ ସଞ୍ଜ ବେଳେ ଘରଆଡ଼େ। ଅଂଶୁ ଧୀରେ ଧୀରେ କିଛି ଅଳି ଅର୍ଦ୍ଦଳି ସୁରଜଙ୍କୁ କହିବା ଆରମ୍ଭ କଲାଣି। ପ୍ରତି ସନ୍ଧ୍ୟାରେ ଅପେକ୍ଷାରେ ମନେମନେ ଥାଏ ପଦ୍ମଜା ଆଉ ଟିକେ ପରେ ସୁରଜ ଆସିବେ ବୋଧେ। ଟିକେ ଡେରି ହୋଇଗଲେ ମନଟା ଆଉଟୁପାଉଟୁ ହୁଏ କିଛି ଅସୁବିଧା ହୋଇନି ତ ସୁରଜଙ୍କର। ସୁରଜଙ୍କ ଆସିବାକୁ ନେଇ ପଡ଼ୋଶୀମାନେ ଧୀରେ ଧୀରେ ଜାଣି ଅଜଣା ଭଳି ପ୍ରଶ୍ନ ପଚାରିବା ଆରମ୍ଭ କଲେଣି, ତଥାପି ପଦ୍ମଜା ଚାହେଁ ସୁରଜଙ୍କୁ ନିଜ ପାଇଁ ନ ହେଲେ ନାହିଁ ଅଂଶୁମାନ ପାଇଁ।

ଆସନ୍ତାକାଲି ବାହୁଡ଼ାଦଶମୀ। ଫେରିବେ ମାଉସୀ ଘରୁ ଭାଇଭଉଣୀ ତିନିହେଁ। ସେଦିନ ବି ଅଫିସ୍‌ରୁ ଫେରିବା ବାଟରେ ଆସିଲେ ସୁରଜ। ଖଟ ଉପରେ ବସି ହୋମ୍ ଟାସ୍କ କରୁଥିଲା ଅଂଶୁ, ବାଇକ୍ ଶବ୍ଦ ଶୁଣି ଚଟ୍‌କରି ଦୌଡ଼ି ଆସି କବାଟ ଖୋଲି ବେକରେ ଓହଳିପଡ଼ିଲା ସୁରଜଙ୍କର। ସୁରଜ ବି ଅନୁରୂପ ଭାବେ କୋଳେଇ ନେଲେ। ହାତରୁ ଛଡ଼େଇ ନେଇ ରଙ୍ଗ, ତୂଳୀ, ସ୍କେଚର ପଲିଥିନ୍ ବ୍ୟାଗ୍‌ଟି ଫେରିଗଲା ନିଜ ଜାଗାକୁ।



ସୁରଜ ଆଜି ସ୍ଥିର କରି ଆସିଛନ୍ତି। ଆଉ ନୁହେଁ। ପଦ୍ମଜାଙ୍କୁ ଆଜି ମନ ଖୋଲି କହିବାକୁ ହେବ। ଘରେ ସେ ସ୍ୱୀକୃତି ନେଇ ଆସିଛନ୍ତି ଆଉ ଅସୁବିଧା କେଉଁଠି? ରୋଷେଇ ଘରୁ ଦୁଇକପ୍ ଚା'ନେଇ ଆସି ବସିଗଲେ ପଦ୍ମଜା। ସୁରଜ କିଛି କହିବା ପୂର୍ବରୁ ପଦ୍ମଜା ଆରମ୍ଭ କଲେ, 'ଅଂଶୁ ତୁମକୁ ଗୋଟାଏ ଦିନ ନ ଭେଟିଲେ ମୁହଁ ଶୁଖାଇ ରହୁଛି। ବଡ଼ ସମସ୍ୟା କଲାଣି ସେ।'

ସୁରଜ ନିର୍ଦ୍ୱନ୍ଦ୍ୱରେ ଚା'କପ୍‌ରୁ ଓଠ ଫେରାଇ ପଚାରିଲେ, 'ଆଉ ତମେ? ତମେ କ'ଣ ଚାହଁନି?'

ଏକବାର ନୀରବ ପଦ୍ମଜା। ଲଜ୍ଜା ହେଉ କି ସଂକୋଚରେ ହେଉ। କିନ୍ତୁ ଚୁପ୍ ନ ଥିଲେ ସୁରଜ। ଦମ୍ଭରେ, ନିଃସଙ୍କୋଚରେ, ମୁଁ ନିଷ୍ପତ୍ତି ନେଇଛି ଆସନ୍ତାକାଲି ବାହୁଡ଼ାଦଶମୀରେ ଆମେ ତିନି ଦିଅଁଙ୍କ ଆଗରେ ପୁଣି ନୂଆ ଜୀବନ ଗଢ଼ିବା ପାଇଁ ପଣ କରିବା। ଚୁପ୍ ରୁହନା ପଦ୍ମଜା।

ବାହୁଡ଼ାରେ ବାହୁଡ଼େଇ ଆଣିବା ଚାଲ ଗୋଟାଏ କୁନି ପୁଅର ବାପାକୁ। ଗୋଟେ ଅମଙ୍ଗୁଳିର ହଜିଲା ଭାଗ୍ୟକୁ। ଆଉ ସ୍କୁଲ୍ ପଢ଼ାବେଳର ମୋ' ନୀରବ ପ୍ରେମକୁ। ପଦ୍ମଜା ଲୁହେଇ ଯାଇଥିବା ଆଖିରେ କେବଳ ଦେଖୁଥିଲା ଦେବୋପମ ସୁରଜଙ୍କୁ।

ମୋ: ୮୨୪୯୬୮୬୦୯୩

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାବି ଚିନ୍ତି କାମ କଲେ
ପ୍ରମାଦ ନ ପଡ଼ଇ ଭଲେ।**

ନିଷ୍ଠାର ସହିତ କାର୍ଯ୍ୟ କଲେ କାର୍ଯ୍ୟରେ ସଫଳତା ମିଳିଥାଏ। ପ୍ରତ୍ୟେକ କାମ ଆରମ୍ଭ କରିବା ପୂର୍ବରୁ ତାହାର ଭଲମନ୍ଦ ତଥା ଆଗପଛ ଚିନ୍ତା କରି କାମ କରାଯିବା ଉଚିତ ହୋଇଥାଏ। ଭାବି ଚିନ୍ତି କାମ କଲେ ପଛରେ କୌଣସି ପ୍ରକାରର ବାଧା ବା ଅସୁବିଧା ରୁହେ ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଭୋଇକୁ କହିଲେ ଭାଇ
ସେ ସଭିଙ୍କ ଭାର ବୋହି।**

ସମାଜର ଖୁବ୍ ନିମ୍ନସ୍ତରରେ ଥିବା ଲୋକଙ୍କୁ ଆଦର ଭାବ ଦେଖାଇଲେ ସେମାନେ ସହଜରେ ବଶୀଭୂତ ହୋଇଯାନ୍ତି। ଏପରି ଲୋକଙ୍କୁ ଟିକେ ଆପଣାର ଭାବ ଦେଖାଇଲେ ସେ ସମସ୍ତ କାର୍ଯ୍ୟ ବିନା ଦ୍ୱିଧା ବା କୁଣ୍ଠାରେ କରିନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗୋରୁ ବେପାରୀଙ୍କଠାରୁ ଲୁଟିନେଲେ ବୋଲେରୋ, ୨ ଲକ୍ଷ

କାମାକ୍ଷାନଗର,୫।୪
(ସୁଧୀର କୁମାର ପରିଡା)



ପୋଲିସ ଜିରାଳ ସାପ୍ତାହିକ ହାଟରେ ପହଞ୍ଚି ତଦନ୍ତ ଚଳାଇଛି।

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରାଳ ସାପ୍ତାହିକ ହାଟରୁ ଶୁକ୍ରବାର ସକାଳେ ଗୋରୁ ବେପାରିଙ୍କଠାରୁ ଲୁଟ୍ ହୋଇଛି। ୫ ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ଆସି ଗୋରୁ ବେପାରୀଙ୍କ ଉପରେ ୨ ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିବାସହ ବୋମାମାଡ କରି ଏକ ବୋଲେରୋ ସହିତ ୨ ଲକ୍ଷ ୪୦ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି।

ପୋଲିସ କହିଛି, ଜିରାଳ ସାପ୍ତାହିକ ହାଟକୁ ଗୋରୁ କିଣିବା ପାଇଁ ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରୁ ୫ ଜଣ ବ୍ୟବସାୟୀ ଏକ ବୋଲେରୋ ଯୋଗେ ଗୋରୁ କିଣିବା ପାଇଁ ଆସିଥିଲେ। ୫ ଜଣ ଦୁର୍ବୃତ୍ତ ୩ଟି ବାଇକରେ ଆସି ପ୍ରଥମେ ଗାଡିରେ ବସିଥିବା ଡ୍ରାଇଭର ଏବଂ ଜଣେ ସହଯୋଗୀଙ୍କ ଉପରକୁ ଗୁଳିମାଡ଼ କରି ଆତଙ୍କ ଖେଳାଇ ଥିଲେ। ପରେ ଦୁର୍ବୃତ୍ତମାନେ ଗାଡିରେ ଥିବା ଟଙ୍କା ବ୍ୟାଗ ସହ ବୋଲେରୋ ଗାଡିକୁ ନେଇ ପଳାଇ ଯାଇଥିଲେ। ଖବରପାଇ କାମାକ୍ଷାନଗର ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ମଧ୍ୟାହ୍ନରେ ବୋଲେରୋକୁ ପୋଲିସ ଢେଙ୍କାନାଳ ସଦର ଥାନା ଝାରଗାଡିଆ ଫାଣ୍ଡି ବଉଳପୁର ଅଞ୍ଚଳରୁ ଠାବ କରିଛି। ଖବରଲେଖା ସୁଦ୍ଧା ଦୁର୍ବୃତ୍ତଙ୍କ ପତ୍ତା ମିଳିପାରି ନାହିଁ। ଏ ନେଇ ନଂ. ୨୨୩/୨୪ରେ ଏକ ମାମଲା ରୁଜୁ ହୋଇଛି।

# ୩ ହାର୍ଡକୋର ମହିଳା ମାଓବାଦୀ ଗିରଫ





ମାଲକାନଗିରି,୫।୪
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସୀମାନ୍ତ ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ସ୍ଥାନରୁ ୩ଜଣ ହାର୍ଡକୋର ମହିଳା ମାଓବାଦୀଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଲେକାମ ପାଲୋ, ପୋୟାମ ଫଗନୀ ଓ ପୋୟାମୀ ସନ୍ନି ଓରଫ ରଞ୍ଜିତା। ଏମାନଙ୍କ ନାମରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ପୁରସ୍କାର ରାଶି ଘୋଷଣା ହୋଇଥିଲା।

ଖବରରୁ ଜଣାପଡିଛି, ସୁକ୍‌ମା ଜିଲା ପୋଲିସ ଓ ଡିଆର୍‌ଜି ବାହିନୀ ମିଳିତ ଭାବେ ଜଗରକୋଣ୍ଡା ଥାନା ଅଞ୍ଚଳରେ କୋମ୍ବିଂ ଅପରେଶନ ପାଇଁ ନାରାଗୁଡା ଗ୍ରାମ ଦେଇ କେରମେଟା ଅଞ୍ଚଳରେ ଯାଉଥିବା ବେଳେ ଟେକରି ନିକଟରେ ଲେକାମ ପୋଲିସକୁ ଦେଖି ଲୁଚି ଯାଇଥିଲେ। ଏହା ଦେଖି ଯବାନମାନେ ତାଙ୍କୁ ଘେରାବନ୍ଦୀ କରି ଗିରଫ କରିଥିଲେ। ପରେ ତାଙ୍କୁ ପଚରାଉଚରା କରିବାରୁ ସେ ତାଙ୍କ ପରିଚୟ ଦେବାସହ ଗାଙ୍ଗାଲୁର ଥାନା ଅନ୍ତର୍ଗତ ପିଡିଆ ଗ୍ରାମରେ ତାଙ୍କ ଘର ବୋଲି କହିଥିଲେ। ସେ ମାଓବାଦୀ ସଙ୍ଗଠନରେ ସିଏନ୍‌ଏମ୍ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲେ। ପରେ ତାଙ୍କୁ ଜଗରଗୁଣ୍ଡା ଥାନାକୁ ଆଣି ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ଘଟଣାରେ ବିଜାପୁର ଜିଲା ଫରସେଗଡ ଓ କୁଟରୁ ଥାନା ପୋଲିସ ମିଳିତ ଭାବେ କେତୁଲନାର ଗ୍ରାମଠାରୁ ପୋୟାମଙ୍କୁ ଗିରଫ କରିଥିଲା। ତାଙ୍କ ନାମରେ ୧ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ସେ ମାଓବାଦୀ ସଙ୍ଗଠନର ଫରସେଗଡ ଏଲ୍‌ଜିଏସ୍ ସଦସ୍ୟା ଥିଲେ। ସେହିପରି ତୁଟକୋଣ୍ଡା ଗ୍ରାମଠାରୁ ମାଓବାଦୀ ରଞ୍ଜିତାଙ୍କୁ ଗିରଫ କରାଯାଇଛି। ପୋୟାମ ଓ ରଞ୍ଜିତା ବିଭିନ୍ନ ମାଓବାଦୀ ହିଂସାରେ ଜଡିତ ଥିବା ଜଣାପଡିଛି। ଉଭୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଚୋରି ଶିଶୁପୁତ୍ର ଉଦ୍ଧାର

ବାଲେଶ୍ୱର, ୫।୪(ମାନସ ବିଶ୍ୱାଳ)



ଉଦ୍ଧାର ପରେ ଶିଶୁପୁତ୍ରକୁ ମା'ବାପାଙ୍କୁ ହସ୍ତାନ୍ତର କରାଯାଉଛି।

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିୟୁରୁ ଚୋରି ଶିଶୁପୁତ୍ର ଗୁରୁବାର ବିଳମ୍ବିତ ରାତ୍ରିରେ ରେମୁଣା ଥାନା ଅଧୀନ ଖୁସାଲିଗଞ୍ଜ ଗ୍ରାମରୁ ପୋଲିସ ଉଦ୍ଧାର କରିଛି। ପିଲାଟିର ସ୍ୱାସ୍ଥ୍ୟାବସ୍ଥା ଏକ ଡାକ୍ତରୀ ଟିମ୍ ଯାଞ୍ଚ କରିବା ପରେ ଶୁକ୍ରବାର ଶିଶୁପୁତ୍ରକୁ ତା'ର ମା'-ବାପାକୁ ହସ୍ତାନ୍ତର କରାଯାଇଛି। ଏନେଇ ଟାଉନ୍ ଥାନାରେ ଏକ ମାମଲା (ନଂ. ୧୨୫/୨୪) ରୁଜୁ କରାଯାଇଛି। ଶିଶୁପୁତ୍ରକୁ ଚୋରି କରିଥିବା ରେମୁଣା ବ୍ଲକ ଦୁର୍ଗାଦେବୀ ଗ୍ରାମର ଅଜିତ୍ ସ (୩୫) ଓ ତାଙ୍କ ସ୍ତ୍ରୀ ସୁମତୀ (୨୬)ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଟାଉନ୍ ଥାନା ଅଧିକାରୀ ବାରିଣୀ ଦାସ ସୂଚନା ଦେଇଛନ୍ତି।

ଅଜିତ୍ ଓ ସୁମତୀଙ୍କର ପୂର୍ବରୁ ଗୋଟିଏ କନ୍ୟା ସନ୍ତାନ ଥିଲା। ଗତ କିଛିଦିନ ପୂର୍ବରୁ ସେ ପୁଣି ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ଏହାକୁ ନେଇ ଉଭୟ ଦମ୍ପତି ଖୁସି ନ ଥିଲେ। ଉଭୟ ଦମ୍ପତି ଶିଶୁକନ୍ୟାକୁ କେଉଁଠି ବଦଳାଇ ପୁତ୍ର ସନ୍ତାନ ପାଇବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସୁମତୀ ଗତ ଗୁରୁବାର ତାଙ୍କ ଶିଶୁକନ୍ୟାକୁ ଧରି ସ୍ୱାମୀଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ମା' ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର (ଏମ୍‌ସିଏଚ୍)କୁ ଯାଇଥିଲେ। ସେଠାରେ ଏସ୍‌ଏନ୍‌ସିୟୁରେ ଚିକିତ୍ସା ହେଉଥିବା ବାଲିଆପାଳ ଅଞ୍ଚଳ ସୁଶାନ୍ତ ବାରିକ ଓ ଟିଙ୍କିଲି ବାରିକଙ୍କ ନବଜାତ ଶିଶୁପୁତ୍ର ଉପରେ ତାଙ୍କର ନଜର ପଡ଼ିଥିଲା। ଶିଶୁପୁତ୍ରର ପାଖରେ କେହି ନ ଥିବା ସୁଯୋଗ ଦେଖି ମହିଳାଜଣକ ତାଙ୍କ ଶିଶୁକନ୍ୟାକୁ ସେଠାରେ ଶୁଆଇ ନବଜାତ ଶିଶୁପୁତ୍ରକୁ ନେଇ ଚମ୍ପଟ ମାରିଥିଲେ। କିଛି ସମୟ ପରେ ଶିଶୁପୁତ୍ରର ମା' ଛୁଆକୁ ନ ପାଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ପକ୍ଷରୁ ହସ୍‌ପିଟାଲ ଫାଣ୍ଡିରେ ଜଣାଯାଇଥିଲା। ସଙ୍ଗେ ସଙ୍ଗେ ଏହି ଘଟଣା ପ୍ରଘଟ ହୋଇଥିଲା। ଦୀର୍ଘ ସମୟ ଧରି ଶିଶୁପୁତ୍ର ନ ମିଳିବାରୁ ତାର ମା', ବାପା ଓ ସମ୍ପର୍କୀୟମାନେ ସିଡିଏମ୍‌ଓଙ୍କୁ ଘେରାଉ କରିଥିଲେ। ଏହି ସମୟରେ ହସ୍ପିଟାଲ ପରିସରରେ ଥିବା ଏକ ଔଷଧ ଦୋକାନୀ ପୋଲିସକୁ ସୂଚନା ଦେଇଥିଲେ ଯେ, ଗତ ଗୁରୁବାର ଦ୍ୱି ପ୍ରହର ସମୟରେ କେହି ଜଣେ ମହିଳା ବ୍ୟସ୍ତବିବ୍ରତ ହୋଇ ତାଙ୍କୁ ମୋବାଇଲ ମାଗିଥିଲେ। ସେ ତାଙ୍କ ନିଜ ମୋବାଇଲ ଦେବା ପରେ ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଫୋନ କରି ହସ୍ପିଟାଲକୁ ଡକାଇଥିଲେ। କିଛି ସମୟ ପରେ ତାଙ୍କ ସ୍ୱାମୀ ସେଠାରେ ପହଞ୍ଚିବା ପରେ ସେଠାରୁ ସେମାନେ ଚମ୍ପଟ ମାରିଥିଲେ। ପୋଲିସ ଔଷଧ ଦୋକାନୀଙ୍କ ସୂଚନାକୁ ଆଧାର କରି ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ଯାଞ୍ଚ କରିଥିଲେ। ପରେ ଉକ୍ତ ନମ୍ବରକୁ ଟ୍ରାକ୍ କରି ରାତି ପ୍ରାୟ ୩ଟା ବେଳେ ରେମୁଣା ଥାନା ନିକଟ ଖୁସାଲିଗଞ୍ଜ ଗ୍ରାମରୁ ପୋଲିସ ଉକ୍ତ ଦମ୍ପତିଙ୍କୁ ଧରିବା ସହ ସେମାନଙ୍କଠାରୁ ଚୋରି ହୋଇଥିବା ଶିଶୁକୁ ଉଦ୍ଧାର କରିଥିଲା।

## ମାଙ୍କଡ଼ ମୃତ୍ୟୁକୁ ନେଇ ମାମଲା

ବୈଶିଙ୍ଗା,୫।୪(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଗଛରୁ ପଡ଼ି ଏକ ମାଙ୍କଡ଼ର ମୃତ୍ୟୁ ହୋଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦେଇଛି। ସୂଚନା ଅନୁଯାୟୀ, ବୈଶିଙ୍ଗା ଅଞ୍ଚଳର କଦଳିଆ, ମଛପଦା, ହୋତାପୁର ଆଦି ଗ୍ରାମରେ ବ୍ୟାପକ ତରଭୁଜ ଚାଷ କରାଯାଇଛି। ପାଚିଲା ତରଭୁଜ ଖାଇବାକୁ ମାଙ୍କଡ଼ ପଲ ଆସିଥିଲେ। ମଧ୍ୟାହ୍ନରେ ହୋତାପୁର ଗ୍ରାମ ନିକଟରେ ତରଭୁଜ ଖାଇସାରି ଏକ ହନୁମାଙ୍କଡ଼ ଗଛ ଉପରେ ବସିଥିବାବେଳେ ହଠାତ୍ ତଳକୁ ଖସି ପଡ଼ି ଚେତାଶୂନ୍ୟ ହୋଇଯାଇଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଅସୁସ୍ଥ ମାଙ୍କଡ଼କୁ ବେତନଟୀ ପ୍ରାଣୀ ଚିକିତ୍ସାଳୟ ନେଇଥିଲେ। ସେଠାରେ ମାଙ୍କଡ଼ର ମୃତ୍ୟୁ ହୋଇଥିଲା। ଏନେଇ ବନ ବିଭାଗ ମାମଲା (ନଂ.୧/୨୦୨୪) ରୁଜୁ କରିଛି।

## ସମୁଦ୍ରରୁ ୨୭ ବାଂଲାଦେଶୀ ମତ୍ସ୍ୟଜୀବୀ ଉଦ୍ଧାର

ପାରାଦୀପ,୫।୪(ଶରତ ରାଉତ)

ଭାରତ ବାଂଲାଦେଶ ସାମୁଦ୍ରିକ ଲାଇନ ପାଖରୁ ଗୁରୁବାର ଏକ ବାଂଲାଦେଶୀ ମାଛଧରା ଡଙ୍ଗା 'ସାଗର ୨'କୁ କୋଷ୍ଟଗାର୍ଡ ଜବତ କରିଥିଲା। ସେଥିରେ ୨୭ ବାଂଲାଦେଶୀ ମତ୍ସ୍ୟଜୀବୀ ଥିଲେ। ପରେ କୋଷ୍ଟଗାର୍ଡ ବୈଷୟିକ ଟିମ୍ ପହଞ୍ଚି ଯାଞ୍ଚ କରିଥିଲେ। ଡଙ୍ଗାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ତାହା ଭାସି ଭାରତୀୟ ସୀମା ମଧ୍ୟରେ ପ୍ରବେଶ କରିଥିଲା ବୋଲି ସ୍ପଷ୍ଟ ହୋଇଥିଲା। ଏହାପରେ ସମସ୍ତ ମତ୍ସ୍ୟଜୀବୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରି ପ୍ରତିପକ୍ଷ ବାଂଲାଦେଶ କୋଷ୍ଟଗାର୍ଡକୁ ସୂଚନା ଦିଆଯାଇଥିଲା। ଏହାପରେ ବାଂଲାଦେଶର କୋଷ୍ଟଗାର୍ଡ ଜାହାଜ 'କମରାଜାନ' ପହଞ୍ଚି ସମ୍ପୃକ୍ତ ମାଛଧରା ଡଙ୍ଗା ଓ ୨୭ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବେ ନିଜ ଦେଶକୁ ନେଇଛନ୍ତି। ଏହି ଅଭିଯାନରେ ଭାରତୀୟ କୋଷ୍ଟଗାର୍ଡ ପାଟ୍ରୋଲିଂ ଜାହାଜ 'ଅମୋଘ' ରହିଥିଲା ବୋଲି ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ପାରାଦୀପ ପକ୍ଷରୁ ସୂଚନା ମିଳିଛି।

# ମୁଖ୍ୟ ଅଭିଯୁକ୍ତଙ୍କ ପୋଷ୍ଟର ଜାରି

## ବଳଦେବଜୀଉ ମନ୍ଦିରରୁ ଚୋରି ଘଟଣା

କେନ୍ଦୁଝର,୫।୪ (ଦୀପକ ମିଶ୍ର/
ନରେଶ ଚନ୍ଦ୍ର ପଟ୍ଟନାୟକ)

**ସୂଚନା ଦେଲେ ୫ ହଜାର ପୁରସ୍କାର**




ଜାରି ହୋଇଥିବା ଅଭିଯୁକ୍ତଙ୍କ ପୋଷ୍ଟର।

କେନ୍ଦୁଝର ଜିଲାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିର ହୁଣ୍ଡିରୁ ମାର୍ଚ୍ଚ ୨୯ ତାରିଖରେ ଚୋରି ହୋଇଥିଲା। ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କ ପୋଷ୍ଟର ପୋଲିସ ଜାରି କରିଛି। ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପ୍ରଦାନକାରୀଙ୍କୁ ୫ ହଜାର ଟଙ୍କା ପୁରସ୍କାର ରାଶି ଦିଆଯିବ ବୋଲି ଘୋଷଣା କରାଯାଇଛି।

ପ୍ରକାଶ ଯେ, ଅଭିଯୁକ୍ତ ମନ୍ଦିର ପ୍ରବେଶ ଦ୍ୱାରରେ ଥିବା ହୁଣ୍ଡି ତାଡ଼ି ଟଙ୍କା ନେଇଯାଇଥିବା ବେଳେ ପୁରୁଣା ଟଙ୍କା ଏବଂ ଖୁଚୁରା ପଇସା ଫିଙ୍ଗି ଦେଇ ଯାଇଥିଲେ। ତେବେ ଗତ ରଥଯାତ୍ରା ପରଠୁ ହୁଣ୍ଡିଖୋଲା ଯାଇ ନ ଥିବା ବେଳେ ଏଥିରେ ଲକ୍ଷାଧିକ ଟଙ୍କା ଥିବା ଅନୁମାନ କରାଯାଉଛି। ଖବର ପାଇ ଉପଜିଲାପାଳ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଏସ୍‌ପି ନୀତିନ କୁଶଲକରଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲା। ମନ୍ଦିରରେ ଲାଗିଥିବା ଅନ୍ୟ ଏକ ସିସିଟିଭିରେ ଚୋରି ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ କଏଦ ହୋଇଥିଲା। ଯାହାକୁ ଦେଖିବା ପରେ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଦୁର୍ବୃତ୍ତମାନେ ପ୍ରଥମେ ମନ୍ଦିରକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର କାଟିଛନ୍ତି। ପରେ ରାତି ୧ଟା୪୫ରୁ ୨ଟା୧୫ ମଧ୍ୟରେ ଲୁଟ୍ କରିଛନ୍ତି। ମନ୍ଦିର ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ଏହି ସମୟରେ ଶୋଇପଡ଼ିଥିବା ଦେଖିବାକୁ ମିଳିଛି। ପୋଲିସ ବିଭିନ୍ନ ସିସିଟିଭି ଯାଞ୍ଚ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି। କେନ୍ଦୁଝର ଏସ୍‌ପି ଖବରଦାତାଙ୍କୁ ମୁଖ୍ୟ ଅଭିଯୁକ୍ତଙ୍କ ଫଟୋ ଦେଖାଇ ତାଙ୍କୁ ଧରିବାରେ ସହଯୋଗ କରିବାପାଇଁ କହିଥିଲେ। ଏଥିସହ ଯିଏ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେବେ ଖବର ଦେବେ ତାଙ୍କ ନାମ ଗୋପନ ରଖାଯିବା ସହ ୫ ହଜାର ଟଙ୍କା ପୁରସ୍କାର ମଧ୍ୟ ଦିଆଯିବ ବୋଲି ଏସପି ସୂଚନା ଦେଇଛନ୍ତି।

# ଦେହରେ ସେଲୋଟେପ୍ ମାରି ଗଞ୍ଜେଇ ଚାଲାଣ

ନନ୍ଦପୁର, ୫।୪ (ଶଙ୍କର ପୂଜାରୀ)

**ଯୁବକ ଗିରଫ, ୨୨ କେଜି ଗଞ୍ଜେଇ ଜବତ**



ପୋଲିସ ମଣିକାନ୍ତଙ୍କ ଦେହରୁ ସେଲୋ ଟେପ୍ ଛଡ଼ାଇ ଗଞ୍ଜେଇ ବାହାର କରୁଛି।

କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ପାଡୁଆ ପୋଲିସ ଅଭିନବ ଉପାୟରେ ଗଞ୍ଜେଇ ଚୋରାଚାଲାଣକୁ ଧରିଛି। ଚାଲାଣକାରୀମାନେ ନିଜ ଦେହରେ ସେଲୋ ଟେପ୍ ମାରି ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡ଼ିଛନ୍ତି। ଏଥିରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ସମିତ ମାଝି କହିଛନ୍ତି।

ଖବରରୁ ଜଣାପଡ଼ିଛି, ଜିଲା ଏସ୍‌ପିଙ୍କ ଗୋଇନ୍ଦା ସୂଚନା ମୁତାବକ ପାଡୁଆ ଏସ୍‌ଆଇ ଟୁନା ଶବରଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗୁରୁବାର ସନ୍ଧ୍ୟାରେ ବାଞ୍ଜୁଲାପୁଟ ବସ୍‌ଷ୍ଟାଣ୍ଡ ନିକଟରେ ବସ୍‌କୁ ଅପେକ୍ଷା କରିଥିବା ଜଣେ ଯୁବକଙ୍କୁ ସନ୍ଦେହକରି ଯାଞ୍ଚକରିଥିଲେ। ଯାଞ୍ଚ ସମୟରେ ସେ ଧରିଥିବା ବ୍ୟାଗ୍‌ରୁ ଏବଂ ତାଙ୍କ ଦେହରେ ସେଲୋଟେପ୍ ମାରି ଗଞ୍ଜେଇ ଲଗାଯାଇଥିବା ଜଣାପଡିଥିଲା। ପରେ ତାଙ୍କୁ ଥାନାକୁ ଆଣି ଯାଞ୍ଚ କରିବାରୁ ତାଙ୍କ ଶରୀରରୁ ସେଲୋଟେପ୍ ମରାହୋଇଥିବା ଗଞ୍ଜେଇ ବାହାରକରି ଓଜନ କରିବାରୁ ଏହା ୭ କିଲୋ ହୋଇଥିଲା। ବ୍ୟାଗ୍‌ରୁ ୧୫ କେଜି ଗଞ୍ଜେଇ ମିଳିଥିଲା। ତାଙ୍କଠାରୁ ମୋଟ ୨୨ କିଲୋ ଗଞ୍ଜେଇ ଜବତ ହୋଇଛି। ପଚରାଉଚରା ପରେ ସମ୍ପୃକ୍ତ ଯୁବକଙ୍କ ଘର ଛତିଶଗଡ଼ ଅଞ୍ଚଳର ଡୁରୁଗୁପାରା ଗ୍ରାମରେ। ତାଙ୍କ ନାମ ମଣିକାନ୍ତ ବୋଲି ଜଣାପଡ଼ିଛି। ସେ ଏହି ଗଞ୍ଜେଇ ଚେନ୍ନାଇ ଅଞ୍ଚଳକୁ ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। ପାଡୁଆ ଥାନାରେ କେସ୍ ନମ୍ବର ୫୨/୨୪ରେ ମାମଲା ରୁଜୁକରାଯାଇ ଶୁକ୍ରବାର ମଣିକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅଶୋକ ବିଶୋୟୀ ସୂଚନା ଦେଇଛନ୍ତି।

# ଛତୁକୁ ଠାକୁର ଭାବି ପୂଜାର୍ଚ୍ଚନା

ମୋରଡ଼ା,୫।୪
(ସ୍ମାରକ ମାଜୀ)



ଛତୁକୁ ଫୁଲ ଓ ଧୂପ ଦେଇ ଛତୁ ପୂଜା କରାଯାଇଛି।

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଗଡ଼ିଆ ପଞ୍ଚାୟତର ବାଉଁଶକଣ୍ଟିଆ ଗ୍ରାମରେ ଛତୁକୁ ଠାକୁର ଭାବି ପୂଜାର୍ଚ୍ଚନା କରାଯିବା ଆଲୋଚ୍ୟ ବିଷୟ ହୋଇଛି। ଏନେଇ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବାଉଁଶକଣ୍ଟିଆ ଗ୍ରାମରେ ଦୀର୍ଘ ବର୍ଷ ଧରି ରଥଯାତ୍ରା ଅନୁଷ୍ଠିତ ହୋଇ ଆସୁଛି। ଉକ୍ତ ଗ୍ରାମରେ ଏକ ଅର୍ଦ୍ଧନିର୍ମିତ ମାଉସୀମା ମନ୍ଦିର ସମ୍ମୁଖରେ ତିନୋଟି ଛତୁ ଫୁଟିଥିଲା। ତେବେ ମନ୍ଦିର ସମ୍ମୁଖରେ ଥିବା ସୁମିତ୍ରା ନାଏକ ନାମ୍ନୀ ଜଣେ ମହିଳା ତାଙ୍କ ଘର ଅଗଣା ଝାଡୁ ମାରୁଥିବା ସମୟରେ ଫୁଟିଥିବା ଉକ୍ତ ଛତୁକୁ ଦେଖିବାକୁ ପାଇଥିଲେ। ଛତୁଗୁଡ଼ିକୁ ଓପାଡ଼ିବା ପାଇଁ ସେ ଚେଷ୍ଟା କରିଥିଲେ ସୁଦ୍ଧା ଓପାଡ଼ ପାରି ନ ଥିଲେ। ପରେ ମାଉସୀମା ମନ୍ଦିର ସମ୍ମୁଖରେ ଏପରି ଅଦ୍ଭୁତ ଛତୁକୁ ଦେଖି ଗ୍ରାମବାସୀ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରା ଆବିର୍ଭାବ ହୋଇଥିବା ଭାବି ସଂକୀର୍ତ୍ତନ ସହ ଉକ୍ତ ଛତୁକୁ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ଏହା ଦେଖିବାକୁ ଆଖପାଖ ଗ୍ରାମବାସୀ ଭିଡ଼ ଜମାଉଥିବା ସୂଚନା ମିଳିଛି।

## ଫୁର୍‌ସତ୍

# ଲମ୍ବା ଗୋଡ଼ ପାଇଁ ରେକର୍ଡ



**ଆଙ୍କାରା:** ଦୁନିଆରେ ଅନେକ ଲମ୍ବା ଲୋକ ଅଛନ୍ତି। ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ସବୁଠୁ ଲମ୍ବା ବ୍ୟକ୍ତି ହେଉଛନ୍ତି ତୁର୍କୀର ସୁଲତାନ କୋସେନ, ଯାହାଙ୍କ ଉଚ୍ଚତା ୮ ଫୁଟରୁ ଅଧିକ। ସେହିପରି ସବୁଠୁ ଲମ୍ବା ମହିଳା ହେଉଛନ୍ତି ତୁର୍କୀର ରୁମେସା ଗେଲଗି, ଯାହାଙ୍କ ଉଚ୍ଚତା ୭ ଫୁଟ। ଏହି ଲୋକମାନେ ବହୁତ ପ୍ରସିଦ୍ଧ। କିନ୍ତୁ ଆଜି ଆମେ ଆପଣଙ୍କୁ ଆମେରିକାର ଜଣେ ଯୁବତୀଙ୍କ ବିଷୟରେ କହିବୁ, ଯିଏ ଦୁନିଆର ସବୁଠୁ ଉଚ୍ଚ ଯୁବତୀ ନୁହନ୍ତି କିନ୍ତୁ ତାଙ୍କର ଉଚ୍ଚତା ଆକାଶକୁ ସ୍ପର୍ଶ କରେ। ତାଙ୍କ ଲମ୍ବା ଗୋଡ଼ ପାଇଁ ସେ ଚର୍ଚ୍ଚାରେ ରହିଛନ୍ତି। ଯେତେବେଳେ ଆପଣ ଏହି ଯୁବତୀଙ୍କ ପାଖରେ ଠିଆ ହୋଇ ତାଙ୍କ ମୁହଁ ଦେଖିବେ ଆଶ୍ଚର୍ଯ୍ୟ ହୋଇଯିବେ। ଏହି ଯୁବତୀ ଜଣକ ହେଉଛନ୍ତି ଟେକ୍ସାସ ବାସିନ୍ଦା ୨୧ ବର୍ଷୀୟା ମେସି କ୍ୟୁରିନ୍। ତାଙ୍କର ଲମ୍ବା ଗୋଡ଼ ଯୋଗୁ ସେ ନିଜ ନାମ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ କରିପାରିଛନ୍ତି। ୬ ଫୁଟ ୧୦ ଇଞ୍ଚର ମେସି ଦୁନିଆର ଲମ୍ବା ଗୋଡ ଥିବା ମହିଳାଙ୍କ ରେକର୍ଡ ଧରିଛନ୍ତି। ଯେତେବେଳେ ବି କେହି ତାଙ୍କ ପାଖରେ ଛିଡା ହୁଅନ୍ତି, ତାଙ୍କର ଉଚ୍ଚତା ଗୋଡ଼ ସହିତ ସମାନ ମନେହୁଏ। ମେସି କହିଛନ୍ତି ଯେ, ସେ ଲୋକଙ୍କ ଠାରୁ ମିଶ୍ରିତ ପ୍ରତିକ୍ରିୟା ପାଆନ୍ତି। ଲୋକମାନେ ପ୍ରାୟତଃ ତାଙ୍କୁ ସ୍ଲେଣ୍ଡରମ୍ୟାନ, ଏକ ଭୟଙ୍କର ଫିଲ୍ମର ଚରିତ୍ର ବୋଲି କୁହନ୍ତି। ସେ କହିଛନ୍ତି, ସ୍କୁଲରେ ପଢ଼ିବା ସମୟରେ କ୍ଲାସରେ ସବୁଠୁ ଲମ୍ବା ଥିଲେ। ସେ ତାଙ୍କ ଉଚ୍ଚତାକୁ ନେଇ ବହୁତ ରାଗୁଥିଲେ। କାରଣ ପିଲାମାନେ ତାଙ୍କୁ ଥଟ୍ଟା କରୁଥିଲେ। କିନ୍ତୁ ସେ ବଡ଼ ହେବା ପରେ କେତେ ଅନନ୍ୟ ତାହା ବୁଝିଥିଲେ। ବର୍ତ୍ତମାନ ସେ ଅନ୍ୟ ଡେଙ୍ଗା ମହିଳାମାନଙ୍କୁ ସେମାନଙ୍କର ଉଚ୍ଚତା ପାଇଁ ଗର୍ବ କରିବାକୁ ଶିଖାନ୍ତି। ୨୦୨୨ରେ ମେସି ଏକ ସବ୍‌ସ୍କ୍ରିପସନ ସାଇଟ୍‌କୁ ଆସିଥିବା କହିଥିଲେ। ଏଥିରେ ମେସିଙ୍କର ୨୦ ଲକ୍ଷରୁ ଅଧିକ ଅନୁଗାମୀ ଅଛନ୍ତି। ତାଙ୍କର ଲମ୍ବା ଶରୀର ଦେଖି କିଏ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ସେ ଏକ ସାକ୍ଷାତ୍କାରରେ କହିଛନ୍ତି, ଉଚ୍ଚତା ଏବଂ ଲମ୍ବା ଗୋଡ଼ରେ ମଧ୍ୟ କିଛି ଅସୁବିଧା ଅଛି। ପ୍ରତ୍ୟେକ ଦ୍ୱାର ଦେଇ ଯିବାକୁ ହେଲେ ତାଙ୍କୁ ନଇଁ କି ଯିବାକୁ ପଡ଼େ। ଡେଟିଂରେ ମଧ୍ୟ ତାଙ୍କର ଅନେକ ସମସ୍ୟା ରହିଛି।

## ଜାତୀୟ ସ୍ତରରେ ହକି ଖେଳିଥିବା ମିନୁ ବସ୍ କଣ୍ଡକ୍ଟର

**ଶିମଲା:** ଏମ୍‌ସିଏ ଶିକ୍ଷାଗତ ଯୋଗ୍ୟତା ସହ ଜାତୀୟ ସ୍ତରରେ ୪ଥର ହକି ଏବଂ ଖୋ-ଖୋ ଖେଳିଥିବା ମହିଳା ଏବେ ବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ହିମାଚଳ ପ୍ରଦେଶ ମଣ୍ଡି ସହରର ମିନୁ ଶର୍ମାଙ୍କ ପାରିବାରିକ ସ୍ଥିତି ତାଙ୍କୁ ଏଚ୍‌ଆର୍‌ଟିସି ବସ୍‌ରେ କଣ୍ଡକ୍ଟର ଭାବେ କାମ କରିବାକୁ ବାଧ୍ୟ କରିଛି। ମିନୁ ଖୋ-ଖୋରେ ତିନିଥର ଏବଂ ଥରେ ହକିରେ ଜାତୀୟ ସ୍ତରରେ ଖେଳିଛନ୍ତି। ସେ ୨୦୦୫ରୁ ୨୦୨୪ ପର୍ଯ୍ୟନ୍ତ ଅନେକ ଘରୋଇ କମ୍ପାନୀରେ ମଧ୍ୟ କାର୍ଯ୍ୟ କରିଛନ୍ତି। ମିନୁ କହିଛନ୍ତି, ସେ ଅନେକ ଥର ସରକାରୀ ଚାକିରି ପାଇଁ ଆବେଦନ କରିଥିଲେ ମଧ୍ୟ ସଫଳତା ପାଇ ନ ଥିଲେ। ଶେଷରେ ସେ କ୍ରୀଡ଼ା କୋଟାରେ ଏଚ୍‌ଆର୍‌ଟିସିରେ କଣ୍ଡକ୍ଟର ଚାକିରି ପାଇଲେ। ମିନୁ କୁହନ୍ତି, ମହିଳା କର୍ମଚାରୀଙ୍କ ସୁବିଧା ପାଇଁ ସରକାର ଏବଂ ନିଗମକୁ ଅନେକ କାର୍ଯ୍ୟ କରିବାକୁ ପଡ଼ିବ, କାରଣ ଏପର୍ଯ୍ୟନ୍ତ ଏହି କାର୍ଯ୍ୟ କେବଳ ପୁରୁଷଙ୍କ ଦ୍ୱାରା କରାଯାଉଥିଲା ଏବଂ ସେମାନଙ୍କ ଅନୁଯାୟୀ ମଧ୍ୟ ବ୍ୟବସ୍ଥା କରାଯାଇଥିଲା।

## ବିବାହ ପାଇଁ ମନ ବଳାଇଲେଣି ସୁସ୍ମିତା




**ମୁମ୍ବାଇ:** ଆଜିକାଲି ଅଭିନୟ ଜୀବନ କମ୍, ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ପୂର୍ବତନ ବିଶ୍ୱସୁନ୍ଦରୀ ତଥା ବଲିଉଡର ଚୁଲବୁଲି ଅଭିନେତ୍ରୀ ସୁସ୍ମିତା ସେନ୍। ଏବେ ତାଙ୍କୁ ୪୮ ବର୍ଷ। ଦୁଇଟି ଝିଅଙ୍କୁ ସେ ନିଜର ପାଳିତା କନ୍ୟା ଭାବେ ଗ୍ରହଣ କରିଛନ୍ତି। ଏହାସତ୍ତ୍ୱେ ବିବାହ କରିବାକୁ ମନ ବଳାଇଛନ୍ତି ସେ। ଅନେକ ଇଭେଣ୍ଟରେ ପୂର୍ବତନ ପ୍ରେମିକ ରୋହମନ ସଲଙ୍କ ସହ ତାଙ୍କୁ ଦେଖାଯାଉଥିବାରୁ ଉଭୟ ପୁଣିଥରେ ପ୍ରେମରେ ପଡ଼ିଛନ୍ତି ବୋଲି କୁହାଯାଉଥିଲା। ହେଲେ ଅଭିନେତ୍ରୀ ଏହାକୁ ଏଡାଇ ଯାଇଛନ୍ତି। ଏବେ ସେ ରୋହମନଙ୍କୁ ଭଲ ବନ୍ଧୁ ଭାବେ ଦେଖୁଛନ୍ତି। ଆଗାମୀ ଦିନରେ ଯଦି କେହି ତାଙ୍କ ମନ ଚୋରି କରେ, ତାଙ୍କ ସହ ବିବାହ କରିବାକୁ ଉଚିତ ମଣିଲେ ନିଶ୍ଚିତ ଭାବେ ବିବାହ କରିବେ ବୋଲି ଏକ ସାକ୍ଷାତକାରରେ କହିଛନ୍ତି ସୁସ୍ମିତା।

ବିଗତ ଦିନରେ ଲଳିତ ମୋଦିଙ୍କ ସହ ତାଙ୍କର ପ୍ରେମସମ୍ପର୍କକୁ ନେଇ ମଧ୍ୟ ଚର୍ଚ୍ଚା ବଢ଼ିଥିଲା। ଦୁହିଁଙ୍କ ରୋମାଣ୍ଟିକ ଫଟୋ ଭାଇରାଲ ହୋଇଥିଲା। ଏହାକୁ ନେଇ ସୁସ୍ମିତା ଟ୍ରୋଲିଂର ଶିକାର ହୋଇଥିଲେ। କିଛି ଦିନ ପରେ ଏହି ସମ୍ପର୍କରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏବେ କିନ୍ତୁ ସୁସ୍ମିତା ହୃଦୟର ଦ୍ୱାର ଖୋଲା ରଖିଛନ୍ତି। ଯଦି କେହି ସେଠାରେ ଫିଟ୍ ହୁଅନ୍ତି ତେବେ ସେ ହାତକୁ ଦୁଇ ହାତ ନିଶ୍ଚିତ ହୋଇଯିବେ ଏଥିରେ ଦ୍ୱିମତ ନାହିଁ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଖାଇବା ତେଲ ମହଙ୍ଗା

ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)



■ପୂର୍ବ ମାସ ତୁଳନାରେ ୮% ଅଭିବୃଦ୍ଧି

■ପାମ୍, ସୂର୍ଯ୍ୟମୁଖୀ ଏବଂ ସୋରିଷ ତେଲର ମୂଲ୍ୟ ବୃଦ୍ଧି

ସମଗ୍ର ବିଶ୍ୱରେ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ବୃଦ୍ଧି ହୋଇଛି। ୨୦୨୩ ଜୁଲାଇ ପରେ ପ୍ରଥମ ଥର ପାଇଁ ୨୦୨୪ ମାର୍ଚ୍ଚରେ ବିଶ୍ୱସ୍ତରରେ ଖାଦ୍ୟ ମୂଲ୍ୟରେ ବୃଦ୍ଧି ଘଟିଥିବା ଦେଖିବାକୁ ମିଳିଛି। ସଂଯୁକ୍ତ ରାଷ୍ଟ୍ରର ଖାଦ୍ୟ ଏବଂ କୃଷି ସଙ୍ଗଠନ(ଏଫ୍‌ଏଓ) ସୂଚନାନୁସାରେ, ଶସ୍ୟ ମୂଲ୍ୟ ହ୍ରାସ ସତ୍ତ୍ୱେ ଖାଇବାତେଲ ଦର ବୃଦ୍ଧି ଯୋଗୁ ବିଶ୍ୱ ଖାଦ୍ୟ ପଦାର୍ଥର ମୂଲ୍ୟ ବୃଦ୍ଧି ପାଇଛି। ଏଫ୍‌ଏଓର ଖାଦ୍ୟ ମୂଲ୍ୟ ସୂଚକାଙ୍କ ପୂର୍ବ ମାସ ତୁଳନାରେ ୧.୧ ପ୍ରତିଶତ ବୃଦ୍ଧି ପାଇଛି ଏବଂ ମାର୍ଚ୍ଚ ୨୦୨୪ରେ ୧୧୮.୩ ପଏଣ୍ଟରେ ପହଞ୍ଚିଛି। ଖାଇବା ତେଲର ଉପ ସୂଚକାଙ୍କ ପୂର୍ବ ମାସ ତୁଳନାରେ ୮ ପ୍ରତିଶତ ବୃଦ୍ଧି ସହ ୧ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସୋୟା, ସୂର୍ଯ୍ୟମୁଖୀ ଏବଂ ସୋରିଷ ତେଲର ମୂଲ୍ୟ ବୃଦ୍ଧି ପାଉଥିବା ଏଫ୍‌ଏଓ ପକ୍ଷରୁ ସୂଚନା ରହିଛି। ଖଜୁରି ଅମଳକାରୀ ଦେଶରେ ଅମଳ ହ୍ରାସ ହେତୁ ଖଜୁରିତେଲ(ପାମ୍ ଅଏଲ)ର ମୂଲ୍ୟରେ ମଧ୍ୟ ବୃଦ୍ଧି ଦେଖିବାକୁ ମିଳୁଛି। ଏଥିସହ ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡ଼ିକରେ ଏହାର ଚାହିଦା ମୂଲ୍ୟ ବୃଦ୍ଧିର ଆଉ ଏକ କାରଣ ହୋଇଛି। ଜୈବ ଇନ୍ଧନ କ୍ଷେତ୍ର ଏବଂ ବଢୁଥିବ ଚାହିଦା ହେତୁ ସୋୟା ତେଲର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି । ମାର୍ଚ୍ଚରେ ଦୁଗ୍ଧ ମୂଲ୍ୟ ୨.୯ ପ୍ରତିଶତ ଏବଂ ମାଂସ ମୂଲ୍ୟ ୧.୭ ପ୍ରତିଶତ ବୃଦ୍ଧି ପାଇଛି। ଏହା ପୂର୍ବରୁ ରୁଷିଆର ୟୁକ୍ରେନ୍ ଉପରେ ଆକ୍ରମଣ ପରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିଲା। ମାତ୍ର ପରବର୍ତ୍ତୀ ସମୟରେ ମୂଲ୍ୟ ହ୍ରାସ ପାଇଥିଲା। ଭାରତରେ ମୁଦ୍ରାନୀତି ଘୋଷଣା କରିବାବେଳେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି , ଖାଦ୍ୟ ସାମଗ୍ରୀର ମୂଲ୍ୟ ନେଇ ଅନିଶ୍ଚିତତା ଲାଗି ରହିଛି। ଏହି କାରଣରୁ ମୁଦ୍ରାସ୍ଫୀତି ଉପରେ ଚାପ ପଡ଼ିପାରେ। ଡାଲିର ଚାହିଦା ଏବଂ ଯୋଗାଣ ବ୍ୟବସ୍ଥା ଉପରେ କଡ଼ା ନଜର ରଖାଯାଇଥିବାବେଳେ କିଛି ପନିପରିବା ମୂଲ୍ୟ ଉପରେ ନଜର ରଖିବା ଜରୁରୀ ବୋଲି ସେ କହିଛନ୍ତି।

# ଆର୍‌ବିଆଇର ନୂତନ ୱେବ୍‌ସାଇଟ, ମୋବାଇଲ ଆପ୍ ଉନ୍ମୋଚିତ

ଭୁବନେଶ୍ୱର,୫।୪(ଅନୁରାଧା ମହାରଣା)

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ନୂଆ ମୋବାଇଲ ଓ ୱେବ୍‌ସାଇଟ୍ ଶୁକ୍ରବାର ଉନ୍ମୋଚନ କରାଯାଇଛି। ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଏହାର ଉନ୍ମୋଚନ କରିଛନ୍ତି। https://website.rbi.org.inରେ କିମ୍ବା ଆର୍‌ବିଆଇ ପକ୍ଷରୁ ଜାରି କରାଯାଇଥିବା କ୍ୟୁଆର୍ କୋଡ୍ ମାଧ୍ୟମରେ ଲଗ୍‌ଇନ୍ କରିହେବ। ସେହିପରି ନୂଆକରି ଆରମ୍ଭ ହୋଇଥିବା ମୋବାଇଲ ଆପ୍ ମଧ୍ୟ କ୍ୟୁଆର୍ କୋଡ୍ ମାଧ୍ୟମରେ ଡାଉନଲୋଡ୍ କରିହେବ। । ତେବେ ଆଣ୍ଡ୍ରଏଡ୍ ବ୍ୟବହାରକାରୀମାନେ ଗୁଗଲ୍ ପ୍ଲେଷ୍ଟୋରରୁ ଏବଂ ଆଇଫୋନ୍ ବ୍ୟବହାରକାରୀମାନେ ଆପ୍ ଷ୍ଟୋରରୁ ଡାଉନଲୋଡ୍ କରିପାରିବେ। ତେବେ ପୂର୍ବରୁ ଉପଲବ୍ଧ ହେଉଥିବା ୱେବ୍‌ସାଇଟ୍ https://rbi.org.in ମଧ୍ୟ ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଉପଲବ୍ଧ ରହିବ ବୋଲି ଆର୍‌ବିଆଇ ଚିଫ୍ ଜେନେରାଲ ମ୍ୟାନେଜର ଯୋଗେଶ ଦୟାଲ କହିଛନ୍ତି।

# ଶେୟାର ବଜାରରେ ଭିନ୍ନ ଫଳାଫଳ

ନୂଆଦିଲ୍ଲୀ,୫।୪

ଗତ କିଛି ସପ୍ତାହ ହେବ ଘରୋଇ ଶେୟାର ବଜାର କାରବାରରେ କ୍ରମାଗତ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସରେ ଏକ ଫଳାଫଳ ଦେଖିବାକୁ ମିଳିଛି। ଫଳରେ ଶେୟାର ବଜାରର ନିବେଶକମାନେ ଏକ ପ୍ରକାର ନିରାଶ ହୋଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୧(୨୦.୫୯) ପଏଣ୍ଟ ବୃଦ୍ଧି ଘଟି ୭୪,୨୪୮(୭୪,୨୪୮.୨୨) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ୧(୦.୯୫) ପଏଣ୍ଟ ହ୍ରାସ ଘଟି ୨୨,୫୧୪ (୨୨,୫୧୩.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।


## CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

ମୁଦ୍ରା ଫାଇନାନ୍ସ
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଅଜନ୍ତା ଶୁଜ୍‌ର ସମ୍ପ୍ରସାରଣ ୟୁନିଟ୍ ଉଦ୍‌ଘାଟିତ




ଭୁବନେଶ୍ୱର,୫।୪ (ଅଭୟ ଦାଶ)

ଅଜନ୍ତା ଶୁଜ୍ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ବା ଅଜନ୍ତା ଫୁଟ୍‌କେୟାରର ସମ୍ପ୍ରସାରଣ ୟୁନିଟ୍ ଶୁକ୍ରବାର ଭୁବନେଶ୍ୱରର ଅଶୋକନଗର ଜନପଥଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଅଜନ୍ତା ଶୁଜ୍‌ସର ଆର୍‌ଏମ୍ ଓଡ଼ିଶା ସୁବାସ ପଣ୍ଡାଙ୍କ ସମେତ ମ୍ୟାନେଜର (ମାର୍କେଟିଂ) ମଦନ ଜାନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ,୧୦୦୦ବର୍ଗଫୁଟରୁ ଅଧିକ ପରିବ୍ୟାପ୍ତ ସ୍ଥାନରେ ବ୍ରାଣ୍ଡର ସ୍ୱତନ୍ତ୍ର ସ୍ପୋର୍ଟ୍ସ ସେଗ୍‌ମେଣ୍ଟ ଓ ଇମ୍ପାକ୍ଟୋ ଏବଂ ଇମ୍ପେରିଓ ଭଳି ଅନେକ ଭେରାଇଟ ଓ ଡିଜାଇନର ବ୍ୟାପକ ରେଞ୍ଜ ଉପଲବ୍ଧ। ସେହିଭଳି ଏଠାରେ ବ୍ରାଣ୍ଡର ସମସ୍ତ ଉତ୍ପାଦ

## ବ୍ରାଣ୍ଡ୍‌ର ସ୍ପୋର୍ଟ୍ସ ସେଗ୍‌ମେଣ୍ଟ

ସହ ଇମ୍ପାକ୍ଟୋ ସ୍ପୋର୍ଟ୍ସ ଶୁଜ୍‌ର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଅପରପକ୍ଷରେ ଗ୍ରାହକଙ୍କ ଚାହିଦା ଓ ବଜାର ଆବଶ୍ୟକତା ପୂରଣକୁ ପ୍ରାଥମିକତା ଦେବା ସହ ଗୁଣାତ୍ମକ ସେବା ଓ ଉତ୍ପାଦ ଯୋଗାଇବାକୁ କମ୍ପାନୀ ଲକ୍ଷ୍ୟ ରଖିଛି ବୋଲି ଷ୍ଟୋର ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିପରି ରାଜ୍ୟର ୩ୟ ପ୍ରିମିୟମ ଷ୍ଟୋର (ଭୁବନେଶ୍ୱର, ଅଶୋକ ନଗର) ହୋଇଥିଲା ବେଳେ ଇଷ୍ଟ ଇଣ୍ଡିଆରେ ଏହା ୧୫୨ତମ ଷ୍ଟୋର ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ବେଦାନ୍ତ ଆଲୁମିନିୟମର ନୂଆ ମାଇଲଖୁଣ୍ଟ

## ଆଲୁମିନା ବିଶୋଧନ କ୍ଷମତା ବାର୍ଷିକ ୩.୫ ମିଲିୟନ ଟନ୍‌କୁ ବୃଦ୍ଧି

ଭୁବନେଶ୍ୱର,୫।୪



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ସମ୍ପ୍ରସାରଣ ଯୋଜନାରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି କମ୍ପାନୀ ୩ ମିଲିୟନ ଟନ (ଏମ୍‌ଟିପିଏ)ର ଆଲୁମିନିୟମ ଉତ୍ପାଦନ କ୍ଷମତା ବିଶିଷ୍ଟ ଶ୍ରେଷ୍ଠ ୩ଟି ବିଶ୍ୱସ୍ତରୀୟ ସଂସ୍ଥାଙ୍କ ମଧ୍ୟରେ ରହିବା ଲାଗି ଚାଲିଥିବା ସମ୍ପ୍ରସାରଣ ପ୍ରୟାସ ମଧ୍ୟରେ ଏକ ପ୍ରମୁଖ ମାଇଲଖୁଣ୍ଟ ରୂପେ ଘୋଷଣା କରିଛି। ବିଶେଷକରି ୧୦୦% ଭୂଲମ୍ବ ଏକୀକରଣ ହାସଲ କରିବା ଦିଗରେ କମ୍ପାନୀ ଓଡ଼ିଶାର ଲାଞ୍ଜିଗଡ଼ଠାରେ ଥିବା ବିଶ୍ୱଶ୍ରେଣୀର ଆଲୁମିନା ରିଫାଇନେରିରେ ୧.୫ ଏମ୍‌ଟିପିଏ ବିସ୍ତାରର ସଫଳ ରୂପାୟନ କରିଛି। ଏହା ସହ ଆଲୁମିନା ରିଫାଇନେରିର ଉତ୍ପାଦନ କ୍ଷମତା ବର୍ତ୍ତମାନ ୨ ଏମ୍‌ଟିପିଏରୁ ୩.୫ ଏମ୍‌ଟିପିଏକୁ ବୃଦ୍ଧି ପାଇଛି। ଅପରପକ୍ଷରେ ୧.୫ ଏମ୍‌ଟିପିଏ କ୍ଷମତା ହେଉଛି, କମ୍ପାନୀର ନୂତନ ବିସ୍ତାରର ଏକ ଅଂଶ,ଯାହାକି ଲାଞ୍ଜିଗଡ଼ ରିଫାଇନେରିରେ ସାମଗ୍ରିକ କ୍ଷମତାକୁ ୨ରୁ ୫ଏମ୍‌ଟିପିଏକୁ ବୃଦ୍ଧି କରିବ ବୋଲି ଜଣାପଡିଛି। ସେହିଭଳି ବେଦାନ୍ତ ଆଲୁମିନିୟମ ଭାରତର ନିମ୍ନ ଅଙ୍ଗାରକାମ୍ଳ 'ସବୁଜ' ଆଲୁମିନିୟମ ପରିସର, ବ୍ରାଣ୍ଡେଡ୍ ରେସ୍ତୋଁରା ସମେତ ବିଶ୍ୱର ଉଚ୍ଚମାନର ଆଲୁମିନିୟମ ଉତ୍ପାଦଗୁଡ଼ିକ ମଧ୍ୟରୁ ଅନ୍ୟତମ ହୋଇଥିବାରୁ ଏହି ଉତ୍ପାଦଗୁଡ଼ିକ ଅଟୋମୋବାଇଲ, ଏରୋସ୍ପେସ୍, ପ୍ରତିରକ୍ଷା, ଭିତ୍ତିଭୂମି,ବିଦ୍ୟୁତ୍ ପ୍ରକଳ୍ପ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମଧ୍ୟ ବ୍ୟବହାର କରାଯାଇଥାଏ। ଏପରିକି କମ୍ପାନୀ ଭାରତରେ ପ୍ରିମିୟର ସ୍ମେଲ୍‌ଟର ଗ୍ରେଡ୍ ଆଲୁମିନାର ବୃହତମ ଉତ୍ପାଦକ ମଧ୍ୟରୁ ଅନ୍ୟତମ ହୋଇଥିବାବେଳେ ଝାରସୁଗୁଡ଼ା ଓ ବାଲ୍‌କୋରେ କମ୍ପାନୀର କଞ୍ଚାମାଲ ପ୍ରସ୍ତୁତ ହୋଇଥାଏ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ କହିଛନ୍ତି, କମ୍ପାନୀ ବିସ୍ତାରିତ କ୍ଷମତା ପରିଚାଳନା କରିବାକୁ ଯାଉଥିବାରୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର କଞ୍ଚାମାଲ ସୁରକ୍ଷାକୁ ମଜଭୁତ ସହ ଝାରସୁଗୁଡ଼ା ଓ ବାଲ୍‌କୋ ଆଲୁମିନିୟମ ସ୍ମେଲଟର ୟୁନିଟ୍ ପାଇଁ ମଧ୍ୟ ଖର୍ଚ୍ଚ ହ୍ରାସ କରିବ। ବିଶେଷକରି ଏହା ୧୦୦% ଭୂଲମ୍ବ ଏକୀକରଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଓ ଆମକୁ ଦୃଢ଼ ଭାବେ ବିଶ୍ୱ ଆଲୁମିନିୟମ ବଜାରରେ ସ୍ଥାନିତ କରିବ।


## Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ SC ପ୍ଲଟ୍ ବିକ୍ରିହେବ। 9437152956, 9337513276. D-011

Single plot for sale east facing, boundarywall 16,776sqft. under BMC & BDA near Puri Canal Honspal, Bhubaneswar. Genuine buyer contact Owner- 9040059669. D-75943

Flat for sale- ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର @14.99 lakhରେ। Mob- 8249177191, 8249079730. D-031

Gharabari Plots at Uttara, Patrapada. 2/3BHK Flats in Bhubaneswar. 8270370007. D-037

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928

Readymade duplex house at IRC Village, Nayapalli, Bhubaneswar, plot No.-N6/421, land area 2700sqft. (45ft. x 60ft.), construction area: Ground Floor 1700sqft. & First Floor 1700sqft. 7008563697. D-021

Readymade G+3 Independent house at Ghatikia, Bhubaneswar plot No.-5038 & 5045, land area 6969sqft. Construction area-6800sqft. 7008563697. D-022

Buy or sale property- 8984071303, Balianta 1acre, Jatni 2acre, Nakhara 1acre, Baranga 4acre available. Residential land at Nakhara-700, Chandaka-950, Jaanla-1050, Patrapada-2250, Tamando-2600. D-033

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛଡାବର Bypass sqft.-500/-. 9348232008. D-75941

Balianta (Dhabalhar) gharabari plot with 30ft. road and complete electricity, security service available. 9090432721. D-035

ଭୁବନେଶ୍ୱର ହଂସପାଳ, ବାଲିଅନ୍ତାରେ ଘରବାଡ଼ି East Facing single plot possession ଥାଇ ବିକ୍ରି କରିବି। ମୂଲ୍ୟ–23,60,000/-. Contact- 6370469894. D-75942




Relax, refresh your body, mind by expert therapist. Contact- 9938843929. D-76112

Newly open Jyoti Spa positively health benefits (Expert Therapist). 8458067955. D-76111

Newly open health benefits SPA special offer @ 999 Bapujinagar. 8018429809. D-76113

Kerala body massage best therapist Bhubaneswar. 9348457050. D-016

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

AFFIDAVIT

By virtue of an affidavit dated 02.04.2024 before Sri N.K. Panda, Notary Public, Bhubaneswar I, Padmalaya Satapathy, W/o- Er. Ranjan Kumar Kar at plot No.-HIG-176, Kanan Vihar, Phase-I, Patia, P.S.-Chandrasekharpur, Bhubaneswar- 751031 have changed my surname from Satapathy to Kar after my marriage. I am known as Padmalaya Kar for all purposes. D-034

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ନିରୁଦ୍ଦିଷ୍ଟ



ନାମ: ଆଶୁତୋଷ ନାୟକ (୧୮ବର୍ଷ), ପିତା- ଶରତ କୁମାର ନାୟକ, ୟୁନିଟ୍-୮, ନୀଳ ପାଣିଟାଙ୍କି ବସ୍ତି, ଭୁବନେଶ୍ୱର। ଗତ ୩୦।୦୩।୨୦୨୪ରିଖ ସକାଳ ୧୦ ଘଟିକା ସମୟରେ ଘରୁ ବାହାରି କମ୍ପ୍ୟୁଟର କ୍ଲାସ ଯାଇଥିଲା। ଘରୁ ଗଲାବେଳେ ଆକାଶ ରଙ୍ଗର ଫୁଲ୍ ପ୍ୟାଣ୍ଟ, ଶାର୍ଟ ପିନ୍ଧିଥିଲା। ବର୍ଣ୍ଣ– ଶ୍ୟାମଳ। କମ୍ପ୍ୟୁଟର କ୍ଲାସ୍‌ରୁ ଆଉ ଘରକୁ ଫେରି ନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ତାକୁ ପାଆନ୍ତି ଜଣାଇବାକୁ ବିଶେଷ ଅନୁରୋଧ। 7077369585. D-032


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# ୟୁବିଆଇ ରାୟଗଡ଼ା କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ

ଭୁବନେଶ୍ୱର,୫।୪



କୁନ୍ଦନ କୁମାର ସିହ୍ନା

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ) ରାୟଗଡ଼ା କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ କୁନ୍ଦନ କୁମାର ସିହ୍ନା ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବିଶାଖାପାଟଣାର ଜୋନାଲ ଅଡିଟ୍ କାର୍ଯ୍ୟାଳୟଠାରେ ଜୋନାଲ ଅଡିଟ୍ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେହିଭଳି ସିହ୍ନା ଏମ୍‌ଏସ୍‌ଏମ୍‌ଇ ଲୋନ୍ ପ୍ରସେସିଂ ସେଣ୍ଟର ଓ ମିଡ୍ କର୍ପୋରେଟ୍ ଶାଖାର ମୁଖ୍ୟ ଭାବେ କାର୍ଯ୍ୟ କରିଥିବାବେଳେ ଓଡ଼ିଶାର ସମ୍ବଲପୁର ଓ ରାଉରକେଲାଠାରେ ମଧ୍ୟ ପୂର୍ବରୁ କାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, ୟୁବିଆଇ ରାୟଗଡ଼ା କ୍ଷେତ୍ର ଅଧୀନରେ ବ୍ୟାଙ୍କର ମୋଟ୍ ବ୍ୟବସାୟ ୩୯୯୫.୦୫କୋଟି ଟଙ୍କା ରହିଛି। ଉଲ୍ଲେଖଯୋଗ୍ୟ, ୨୦୦୩ରେ ସିହ୍ନା ପ୍ରୋବେସନାରି ଅଫିସର (ପିଓ) ଭାବେ ଯୋଗଦାନ କରିବା ସହ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କ୍ୟାରିୟର ଆରମ୍ଭ ସହ ଓଡ଼ିଶା,ଦିଲ୍ଲୀ, ମୁମ୍ବାଇ, ସୁରଟ ଏବଂ ବିଶାଖାପାଟଣା ଭଳି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦରେ କାର୍ଯ୍ୟ କରିବାର ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ହାସଲ କରିଛନ୍ତି। ସେ ମଧ୍ୟ ଶାଖା, କ୍ଷେତ୍ରୀୟ କାର୍ଯ୍ୟାଳୟ ଓ ଅଡିଟ୍ କାର୍ଯ୍ୟାଳୟ ଆଦିରେ କାର୍ଯ୍ୟ କରି ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି।

# ଗ୍ରାହକ ଚାହିଦାକୁ ଗୁରୁତ୍ୱ

ଭୁବନେଶ୍ୱର,୫।୪

କ୍ରମାଗତ ୧୫ବର୍ଷ ଧରି ୧ ନମ୍ବର ତଥା ସର୍ବଭାରତୀୟସ୍ତରରେ ପ୍ରମୁଖ ଉପକରଣ ବ୍ରାଣ୍ଡ୍ ଭାବେ ହାୟର ବଜାରରେ ତା'ର ସ୍ଥିତି ସୁଦୃଢ଼ କରିଆସିଛି। ହେକ୍‌ଜା ଇନ୍‌ଭର୍ଟର ପ୍ରଯୁକ୍ତି ସହ ସୁପର ହେଭି ଡ୍ୟୁଟି ରେଞ୍ଜର ଉତ୍ପାଦ ବଜାରକୁ ଆଣିଛି। ଏହି ନୂତନ ରେଞ୍ଜ ୨୦ଗୁଣା ଦ୍ରୁତ କୁଲିଂ ଅଭିଜ୍ଞତା ପ୍ରଦାନ କରିବା ସହ ୬୫% ପର୍ଯ୍ୟନ୍ତ ଶକ୍ତି ସଞ୍ଚୟ କରିଥାଏ। ଏପରିକି ଗ୍ରାହକ ଅନୁପ୍ରାଣିତ ଉଦ୍ଭାବନକୁ କେନ୍ଦ୍ରକରି ବ୍ରାଣ୍ଡ ତା'ର ସମସ୍ତ ଉତ୍ପାଦ ପ୍ରସ୍ତୁତ କରୁଛି। ଏଥିରେ ରଖାଯାଇଥିବା ହେକ୍‌ଜା ଇନ୍‌ଭର୍ଟର ପ୍ରଯୁକ୍ତି ସୁପରସୋନିକ କୁଲିଂ ଦକ୍ଷତା ଆଣିବାରେ ସକ୍ଷମ ହୋଇଥିବାବେଳେ ମାତ୍ର ୧୦ ସେକେଣ୍ଡରେ ଫ୍ରଷ୍ଟ ସେଲ୍‌ଫ କ୍ଲିନ୍ ଟେକ୍‌ନୋଲୋଜି ଓ ଇଣ୍ଟେଲି କନ୍‌ଭର୍ଟେବଲ ୭ଇନ ୧ଭଳି ଉନ୍ନତ ପ୍ରଯୁକ୍ତିକୁ ନେଇ ଏହା ଗଠିତ ହୋଇଛି। ଏ ନେଇ ହାୟର ଆପ୍ଲାଏନ୍‌ସ ଇଣ୍ଡିଆର ଅଧ୍ୟକ୍ଷ ଏନ୍.ଏସ୍. ସତୀଶ କହିଛନ୍ତି, ହାୟରରେ ଆମେ ଅଭିନବ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପରିଚାଳିତ ଉତ୍ପାଦକୁ ଡିଜାଇନ କରିଛୁ,ଯାହା ଆମ ଗ୍ରାହକଙ୍କ ଜୀବନକୁ ଅଧିକ ସ୍ମାର୍ଟ, ସୁବିଧାଜନକ ଓ ଆରାମଦାୟକ କରିଥାଏ। ବିଶେଷକରି ପ୍ରଚଣ୍ଡ ଗ୍ରୀଷ୍ମଋତୁ ଉପଯୋଗୀ ଏହି ଉତ୍ପାଦ ଅଧିକ ଆରାମ, ବିଶ୍ୱସନୀୟତା ଓ କାର୍ଯ୍ୟଦକ୍ଷ ସେବା ପ୍ରଦାନ କରିବାକୁ ପ୍ରସ୍ତୁତ ରହିଛି। ଏପରିକି ଆମେ ସର୍ବଦା ଗ୍ରାହକଙ୍କ ଚାହିଦା ପୂରଣ ଲାଗି ସଜାଗ ରହିଛୁ ଓ ୨୦୨୪ରେ ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଲକ୍ଷ୍ୟ ରଖିଛୁ। ସେହିଭଳି ବର୍ଷ ବର୍ଷ ଧରି ଗ୍ରାହକଙ୍କ ମନରେ ବିଶ୍ୱାସଭାଜନ ହୋଇଆସିଅଛି। ବିଶେଷକରି ବ୍ରାଣ୍ଡର ଅଭିନବ ଓ ନୂଆ ପରିସର କମ୍ପାନୀର ସ୍ଥିତିକୁ ମଜଭୁତ କରିବା ଓ ଭାରତରେ ଏୟାର କଣ୍ଡିସନ ବର୍ଗରେ ଅଭିବୃଦ୍ଧି ଘଟାଇବା ଲକ୍ଷ୍ୟ ରଖିଥିବା କଥା ସେ ବିସ୍ତୃତ ଭାବେ କହିଛନ୍ତି।

## ସୂର୍ଯ୍ୟକୁମାର ଖେଳିବେ

**ମୁମ୍ବାଇ, ୫।୪ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ସଂସ୍କରଣରେ ସଂଘର୍ଷ ଚଳାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଶୁଭ ଖବର। ବିଶ୍ୱର ନମ୍ବର ୱାନ ଟି୨୦ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ଶୁକ୍ରବାର ଏଠାରେ ତାଙ୍କ ଦଳ ସହିତ ଅଭ୍ୟାସ କରିଛନ୍ତି। ସେ ବହୁଦିନ ହେଲା ଆଘାତଜନିତ ସମସ୍ୟାରେ ଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମୁମ୍ବାଇ ଇଣ୍ଡିଆନ୍ସର ପରବର୍ତ୍ତୀ ଆଇପିଏଲ୍ ମ୍ୟାଚ ରେ ସେ ଖେଳିବେ ବୋଲି ଆଶା କରାଯାଉଛି। ୧୦ଟି ଦଳକୁ ନେଇ ଆଇପିଏଲ୍ ପଏଣ୍ଟ ଟେବୁଲରେ ମୁମ୍ବାଇ ଇଣ୍ଡିଆନ୍ସ ସର୍ବନିମ୍ନ ସ୍ଥାନରେ ରହିଛି। ୫ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଏପର୍ଯ୍ୟନ୍ତ ଖେଳିଥିବା ଏହାର ସମସ୍ତ ୩ଟି ମ୍ୟାଚରେ ପରାଜିତ ହୋଇଛି।



ସୂର୍ଯ୍ୟକୁମାରଙ୍କ ଯୋଗଦାନ ପରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଦଳର ଭାଗ୍ୟ ପରିବର୍ତ୍ତନରେ ସହାୟକ ହୋଇପାରେ ବୋଲି ଆଶା କରାଯାଉଛି। ୩୩ ବର୍ଷୀୟ ଆକ୍ରମଣାତ୍ମକ ବ୍ୟାଟର ଜାନୁଆରୀଠାରୁ ଖେଳରୁ ଦୂରେଇ ରହିଥିଲେ। ସ୍ପୋର୍ଟ୍ସ ହର୍ନିଆ ଚିକିତ୍ସା ପାଇଁ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ଗତବର୍ଷ ଶେଷ ଭାଗରେ ଭାରତର ଦକ୍ଷିଣ ଆଫ୍ରିକା ଟୁର୍ ବେଳେ ତାଙ୍କ ଗୋଇଠିରେ ଆଘାତ ଲାଗିଥିଲା। ଏହାର ମଧ୍ୟ ସେ ଚିକିତ୍ସା କରାଇଛନ୍ତି। ସୂର୍ଯ୍ୟକୁମାର ତାଙ୍କ ଟିମ୍‌ମେଟଙ୍କଠାରୁ ପ୍ରାୟ ଏକ ଘଣ୍ଟା ଆଗୁଆ ୱାଙ୍ଖେଡେ ଷ୍ଟାଡିୟମ ଅନୁଷ୍ଠିତ ଟ୍ରେନିଂ ସେସନକୁ ଆସିଥିଲେ। ନେଟ୍ସରେ ସେ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବ୍ୟାଟିଂ ଅଭ୍ୟାସ କରିଥିଲେ। ନ୍ୟାଶନାଲ କ୍ରିକେଟ ଏକାଡେମୀରୁ କ୍ଲିୟରାନ୍ସ ପାଇବା ପରେ ସେ ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ଯୋଗ ଦେଇଥିଲେ।

# ଏନ୍‌ଜିଟି ସ୍କାନରରେ ବେଙ୍ଗାଲୁରୁ ଆଇପିଏଲ ମ୍ୟାଚ୍

**ବେଙ୍ଗାଲୁରୁ, ୫।୪ (ପି.ଟି.)**

ସହରରେ ଜଳ ସଙ୍କଟ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଏଠାରେ ଆଇପିଏଲ୍ ମ୍ୟାଚଗୁଡ଼ିକ ସମୟରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବ୍ୟବହାର କରାଯାଉଥିବା ଜଳର ବିବରଣୀ ପ୍ରଦାନ ପାଇଁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନ ଏବଂ ଅନ୍ୟ ରାଜ୍ୟ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ରାଜ୍ୟ କ୍ରିକେଟ ଆସୋସିଏଶନ ବ୍ୟତୀତ ଏନଜିଟି ଆହୁରି ମଧ୍ୟ ବେଙ୍ଗାଲୁରୁ ୱାଟର ସପ୍ଲାଏ ଓ ସ୍ୱେରେଜ ବୋର୍ଡ ଏବଂ କର୍ଣ୍ଣାଟକ ରାଜ୍ୟ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡକୁ ନୋଟିସ ଜାରି କରିଛନ୍ତି। ମେ’ ୨ ସୁଦ୍ଧା କେତେ ପରିମାଣରେ ଜଳ ବ୍ୟବହାର ଏବଂ ଏହାର ଉତ୍ସ ସମ୍ପର୍କରେ ଏକ ବିବରଣୀ ପ୍ରଦାନ ପାଇଁ କହିଛନ୍ତି। କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନର ସିଇଓ ଶୁଭେନ୍ଦୁ ଘୋଷ କହିଛନ୍ତି, ଆମେ ନୋଟିସକୁ ଅନୁଧ୍ୟାନ କରି ଦେଖୁଛୁ। ଷ୍ଟାଡିୟମ ଏନଜିଟିର ମାନଦଣ୍ଡ ଅନୁପାଳନ କରୁଥିବାରୁ ଆଗକୁ ମ୍ୟାଚ ଆୟୋଜନରେ କୌଣସି ଅସୁବିଧା ହେବ ନାହିଁ ବୋଲି ମନେକରାଯାଉଛି। ଆଇପିଏଲ ମ୍ୟାଚଗୁଡ଼ିକ ପାଇଁ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ବିଶୋଧିତ ଜଳ ଯୋଗାଣ ହେଉଥିବା ଖବର ପ୍ରକାଶ ପାଇବା ପରେ ଔପଚାରିକାତା ଦୃଷ୍ଟିରୁ ଟ୍ରିବ୍ୟୁନାଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏନଜିଟି ଚେୟାରମ୍ୟାନ ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବ ଓ ଡକ୍ଟର ଏ. ସେନ୍ଥିଲ ଭେଲ୍ (ଏକ୍ସପର୍ଟ ମେମ୍ବର) ଏହି ମାମଲା ପଞ୍ଜୀକରଣ କରିଛନ୍ତି। ଇତିମଧ୍ୟରେ ଭେନ୍ୟୁରେ ତିନୋଟି ମ୍ୟାଚ ଖେଳାଯାଇ ସାରିଲାଣି। ଏ ବାବଦରେ ଇତିମଧ୍ୟରେ ୭୫,୦୦୦ଲିଟର ବିଶୋଧିତ ଜଳ ବ୍ୟବହାର ହୋଇସାରିଛି। କାର୍ଯ୍ୟସୂଚୀ ଅନୁସାରେ ଷ୍ଟାଡିୟମରେ ଆଉ ଚାରୋଟି ଆଇପିଏଲ ମ୍ୟାଚ ଖେଳାଯିବ। ସେଗୁଡ଼ିକ ଏପ୍ରିଲ ୧୫ (ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ), ମେ’ ୪ (ବନାମ ଗୁଜରାଟ ଟାଇଟନ୍ସ), ମେ’ ୧୨ (ବନାମ ଦିଲ୍ଲୀ କ୍ୟାପିଟାଲ୍ସ) ଏବଂ ମେ’ ୧୮ (ବନାମ ଚେନ୍ନାଇ ସୁପର କିଙ୍ଗ୍ସ)। ଘୋଷ ପୂର୍ବରୁ କୁଆଡେ କହିଥିଲେ ଯେ,ମ୍ୟାଚ ବାବଦରେ ଆମକୁ ପ୍ରାୟ ୧୫,୦୦୦ଲିଟର ଜଳ ଆବଶ୍ୟକ ପଡ଼ିପାରେ। ଏହା ଇନ୍‌ହାଉସ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରୁ ସଂଗ୍ରହ କରାଯିବ। କିନ୍ତୁ କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନର ଅନୁରୋଧକ୍ରମେ ବେଙ୍ଗାଲୁରୁ ୱାଟର ସପ୍ଲାଏ ଓ ସ୍ୱେରେଜ ବୋର୍ଡ ବିଶେଷ କରି ନିକଟସ୍ଥ କୁବନ ପାର୍କ ଅଞ୍ଚଳରୁ ବିଶୋଧିତ ଜଳ ଯୋଗାଇ ଦେଉଥିବା କେତେକ ଦାବି କରୁଛନ୍ତି। ମାତ୍ର କର୍ଣ୍ଣାଟକ ରାଜ୍ୟ କ୍ରିକେଟ ଆସୋସିଏଶନର ଅଫିସିଆଲମାନେ ଦୃଢ଼ତାର ସହ କହି ଆସୁଛନ୍ତି, ସେମାନେ ପିଚ୍ କିମ୍ବା ଆଉଟ ଫିଲ୍ଡରେ ପାଣି ଦେବା ଲାଗି ଭୂତଳ ଜଳ କିମ୍ବା ପାନୀୟ ଜଳ ବ୍ୟବହାର କରୁନାହାନ୍ତି। ପାନୀୟ ଜଳକୁ ଅନ୍ୟାନ୍ୟ କ୍ଷେତ୍ରରେ ଯଥା ବଗିଚାରେ ପାଣିଦେବା, ଗାଡ଼ି ଧୋଇବା ଏବଂ ଅନ୍ୟ କେତେକ କାର୍ଯ୍ୟରେ ବ୍ୟବହାରି କରିବାରେ କଡ଼ା କଟକଣା ଜାରି କରିଛନ୍ତି।

## ୟୁକି-ଓଲିଭେଟି ସେମିଫାଇନାଲରେ

**ମାରାକେଚ୍ (ମରକ୍କୋ), ୫।୪(ପି.ଟି.)**



ୟୁକି ଭାମ୍ବ୍ରି

ଭାରତର ୟୁକି ଭାମ୍ବ୍ରି ଓ ତାଙ୍କ ଫ୍ରେଞ୍ଚ ପାର୍ଟନର ଅଲ୍‌ବାନୋ ଓଲିଭେଟି ଏଠାରେ ଚାଲିଥିବା ଏଟିପି ମାରାକେଚ୍ ଓପନ ପୁରୁଷ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଅଣସିଡ୍ ଇଣ୍ଡୋ-ଫ୍ରେଞ୍ଚ୍ ଯୋଡ଼ି ଚତୁର୍ଥ ସିଡ୍ କଲମ୍ବିଆର ନିକୋଲାସ ବାରିଣ୍ଟସ ଏବଂ ରାଫେଲ ମାଟୋସଙ୍କୁ ୭-୬ (୫), ୬-୭, ୧୦-୭ରେ ହରାଇ ଦେଇଛନ୍ତି। ଏହି ସଂଘର୍ଷପୂର୍ଣ୍ଣ କ୍ୱାର୍ଟରଫାଇନାଲ ମ୍ୟାଚ ପାଖାପାଖି ଦୁଇଘଣ୍ଟା ଧରି ଚାଲିଥିଲା। ଇଣ୍ଡୋ-ଫ୍ରେଞ୍ଚ ଯୋଡ଼ି ଏହି ଏଟିପି ୨୫୦ ଇଭେଣ୍ଟର ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଅଷ୍ଟ୍ରିଆର ଲୁକାସ ମିଡ୍‌ଲର ଓ ଆଲେକ୍‌ଜାଣ୍ଡଙ୍କୁ ଭେଟିବେ।

## ସିଙ୍ଗଲ୍ସ, ଡବଲ୍ସରେ ଆହାନ ଚାମ୍ପିୟନ

**ଭୁବନେଶ୍ୱର, ୫।୪**
**(ତପନ ସ୍ୱାଇଁ)**

**ଏଆଇଟିଏ-ଓଟିଏ ସୁପର ସିରିଜ ଟେନିସ**

ଓଡ଼ିଶାର ପ୍ରତିଭାସମ୍ପନ୍ନ ଖେଳାଳି ଆହାନଙ୍କ ଚମକ ଟେନିସ କୋର୍ଟରେ ଅବ୍ୟାହତ ରହିଛି। କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସରେ ଶୁକ୍ରବାର ଶେଷ ହୋଇଥିବା ଏଆଇଟିଏ-ଓଟିଏ ସୁପର ସିରିଜ (ଏସ୍‌ଏସ୍) ଟେନିସ ଟୁର୍ଣ୍ଣାମେଣ୍ଟର ୧୮ ବର୍ଷରୁ କମ୍ ବାଳିକା ବର୍ଗରେ ସେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିୟନ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ଆହାନ ପଶ୍ଚିମବଙ୍ଗର ରିତୁଜା ସାହାଙ୍କୁ ସିଧାସଳଖ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଛନ୍ତି। ସେହିପରି ପଶ୍ଚିମବଙ୍ଗର ଆକାଂକ୍ଷା ଘୋଷଙ୍କୁ ପାର୍ଟନର କରି ଡବଲ୍ସ ଖେଳିଥିବା ଆହାନ ଫାଇନାଲରେ ରିତୁଜା ଓ ଆନ୍ଧ୍ର ପ୍ରଦେଶର ଜୋଶିତା ଗୋଲିଙ୍କୁ ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଆହାନ ହେଉଛନ୍ତି ଏସ୍ ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ପ୍ରତିଯୋଗିତାର ବାଳକ ବିଭାଗ ସିଙ୍ଗଲ୍‌ସରେ କର୍ଣ୍ଣାଟକର ଏମ୍. ଦିଗନ୍ତ ଏବଂ ଡବଲ୍ସରେ ମହାରାଷ୍ଟ୍ରର ତୋମାର ଦିଗନ୍ତ ସିଂ ଓ ସାହା ତ୍ରିକ୍ ଯୋଡ଼ି ଚାମ୍ପିୟନ ହୋଇଛନ୍ତି।



ସିଙ୍ଗଲ୍ସ ଓ ଡବଲ୍ସ ଟ୍ରଫି ସହ ଆହାନ।

## ବଡ଼ବିଲ ଟାଇଗର୍ସ ଚାମ୍ପିୟନ

**ଭୁବନେଶ୍ୱର, ୫।୪**
**(ତପନ ସ୍ୱାଇଁ)**

**୧୫ ବର୍ଷରୁ କମ୍ କ୍ରିକେଟ ଲିଗ୍**

ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ନହରକଣ୍ଟା ଖେଳ ପଡ଼ିଆରେ ଦିଲ୍ଲୀପ ପଣ୍ଡା ମେମୋରିଆଲ ୧୫ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏହାର ଫାଇନାଲରେ କେନ୍ଦୁଝରର ଗ୍ରୀନ୍ସ କ୍ରିକେଟ ଆସୋସିଏଶନକୁ ୪୧ ରନରେ ହରାଇ ବଡବିଲ ଟାଇଗର୍ସ ଦଳ ଚାମ୍ପିୟନ ହୋଇଛି।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବଡ଼ବିଲ ଦଳ ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୨୦୪ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଆୟୁଷ ଆର୍. ସେଠୀ ୯୯ ରନରେ ଏଲ୍‌ବିଡବ୍ଲ୍ୟୁ ହୋଇ ମାତ୍ର ୧ ରନ ପାଇଁ ଶତକରୁ ବଞ୍ଚିତ ହୋଇଥିବାବେଳେ ଆଶୁତୋଷ କୁମାର ନାଏକ ୫୦ ରନ କରିଥିଲେ। ଆୟୁଷ ୮୧ଟି ବଲ୍ ଖେଳି ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୬ ଛକା ମାରିଥିଲେ। ବିପକ୍ଷ ଦଳର ଦେବୀ ପ୍ରସାଦ ରାଉତ, ଜିଗ୍ନେଶ ରାଉତ, ଦୀପ୍ତାଂଶୁ ଦାସ, ଓମ୍ ପ୍ରକାଶ ସାହୁ ଓ ସ୍ୱସ୍ତିକ ନାଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୦୫ ରନ ବିଜୟ ଲକ୍ଷ୍ୟରେ ଗ୍ରୀନ୍ସ ୨୫ ଓଭରରେ ୮ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦୀପ୍ତାଂଶୁ ସର୍ବାଧିକ ୩୫ ରନ କରିଥିବାବେଳେ ଟାଇଗର୍ସ ବୋଲରମାନେ ଦ୍ୱିତୀୟ ସର୍ବାଧିକ ୩୧ ରନ ଅତିରିକ୍ତଭାବେ ବ୍ୟୟ କରିଥିଲେ। ରାହୁଲ ଦେବ ନାଏକ ୪ଟି, ଆୟୁଷ ସେଠୀ ୨ଟି ଏବଂ ସରନ ସାହୁ ଓ ଅଭିଷେକ କର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ନୀହାର ରଞ୍ଜନ ପଣ୍ଡା, ପ୍ରଭାତ କୁମାର ବରାଳ, ସ୍ୱାକ୍ଷର ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଶାଶ୍ୱତୀ ଶତପଥୀ ଓ ଚଣ୍ଡି ପ୍ରସନ୍ନ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ। ବଡ଼ବିଲ ଦଳର ଆୟୁଷ ରଞ୍ଜନ ସେଠୀ ପ୍ଲେୟର ଅଫ୍ ଦି ମ୍ୟାଚ ଓ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଏହି ଦଳର ସରନ ସାହୁ ଶ୍ରେଷ୍ଠ ବୋଲର, ଗ୍ରୀନ୍ସର ଶୁଭଙ୍କର ମଲିକ ଶ୍ରେଷ୍ଠ ବ୍ୟାଟର, ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନର ଶୁଭମ୍ ସାହୁ ଶ୍ରେଷ୍ଠ ଉଇକେଟ କିପର, ତୃପ୍ତି ସୁନ୍ଦର ସ୍ୱାଇଁ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ।





ଚାମ୍ପିୟନ ବଡବିଲ ଟାଇଗର୍ସ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ସେନ୍ଥିଲକୁମାର କ୍ୱାର୍ଟରଫାଇନାଲରେ

**ନୂଆଦିଲ୍ଲୀ, ୫।୪ (ପି.ଟି.):** ଜାତୀୟ ଚାମ୍ପିୟନ ଭେଲାଭାନ୍ ସେନ୍ଥିଲକୁମାର ହମବର୍ଗଠାରେ ଚାଲିଥିବା ଜର୍ମାନ ଓପନ ସ୍କ୍ୱାଶ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ୨୦୨୩ ଏସିଆନ ଗେମ୍ସ ରୌପ୍ୟ ବିଜେତା ଦ୍ୱିତୀୟରାଉଣ୍ଡରେ ୮ମ ସିଡ୍ ଇଂଲଣ୍ଡର ଜର୍ଜ ପାର୍କରଙ୍କୁ ସେ ୧୧-୫,୧୧-୮, ୯-୧୧, ୧୧-୯ରେ ହରାଇ ଦେଇଛନ୍ତି। ସେନ୍ଥିଲ କୁମାର କ୍ୱାର୍ଟରଫାଇନାଲରେ ୪ର୍ଥ ସିଡ୍ ମାଲେସିଆର ଇଏନ୍ ୟୋ ଏଙ୍ଗଙ୍କୁ ଭେଟିବେ।

## ଭୁବନେଶ୍ୱର ଦଳର ଚୟନ ଟ୍ରାଏଲ୍ସ ୭ରେ

**ଭୁବନେଶ୍ୱର, ୫।୪**
**(ତପନ ସ୍ୱାଇଁ)**

**ରାଜ୍ୟ ଆଥ୍‌ଲେଟିକ୍ସ ମିଟ୍**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ୭୦ତମ ରାଜ୍ୟ ଆଥଲେଟିକ୍ସ ମିଟ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଦଳର ଚୟନ ଟ୍ରାଏଲ୍ସ ଚଳିତ ମାସ ୭ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଆଥ୍‌ଲେଟିକ ଷ୍ଟାଡିୟମରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ଇଭେଣ୍ଟର ରେସ୍ ସହ ହାଇଜମ୍ପ, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ପୋଲ୍ ଭଲ୍ଟ, ଶଟ୍‌ପୁଟ, ଡିସ୍କସ ଥ୍ରୋ, ଜାଭେଲିନ୍ ଥ୍ରୋ, ହାମର ଥ୍ରୋ, ଡେକାଥଲନ, ହେପ୍‌ଟାଥଲନ ଆଦି ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହେବ ବୋଲି ଭୁବନେଶ୍ୱର ଆଥ୍‌ଲେଟିକ୍ସ ଆସୋସିଏଶନ ସମ୍ପାଦକ ସୌମ୍ୟରଞ୍ଜନ ପରିଜା ପ୍ରକାଶ କରିଛନ୍ତି। ୧୦୦, ୨୦୦, ୩୦୦, ୪୦୦, ୮୦୦, ୧୫୦୦, ୨୦୦୦, ୩୦୦୦, ୫୦୦୦ ଓ ୧୦,୦୦୦ ମିଟର ରେସ୍ ପାଇଁ ପ୍ରତିଯୋଗୀ ଚୟନ ହେବ। ସେହିପରି ୩୦୦୦, ୫୦୦୦, ୧୦,୦୦୦ ଓ ୨୦,୦୦୦ ମିଟର ଚାଲି, ୮୦, ୧୦୦, ୧୧୦ ଓ ୪୦୦ ମିଟର ହର୍ଡଲ୍ସ ଏବଂ ୨୦୦୦ ଓ ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ପ୍ରତିଯୋଗିତା ହେବ। ୧୪, ୧୬, ୧୮, ୨୦ ଓ ୨୩ ବର୍ଷରୁ କମ୍ ଏବଂ ସିନିୟର ବର୍ଗରେ ଖେଳାଳି ଚୟନ ହେବ। ଭୁବନେଶ୍ୱର ଓ ଏହାର ଉପାନ୍ତ ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ, କ୍ଲବ, ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ ପ୍ରତ୍ୟେକ ବୟସବର୍ଗ (୧୪ ବର୍ଷରୁ କମ୍‌କୁ ଛାଡ଼ି) ଓ ସିନିୟର ମହିଳା ଓ ପୁରୁଷ ବିଭାଗ ପାଇଁ ୨ ଜଣ ଲେଖାଏ ପ୍ରତିଯୋଗୀ ପଠାଇ ପାରିବେ। ୧୪ ବର୍ଷରୁ କମ୍ ପାଇଁ ଜଣେ ଲେଖାଏ ପ୍ରତିଯୋଗୀ ପଠାଇବେ। ଆଗ୍ରହୀ ପ୍ରତିଯୋଗୀମାନେ ଆସନ୍ତା ୭ ତାରିଖ ସକାଳ ୬ଟା ୩୦ ସୁଦ୍ଧା କିଟ୍ ବିଶ୍ୱବିଦ୍ୟାଳୟ ଆଥ୍‌ଲେଟିକ ଷ୍ଟାଡିୟମରେ ସଂଘର ଆଥ୍‌ଲେଟିକ୍ସ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ କିମ୍ବା ସଂଘର କାର୍ଯ୍ୟକାରିଣୀ ସଦସ୍ୟା ମିନତୀ ସାହୁଙ୍କ ସହ ଯୋଗାଯୋଗ କରି ନାମ ପଞ୍ଜୀକରଣ କରିପାରିବେ ବୋଲି ସୌମ୍ୟରଞ୍ଜନ ସୂଚନା ଦେଇଛନ୍ତି।

## ଉତ୍ତରାଞ୍ଚଳକୁ ହରାଇ ପୂର୍ବାଞ୍ଚଳ ଫାଇନାଲରେ

**ପୁଣେ, ୫।୪ (ପି.ଟି.)**

ଉତ୍ତରାଞ୍ଚଳକୁ ୧୩୫ ରନରେ ପରାସ୍ତ କରି ପୂର୍ବାଞ୍ଚଳ ସିନିୟର ଓମେନ୍ସ ଇଣ୍ଟରଜୋନାଲ ମଲ୍‌ଟି-ଡେ’ ଟ୍ରଫି କ୍ରିକେଟ ଫାଇନାଲରେ ପ୍ରବେଶ କରିଛି। ଦଳ ଫାଇନାଲରେ ଦକ୍ଷିଣାଞ୍ଚଳ ସହ ମୁକାବିଲା କରିବ। ଏହି ମ୍ୟାଚରେ ପ୍ରଥମ ଇନିଂସରେ ମାତ୍ର ୧୨ରନରେ ପଛୁଆଥିବା ପୂର୍ବାଞ୍ଚଳ କିନ୍ତୁ ଦ୍ୱିତୀୟ ଇନିଂସରେ ଦୃଢ଼ ବ୍ୟାଟିଂ କରିଥିଲା। ଦଳ ୨୮୨/୯ ସ୍କୋରରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଫଳରେ ଉତ୍ତରାଞ୍ଚଳ ପାଇଁ ୨୭୧ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଦୀପ୍ତି (୬/୪୯) ଓ ଅନ୍ନପୂର୍ଣ୍ଣା ଦାସ (୩/୨୧)ଙ୍କ ଚମତ୍କାର ବୋଲିଂ ଯୋଗୁ ଉତ୍ତରାଞ୍ଚଳ ୪୮.୨ ଓଭରରେ ୧୩୫ ରନ କରି ଅଲଆଉଟ ହୋଇଯାଇଥିଲା।

## ବଲାଙ୍ଗୀର ୨୨୪ ରନରେ ବିଜୟୀ

**ଭୁବନେଶ୍ୱର, ୫।୪**
**(ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ସିଲଭର ‘ଏ’ ଓ ‘ବି’ ଗ୍ରୁପ୍‌ର ୬ଟି ମ୍ୟାଚ ଶୁକ୍ରବାର ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ରେଭେନ୍‌ଶା-୧ ଗ୍ରାଉଣ୍ଡରେ କଳାହାଣ୍ଡି ବିପକ୍ଷରେ ବଲାଙ୍ଗୀର ବୃହତ୍ ୨୨୪ ରନରେ ବିଜୟୀ ହୋଇଛି। ବଲାଙ୍ଗୀର ୫୦ ଓଭରରେ ୯ ଉଇକେଟ ହରାଇ ୩୧୬ ରନ କରିଥିଲା। ଦଳ ପକ୍ଷରୁ

**କଳାହାଣ୍ଡି କପ୍ କ୍ରିକେଟ**

**ରାଘବେନ୍ଦ୍ର ତ୍ରିପାଠୀଙ୍କ ଶତକ**

ଶତକ ହାସଲକାରୀ ରାଘବେନ୍ଦ୍ର ତ୍ରିପାଠୀ ୧୨୯ ବଲ୍‌ରୁ ସର୍ବାଧିକ ୧୩୧ ରନ ସ୍କୋର କରିଥିଲେ। ଜବାବରେ କଳାହାଣ୍ଡି ୩୦ ଓଭରରେ ୯୨ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଅନ୍ୟ ୫ ଭେନ୍ୟୁ ମଧ୍ୟରୁ କିଟ୍ ଷ୍ଟାଡିୟମରେ ଗଞ୍ଜାମ ୯ ଉଇକେଟରେ ନବରଙ୍ଗପୁର, ନିମପୁର ପଡ଼ିଆରେ କେନ୍ଦ୍ରାପଡ଼ା ୮ ଉଇକେଟରେ ଗଜପତି, ବାରବାଟୀ ଷ୍ଟାଡିୟମରେ ନୂଆପଡ଼ା ୫୫ ରନରେ ମାଲକାନଗିରି, ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଦେବଗଡ଼ ୪୧ ରନରେ ଜଗତ୍‌ସିଂହପୁର ଏବଂ ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ସମ୍ବଲପୁର-ବି ୭୭ ରନରେ ରାୟଗଡ଼ାକୁ ପରାସ୍ତ କରିଛି। ମାଲକାନଗିରି ହାରି ଯାଇଥିଲେ ହେଁ ନୂଆପଡ଼ା ବିପକ୍ଷରେ ଏହି ଦଳର ଗଗନଦୀପ ଏସ. ରିଆର ୫ ଉଇକେଟ ସଫଳତା ପାଇଥିଲେ। ସେହିପରି ଏମ୍‌ଜିଏମ୍‌ରେ ଦେବଗଡ଼ର ଶୁଭମ୍ ବିଶ୍ୱାଳ ୭୫ ରନ କରିବା ସହ ୩ ଉଇକେଟ ନେଇ ନିଜ ଅଲ୍‌ରାଉଣ୍ଡ ଦକ୍ଷତା ପ୍ରଦର୍ଶନ କରିଥିଲେ।



ରାଘବେନ୍ଦ୍ର ତ୍ରିପାଠୀ

## ଆର୍ଚ୍ଚେରୀ, ଖୋ ଖୋ ସମରକ୍ୟାମ୍ପ୍





**ଭୁବନେଶ୍ୱର, ୫।୪**
**(ତପନ ସ୍ୱାଇଁ)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସନ୍ତରଣ, ବାସ୍କେଟବଲ, ଭାରୋତ୍ତୋଳନ, ଶୁଟିଂ, ଚେସ୍, ଲନ୍ ଟେନିସ ପରେ ଆର୍ଚ୍ଚେରୀ ଓ ଖୋ ଖୋ ସମର କ୍ୟାମ୍ପ ପାଇଁ ତାରିଖ ଘୋଷଣା କରାଯାଇଛି। ଆର୍ଚ୍ଚେରୀ ସମର କୋଚିଂ କ୍ୟାମ୍ପ କୋରାପୁଟ ଓ କେନ୍ଦୁଝର ୨ଟି ସ୍ଥାନରେ ଅନୁଷ୍ଠିତ ହେବ। କେନ୍ଦୁଝରର ଡିଡି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି କ୍ୟାମ୍ପ ଏପ୍ରିଲ ୧୦ରୁ ମେ ୧୦ ପର୍ଯ୍ୟନ୍ତ ଚାଲିବ। ୮ରୁ ୧୬ ବର୍ଷର ବାଳିକା ବାଳକ ଏଥିରେ ଅଂଶଗ୍ରହଣ କରିପାରିବେ। ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଏହି କ୍ୟାମ୍ପ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଚଳିତ ମାସ ୬ ତାରିଖରୁ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ। ଫାର୍ଷ୍ଟ କମ୍ ସର୍ଭ ଭିତ୍ତିରେ ପିଲାମାନଙ୍କୁ ଏହି କ୍ୟାମ୍ପରେ ସାମିଲ କରାଯିବ। କୋରାପୁଟ ଜିଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆର୍ଚ୍ଚେରୀ ସମରକ୍ୟାମ୍ପ ଏପ୍ରିଲ ୨୦ରୁ ମେ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ଖୋ ଖୋ ସମର କ୍ୟାମ୍ପ ୨ଟି ପର୍ଯ୍ୟାୟରେ ପୁରୀର ଡେଲାଙ୍ଗ ମୁନିନ୍ଦାସ୍ଥିତ କେପିପି ହାଇସ୍କୁଲ ପରିସରରେ ଆୟୋଜନ ହେବ। ଏହା ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୨ରୁ ୨୬ ଓ ଦ୍ୱିତୀୟ ପର୍ଯ୍ୟାୟ ମେ ୬ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସକାଳ ୬ଟା୩୦ରୁ ୮ଟା ୩୦ ଓ ଅପରାହ୍ନ ୪ଟା ୩୦ରୁ ୬ଟା ୩୦ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯିବ। ୮ରୁ ୧୬ ବର୍ଷର ବାଳିକା ବାଳକ ଏଥିରେ ଅଂଶଗ୍ରହଣ କରିପାରିବେ। ଚଳିତ ମାସ ୬ ତାରିଖରୁ ଏଥିପାଇଁ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବ।

# ଚେନ୍ନାଇକୁ ହରାଇଲା ସନ୍‌ରାଇଜର୍ସ

**ହାଇଦ୍ରାବାଦ, ୫।୪**

ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚ (ଆଇପିଏଲ୍) ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦ ୬ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୬୫ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ଏଡେନ ମାରକ୍ରମଙ୍କ ଅର୍ଦ୍ଧଶତକ ବଳରେ ୧୮.୧ ଓଭରରେ ୪ ଉଇକେଟ ହରାଇ ୧୬୬ ରନ ସଂଗ୍ରହ କରି ନେଇଥିଲା। ୪ ମ୍ୟାଚରୁ ସନ୍‌ରାଇଜର୍ସର ଏହା ଦ୍ୱିତୀୟ ବିଜୟ ଓ ଚେନ୍ନାଇର ଦ୍ୱିତୀୟ ପରାଜୟ।

ସନରାଇଜର୍ସ ପକ୍ଷରୁ ଅଭିଷେକ ଶର୍ମା ଓ ଇମ୍ପାକ୍ଟ ଖେଳାଳି ଟ୍ରାଭିସ ହେଡ୍ ବିସ୍ଫୋରକ ଆରମ୍ଭ କରିଥିଲେ। ଆକ୍ରମଣର ନେତୃତ୍ୱ ନେଇଥିଲେ ଅଭିଷେକ। ସେ ଦ୍ୱିତୀୟ ଓଭର ବୋଲିଂ କରିଥିବା ମୁକେଶ ଚୌଧାରୀଙ୍କଠାରୁ ୨୭ ରନ ସଂଗ୍ରହ କରିଥିଲେ। ମାତ୍ର ୧୨ଟି ବଲ୍‌ର ସମ୍ମୁଖୀନ ହୋଇ ସେ ୩ ଚୌକା ଓ ୪ ଛକା ସହାୟତାରେ ୩୭ ରନକରି ଦଳର ରନ୍ ହାରକୁ ବଢ଼ାଇ ଦେଇଥିଲେ। ତାଙ୍କ ଧୂଆଁଧାର ବ୍ୟାଟିଂ ଯୋଗୁ ସନ୍‌ରାଇଜର୍ସ ସ୍କୋର ୨.୪ ଓଭର ବେଳକୁ ୪୬ରେ ପହଞ୍ଚି ଯାଇଥିଲା। ଅନ୍ୟତମ ଓପନର ଟ୍ରାଭିସ ହେଡ୍ ୩୧ ରନ କରିଥିବାବେଳେ ଏଡେନ ମାରକ୍ରମ (୩୬ ବଲ୍‌ରୁ ୫୦ ରନ, ୪ ଚୌକା, ୧ ଛକା) ଅର୍ଦ୍ଧଶତକ ହାସଲ କରି ଦଳର ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଚେନ୍ନାଇ ପକ୍ଷରୁ ମୋଇନ ଅଲୀ ୨ଟି ଏବଂ ଦୀପକ ଚହର ଓ ମହେଶ ଥିକସାନା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚେନ୍ନାଇ ଓପନିଂ ଯୋଡ଼ିରେ ୨୫ ରନ ସଂଗ୍ରହ ପରେ ରାଚିନ ରବୀନ୍ଦ୍ରଙ୍କ ଉଇକେଟ ହରାଇଥିଲା। ଅଧିନାୟକ ଋତୁରାଜ ଗାଏକ୍ୱାଡ୍ ଓ ଅଜିଙ୍କ୍ୟ ରାହାନେ ଇନିଂସ ସମ୍ଭାଳିଥିଲେ। ତେବେ ଋତୁରାଜ ୨୧ ବଲ୍‌ରୁ ୨୬ ରନ କରିଥିବାବେଳେ ଶାହାବାଜ ଅହମଦଙ୍କ ବଲ୍‌ରେ ଅବଦୁଲ ସମଦଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ରାହାନେଙ୍କ ସମେତ ଶିବମ୍ ଦୁବେ ମଧ୍ୟ ମିଡିଲ ଅର୍ଡରରେ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବଡ଼ ଶଟ୍ ଖେଳିବା ଚକ୍କରରେ ଏ ଦୁଇ ଖେଳାଳି ଉଇକେଟ ହରାଇଥିଲେ। ରାହାନେ ୩୦ ବଲ୍‌ରୁ ୩୫ ଓ ଦୁବେ ୨୪ ବଲ୍‌ରୁ ୪୫ (୨ ଚୌକା, ୪ ଛକା) ରନ ସଂଗ୍ରହ କରିଥିଲେ। ଜାଡେଜା ୨୩ ବଲ୍‌ରୁ ୩୧ (୪ ଚୌକା) ରନରେ ଅପରାଜିତ ରହି ଚେନ୍ନାଇ ସ୍କୋରକୁ ୧୫୦ ଅତିକ୍ରମ କରାଇଥିଲେ। ଡାରିଲ ମିଚେଲ ୧୩ ରନ କରି ଆଉଟ ହୋଇଥିବାବେଳେ ମହେନ୍ଦ୍ର ସିଂ ଧୋନୀ ୧ ରନରେ ଅପରାଜିତ ରହିଥିଲେ। ହାଇଦ୍ରାବାଦ ଦଳ ପକ୍ଷରୁ ଭୁବନେଶ୍ୱର କୁମାର, ଟି. ନଟରାଜନ, ଅଧିନାୟକ ପ୍ୟାଟ୍ କମିନ୍ସ, ଶାହାବାଜ ଅହମଦ ଓ ଜୟଦେବ ଉନାଡକଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ଅଭିଷେକ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ଚେନ୍ନାଇ ସୁପର କିଙ୍ଗ୍ସ ୨୦ ଓଭରରେ ୧୬୫/୫ (ଶିବମ୍ ଦୁବେ-୪୫, ଅଜିଙ୍କ୍ୟ ରାହାନେ-୩୫, ରବୀନ୍ଦ୍ର ଜାଡେଜା-୩୧*, ଭୁବନେଶ୍ୱର କୁମାର-୧/୨୮, ଟି. ନଟରାଜନ-୧/୩୯, ପ୍ୟାଟ୍ କମିନ୍ସ-୧/୨୯, ଶାହାବାଜ ଅହମଦ-୧/୧୧, ଜୟଦେବ ଉନାଡକଟ-୧/୨୯)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୮.୧ ଓଭରରେ ୧୬୬/୪ (ଏଡେନ ମାରକ୍ରମ-୫୦, ଅଭିଷେକ ଶର୍ମା-୩୭, ଟ୍ରାଭିସ ହେଡ୍-୩୧, ମୋଇନ ଅଲୀ-୨/୨୩, ଦୀପକ ଚହର-୧/୩୨, ମହେଶ ଥିକସାନା-୧/୨୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| କୋଲକାତା ନାଇଟ ରାଇଡର୍ସ | ୩ | ୩ | ୦ | ୬ | +୨.୫୧୮ |
| ରାଜସ୍ଥାନ ରୟାଲ୍ସ | ୩ | ୩ | ୦ | ୬ | +୧.୨୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୨ | ୨ | ୪ | +୦.୫୧୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୦.୪୮୩ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୪ | ୨ | ୨ | ୪ | +୦.୪୦୯ |
| ପଞ୍ଜାବ କିଙ୍ଗ୍ସ | ୪ | ୨ | ୨ | ୪ | -୦.୨୨୦ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୪ | -୦.୫୮୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୧ | ୩ | ୨ | -୦.୮୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୧ | ୩ | ୨ | -୧.୩୪୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୦ | ୩ | ୦ | -୧.୪୨୩ |



ଲଣ୍ଡନରେ ଶୁକ୍ରବାର ଇନ୍‌ଡୋର କ୍ରିକେଟ ଖେଳିବା ଅବସରରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ରିଷି ସୁନକ।

# ୩୫ ନିୟୁତ ଜିବିପି ନିବେଶ ଘୋଷଣା କଲେ ସୁନକ

**ଲଣ୍ଡନ, ୫।୪(ପି.ଟି.)**

### ଇଂଲଣ୍ଡରେ ତୃଣମୂଳ କ୍ରିକେଟ ପ୍ରସାରକୁ ଗୁରୁତ୍ୱ

କ୍ରିକେଟ ପ୍ରତି ଅନେକ ଦୁର୍ବଳତା ରହିଥିବା ବିଷୟ ବ୍ରିଟିଶ ପ୍ରଧାନମନ୍ତ୍ରୀ ରିଷି ସୁନକ ଅନେକ ଥର କହିଛନ୍ତି। ଶୁକ୍ରବାର ସେ ଦେଶରେ କ୍ରିକେଟ ଖେଳର ପ୍ରସାର ପାଇଁ ଏକ ନୂଆ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ତୃଣମୂଳ ସ୍ତରରେ ଅର୍ଥାତ୍ ଦେଶରେ ସ୍କୁଲଗୁଡ଼ିକରେ କ୍ରିକେଟ ଖେଳ ସୁବିଧା ଯୋଗାଇ ଦିଆଯିବ। ଏବାବଦରେ ୩୫ ଜିବିପି (ଗ୍ରେଟ୍ ବ୍ରିଟିଶ ପାଉଣ୍ଡ) ନିବେଶ ହେବ ବୋଲି ସେ ଘୋଷଣା କରିଛନ୍ତି। ବ୍ରିଟିଶ ପ୍ରଧାନମନ୍ତ୍ରୀ ଭାବେ ଡାଉନିଂ ଷ୍ଟ୍ରିଟ୍ ଗାର୍ଡେନରେ ଇଂଲଣ୍ଡ କ୍ରିକେଟ ଟିମ୍ ସହିତ କେତୋଟି ବଲ୍ ହିଟ୍ କରିବା ତାଙ୍କ କାର୍ଯ୍ୟକାଳ ସମୟର ଅନ୍ୟତମ ଆକର୍ଷଣ ବୋଲି ଏହି ଅବସରରେ ସୁନକ କହିଛନ୍ତି। ସାଉଥାମ୍ପଟନ ଜନ୍ମିତ ନେତା ସୁନକ ହେଉଛନ୍ତି ଭାରତୀୟ ବଂଶୋଦ୍ଭବ। ୨୦୩୦ ବେଳକୁ ଲକ୍ଷାଧିକ ଯୁବକ କ୍ରିକେଟରେ ସକ୍ରିୟ ହୋଇଥିବେ ବୋଲି ଆଶା। ଏହି କାର୍ଯ୍ୟକ୍ରମ ସହିତ ଜଡ଼ିତ ସରକାର ପ୍ରତ୍ୟେକ ସ୍କୁଲକୁ ନୂଆ ଉପକରଣ ଯୋଗାଇଦେବେ। ଏହାଦ୍ୱାରା ଆସନ୍ତା ୫ବର୍ଷରେ ୯,୩୯,୦୦୦ ବିଦ୍ୟାର୍ଥୀ ଖେଳିବା ସୁବିଧା ପାଇବେ ବୋଲି ଆଶା କରାଯାଉଛି ବୋଲି ସେ କହିଛନ୍ତି।

# ଟପ୍ ଅର୍ଡରରେ ସୁଧାର ଜରୁରୀ

**ଜୟପୁର, ୫।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶନିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଓ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ପରସ୍ପରକୁ ଭେଟିବେ। ଆଇପିଏଲ୍‌ର ଚଳିତ ସଂସ୍କରଣରେ ତିଷ୍ଠି ରହିବା ପାଇଁ ସଂଘର୍ଷ ଚଳାଇଥିବା ଆରସିବି ୧୦ଟି ଦଳକୁ ନେଇ ଟେବୁଲରେ ୮ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଅଲ୍ ୱିନ ରେକର୍ଡ ସହ ରାଜସ୍ଥାନ ଦ୍ୱିତୀୟ ସ୍ଥାନରେ ରହିଛି। ହେଲେ ଉଭୟ ଦଳ ସେମାନଙ୍କ ଟପ୍ ଅର୍ଡରର ବିଫଳତାକୁ ନେଇ ଚିନ୍ତିତ ଅଛନ୍ତି। ଆରସିବିରେ ଅଧିନାୟକ ଫାଫ୍ ଡୁ'ପ୍ଲେସି, ଗ୍ଲେନ ମାକ୍ସୱେଲ, କାମେରନ ଗ୍ରୀନ୍ ଓ ରଜତ ପଟିଦାରଙ୍କ ଭଳି ପ୍ରତିଭା ସମ୍ପନ୍ନ ବିସ୍ଫୋରକ ବ୍ୟାଟରର ସମାହାର ସତ୍ତ୍ୱେ ସେମାନଙ୍କ ମଧ୍ୟରୁ ଜଣେ ହେଲେ ଏପର୍ଯ୍ୟନ୍ତ କାରନାମା ଦେଖାପାରି ନାହାନ୍ତି। ବର୍ତ୍ତମାନର ଅରେଞ୍ଜ କ୍ୟାପ୍‌ଧାରୀ ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ବ୍ୟାଟରୁ ରନ ଆସୁଛି। ଦୁଇଟି ଅର୍ଦ୍ଧଶତକ ସହ ସେ ଇତିମଧ୍ୟରେ ୨୦୩ ରନ ସଂଗ୍ରହ କରିସାରିଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ରାଜସ୍ଥାନ**

**ବନାମ ବେଙ୍ଗାଲୁରୁ**

**ସ୍ଥାନ: ଜୟପୁର**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ରାଜସ୍ଥାନ ଦଳରେ ମଧ୍ୟ ଅନୁରୂପ ଅବସ୍ଥା। ଦଳର ବାମହାତୀ ଓପନର ତିନୋଟି ମ୍ୟାଚରେ ମାତ୍ର ୩୯ ରନ ସଂଗ୍ରହ କରିଛନ୍ତି। ଜୋସ୍ ଟବଲରଙ୍କ ମଧ୍ୟ ସମାନ କଥା। ଇଂଲଣ୍ଡ ଟି୨୦ ଅଧିନାୟକ ତିନୋଟି ମ୍ୟାଚରୁ ୩୫ ରନ ସଂଗ୍ରହ କରିବାରେ ସମର୍ଥ ହୋଇପାରିଛନ୍ତି। ତାଙ୍କ ଷ୍ଟ୍ରାଇକରେଟ୍ ମାତ୍ର ୮୫ ରହିଛି। ଅନ୍ୟପକ୍ଷରେ ରୟାଲ୍ସ ଦଳରେ ଅଧିନାୟକ ସଞ୍ଜୁ ସାମସନ (୧୦୯ରନ, ଏକ ଅର୍ଦ୍ଧଶତକ) ଏବଂ ରିୟାନ ପରାଗ (୧୮୧ରନ, ଦୁଇ ଅର୍ଦ୍ଧଶତକ)ଙ୍କଠାରୁ ପ୍ରଭାବୀ ବ୍ୟାଟିଂ ଦେଖିବାକୁ ମିଳିଛି। ଉଭୟଙ୍କୁ ଅନ୍ୟମାନଙ୍କଠାରୁ ଉପଯୁକ୍ତ ସହାୟତା ମିଳିବା ଦରକାର। ବୋଲିଂ ବିଭାଗରେ ରାଜସ୍ଥାନ ଅପେକ୍ଷାକୃତ ଶକ୍ତିଶାଳୀ ମନେ ହେଉଛି। ପେସର ଟ୍ରେଣ୍ଟ ବୋଲ୍ଟ ଓ ନାନ୍ଦ୍ରେ ବର୍ଜର ଏବଂ ଭେଟେରାନ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବୋଲିଂ ପ୍ରଭାବଶାଳୀ ରହିଛି। ସେମାନେ ଏପର୍ଯ୍ୟନ୍ତ ମିଳିତ ଭାବେ ୧୬ ଉଇକେଟ ନେଇ ସାରିଲେଣି। ଫର୍ମରେ ନ ଥିବା ବେଙ୍ଗାଲୁରୁ ବ୍ୟାଟରମାନଙ୍କୁ ଏହି ବୋଲର ତ୍ରୟଙ୍କୁ ସେମାନଙ୍କ ଘରୋଇ ପଡ଼ିଆରେ ସାମ୍ନା କରିବା କଷ୍ଟକର ହୋଇପାରେ। ରାଜସ୍ଥାନ ବୋଲର ରବିଚନ୍ଦ୍ରନ ଅଶ୍ୱିନଙ୍କଠାରୁ ଏପର୍ଯ୍ୟନ୍ତ ଆଶାନୁରୂପ ପ୍ରଦର୍ଶନ ଦେଖିବାକୁ ମିଳିନି।

# ବାଲାଜୀ-ବେଜ୍‌ମାନ ସେମିଫାଇନାଲରେ

**ହ୍ୟୁଷ୍ଟନ, ୫।୪ (ପି.ଟି.):** ଇଣ୍ଡୋ-ଜର୍ମାନ ଯୋଡ଼ି ଏନ୍. ଶ୍ରୀରାମ ବାଲାଜୀ ଓ ଆନ୍ଦ୍ରେ ବେଜ୍‌ମାନ ଏଠାରେ ଚାଲିଥିବା ଏଟିପି ହ୍ୟୁଷ୍ଟନ ଓପନ ଟେନିସ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ଭାରତର ଅର୍ଜୁନ ଖାଡେ ଓ ଜୀବନ ନେଦୁନଚେଝିଆନ ଯୋଡ଼ିଙ୍କୁ ୬-୦, ୬-୩ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। ବାଲାଜୀ ଓ ବେଜ୍‌ମାନ ପୂର୍ବରୁ ଦ୍ୱିତୀୟ ସିଡ୍ ଆମେରିକାର ରାଜୀବ ରାମ୍ ଓ ଅଷ୍ଟିନ୍ କ୍ରାଇସେକ୍‌ଙ୍କୁ ହରାଇ ଦେଇଥିଲେ। ଅଣସିଡ ଇଣ୍ଡୋ-ଜର୍ମାନ ଯୋଡ଼ି ବର୍ତ୍ତମାନ ୟୁଏସ୍ ମେନ୍ସ କ୍ଲେ କୋର୍ଟ ଚାମ୍ପିୟନଶିପ୍ ସେମିଫାଇନାଲରେ ଚତୁର୍ଥ ସିଡ୍ ଅଷ୍ଟ୍ରେଲୀୟ ଯୋଡ଼ି ମାକ୍ସ ପର୍ସେଲ ଓ ଜୋର୍ଡାନ ଥମ୍ପସନଙ୍କୁ ଭେଟିବେ। ୩୪ ବର୍ଷୀୟ ବାଲାଜୀ ଓ ବେଜମାନ ଦୁଇଟି ଆସେସ ହିଟ୍ କରିଥିବା ବେଳେ ସେମାନଙ୍କର ପ୍ରଥମ ସର୍ଭ ପଏଣ୍ଟରୁ ୮୬ (୩୮/୪୪) ପ୍ରତିଶତ ଜିତିଥିଲେ।



କାଜାଖସ୍ତାନରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଡବଲ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ଶ୍ରୁତି ସ୍ୱାଇଁ ଓ ହର୍ଷିତା ରାଉତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଏ ଦୁଇ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



TRUPTI ENTERPRISES: Bhubaneswar: 7506018747, Nayagarh: 8291149637, Patrapara: 8291678503, Patia: 8291645334, Paradip: 8291149735, Kendrapara: 8291175631, Khorda: 8879187412
SHREEKHETRA AUTOMOBILES: Bhubaneswar-8291159378, Jagatsingpur-8879229672, Parlakhemundi-8879229831, Daspalla -8291160652
DION AUTOMOTIVES: Bhubaneswar: 7506018735, Cuttack: 9167984347, Puri: 8879183329, Berhampur: 9152102460, Phulbani: 7506018735, Balugaon: 7506018735
GUGNANI AUTOCARS: Bhubaneswar: 8879529357, Cuttack: 7045134681, Keonjhar: 8291607250, Jajpur: 8291148273, Chandikhol: 8291176433

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ